R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୪୮
ତିଥି: ଚତୁର୍ଦ୍ଦଶୀ
୦୨ ମାର୍ଚ୍ଚ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 148
02 March 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଏୟାରଷ୍ଟ୍ରାଇକରେ ଖେମିନିଙ୍କ ମୃତ୍ୟୁ

## ୪୦ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା



ୱାଶିଂଟନ/ତେହେରାନ,୧।୩: ଆମେରିକା ଓ ଇସ୍ରାଏଲ ପକ୍ଷରୁ କରାଯାଇଥିବା ଭୟଙ୍କର ବିମାନ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ଘଟିଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଗତ କିଛି ଦଶନ୍ଧି ମଧ୍ୟରେ ଇରାନ ଉପରେ ଏହା ସବୁଠାରୁ ବଡ଼ ଓ ଶକ୍ତିଶାଳୀ ଥିଲା ଏବଂ ଏଥିରେ ଖେମିନିଙ୍କ ସମେତ ଅନେକ ଶୀର୍ଷ ନେତା ମୂଳପୋଛ ହୋଇଯାଇଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଯେ, ଏହି ଆକ୍ରମଣରେ ଖେମିନିଙ୍କ ବାସଭବନ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି।ଖେମିନିଙ୍କ ମୃତ୍ୟୁ ହୋଇଥିବା ନେଇ ଆମକୁ ଦୃଢ଼ ସଙ୍କେତ ମିଳିଛି ବୋଲି ସେ ଦାବି କରିଛନ୍ତି। ରିଭୋଲ୍ୟୁସନାରୀ ଗାର୍ଡର ଅନେକ ବରିଷ୍ଠ କମାଣ୍ଡର ଏବଂ ପରମାଣୁ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଥିବା ସେ ସୂଚନା ଦେଇଛନ୍ତି। ନେତାନ୍ୟାହୁ ଇରାନବାସୀଙ୍କୁ ଏହି ସୁଯୋଗର ଫାଇଦା ଉଠାଇ ଶାସନ ବ୍ୟବସ୍ଥାକୁ ଦଖଲ କରିନେବାକୁ ଆହ୍ୱାନ ଦେଇଛନ୍ତି। ଏନ୍‌ବିସି ନ୍ୟୁଜ୍ ରିପୋର୍ଟ ଅନୁସାରେ, ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଖେମିନିଙ୍କ ସମେତ ଇରାନର ପ୍ରାୟ ସମସ୍ତ ପ୍ରମୁଖ ନିଷ୍ପତ୍ତି ଗ୍ରହଣକାରୀ ନେତା ଏହି ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଆମେରିକା ଏହି ଅଭିଯାନକୁ ସଫଳ ବୋଲି ଘୋଷଣା କରିଛି।

ଇରାନର ସରକାରୀ ଗଣମାଧ୍ୟମ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ନେଇ ନିଶ୍ଚିତ କରିଛି। ରଏଟର୍ସ ଦୁଇଟି ଇରାନୀ ସୂତ୍ରକୁ ଉଦ୍ଧୃତ କରି ରିପୋର୍ଟ କରିଛି ଯେ, ଆକ୍ରମଣର କିଛି ସମୟ ପୂର୍ବରୁ ଖେମିନି ଦୁଇ ବରିଷ୍ଠ ପରାମର୍ଶଦାତା ଅଲି ଲାରିଜାନି ଏବଂ ଅଲି ଶାମଖାନିଙ୍କ ସହ ଏକ ସୁରକ୍ଷିତ ସ୍ଥାନରେ ସାକ୍ଷାତ କରୁଥିଲେ। ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ କହିଛି, ଶନିବାର ସକାଳେ ଆକ୍ରମଣରେ ଅଲି ଖେମିନି ମଧ୍ୟ ପ୍ରାଣ ହରାଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ଇରାନର ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ନିଶ୍ଚିତ କରିଛନ୍ତି। ଲାରିଜାନି ଶନିବାର ରାତିରେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି ଏବଂ ତାଙ୍କ ଅବସ୍ଥା ବର୍ତ୍ତମାନ ଅଜଣାଣା ଅଛି। ଏକ ଆମେରିକୀୟ ସୂତ୍ର ଇସ୍ରାଏଲୀ ଖବରକାଗଜ ୟେନେଟ୍ ନ୍ୟୁଜକୁ କହିଛି ଯେ, ଇସ୍ରାଏଲୀ ଗୁଇନ୍ଦା ସେହି ସନ୍ଧ୍ୟାରେ ତେହେରାନରେ ଖେମିନିଙ୍କ ଯୋଜନାବଦ୍ଧ ବୈଠକ ବିଷୟରେ ଅବଗତ ଥିଲେ। ଗୁଇନ୍ଦା ସଂସ୍ଥା ଏହା ମଧ୍ୟ ଜାଣିବାକୁ ପାଇଥିଲା ଯେ ସର୍ବୋଚ୍ଚ ନେତା ଶନିବାର ସକାଳେ ଏକ ବୈଠକ କରିବାକୁ ସ୍ଥିର କରିଥିଲେ। ତେବେ ତାଙ୍କ ବୈଠକ ସ୍ଥାନ ପ୍ରକାଶ କରାଯାଇ ନଥିଲା, କିନ୍ତୁ ସେ ତେହେରାନର ଏକ ସୁରକ୍ଷିତ ପରିସରରେ ପ୍ରାରମ୍ଭିକ ଆକ୍ରମଣରେ ପ୍ରାଣ ହରାଇଥିଲେ।

# ଟି -୨୦ ବିଶ୍ୱକପ୍ ସେମିରେ ଭାରତ

## ▲ ୫ରେ ଭାରତ -ଇଂଲଣ୍ଡ ଲଢେଇ




କୋଲକାତା,୧।୩: ସବୁ ଆଶା ଆଶଙ୍କାର ଅନ୍ତ ହୋଇଛି। ଐତିହାସିକ ଇଡେନ୍ ଗାର୍ଡେନରେ ବାଜି ମାରିଛି ଭାରତ। ସୁପର ୮ ପର୍ଯ୍ୟାୟର ଶେଷ ମ୍ୟାଚରେ ଡାର୍କ ହର୍ସ ଭାବେ ପରିଚିତ ୱେଷ୍ଟଇଣ୍ଡିଜକୁ ୫ ୱିକେଟରେ ଧରାସାୟୀ କରି ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ୱିକେଟ ରକ୍ଷକ ସଞ୍ଜୁ ସାମସନଙ୍କ ୯୭ ରନର ବିଧ୍ୱଂସୀ ଇନିଂସ ଯୋଗୁଁ ଭାରତ ବିଜୟ ସହଜ ହୋଇଥିଲା। ସେ ଏକାକୀ ଇଣ୍ଡିଜର ସବୁ ବୋଲରଙ୍କୁ ପଡିଆର ଚତୁଃଦିଗକୁ ସଟ୍ ଖେଳି ଧରାସାୟୀ କରିଥିଲେ। ଦୀର୍ଘ ସମୟ ପରେ ସଞ୍ଜୁଙ୍କ ବ୍ୟାଟରୁ ଆତ୍ମ ବିଶ୍ୱାସ ଭରା ଇନିଂସ ଦେଖିବାକୁ ମିଳିଥିଲା। ଇଣ୍ଡିଜ୍ ବିପକ୍ଷ କର ବା ମର ମ୍ୟାଚରେ ସଞ୍ଜୁ ଫର୍ମକୁ ଫେରିବା ତଥା ଦଳ ବିଜୟର ମହାନାୟକ ସାଜିବା ଟିମ୍ ଇଣ୍ଡିଆ ପାଇଁ ସଞ୍ଜିବନୀ ଭଳି ହୋଇଛି। ପୂର୍ବରୁ ଇଣ୍ଡିଜ୍ ସପକ୍ଷରେ ମ୍ୟାଚର ଫଳାଫଳ ଯାଇପାରେ ବୋଲି ଢେର ଆକଳନ କରାଯାଇଥିଲା। କିନ୍ତୁ ସେ (୯ ପୃଷ୍ଠାରେ)

# ଆମେରିକା ଦୂତବାସରେ ଭଙ୍ଗାରୁଜା; ଗୁଳିମାଡ଼ରେ ୧୨ ମୃତ



କରାଚୀ,୧।୩:: ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଅୟୋତୋଲ୍ଲାଅଲ୍ଲାମେନେଇଙ୍କମୃତ୍ୟୁପରେ ଅଶାନ୍ତ ହୋଇଯାଇଛି ପାକିସ୍ତାନ। ଏଠାରେ ଥିବା ଇରାନ ସମର୍ଥକମାନେ ରବିବାର କରାଚି ସ୍ଥି ତଆମେରିକାର ଦୂତାବା ସଉପରେ ଆକ୍ରମଣ କରିଥିବାବେଳେ ସୁରକ୍ଷାକର୍ମୀଙ୍କୁ ଗୁଳିମାଡ଼ରେ ୧୨ଜଣଙ୍କ ମୃତ୍ୟୁଘଟିଥିବାବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ଇରାନର ସର୍ବୋଚ୍ଚ ନେତା ଅୟୋତୋଲ୍ଲାଅଲ୍ଲାମେନେଇଙ୍କ ହତ୍ୟାର ପ୍ରତିବାଦତ ଥାଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣକୁ ବିରୋଧକରି ଆଜିକ ରାତିରେ ଶିଆ ମୁସ୍ଲିମ ସଂଗଠନ ଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶହ ଶହ ବିକ୍ଷୋଭକାରୀ କରାଚି ସ୍ଥିତ ଆମେରିକାର ଦୂତାବାସ ସମ୍ମୁଖରେ ନାରାବାଜି କରିବା ସହିତ ଏହାମଧ୍ୟକୁ ଧସେ ଇପଶିଥିଲେ। ଅନେକ ଯୁବ ବିକ୍ଷୋଭକାରୀଦୂତାବାସର ମୁଖ୍ୟଫାଟକ ଓ ପାଚେରି ଡେଇଁ ଦୂତାବାସ କୋଠା ପର୍ଯ୍ୟନ୍ତ ପହଞ୍ଚିଯାଇଥିଲେ। ସେମାନେ ଦୂତାବାସ ଉପରକୁ ପଥର ମାଡ଼ କରିବା ସହ (୯ ପୃଷ୍ଠାରେ)

## ଆମେରିକାର ୧୪ ଘାଟିକୁ ଇରାନର ଟାର୍ଗେଟ୍

ୱାଶିଂଟନ,୧।୩: ଇରାନର ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ୍ (ଆଇଆର୍‌ଜିସି) ଦାବି କରିଛି ଯେ, ଆମେରିକା ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଏହା ବିଭିନ୍ନ ଦେଶରେ ଥିବା ଆମେରିକାର ୧୪ଟି ସାମରିକ ଘାଟିକୁ ଟାର୍ଗେଟ୍ କରିଛି। ଏହି ଆକ୍ରମଣରେ ଶହ ଶହ ଆମେରିକୀୟ ସୈନିକ ପ୍ରାଣ ହରାଇଛନ୍ତି। ତେବେ ୱାଶିଂଟନ କୌଣସି ସୈନିକଙ୍କ ମୃତ୍ୟୁ ଦାବିକୁ ଅସ୍ୱୀକାର କରିଛି। ଆମେରିକା-ଇସ୍ରାଏଲ ମିଳିତ ସାମରିକ ଅଭିଯାନ ପରେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ଇରାନ କ୍ଷେପଣାସ୍ତ୍ର ଦ୍ୱାରା ପ୍ରଥମ ଶିକାର ହୋଇଥିବା ଆମେରିକୀୟ ଘାଟି ଥିଲା ବାହାରିନ। ଆମେରିକାର (୯ ପୃଷ୍ଠାରେ)

# ଇରାନର ପରବର୍ତ୍ତୀ ସର୍ବୋଚ୍ଚ ନେତା କିଏ ?

ତେହେରାନ,୧।୩: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଟ୍ରୁଥ୍ ସୋସିଆଲ ପ୍ଲାଟଫର୍ମରେ ଏହା ଘୋଷଣା କରିଛନ୍ତି। ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଅଧିକାରୀମାନେ ମଧ୍ୟ ଖେମିନିଙ୍କ ମୃତ୍ୟୁ ଦାବି କରିଥିଲେ। ରବିବାର ସକାଳେ ଇରାନର ସରକାରୀ ଗଣମାଧ୍ୟମ ଖେମିନିଙ୍କ ମୃତ୍ୟୁକୁ ନିଶ୍ଚିତ କରିଥିଲା। ଇରାନର ସରକାରୀ ଟିଭି କହିଛି ଯେ ସର୍ବୋଚ୍ଚ ନେତା ଖାମେନି ସହିଦ ହୋଇଛନ୍ତି। ଇରାନର ଧର୍ମଗୁରୁ ବ୍ୟବସ୍ଥା ଚାରି ଦଶନ୍ଧିରୁ ଅଧିକ ସମୟଧରି ଦେଶକୁ ଶାସନ କରିଆସିଛି। ଖେମିନିଙ୍କ ମୃତ୍ୟୁ ପରେ, ଇସଲାମିକ ଶାସନରେ ତାଙ୍କ ଉତ୍ତରାଧିକାରୀ କିଏ ହେବେ ଓ ଏହି ବ୍ୟବସ୍ଥା କେତେ ଦିନ ପର୍ଯ୍ୟନ୍ତ ରହିବ ସେ ବିଷୟରେ ପ୍ରଶ୍ନ ରହିଛି। ଇରାନର ସମ୍ବିଧାନ ଅନୁଯାୟୀ, ୱିଲାୟତ-ଏ-ଫକିହ ନୀତି ଅନୁଯାୟୀ, ଦେଶର ସର୍ବୋଚ୍ଚ ନେତା ଜଣେ ଧର୍ମଗୁରୁ ହେବା ଆବଶ୍ୟକ। ଇସଲାମିକ୍ ଗଣରାଜ୍ୟ ଇରାନରେ, ସର୍ବୋଚ୍ଚ ନେତାଙ୍କ ନିଷ୍ପତ୍ତି ଚୂଡ଼ାନ୍ତ। ଏହାକୁ କେହି ବିରୋଧ କରି ନଥାନ୍ତି। ଏହି ବ୍ୟବସ୍ଥା ଖାମେନି ତଥା ତାଙ୍କ ପୂର୍ବପୁରୁଷ ଆୟାତୋଲ୍ଲା ରୁହୋଲ୍ଲା ଖୋମେନିଙ୍କ ଶାସନ କାଳରେ କାର୍ଯ୍ୟକାରୀ ହୋଇଥିଲା, କିନ୍ତୁ ଖେମିନିଙ୍କ ମୃତ୍ୟୁ ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ଖେମିନି ତାଙ୍କର ଘନିଷ୍ଠ ପରାମର୍ଶଦାତାମାନଙ୍କ ମାଧ୍ୟମରେ ଶାସନ କରୁଥିଲେ। ଯାହାଙ୍କୁ ଗାର୍ଡିଆନ୍ କାଉନସିଲ୍ କୁହାଯାଏ। କିନ୍ତୁ, ଶନିବାର ଆକ୍ରମଣ ପରେ, ସେମାନଙ୍କ ମଧ୍ୟରୁ କେତେ ଜଣ ଅଛନ୍ତି ତାହା ସ୍ପଷ୍ଟ ନୁହେଁ। ୮୬ ବର୍ଷୀୟ ଖେମିନି କେବେବି ସାର୍ବଜନୀନ ଭାବରେ ତାଙ୍କର ଉତ୍ତରାଧିକାରୀ ଘୋଷଣା କରିନାହାନ୍ତି। ଯଦି ତାଙ୍କ ମୃତ୍ୟୁ ନିଶ୍ଚିତ ହୁଏ ତେବେ ତାଙ୍କ ସ୍ଥାନରେ କିଏ ନେବେ ତାହା ବର୍ତ୍ତମାନ ସ୍ପଷ୍ଟ ନୁହେଁ। ପୂର୍ବରୁ, ଖେମିନିଙ୍କ ପୁଅ ମୋଜତାବା ଖେମିନି ଜଣେ ପ୍ରାର୍ଥୀ ଥିଲେ।

# ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

## ବଲାଙ୍ଗିର ଓ ବରଗଡ ହେଲା ମାଓ ମୁକ୍ତ ଜିଲ୍ଲା: ଡିଜିପି




ଭୁବନେଶ୍ୱର,୧।୩(ସବ୍ୟୁ): ରାଜ୍ୟରେ ମାଓ ବିରୋଧୀ ଅଭିଯାନରେ ଓଡିଶା ପୁଲିସକୁ ଐତିହାସିକ ସଫଳତା ମିଳିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବଲାଙ୍ଗିର ଓ ବରଗଡ ଜିଲ୍ଲାକୁ ମାଓ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ରବିବାର ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲାରେ ୧୫ ଜଣ ମାଓବାଦୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି । ଏହି ମାଓବାଦୀମାନେ ବରଗଡ଼-ବଲାଙ୍ଗିର-ମହାସମୁନ୍ଦ ଡିଭିଜନରେ ସକ୍ରିୟ ଥିଲେ । ଫଳରେ, ବରଗଡ଼ ଓ ବଲାଙ୍ଗିର ଜିଲ୍ଲାକୁ ସମ୍ପୂର୍ଣ୍ଣ ମାଓମୁକ୍ତ ଘୋଷଣା କରାଯାଇଛି । ସୁରକ୍ଷା ବାହିନୀ ତରଫରୁ ଦୀର୍ଘଦିନ ଧରି ଚାଲିଥିବା ମିଳିତ ଅଭିଯାନ, ଗୁଇନ୍ଦା ସୂଚନା, କେନ୍ଦ୍ର ଓ ରାଜ୍ୟ ସୁରକ୍ଷା ବାହିନୀଙ୍କ ସମନ୍ୱିତ ପଦକ୍ଷେପ ଏବଂ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଫଳରେ ଏହି ଦୁଇ ଜିଲ୍ଲାରୁ ମାଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ମୁକ୍ତ (୯ ପୃଷ୍ଠାରେ)

# ନାଗପୁର ବାରୁଦ କାରଖାନାରେ ବିସ୍ଫୋରଣ: ୧୭ ମୃତ



ନାଗପୁର,୧।୩: ମହାରାଷ୍ଟ୍ରର ନାଗପୁରସ୍ଥିତ କାଟୋଲ ତହସିଲ ଅନ୍ତର୍ଗତ ରଲଗାଓଁଠାରେ ଏକ ବିସ୍ଫୋରକ ଫ୍ୟାକ୍ଟ୍ରିରେ ବଡ଼ଧରଣ ବିସ୍ଫୋରଣ ଘଟି ୧୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୮ ଜଣ ଆହତ ହୋଇଛନ୍ତି। ଖଣି ଓ ଶିଳ୍ପ ପାଇଁ ବିସ୍ଫୋରକ ସାମଗ୍ରୀ ଉତ୍ପାଦନ କରୁଥିବା ଏସ୍‌ବିଏଲ୍ ଏନର୍ଜି ଲିମିଟେଡର ଡେଟୋନେଟର ପ୍ୟାକେଜିଂ ୟୁନିଟରେ ଏହି ବିସ୍ଫୋରଣ ହୋଇଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ରବିବାର ଏହି ବିସ୍ଫୋରଣ ଘଟଣାକୁ ଅତ୍ୟନ୍ତ ଦୁଃଖଦ ଓ ଦୁର୍ଭାଗ୍ୟଜନକ କହିବା ସହିତ ବିସ୍ଫୋରଣ କେମିତି ଘଟିଲା (୯ ପୃଷ୍ଠାରେ)

# ବଢ଼ିବ ପେଟ୍ରୋଲ ଦର

ନୂଆଦିଲ୍ଲୀ,୧।୩: ଆମେରିକା ଓ ଇସ୍ରାଏଲର ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ପ୍ରାଣ ହରାଇଛନ୍ତି। ଯଦି ଏହି ଯୁଦ୍ଧ ଲମ୍ବା ସମୟ ଚାଲିବ ଓ ହର୍ମୁଜ ପ୍ରଣାଳୀରେ ତୈଳ ପରିବହନ ବନ୍ଦ ହୋଇଯିବ, ତେବେ ତେଲ ବଜାରକୁ ତାହା ଗୁରୁତର ପ୍ରଭାବିତ କରିବ। ଏହି ଯୁଦ୍ଧ ଭାରତରେ ତୈଳ, ସୁନା ଓ ରୁପା ଦର ଓ ସେୟାର ବଜାର କାରବାରକୁ ପ୍ରଭାବିତ କରିବା ଆଶଙ୍କା କରାଯାଉଛି।ତୈଳ ପରିବହନର ଗୁରୁତ୍ୱପୂର୍ଣ୍ଣ ପଥ ହର୍ମୁଜ ପ୍ରଣାଳୀ ବନ୍ଦ ହେଲେ ଅଳ୍ପ ଦିନରେ ଅଶୋଧିତ ତୈଳ ଦର ବହୁତ ବଢ଼ିଯିବ। ଭାରତ ନିଜ ଆବଶ୍ୟକତାର ୮୫ ପ୍ରତିଶତ ତେଲ ଆମଦାନୀ କରୁଛି। ବିଦେଶରୁ ଆସୁଥିବା ୫୦ ପ୍ରତିଶତ ତେଲ ହର୍ମୁଜ ପ୍ରଣାଳୀ ଦେଇ ଆସିଥାଏ। ସେହି ବାଟରେ ପରିବହନ ପ୍ରଭାବିତ ହେଲେ ଭାରତ ପାଇଁ ତେଲ ଯଥେଷ୍ଟ ମହଙ୍ଗା ହୋଇଯିବ। ଅଶୋଧିତ ତେଲ ଦାମ୍ ବଢ଼ିଲେ ତାହା ପେଟ୍ରୋଲ ଓ ଡିଜେଲ୍ ଦରବୃଦ୍ଧିର କାରଣ ହେବ। ଏକ ଆକଳନରୁ ଜଣାପଡ଼ିଛି ଯେ ଯୁଦ୍ଧ ଜାରି ରହିଲେ ଦେଶରେ ପେଟ୍ରୋଲ ଓ ଡିଜେଲ୍‌ର ଲିଟର ପିଛା ମୂଲ୍ୟରେ ୨୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବ। ଦିଲ୍ଲୀରେ ପେଟ୍ରୋଲ୍ ଲିଟର ୯୫ ଟଙ୍କାରୁ ବଢ଼ି ୧୦୫ ଟଙ୍କା ହୋଇଯିବ। ସେହିପରି ଡିଜେଲ୍ ଲିଟର ୮୮ ଟଙ୍କାରୁ ବଢ଼ି ୯୬ ଟଙ୍କା ହୋଇଯିବ। ହର୍ମୁଜ ପ୍ରଣାଳୀକୁ ଇରାନ ଅବରୋଧ କଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ଦର ୧୦୦-୧୨୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବର୍ତ୍ତମାନ ବ୍ରେଣ୍ଟ କ୍ରୁଡ୍‌ର ବ୍ୟାରେଲ୍ ପିଛା ଦର ୭୦ ଡଲାର ରହିଛି। (୯ ପୃଷ୍ଠାରେ)

# ୪୬ ଲକ୍ଷ ଟଙ୍କା ସହ ବନ୍ଧୁକ, ବିସ୍ଫୋରକ ଜବତ



ରାୟପୁର,୧।୩(ସବ୍ୟୁ): ଛତିଶଗଡର ଗରିଆବନ୍ଧ ଜିଲ୍ଲାର ମେନପୁର ଥାନା ଅଂଚଳର ବଡେଗୋବରା ନିକଟସ୍ଥ ସାଂପସାରୀ ଜଂଗଲରେ ମାଓବାଦୀଙ୍କ ଦ୍ୱାରା ଡମ୍ପ କରି ରଖାଯାଇଥିବା ନଗଦ ଟଂକା, ବନ୍ଧୁକ, ବିସ୍ଫୋରକକୁ ପୁଲିସ ଜବତ କରିଛି। ପ୍ରତିଦିନ ଭଳି ଗତକାଲି ମଧ୍ୟ ଜିଲ୍ଲା ପୁଲିସ ସମେତ ଡିଆରଜି,ଏସଟିଏଫ ମେନପୁର ଥାନା ଅଂଚଳରେ ସର୍ଚ୍ଚ ଅପରେସନ ପାଇଁ ବାହାରିଥିଲା। ତେବେ ଜଂଗଲରେ ମାଓବାଦୀ ଡମ୍ପ କରି ବହୁ ହତିଆର ଏବଂ ନଗଦ ଟଂକା ଲୁଚାଇ ରଖିଥିବା ଆତ୍ମସମର୍ପଣ କରିଥିବା ନକ୍ସଲ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ଅପରେସନ କରୁଥିବା ଯବାନ ସେହି ଅଂଚଳରେ ଖୋଜାଖୋଜି ଆରମ୍ଭ କରିଥିଲେ। ଜଂଗଲର ଗୋଟିଏ ସ୍ଥାନରେ ନକ୍ସଲ ଗାତ ଖୋଳି ବନ୍ଧୁକ,ବିସ୍ଫୋରକ ଏବଂ ନଗଦ ଟଂକା ପୋତି ଥିଲେ। (୯ ପୃଷ୍ଠାରେ)

## ଜିଜିପି କଲୋନୀ ସ୍କୁଲ ପଡ଼ିଆ ହତ୍ୟାକାଣ୍ଡ

# ବଚସାରୁ ଛୁରାମାଡ଼, ଯବାନଙ୍କ ସମେତ ୩ ଗିରଫ


ମୃତ ରାହୁଲ ମହାରଣା

ଭୁବନେଶ୍ୱର,୧।୩ (ସବ୍ୟୁ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀ ହାଇସ୍କୁଲ ପଡ଼ିଆ ହତ୍ୟାକାଣ୍ଡ ସାମାନ୍ୟ ବଚସା ହୋଇଛି । ବଚସାରୁ ଛୁରାମାଡ ହେବାରୁଯୁଟ୍ୟୁବର ରାହୁଲ ମହାରଣାଙ୍କ ମୃତ୍ୟୁ ହେଲା । ଘଟଣା ଘଟିବାର ୩ ଘଣ୍ଟା ମଧ୍ୟରେ ପୋଲିସ ଜଣେ ଯବାନଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି । ସ୍କୁଲ ପଡ଼ିଆରେ ଶନିବାର ରାତିରେ କିଛି ଯୁବକ ମେଳି ହୋଇ ବସି ଖଟି କରିବା ସହ ନିଶା ସେବନ କରୁଥିଲେ । ତିନି ଅଭିଯୁକ୍ତ ଗୋଟିଏ ସ୍ଥାନରେ ବସିଥିବା ବେଳେ ତାଙ୍କଠାରୁ ଅଳ୍ପ କିଛି ଦୂରରେ ହତ୍ୟାର ଶିକାର ହୋଇଥିବା ରାହୁଲ ମହାରଣା, ଆହତ ଶିବା ଓ ଅନ୍ୟ ଦୁଇଜଣ ଯୁବକ ବସିଥିଲେ । ରାତି ପ୍ରାୟ ସାଢେ ୯ଟା ବେଳେ ଶିବା ଫୋନ୍‌ରେ କାହା ସହ କଥା ହେଉଥିବା ବେଳେ ତାଙ୍କ ଗ୍ରୁପ୍ ପାଖରୁ ଉଠିଯାଇ ତିନିଜଣ ବସିଥିବା ଗ୍ରୁପ୍ ନିକଟବର୍ତ୍ତୀ ଅଞ୍ଚଳକୁ ଚାଲିଯାଇଥିଲେ । ଫୋନ୍‌ରେ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଉଚ୍ଚ ସ୍ୱରରେ କଥା ହେବାକୁ ଅଭିଯୁକ୍ତ ଯବାନ ସଂଗ୍ରାମ କେଶରୀ ବେହେରା ଓରଫ ଶତ୍ରୁରା (୩୭) ବିରୋଧ କରିଥିଲେ । ତାଙ୍କ କହିବାନୁଯାୟୀ ଆମ ପାଖକୁ ଆସି କାହିଁକି ଅଶାଳୀନ ଭାଷାରେ ଗାଳିଗୁଲଜ କରୁଛ । ଦାଦା ଏହା କହିବା ଶୁଣି ବଡ ପୁତୁରା ସଂଗ୍ରାମ ବେହେରା ଓରଫ କୁନା (୨୪) ଶିବାକୁ ଆକ୍ରମଣ କରିଥିଲା । ଦାଦି-ପୁତୁରା ଶିବାକୁ ଆକ୍ରମଣ କରିବା ଦେଖି ସେଠାକୁ ହତ୍ୟାର ଶିକାର ହୋଇଥିବା ରାହୁଲ ମହାରଣା ଯାଇଥିଲା । ରାହୁଲ ଯାଇ ଦାଦି-ପୁତୁରାଙ୍କୁ ପ୍ରତିରୋଧ କରିବାରୁ ସେମାନେ ଉତ୍‌କ୍ଷିପ୍ତ ହୋଇ ରାହୁଲଙ୍କୁ ଆକ୍ରମଣ କରିଥିଲେ । ଏହି ସମୟରେ ତାଙ୍କ ପାଖରେ ବସିଥିବା ସାନ ପୁତୁରା ସମରେନ୍ଦ୍ର ବେହେରା ଓରଫ ମୁନା (୨୦) ହଠାତ୍ ଛୁରିରେ ରାହୁଲଙ୍କ ଛାତି ଓ ହାତକୁ ଆକ୍ରମଣ କରିଥିଲା । ଦାଦା ଓ ବଡଭାଇ ରାହୁଲକୁ ଧରିଥିବାରୁ ସେ ପ୍ରତିରୋଧ କରିପାରିଲା ନାହିଁ । ସେତେବେଳକୁ ଶିବା ଆହତ ହୋଇସାରିଥିଲା । ଶିବା ମୁଣ୍ଡରେ ଆଘାତ ଲାଗିଥିବା ଏସିପି କହିଛନ୍ତି । ରାହୁଲ ତଳେ ପଡିଯିବା ଦେଖି ଦାଦି-ପୁତୁରା ସେଠାରୁ ଉଠିଆସି ତାଙ୍କ ଭଡା ଘରକୁ ଚାଲିଯାଇଥିଲେ । ଜିଜିପି କଲୋନୀ ପ୍ଲଟ୍ ନଂ-୧/୧୧୨ (ବି)ରେ ଭଡାକୁ ରୁହନ୍ତି ଯବାନ ଶତ୍ରୁରା । ସେମାନଙ୍କ ଘର କଟକ ଜିଲ୍ଲା କାନପୁର ଥାନା (୯ ପୃଷ୍ଠାରେ)

# ୫୦ ବର୍ଷ ପରେ ବଦଳାନ୍ତୁ ଖାଦ୍ୟାଭ୍ୟାସ



୫୦ ବର୍ଷ ବୟସ ପରେ ଶରୀରରେ ଅନେକ ଜୈବିକ ପରିବର୍ତ୍ତନ ଦେଖାଦେଇଥାଏ, ଯେପରିକି ହାଡ଼ ଦୁର୍ବଳ ହେବା, ମାଂସପେଶୀ କମିଯିବା ଏବଂ ହଜମ ପ୍ରକ୍ରିୟା ଧୀର ହେବା। ଏହି ସମୟରେ ନିଜକୁ ସୁସ୍ଥ ଏବଂ ଶକ୍ତିଶାଳୀ ରଖିବା ପାଇଁ ସଠିକ୍ ଖାଦ୍ୟପେୟ ଅତ୍ୟନ୍ତ ଜରୁରୀ। ତେଣୁ ଡାକ୍ତରଙ୍କ ପରାମର୍ଶରେ ନିଜ ଖାଦ୍ୟପେୟରେ ପରିବର୍ତ୍ତନ କରନ୍ତୁ।

**ଶାଗ**

ପାଳଙ୍ଗ, କୋବି ଏବଂ ଅନ୍ୟାନ୍ୟ ସବୁଜ ପନିପରିବାରେ ପ୍ରଚୁର ପରିମାଣରେ କ୍ୟାଲସିୟମ୍, ଭିଟାମିନ୍-କେ ଏବଂ ଆଇରନ୍ ଥାଏ। ଏହା ହାଡ଼କୁ ମଜବୁତ୍ କରିବା ସହ ରକ୍ତହୀନତା ଦୂର କରେ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଆଖିର ଜ୍ୟୋତି ବଢ଼ାଇବାରେ ସାହାଯ୍ୟ କରିଥାଏ।

**ଦହି**

୫୦ ବର୍ଷ ପରେ ହଜମ ଜନିତ ସମସ୍ୟା ବଢ଼ିଥାଏ। ଦହିରେ ଥିବା 'ଗୁଡ୍ ବ୍ୟାକ୍ଟେରିଆ' ବା ପ୍ରୋବାୟୋଟିକ୍ସ ପେଟକୁ ସୁସ୍ଥ ରଖେ। ଏହାଛଡ଼ା ଦହି କ୍ୟାଲସିୟମର ଏକ ଉତ୍ତମ ଉତ୍ସ, ଯାହା ବୟସ୍କ ଅବସ୍ଥାରେ ହାଡ଼କୁ ଦୁର୍ବଳ ହେବାରୁ ରକ୍ଷା କରେ।

**ଅଣ୍ଡା**

ଅଣ୍ଡା ହେଉଛି ଉଚ୍ଚମାନର ପ୍ରୋଟିନ୍‌ର ଏକ ସୁଲଭ ଉତ୍ସ। ମାଂସପେଶୀର କ୍ଷୟ ରୋକିବା ପାଇଁ ବୟସ୍କ ବ୍ୟକ୍ତିଙ୍କ ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଆବଶ୍ୟକ। ଏଥିରେ 'କୋଲିନ' ନାମକ ତତ୍ତ୍ୱ ଥାଏ ଯାହା ମସ୍ତିଷ୍କର ସ୍ମୃତିଶକ୍ତି ବଜାୟ ରଖିବାରେ ସାହାଯ୍ୟ କରେ। ହେଲେ ଯଦି କୋଲେଷ୍ଟ୍ରୋଲ ଅଛି ତେବେ ଡାକ୍ତରଙ୍କ ପରାମର୍ଶରେ ଅଣ୍ଡା ଖାଆନ୍ତୁ।

**ଓଟ୍ସ**

ଓଟ୍ସରେ ପ୍ରଚୁର ପରିମାଣରେ ଫାଇବର ଥାଏ। ଏହା ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ କରିବା ସହ କୋଲେଷ୍ଟ୍ରଲ କମାଇବାରେ ସାହାଯ୍ୟ କରେ। ଏହା ହୃଦୟକୁ ସୁସ୍ଥ ରଖିବା ପାଇଁ ଏକ ଉତ୍କୃଷ୍ଟ ଜଳଖିଆ।

**ବାଦାମ**

ଚିନାବାଦାମ, କାଜୁ, ଆଲମଣ୍ଡ ଏବଂ ଅଖରୋଟରେ ସୁସ୍ଥ ଚର୍ବି ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥାଏ। ଏଗୁଡ଼ିକ ହୃଦ୍‌ରୋଗର ଆଶଙ୍କା କମାନ୍ତି ଏବଂ ଶରୀରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶକ୍ତି ପ୍ରଦାନ କରନ୍ତି।

**ଡାଲି ଜାତୀୟ ଶସ୍ୟ**

ମୁଗ, ହରଡ଼, ଚଣା ଏବଂ ବିରି ଭଳି ଡାଲିରେ ଉଭୟ ପ୍ରୋଟିନ୍ ଏବଂ ଫାଇବର ଭରପୂର ରହିଥାଏ। ଏହା ଶରୀରର ମରାମତି କରିବା ସହ ଓଜନ ନିୟନ୍ତ୍ରଣ କରିବାରେ ବହୁତ ସହାୟକ ହୋଇଥାଏ।

**ଫଳ**

ପ୍ରତିଦିନ ଗୋଟିଏ ସେଓ କିମ୍ବା କଦଳୀ ଖାଇବା ଦ୍ୱାରା ଶରୀରକୁ ପୋଟାସିୟମ୍ ଏବଂ ଭିଟାମିନ୍-ସି ମିଳିଥାଏ। କଦଳୀ ରକ୍ତଚାପ ନିୟନ୍ତ୍ରଣ କରେ ଏବଂ ସେଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

**ମାଛ**

ଯଦି ଆପଣ ଆମିଷାହାରୀ, ତେବେ ମାଛ ଆପଣଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ। ଏଥିରେ ଥିବା ଓମେଗା-୩ ଗଣ୍ଠି ବ୍ୟଥା କମାଇବାରେ ଏବଂ ହୃଦୟକୁ ସୁରକ୍ଷିତ ରଖିବାରେ ଔଷଧ ପରି କାମ କରେ।

## ସୋସିଆଲ କୋଟ୍ସ



ଫିଲ୍ମଫେୟାର ଆପଣଙ୍କୁ ଧନ୍ୟବାଦ ମୋତେ ସମ୍ମାନିତ କରିଥିବାରୁ । ଏହା ମୋତେ ଆହୁରି ଆଗକୁ ବଢିବାକୁ ପ୍ରେରଣା ଯୋଗାଇବ । ମୁଁ ଏହି ପୁରସ୍କାର ମୋର ଫ୍ୟାନଙ୍କୁ ସର୍ମପଣ କରୁଛି ।

ଅଲ୍ଲୁ ଅର୍ଜ୍ଜୁନ, ଅଭିନେତା



ପୁରା ଟିମ ପାଇଁ ଏହା ଖୁବ ସମ୍ମାନର ବିଷୟ ଥିଲା । ପ୍ରଧାନମନ୍ତ୍ରୀଙ୍କ ଠାରୁ ପ୍ରଶଂସା ମିଳିବା କିଛି ଛୋଟ କଥା ନୁହେଁ। ଆମ ପରିଶ୍ରମର ଫଳ ମିଳିଲା ।

ଲିୟୋର ରାଜ, ଅଭିନେତା



ବିବାହ ସମ୍ପର୍କରେ ପାର୍ଟନ ଇମୋସନାଲ ସହିତ ଆର୍ଥିକ ସ୍ତରରେ ମଧ୍ୟ ଦୃଢ ହେବା ଦରକାର । ତାହେଲେ ଜୀବନ ଠିକଠାକ ଗଢିବ । ମୁଁ ଏହା ହିଁ ଖୋଜୁଛି ।

ଡେଜି ଶାହ, ଅଭିନେତ୍ରୀ

## ଓଡିଆ ରୁଚି



### ମଟର କାକରା

**ସାମଗ୍ରୀ** - ମଟର ୧ କେଜି, ଖୁଆ ୧୦୦ ଗ୍ରାମ, ନଡିଆ କୋରା ଏକ କପ୍, ଗୁଜୁରାତି ୨ଟା, ଚିନି ୧୦୦ ଗ୍ରାମ, ତେଲ, ପାନମଧୁରୀ ଅଳ୍ପ, ଲୁଣ ।

**ପ୍ରଣାଳୀ** - ମଟର ଛୁଇଁରୁ ମଟର ଛଡାଇ ନେଇ ପାନମଧୁରୀ ସହିତ ଚିକ୍କଣ କରି ବାଟିନିଅନ୍ତୁ। କରେଇରେ ଏହି ବଟା ମଟର ଅଳ୍ପ ଚିନି ଓ ଲୁଣ ଦେଇ ଭଲଭାବେ ଖଳି କରିନିଅନ୍ତୁ । ଏହାପରେ ଥଣ୍ଡା କରି ଏହାକୁ ଚକଟି ନିଅନ୍ତୁ। ଅନ୍ୟ ଏକ କରେଇରେ ଖୁଆ, ନଡିଆ, ଗୁଜୁରାତି ଗୁଣ୍ଡ ପକାଇ ଭଆଜିନେଇ ପୁର ପ୍ରସ୍ତୁତ କରନ୍ତୁ। ବର୍ତ୍ତମାନ ମଟର ଖଳିରୁ ଛୋଟଛୋଟ ଗୁଳା କରି ସେଥିରେ ପୁର ଦେଇ କାକରା ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏହି କାକରାକୁ ତେଲରେ ଛାଣି ନିଅନ୍ତୁ ପ୍ରସ୍ତୁତ ହୋଇଯିବ ମଟର କାକରା ।

## ନୂଆ ଟ୍ରେଣ୍ଡ



ଜାପାନରେ ସବୁବେଳେ ଭିନ୍ନ ଧରଣର ଟ୍ରେଣ୍ଡ ସାମନାକୁ ଆସିଥାଏ , ସେହିଭଳି ଏକ ଟ୍ରେଣ୍ଡ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏଠାରେ ବର୍ତ୍ତମାନ ଜୀବନ୍ତ ଲୋକମାନେ କଫିନ ଭିତରେ ଶୋଇ ଧ୍ୟାନ କରିବାର ନୂଆ ଟ୍ରେଣ୍ଡ ଦେଖିବାକୁ ମିଳୁଛି । ଏହି ଟ୍ରେଣ୍ଡର ନାଁ କଫନ ଲାଙ୍ଗ ଦିଆଯାଇଛି, ଯାହାକୁ ଏଠିକାର ଅନେକ ଲୋକ ଅନୁକରଣ କରୁଥିବା ଦେଖିବାକୁ ମିଳୁଛି । ଲୋକମାନେ ଏହି କଫନ ଭିତରେ ୩୦ ମିନିଟ ପର୍ଯ୍ୟନ୍ତ ଶୋଇ ଧ୍ୟାନ କରୁଛନ୍ତି । ଏହା ସେମାନଙ୍କୁ ଖୁବ ଶାନ୍ତି ପ୍ରଦାନ କରୁଥିବା ମତ ପ୍ରକାଶ ପାଇଛି । ଏଥିରେ ଶୋଇ ଧ୍ୟାନ କରିବା ଫଳରେ ଡର ଓ ବିଚଳିତ ହେବା କମୁଛି ବୋଲି ସେମାନେ କହୁଛନ୍ତି । ବିଶେଷଭାବେ ଯୁବକଙ୍କ କ୍ଷେତ୍ରରେ ବଢୁଥିବା ମାନସିକ ଅବସାଦ ପାଇଁ ଏହା ଖୁବ ଫଳପ୍ରଦ ହେଉଥିବା ମତପ୍ରକାଶ ପାଇଛି । ଏଠାରେ ବିଭିନ୍ନ ସ୍ଥାରେ କଫନ ରଖାଯାଇଛି, ଯେଉଁଥିରେ ଲୋକମାନେ ୩୦ ମିନିଟ ଶୋଇବା ପାଇଁ ୧୧୦୦ ଟଙ୍କା ପର୍ଯ୍ୟନ୍ତ ଦେୟ ଦେଉଛନ୍ତି । ଏହି ସମୟରେ କଫନକୁ ଖୋଲା କିମ୍ବା ବନ୍ଦ ରଖିବାର ବିକଳ୍ପ ମଧ୍ୟ ରହିଥାଏ ।

### ହାଃହାଃ



ପପୁ: ଡାକ୍ତର ବାବୁ, ମୋର କୌଣସି କଥା ମନେ ରହୁନି, ମୁଁ ସବୁ ଭୁଲି ଯାଉଛି ।
ଡାକ୍ତର: ଏମିତି ସମସ୍ୟା କେବେଠାରୁ ହେଉଛି?
ପପୁ: କେଉଁ ସମସ୍ୟା କଥା କହୁଛନ୍ତି ଆଜ୍ଞା?
ଡାକ୍ତର: (ରାଗିକି) ତୁ ଏବେ ହିଁ ମୋ କ୍ଲିନିକରୁ ବାହାର!

## ରୋବଟ ପାଲଟିଛି ଧର୍ମଗୁରୁ

ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚରମାନେ ବୌଦ୍ଧ ଧର୍ମର ଧର୍ମଗୁରୁ ଭାବେ ଏକ ରୋବଟ ନିର୍ମାଣ କରିଛନ୍ତି । ଏହାର ନାମ ସେମାନେ ବୁଦ୍ଧାରାଇଡ ରଖିଛନ୍ତି । ମଣିଷଭଳି ଦେଖାଯାଉଥିବା ଏହି ରୋବଟ ମଣିଷଭଳି ଚାଲୁଥିବାବେଳେ ଲୋକଙ୍କୁ ଉତ୍ତର ମଧ୍ୟ ଦେଇ ପାରୁଛି । ଏହି ରୋବଟକୁ ଏଆଇ ମାଧ୍ୟମରେ ବୌଦ୍ଧ ଗ୍ରନ୍ଥ ପଢିବାକୁ ସୁଯୋଗ ଦିଆଯାଇଛି । ଯାହାଫଳରେ ଏହା ଧର୍ମ ସମ୍ପର୍କିତ ସମସ୍ତ ପ୍ରଶ୍ନର ଉତ୍ତର ଦେଇପାରୁଛି । ଏହା ଯେ କୌଣସି କଷ୍ଟ ପ୍ରଶ୍ନର ମଧ୍ୟ ଉତ୍ତର ଦେଇ ପାରୁଛି । ମନ୍ଦିରରେ ହେଉଥିବା ଡେମୋରେ ସେ ହାଥ ଯୋଡି ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଳୁଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ଦେଖିବାକୁ ମିଳିଥିଲା । ସୋସିଆଲ ମିଡିଆରେ ସମସ୍ତେ ରୋବଟର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି, ଲୋକଙ୍କୁ ଏହା ଖୁବ ପସନ୍ଦ ଆସୁଛି ।



## ପସନ୍ଦ ଆସିଛି ଧୁରନ୍ଧର ସିକୁଏଲ



ରଣବୀର ସିଂହଙ୍କ ଅଭିନୀତ ସୁପରହିଟ୍ ଫିଲ୍ମ 'ଧୁରନ୍ଧର' ପରେ ଏବେ ଏହାର ଦ୍ୱିତୀୟ ଭାଗକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଇଛି । ସୂଚନା ଅନୁସାରେ ଦ୍ୱିତୀୟଭାଗ ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ପରଦାକୁ ଆସିବ । ଏହି ପରିପ୍ରେକ୍ଷୀରେ ଫିଲ୍ମର ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ପତ୍ନୀ ତଥା ଅଭିନେତ୍ରୀ ଯାମୀ ଗୌତମ ନିକଟରେ ଏକ ସାକ୍ଷାତକାରରେ ଫିଲ୍ମକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଯାମୀ ସୂଚନା ଦେଇଛନ୍ତି କି, ସେ 'ଧୁରନ୍ଧର ୨' ଦେଖିସାରିଛନ୍ତି ଏବଂ ଏହା ଏକ ଅସାଧାରଣ ଫିଲ୍ମ ହୋଇଛି । ଫିଲ୍ମଟିକୁ ଦେଖିବାପରେ ଯାମୀ ଖୁବ ଭାବୁକ ହୋଇପଡ଼ିଥିବା ପ୍ରକାଶ କରିଛନ୍ତି । ନିଜ ସ୍ୱାମୀଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ସେ କହିଛନ୍ତି ଯେ 'ଉରି' ଭଳି ଫିଲ୍ମ କରିଥିବା ଆଦିତ୍ୟଙ୍କ ପାଖରେ ଏଭଳି ଚଳଚ୍ଚିତ୍ର ନିର୍ମାଣ ପାଇଁ ଏକ ଅଦ୍ଭୁତ ଜିଦ ରହିଛି, ଯାହା ବିନା ଏହା ସମ୍ଭବ ହୋଇନଥାନ୍ତା । ଧୁରନ୍ଧର ୨ ରେ ରଣବୀର ସିଂହଙ୍କ ସମେତ ଆର. ମାଧବନ୍, ଅର୍ଜୁନ ରାମପାଲ ଏବଂ ସଞ୍ଜୟ ଦତ୍ତଙ୍କ ଭଳି ବଡ଼ କଳାକାର ନଜର ଆସିବେ ।

## ଇତିହାସ

୧୩୧୬-ସ୍କଟଲାଣ୍ଡର ରାଜା ରବର୍ଟ ଦ୍ୱିତୀୟଙ୍କ ଜନ୍ମ ।

୧୮୬୯- ଉତ୍ତରପ୍ରଦେଶର ପ୍ରଥମ ରାଜ୍ୟପାଳ ହରକୋର୍ଟ ବଟଲରଙ୍କ ଦେହାନ୍ତ ।

୧୯୦୧- ବିଶ୍ୱର ପ୍ରଥମ ତାରବିହୀନ ଟେଲିଗ୍ରାଫ୍ କମ୍ପାନୀ ହୱାଇରେ ଖୋଲିଲା ।

୧୯୧୯- ମସ୍କୋରେ ଅନ୍ତର୍ଜାତୀୟ ମାର୍କ୍ସମାଦର ପ୍ରଥମ ବୈଠକ ଆୟୋଜିତ ହେଲା ।



୧୯୪୯- ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ତଥା ଭାରତର କୋକିଳା ନାଁରେ ଲୋକପ୍ରିୟ ଥିବା ସରୋଜିନୀ ନାଇଡୁଙ୍କ ପରଲୋକ ।

୧୯୮୨- ବିହାରର ରାଜଧାନୀ ପାଟନାରେ ମହାତ୍ମା ଗାନ୍ଧି ସେତୁ ଉଦ୍‌ଘାଟିତ ହେଲା ।

୧୯୮୬- ଭାରତୀୟ ତୀରନ୍ଦାଜୀ ଖେଳାଳି ଜୟନ୍ତ ତାଲୁକଦାରଙ୍କ ଜନ୍ମ ।

୨୦୦୬- ନୂଆଦିଲ୍ଲୀରେ ଭାରତ ଓ ଆମେରିକା ମଧ୍ୟରେ ଐତିହାସିକ ପରମାଣୁ ଚୁକ୍ତି ସ୍ୱାକ୍ଷରିତ ।



**ମେଷ**- କର୍ମରେ ବାଧାବିଘ୍ନ, ଅର୍ଥସମସ୍ୟା, ବନ୍ଧୁଦର୍ଶନ, ଆକସ୍ମିକ ଧନଲାଭ, ଶରୀର ସୁସ୍ଥ,ବିଦ୍ୟାରେ ଉନ୍ନତି, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୫, ଆରାଧନା- ଭଗବାନ ବିଷ୍ଣୁ ।

**ବୃଷ**- ଯାତ୍ରାରେ ଖୁସି, ଅର୍ଥଲାଭ, ଉଚ୍ଚଆଶାରେ ଖୁସି, ବ୍ୟବସାୟରେ ଉନ୍ନତି, କର୍ମକ୍ଷେତ୍ରେ ଉଚ୍ଚ ପ୍ରଶଂସା, ଶତ୍ରୁ ପରାଜିତ, ପାରିବାରିକ ସହଯୋଗ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା- ଭଗବାନ ଶିବ ।

**ମିଥୁନ**- ଶରୀର ଅସୁସ୍ଥ, ଶୁଭଖବର, ସମ୍ମାନ ବୃଦ୍ଧି, ପାରିବାରିକ ଜଞ୍ଜାଳ,ଦୂରଯାତ୍ରା, ଗାଳିଚାଳନାରେ ସାବଧାନ, ଶତ୍ରୁ ପରାଜିତ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଆଶା ଫଳବତୀ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ**- ଯାତ୍ରା ଶୁଭପ୍ରଦ, ତୀର୍ଥାଟନ, ବ୍ୟବସାୟରେ ସାମାନ୍ୟ ଲାଭ, ଦୂରଯାତ୍ରା, ଶତ୍ରୁ ପରାଜିତ, ଭୂସମ୍ପତ୍ତି ଲାଭ, ମୋକଦ୍ଦମାରେ ବିଜୟ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୧୦, ଆରାଧନା- ମା ମଙ୍ଗଳା ।

**ସିଂହ**- ବନ୍ଧୁ ମିଳନ, ସୁମିଷ୍ଟ ପ୍ରାପ୍ତି, ସମସ ସମାଧାନ, ନୂତନ ଦ୍ରବ୍ୟ ପ୍ରାପ୍ତି, ଶତ୍ରୁ ପରାଜିତ, ବ୍ୟବସାୟିକ ଖୁସି, ଶରୀର ସୁସ୍ଥ, ବିଦ୍ୟାରେ ଉନ୍ନତି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା**- ଈଶ୍ୱରଭକ୍ତି, ମାନସିକ ଆଘାତ, ବ୍ୟବସାୟରେ ଶତ୍ରୁତା, ଅର୍ଥଖର୍ଚ୍ଚ, ଦୂରଯାତ୍ରା, ଶତ୍ରୁକଷ୍ଟ, ବିଦ୍ୟାରେ ସଫଳତା, କିଛି କାର୍ଯ୍ୟରେ ବିରୋଧ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୭, ଆରାଧନା- ମା ଭଗବତୀ ।

**ତୁଳା**- ମାନସିକ ଅଶାନ୍ତି, ବନ୍ଧୁ ବିରୋଧ, ଉଚ୍ଚଆଶାରେ ବିଫଳ, ଅର୍ଥ ସମସ୍ୟା, ଋଣଯୋଗ, ଯାନ୍ତ୍ରିକ ତ୍ରୁଟି, ବ୍ୟବସାୟରେ ସ୍ୱଳ୍ପ ଲାଭ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ବିଛା**- ବ୍ୟବସାୟରେ ଉନ୍ନତି, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ଲାଭ ଅଧିକାଂଶ ଖବରରେ ଖୁସି, ସୁସମ୍ପର୍କ, ପିଲାଙ୍କ ଚିନ୍ତା, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୨, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ**- ପରିବାର ସହଯୋଗ, ବ୍ୟବସାୟରେ କଷ୍ଟ, ଶତ୍ରୁ ବୃଦ୍ଧି, ହଠାତ୍ ଦୂରଯାତ୍ରା, ଶରୀର ସୁସ୍ଥ, ବିଦ୍ୟାରେ ସଫଳତା, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୯, ଆରାଧନା-ପିତାମାତାଙ୍କ ସେବା ।

**ମକର**- ଶରୀର ଅସୁସ୍ଥ, ନୂତନ କର୍ମପ୍ରତି ଆଗ୍ରହ, ଶୁଭକାର୍ଯ୍ୟରେ ଶତ୍ରୁତା, କଚେରି ମାମଲାର ସମାଧାନ, କର୍ମକ୍ଷେତ୍ରରେ ପ୍ରଶଂସା, ନୂତନ ଜମି ଲାଭ, ବିଦ୍ୟାରେ ସଫଳତା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧, ଆରାଧନା- ଲକ୍ଷ୍ମୀ ନାରାୟଣ ।

**କୁମ୍ଭ**- ବ୍ୟୟ ବୃଦ୍ଧି, ବ୍ୟବସାୟରେ ଶତ୍ରୁତା, ଉଚ୍ଚଆଶାରେ ବିଳମ୍ବ, ଗାଡ଼ିଚାଳନାରେ ସାବଧାନ, ଶରୀର ସୁସ୍ଥ, ଶତ୍ରୁକଷ୍ଟ, ଦୂରାଯାତ୍ରା, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗେଣି, ସଂଖ୍ୟା-୧୧, ଆରାଧନା-ମା ବଗଳାମୁଖୀ ।

**ମୀନ**- ନୂତନ ଦ୍ରବ୍ୟଲାଭ, ଶରୀର ସୁସ୍ଥ, ଗୁରୁଜନଙ୍କ କୃପା, ବନ୍ଧୁ ସହଯୋଗ, ଶତ୍ରୁ ପରାଜିତ, ନୂତନ ବ୍ୟବସାୟ, ଦୂରଯାତ୍ରା, ଝଗଡ଼ା ସମାଧାନ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩ ଆରାଧନା-କୁବେର ଭଗବାନ ।

ଫାଲଗୁନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ
୨.୩.୨୦୨୬, ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ‘ହାରୋ’ ର ୪୦ ବର୍ଷ ପୂର୍ତ୍ତି ପ୍ରତିଷ୍ଠା ଉତ୍ସବ

ପୁରୀ, (ସବ୍ୟୁ): ରବିବାର ଦିନ ସ୍ଥାନୀୟ ଚକ୍ର ତୀର୍ଥ ରୋଡ ସ୍ଥିତ ହୋଟେଲ ହଲିଡେ ରିସର୍ଟ ଠାରେ ହୋଟେଲ୍ ଆଣ୍ଡ ରେଶ୍ଟୁରାଣ୍ଟ ଆସୋସିଏସନ୍ ପକ୍ଷରୁ ୪୦ ବର୍ଷ ପୂର୍ତ୍ତି ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ପର୍ଯ୍ୟଟନ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟ କ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୁରୀ ଲୋକ ସଭା ସାଂସଦ ଡକ୍ଟର ସମ୍ବିତ ପାତ୍ର ଓ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ପ୍ରଭାତୀ ପରିଡ଼ା ତାଙ୍କ ଭାଷଣରେ କହିଥିଲେ ।

ଓଡ଼ିଶା ପାଇଁ ନୂଆ ସ୍ୱପ୍ନ। ପୁରୀ କିମ୍ବା ଗୋପାଳପୁରରେ ଡିଜନି ୱାର୍ଲ୍ଡ ପାଇଁ ପ୍ରସ୍ତାବ ଦେଉଛି ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନ୍। ଓଡ଼ିଶା ଦେଖିଥିବା ଏହି ନୂଆ ସ୍ୱପ୍ନ ସମୟ ଆସିଲେ ନିଶ୍ଚୟ ପୂରଣ ହେବ।

ପୁରୀରେ ପନ୍ଦର ଶହ ଏକର ଜମିରେ ଶାମୁକା ପ୍ରକଳ୍ପ ହେବ। ସେଠାରେ କ୍ରୁଜ ଟୁରିଜିମ୍ ହେବ। ଶାମୁକା ପ୍ରକଳ୍ପ ହେଲେ ଏକ ନୂଆ ସହର ସୃଷ୍ଟି ହେବ। ଏହାଦ୍ୱାରା କେବଳ ପୁରୀ ନୁହେଁ ସମଗ୍ର ଓଡ଼ିଶାରେ ପର୍ଯ୍ୟଟନର ଦୃତ ଅଭିବୃଦ୍ଧି ହେବ। ହୋଟେଲ




ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନ୍ ଯାହା ସବୁ ଦାବୀ କରି ଆସୁଥିଲା ତାହା ଠାରୁ ଅଧିକ ଯଥେଷ୍ଟ ରାଜ୍ୟ ସରକାର ନୂତନ ପର୍ଯ୍ୟଟନ ପଲିସିରେ ବ୍ୟବସ୍ଥା କରିଛନ୍ତି । ପର୍ଯ୍ୟଟନ ପାଇଁ ବଜେଟରେ ଏକ ହଜାର କୋଟିର ବ୍ୟବସ୍ଥା ହୋଇଛି।

ଓଡିଶାରେ ପର୍ଯ୍ୟଟନର ବିକାଶ ଓ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ନୀତି ହୋଟେଲିୟର ମାନଙ୍କ ପାଇଁ ସହାୟକ ହୋଇଥିବା ଆଜି ଅନୁଷ୍ଠିତ ବୈଠକରେ ମତ ପ୍ରକାଶ ପାଇଥିଲା।

ହାରୋ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଥିବା ସମସ୍ତ ଦାବିକୁ ସରକାର ହୃଦୟଙ୍ଗମ କରିବା ସହ ପର୍ଯ୍ୟଟକଙ୍କ ସୁବିଧା ପାଇଁ କାର୍ଯ୍ୟ କରିଥିବା କହିଥିଲେ। ଖୁବଶୀଘ୍ର ପନ୍ଦର ଶହ ଏକର ପ୍ରସ୍ତାବିତ ଜାଗାରେ ଶାମୁକା ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯାଇ କ୍ରୁଜ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେଉଥିବା ବେଳେ ଏହା ସମସ୍ତଙ୍କୁ ଆକର୍ଷିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହି ଥିଲେ।

କାର୍ଯ୍ୟକ୍ରମକୁ ହୋଟେଲ ସ୍ୱସ୍ତି ପ୍ରିମିୟମ ରିସର୍ଟର ଚେଆରମ୍ୟାନ ତଥା ହରୋର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମହାନ୍ତି ସ୍ୱାଗତ ଭାଷଣରେ କହିଥିଲେ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ଓ ହୋଟେଲ ଶିଳ୍ପର ଆର୍ଥିକ ଅଭିବୃଦ୍ଧି ପାଇଁ ୧୯୮୬ ମସିହାରେ ହାତ ଗଣତି ପରି ମାତ୍ର ଆଠ ନଅ ଜଣ ହୋଟେଲ ମାଲିକ ସଦସ୍ୟଙ୍କୁ ନେଇ ହାରୋ ଗଠିତ ହୋଇ ଥିଲା। ଇତିମଧ୍ୟରେ ଚାଳିଶ ବର୍ଷ ବିତି ଯାଇଛି। ସଦସ୍ୟ ସଂଖ୍ୟା ବର୍ତ୍ତମାନ ଆସି ୩୮୮ ରେ ପହଞ୍ଚିଛି। ଓଡ଼ିଶା ଏକ ପର୍ଯ୍ୟଟନ କ୍ଷେତ୍ର। ପୁରୀ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର। ଏଠାରେ ସ୍ୱର୍ଣ୍ଣାଭ ବେଳାଭୂମି ରହିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଦେଶ ବିଦେଶରୁ ଏଠାକୁ ଦୈନନ୍ଦିନ ହଜାର ହଜାର ପର୍ଯ୍ୟଟକ ମାନେ ଆସି ଥାଆନ୍ତି। ଆମେରିକା ପରି ଓଡ଼ିଶାରେ ଡିଜନି ୱାର୍ଲ୍ଡ ପାର୍କ ପ୍ରତିଷ୍ଠା କରାଯାଉ। ଏହା ହେଲେ ଏଠାକୁ ବିଦେଶରୁ ପର୍ଯ୍ୟଟକ ମାନେ ଆସିବେ। ଯାହା ଫଳରେ ଭାରତ ସମେତ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧି ଘଟିବ।

ଆଗାମୀ ଦିନରେ ରାଜ୍ୟରେ ପର୍ଯ୍ୟଟକ ମାନଙ୍କ ଅଭିବୃଦ୍ଧି ପାଇଁ ଡିଜନି ୱାଓର୍ଲ୍ଡ ଭଳି ପ୍ରକଳ୍ପ ପ୍ରତିଷ୍ଠା ନେଇ ସରକାର ପଦକ୍ଷେପ ନେବା ପାଇଁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଥିଲା। ସେହିପରି ପୁରୀରେ ଭଲ ଆଧୁନିକ ସିନେମା ହଲ୍ ପ୍ରତିଷ୍ଠା ସହ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବିକାଶ କରାଯିବ ଆଜିର ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ହାରୋର ପ୍ରତିଷ୍ଠାତା ସଦସ୍ୟ ଓ ସେମାନଙ୍କ ପରିବାର ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟ ତମ ବକ୍ତା ଭାବେ ହାରୋ ଭାଇସ ଚେଆର ମ୍ୟାନ ରାଜ କିଶୋର ପାତ୍ର ପୁରୀରେ କିପରି ପର୍ଯ୍ୟଟନ ତଥା ହୋଟେଲ ଶିଳ୍ପର ବିକାଶ ହେବ ସେନେଇ ମତ ପ୍ରକାଶ କରି ଥିଲେ।

# ବିଦ୍ୟୁତ ଆଘାତରେ କର୍ମଚାରୀ ଗୁରୁତର

ଅସ୍ତରଙ୍ଗ,(ସବ୍ୟୁ): ରବିବାର ମଧ୍ୟାହ୍ନରେ ଅସ୍ତରଙ୍ଗ ଅଞ୍ଚଳରେ ଜଣେ ବିଦ୍ୟୁତ ବିଭାଗ କର୍ମଚାରୀ ଖୁଣ୍ଟରେ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ଆଘାତ ରେ ଉକ୍ତ କର୍ମଚାରୀ ଗୁରୁତ୍ୱର ହୋଇଛନ୍ତି । ଅସ୍ତରଙ୍ଗ ବ୍ଲକ ନୂଆଗଡ ଅଞ୍ଚଳର ବଟକୃଷ୍ଣ ବେହେରା ଅସ୍ତରଙ୍ଗ ବିଦ୍ୟୁତ ଡିଭିଜନ ଅଧୀନରେ କାମ କରନ୍ତି । ନୂଆଗଡ ଅଞ୍ଚଳ ରେ କାର୍ଯ୍ୟ କରୁଥିବା ବେଳେ ଏହି ଅଘଟଣ ଘଟିଛି, ଉକ୍ତ ବ୍ୟକ୍ତି ଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ହେଲେ ସେଠି ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ସ୍ଥାନାନ୍ତର କରାଯାଇଛି । ଏହିଭଳି ଘଟଣା ଜଣେ ବିଦ୍ୟୁତ କର୍ମଚାରୀ ଙ୍କ ସହ କିପରି ଘଟିଲା ତାହା ଏବେ ଅସ୍ପଷ୍ଟ ରହିଛି ।


BAJAJ FINANCE

## ଖବରକାଗଜରେ ପ୍ରକାଶିତ ସ୍ୱର୍ଣ୍ଣ ଅଳଙ୍କାର ନିଲାମ ସମ୍ପର୍କିତ ସାର୍ବଜନୀନ ବିଜ୍ଞପ୍ତି

**ବଜାଜ ଫାଇନାନ୍ସ ଲିମିଟେଡ୍**

**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ୍, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ ସମସ୍ତ ସମ୍ପୃକ୍ତ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଏହା ସୂଚିତ କରାଯାଉଛି ଯେ, ଯେଉଁ ଋଣଗ୍ରହୀତାମାନେ ଗୋଲ୍ଡ ଲୋନ୍ ନେବା ସମୟରେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଜମା କରିଥିଲେ ଏବଂ ଯେମାନେ ଲୋନ୍ ରାଶି ପରିଶୋଧ କରିପାରିନାହାନ୍ତି କିମ୍ବା ଆବଶ୍ୟକ ମାର୍ଜିନ ରାଶି ଜମା କରିପାରିନାହାନ୍ତି, ବାରମ୍ବାର ସୂଚନା ପରେ ମଧ ଯଦି ବିଫଳ ହୁଅନ୍ତି, ତେବେ ସେହି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ "ଯେମିତି ଅଛି, ସେହି ଅବସ୍ଥାରେ" ନିଲାମ ପାଇଁ ଉପସ୍ଥାପନ କରାଯିବ । ନିଲାମରେ ଅଂଶଗ୍ରହଣକାରୀମାନେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁସରଣ କରିବାକୁ ଅନୁରୋଧ ଜଣାଯାଉଛି:

(କ) ଏହି ସାର୍ବଜନୀନ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ (ଲୋନ୍, ଅଳଙ୍କାର, ମୋଟ ଓଜନ, ନିଲାମର ସ୍ଥାନ ଏବଂ ତାରିଖ) ଦେଖିବା ପାଇଁ ପାର୍ଶ୍ୱରେ ଥିବା QR କୋଡ୍ ସ୍କାନ୍ କରନ୍ତୁ।

(ଖ) ଏହି ସାର୍ବଜନୀନ ନିଲାମ ସହ ସମ୍ବନ୍ଧିତ ବିଡରମାନଙ୍କ ସମ୍ପୂର୍ଣ୍ଣ ସର୍ତ୍ତ ଓ ନିୟମାବଳୀ ("T&CS") ପଢିବା ପାଇଁ ନିମ୍ନଲିଖିତ ୱେବଲିଙ୍କକୁ ଭିଜିଟ୍ କରନ୍ତୁ: http://172.30.1.235:3000/?W0UB2QG9WU

(ଗ) ସର୍ତ୍ତ ଓ ନିୟମାବଳୀ ବୁଝିବା ପରେ, ତାହା ଅନୁସାରେ ନିଲାମ ତାରିଖରେ କିମ୍ବା ତାହା ପୂର୍ବରୁ NEFT / RTGS / ବଜାଜ ଗୋଲ୍ଡ ଅକ୍ସନ୍ ଆପ୍ ମାଧ୍ୟମରେ ₹25,000 ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଜମା କରନ୍ତୁ।

(ଘ) ନିଲାମ ସ୍ଥଳରେ ସକାଳ 10ଟାରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହନ୍ତୁ; ଏବଂ

(ଙ) ନିଲାମ ସ୍ଥଳକୁ ବୈଧ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଆସିବା ଆବଶ୍ୟକ।

(ଚ) ନିଲାମ ତାରିଖରେ ମଧ୍ୟାହ୍ନ 12ଟା ପରେ କୌଣସି ବିଡରଙ୍କୁ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ।

(ଛ) ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଦେଇଥିଲେ ମଧ, ନିର୍ଦ୍ଦିଷ୍ଟ ସମୟ ସୀମାରେ ଅଂଶଗ୍ରହଣ ନକରିଥିବା ବିଡରମାନଙ୍କୁ ସ୍ୱୀକାର କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ଶାଖା ପରିଚାଳକ / ନିଲାମକାରୀଙ୍କ ପାଖରେ ରହିବ।

TQRCG
**ସ୍କାନ୍ କରନ୍ତୁ**

ନିଲାମର ସ୍ଥାନ ଏବଂ ତାରିଖରେ କୌଣସି ପରିବର୍ତ୍ତନ ହେଲେ, ସେହି ସୂଚନା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବାର ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। ଯେକୌଣସି ପ୍ରକାରର ଜିଜ୍ଞାସା କିମ୍ବା ସ୍ପଷ୍ଟୀକରଣ ପାଇଁ, ନିମ୍ନଲିଖିତ ଇମେଲ୍ ଠିକଣା ମାଧ୍ୟମରେ ଆମ ସହ ସମ୍ପର୍କ କରିପାରିବେ - gold.auction@bajajfinserv.in

(10-04-26) **ଅନୁଗୋଳ - ଗାନ୍ଧୀ ରୋଡ୍;** PJD6SGL16326610, 16592790, 16687763, 16723128. **ଆଠଗାଡ଼ - ବୀରକିଶୋରପୁର;** PCQ8SGL16169549, 16233454, 16426596, 16468789, 16552530, 16627755, 16659672, 16680089. **ବଲାଙ୍ଗୀର - ଗୋପାଳଜୀ ରୋଡ୍;** PJD7SGL15208065, 16339156, 16522977, 16654750. **ବାଲେଶ୍ୱର - ପୋଲିସ୍ ଲାଇନ୍ ସ୍କୋୟାର୍;** PEI4SGL16263200, 16296978, 16375261, 16619965. **ବାଲୁଗାଁ - ମେନ୍ ରୋଡ୍;** PCQ9SGL16685620, 16740180. **ବରଗଡ଼ - ଖାରଜତୀ କାଲା;** PGC3SGL16233284, 16357740, 16550988, 16654601, 16697545. **ବାରିପଦା - KC ସର୍କଲ୍;** PMZ3SGL16716686. **ବାସୁଦେବପୁର - AB କଲେଜ୍ ଛକ;** PJE1SGL15238035, 15509403, 16542916, 16544636, 16737570. (13-04-26) **ବ୍ରହ୍ମପୁର - ଗୋସାନୀ ନୁଆଗାଁ;** PMR7SGL15213101, 16279292, 16645819, 16654233, 16744855. **ଭଦ୍ରକ - ଧାମନଗର;** PML4SGL16726884. **ଭଦ୍ରକ - ସାଲାଣ୍ଡି ବାଇପାସ୍;** PCR1SGL15220968, 15499254, 16346256, 16412459, 16551934, 16619553, 16744547. **ଭବାନୀପାଟଣା - BGL;** PU41SGL15481881. **ଭୋଗରାଇ - ଥାନା ଛକ;** PLP3SGL15117185, 16194596, 16253807, 16275753, 16422336, 16505691, 16525045, 16593293, 16696328. **ଭୁବନ - ନୁଆବଜାର;** P0F9SGL16185404, 16241380, 16472083, 16598145, 16593078, 16682313, 16719081. **ଭୁବନେଶ୍ୱର - ଖଣ୍ଡଗିରି;** PER5SGL14975572, 14976001, 15132708, 15178144, 15202303, 15553524, 15550470, 16190766. (14-04-26) **ଭୁବନେଶ୍ୱର - BGL;** P423SGL13358031, 13887256, 13909988, 14049950, 14196230, 14971209, 15174427. **ଭୁବନେଶ୍ୱର - ସମନ୍ତରପୁର;** P0G1SGL16664399. **ବୁଗୁଡ଼ା - ମେନ୍ ରୋଡ୍;** PLH7SGL15086330, 15158888, 15352475, 15479869, 15479369, 15480580, 15556001, 16184697, 16266787, 16266099, 16392845, 16410209, 16427755, 16442662, 16548675, 16615013, 16643218, 16707374, 16741589. **ଚୌଦ୍ୱାର - କଳିଙ୍ଗ ଛକ;** PLE8SGL14266889, 15487137, 16241514, 16395370, 16465277, 16465945, 16555358. **ଛତ୍ରପୁର - ମେନ୍ ରୋଡ୍;** PMV8SGL15440087, 16212020, 16256777, 16339688, 16442405, 16602205, 16646036, 16666678. **କଟକ - ଲିଙ୍କ ରୋଡ୍;** PGG9SGL15119051, 15280242, 16529571. **ଧର୍ମଗଡ଼ - ମେନ୍ ରୋଡ୍;** PMU7SGL16529394. (15-04-26): **ଢେଙ୍କାନାଳ - ମହାବୀର ମନ୍ଦିର;** PMS4SGL16326488. **ଦିଗପହଣ୍ଡି - ମେନ୍ ରୋଡ୍;** P0G4SGL16747142. **ଗଞ୍ଜାମ - କଳିଙ୍ଗ ରୋଡ୍;** PMS5SGL16415302, 16742952. **ଘାସିପୁରା - ଲକ୍ଷ୍ମୀ ବଜାର;** P0H5SGL16453279, 16449034, 16528471. **ଗୁଣୁପୁର - ବାଇପାସ୍ ରୋଡ୍;** PL09SGL15281641. **ଜଗତସିଂହପୁର - ଦୁର୍ଗାବାଜାର;** PU42SGL13944991, 15277615, 15411603, 16174473, 16472310, 16521649. **ଜଗତସିଂହପୁର - ରହମା;** PML9SGL15405470, 16373904. **ଯାଜପୁର - ମଙ୍ଗଳପୁର;** PLF4SGL15242494, 15475950, 16195161, 16390805, 16617760. (16-04-26) **ଯାଜପୁର - ସିଂହପୁର;** PLS4SGL13943769, 15489966, 16243786, 16497006, 16624199. **ଯାଜପୁର - ଟାଉନ୍ ଶୀତଳେଶ୍ୱର;** PJU7SGL14205918, 14978258, 15201703, 16184434, 16280731, 16652608. **ଯାଜପୁର ରୋଡ - ବ୍ୟାଙ୍କ ଷ୍ଟ୍ରିଟ୍;** PKI2SGL16167048. **ଜଟଣୀ - ମେନ୍ ରୋଡ୍;** PCR2SGL15201486, 15264624, 15439979, 15438940, 15547887, 16172023, 16426935, 16449806, 16447301, 16508661, 16522962, 16599011, 16625920. **ଜୟପୁର - ଏମ୍.ଜି. ରୋଡ୍;** PGH2SGL15018959, 15217788, 15216612, 15253747, 15274463, 15334530, 15359269, 15353949, 15463312, 15531425, 15553910, 16168642, 16209268, 16321820, 16370609, 16390389, 16454670, 16474348, 16463962, 16543490, 16557166, 16602071, 16597083, 16601690, 16647678, 16706865. **ଝାରସୁଗୁଡ଼ା - ବେହେରାମାଲ;** PG62SGL14971480, 15041606, 15127488, 15490101, 16212473, 16210139, 16234817, 16342691, 16466878, 16657664, 16654625, 16665499, 16716834, 16722571. **କାକଟପୁର - ଚନ୍ଦନ ବଜାର;** PLE6SGL15207348. **କଣିହାଁ - NTPC ବାଇପାସ୍ ରୋଡ୍;** PV26SGL14207847, 15322053, 16677677. (17-04-26) **କେନ୍ଦ୍ରାପଡ଼ା - କଲେଜ୍ ସ୍କୋୟାର୍;** PGT6SGL16163766, 16304213, 16324491, 16323831, 16392140, 16449406, 16446143, 16467057, 16683419, 16718128, 16739792. **କେନ୍ଦୁଝର - ମାଇନିଂ ରୋଡ୍;** PCQ7SGL16690503. **ଖୋର୍ଦ୍ଧା - ମେନ୍ ଟାଉନ୍;** PDA3SGL14335950, 16327800, 16464201. **କୋରାପୁଟ;** PU40G0L1795171, L1907865, L1978763, L2100620, L2105465, L2124323, L2146945, L2178010, L2181380, L2223347, L2249781, L2395787, L2426118, L2452533, L2772140, L2877091. **କୁଚିଣ୍ଡା - BGL;** P93KSGL14937709, 14973817, 14973370, 14994618, 15126386, 15129595, 15335023, 15450539, 15482395, 15559946, 16181395, 16203481, 16231263, 16243624, 16324219, 16410728, 16410810, 16427837, 16442120, 16472708, 16498085, 16543824, 16616812, 16651803, 16678742, 16736637. **ମଦନପୁର ରାମପୁର - ମେନ୍ ରୋଡ୍;** PLF2SGL16621469, 16651553. **ନବରଙ୍ଗପୁର - ପଟେଲ ମାର୍ଗ;** PCR3SGL15018071, 16185294, 16236611, 16259843, 16295517, 16339384, 16549004, 16546358, 16566437, 16598166, 16598479, 16651650, 16646195, 16648044, 16669687, 16699851, 16696890, 16697005. **ନିଆଳି - ମେନ୍ ରୋଡ୍;** PJD4SGL14253637, 14966450, 15306083, 15346963, 15560011, 16378690, 16372148, 16727572, 16743509. (18-04-26) **ନୀଳଗିରି - ମେନ୍ ରୋଡ୍;** PL08SGL14156261, 15246169, 16230091. **ନିମାପଡ଼ା - ଗଣେଶ ବଜାର;** PJE2SGL15220936, 15272393, 16278395, 16400597, 16433266, 16444382, 16530916, 16547151, 16549736, 16596573, 16657290, 16718488. **ନୂଆପଡ଼ା - ମେନ୍ ରୋଡ୍;** P86HSGL15088278, 15098081, 15129632, 15216462, 16186412, 16185549, 16306224, 16508753, 16591748, 16731001. **ଫୁଲବାଣୀ - BGL;** P93ASGL13910664, 14329799, 14934657, 15098116, 15279351, 15436843, 15524228, 16426997, 16720639. **ପିପିଲି - ହାଟ ଛକ;** PGE1SGL10742864, 15241257, 15349181, 16280501. **ପୁରୀ - କୋଣାର୍କ ରୋଡ୍;** P0G3SGL16399446, 16511015. **ପୁରୀ - ଭି.ଆଇ.ପି ରୋଡ୍;** PEK3SGL16185345. **ରାଜଗାଙ୍ଗପୁର - ମେନ୍ ରୋଡ୍;** PNV9SGL16212461, 16431436, 16434101, 16650494, 16646621, 16691171, 16723538, 16721824. (20-04-26) **ରାଜନଗର - ମେନ୍ ରୋଡ୍;** PLJ3SGL13958989, 14264798, 14935151, 15204234, 15244857, 15274951, 15298038, 15350245, 15417524, 15474263, 15500158, 16185112, 16235566, 16245656, 16267386, 16277956, 16298897, 16373632, 16399583, 16464166, 16494853, 16518896, 16546734, 16605885, 16698855. **ରାୟଗଡ଼ - ପି.ଏସ୍.ଆର୍ ରୋଡ୍;** PCR4SGL14230496, 14934157, 15020586, 15084712, 15307140, 15359831, 15381609, 15481784, 15551607, 15560999. **ରାଉରକେଲା - କୋଏଲ ନଗର;** PER3SGL16195416, 16196316, 16196897, 16196588, 16212018, 16530039, 16642411. **ସାଲେପୁର - ମେନ୍ ରୋଡ୍;** PGN9SGL16410035, 16433311, 16542769, 16543749. **ସୁନ୍ଦରଗଡ଼ - ହସ୍ପିଟାଲ୍ ରୋଡ୍;** PJU9SGL16497281, 16696173. **ତାଳଚେର - ହତାତୋଡା ଛକ;** PJU8SGL15552869, 16215245, 16389707, 16469623, 16621853. **ଟାଙ୍ଗୀ - ମେନ୍ ରୋଡ୍;** PG01SGL14971134, 15555034, 16253809, 16276564, 16304205, 16318767, 16342962, 16376884, 16371662, 16522410, 16546770, 16624918, 16655048, 16726753, 16746138. **ଉମରକୋଟ - ଗୁଲିପାଟଣା;** PJE3SGL15266255, 16324350, 16599757, 16665335, 16722312.

**ବଜାଜ ଫାଇନାନ୍ସ ଲିମିଟେଡ୍**


# ଅସଦାଚରଣକୁ ପ୍ରତିବାଦ କରିବାରୁ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଅସଦାଚରଣକୁ ପ୍ରତିବାଦ କରିବାରୁ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ସୁନୀଲ କୁମାର ଖଟେଇ ଓ ବଣିଆ କାର୍ତ୍ତିକଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି ।

ଅଭିଯୋଗକାରିଣୀ ଗତ ୨୬ ତାରିଖ ରାତି ପ୍ରାୟ ଗୋଟାଏ ୧୦ ବେଳେ ତାଙ୍କ ଘର ସାମ୍ନାରେ ଠିଆହୋଇ ଭାଇ ଓ ତାଙ୍କର ଜଣେ ବନ୍ଧୁଙ୍କ ସହିତ କଥା ହେଉଥିଲେ । ହଟାତ୍ ୭/୮ଜଣ ଯୁବକ ସେଠାରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଖସିଯାଇଥିଲେ । ୫ ମିନିଟ୍ ପରେ ପୁଣି ସେମାନେ ଆସି ଅଭିଯୋଗକାରିଣୀଙ୍କୁ ଅସଦାଚରଣ କରିବା ଆରମ୍ଭ କରିଥିଲେ । ଅଭିଯୋଗକାରିଣୀଙ୍କ ଭାଇ ଓ ତାଙ୍କ ବନ୍ଧୁ ପ୍ରତିବାଦ କରିବାରୁ ତାଙ୍କୁ ଭୟଙ୍କର ଆକ୍ରମଣ କରିଥିଲେ ସେମାନେ ।

ଆମ ସହ ଲାଗୁଛ ପରିଣାମ ଭୋଗିବାକୁ ପଡିବ ବୋଲି ଧମକ ଦେଇଥିଲେ । ଏପରିକି ଜୀବନରୁ ମାରିଦେବା ପାଇଁ ଅଭିଯୋଗକାରିଣୀଙ୍କ ଭାଇକୁ କହି ସେଠାରୁ ଖସିଯାଇଥିଲେ । ଅଭିଯୋଗକାରିଣୀଙ୍କୁ ପୂର୍ବରୁ ମଧ୍ୟ ଅଭିଯୁକ୍ତମାନେ ବାରମ୍ବାର ବାଟରେ ହଇରାଣ କରିବା ସହ ବିଭିନ୍ନ ପ୍ରକାର ଧମକ ଦେଉଥିଲେ । ପୋଲିସ ଅଭିଯୋଗ ପାଇବା ପରେ ସିସି କ୍ୟାମେରା ଫୁଟେଜ ଓ ଭାଇରାଲ ଭିଡିଓକୁ ଯାଞ୍ଚ କରି ଦୁଇଜଣ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ତାଙ୍କୁ ଗିରଫ କରିବାରେ ସମର୍ଥ ହେଲା । ସେମାନଙ୍କ ଠାରୁ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ପାଇଥିବା ବେଳେ ତଦନ୍ତ ଜାରି ରହିଛି । ସହିଦନଗର ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ୨୧ କେଜି ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭରତପୁର ଥାନା ପୋଲିସ ୨୧ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ବ୍ୟବସାୟୀଙ୍କୁ ଗିରଫ କରିଛି । ସେ ଦୁଇଜଣ ହେଲେ ସନ୍ତୋଷ କୁମାର ଜେନା (୨୦), ରାଜା ବେହେରା (୨୩) । ଦୁହିଁଙ୍କ ଘର ଗଞ୍ଜାମ ଜିଲ୍ଲାରେ ବୋଲି ପୋଲିସ ସୂଚନା ଦେଇଛି ।

ଗିରଫ ଦୁଇ ଅଭିଯୁକ୍ତ ରାତି ପ୍ରାୟ ୧୧ଟା ବେଳେ ଭରତପୁର ଜିଏ କଲୋନୀ ମାଳିମା ମନ୍ଦିର ପଛପଟେ ଗଞ୍ଜେଇ ରଖି ବ୍ୟବସାୟ କରୁଥିବା ପୋଲିସ ଖବର ପାଇଥିଲା । ଖବର ଅନୁଯାୟୀ ଏକ ଟିମ୍ ସେଠାରେ ଚଢାଉ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗଞ୍ଜେଇ ଜବତ କରିଥିଲା ।

ଦୁଇ ଅଭିଯୁକ୍ତ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଛୋଟିଆ ବ୍ୟବସାୟୀମାନଙ୍କୁ ଯୋଗାଇଥାନ୍ତି ବୋଲି ପୋଲିସ ଜାଣିବାକୁ ପାଇଥିଲା । ମାଳିମା ମନ୍ଦିର ପଛପାଖେ ସେ ରାତିରେ ବ୍ୟବସାୟୀକୁ ଅପେକ୍ଷା କରିଥିବା ବେଳେ ପୋଲିସ ହାତରେ ଧରାପଡିଲେ । ରବିବାର ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଧର୍ମଶାଳାର ବେଆଇନ ଖଣିରୁ ପଥର ଚୋରି ବେଳେ

# ଅତଡା ଖସିବାରୁ ଶ୍ରମିକଙ୍କ ମୃତ୍ୟୁ : ଜେନାପୁର ଥାନା ଅଧିକାରୀ ଅଡୁଆରେ

ଚଡେଇଧରା/ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ତଥା ଜେନାପୁର ଥାନା ଅଧିନ ବାରମାଣ,ଡଙ୍କାରୀ ମୌଜା ସନ୍ନିକଟ ମଳଗୋଡା ଅଞ୍ଚଳର ଏକ ବେଆଇନ କଳାପଥର ଖଣିରୁ ମେସିନ ଯୋଗେ ପଥର ଚୋରି ବେଳେ ଶନିବାର ଦିନ ଖଣିରେ ଅତଡା ଧସିବାରୁ ଘଟଣା ସ୍ଥଳରେ ଜଣେ ଶ୍ରମିକର ଶୋଚନୀୟ ମୃତ୍ୟୁ ଘଟିଛି। ତେବେ ଏହି ଦୁଖଦ ଘଟଣାକୁ ୩୬ ଘଣ୍ଟା ପୁରିଯିବା ପରେ ମଧ ଜେନାପୁର ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପହୋଇ ବସିରହିଛି। ଯାହାକୁ ନେଇ ସାଧାରଣରେ ତିବ୍ର ଉତ୍ତେଜନା ପ୍ରକାଶ ପାଇଛି। ତେବେ ଏହି ଘଟଣାକୁ ଚପାଇ ଦେବାକୁ ସଂପୃକ୍ତ ବେଆଇନ ଖଣିର ମାଲିକ,ପଥର ଚୋର ଓ ପୋଲିସ ଏକ ସୁଢ଼ଇନ୍ତିତ ସଡଯନ୍ତ୍ର କରି ଜେନାପୁର ଥାନା ମାଳଗୋଡା ଅଞ୍ଚଳର ବେଆଇନ ଖଣିରେ ଘଟିଥିବା ଏହି ଘଟଣାକୁ ଯାଜପୁର ଜିଲ୍ଲା ସୀମାନ୍ତ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ଅଞ୍ଚଳରେ ଘଟିଥିବା କହି ଦୁଇଦିନ ହେଲା ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ ହୋଇଛି। ତେବେ ଘଟଣା ପ୍ରଘଟ ହେବାପରେ ସଂପୃକ୍ତ ବେଆଇନ ପଥର ଖଣିର ମାଲିକ ଓ ଖଣିରେ ପଥର ଚୋରିରେ ନିୟୋଜିତ ମେସିନ ସମ୍ପର୍କରେ ତଥ୍ୟ ପାଇ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଜେନାପୁ ଥାନା ଅଧିକାରୀଙ୍କୁ ଘଟଣାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଅତଡା ତଳେ ଚାପିହୋଇ ମୃତ୍ୟୁ ବରଣ କରିଥିବା ଶ୍ରମିକଙ୍କ ନାମ ଅନାମ ପ୍ରଧାନ ଓ ତାଙ୍କ ଘର ସ୍ଥାନୀୟ ନିତ୍ୟାନନ୍ଦପୁର ଗ୍ରାମରେ ବୋଲି ଜଣାପଡିଛି । ତାଙ୍କ ବୟସ ୪୦ରୁ୪୫ ବର୍ଷ ମଧ୍ୟରେ ହେବ ବୋଲି କୁହାଯାଇଛି। ଜେନାପୁର ଥାନା ବାରମାଣ ଗ୍ରାମର କୈଳାସ ବାରିକଙ୍କ ମେସିନ ଓ ପଥର ଖଣିରେ ସଂପୃକ୍ତ ମୃତ ଯୁବକ ଜଣକ ଶ୍ରମିକ ଭାବେ କାମ କରୁଥିଲା ବେଳେ ପଥର ଖଣି ଉପରୁ ଅତଡା ଧସିବାରୁ ସେଥିରେ ଚାପିହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ବେଆଇନ ଖଣି ମାଲିକ ତାଙ୍କ ମୃତ ଦେହକୁ ଘଟଣା ସ୍ଥଳରୁ ଖଣ୍ଡେ ଦୂରକୁ ନେଇ ପକାଇ ଦେଇ ସେ ସେଠାରେ ଉକ୍ତ ଶ୍ରମିକ ମୃତ୍ୟୁ ବରଣ କରିଥିବା ଚିତ୍ରଣ କରିଥିଲେ । ହେଲେ ତାଙ୍କ ଚଞ୍ଚକତାରେ ନିହଲପ୍ରସାଦ ଥାନା ପୋଲିସ ସହଯୋଗ ନଦେବାରୁ ଶେଷରେ ଘଟଣା ଲୋକଲୋଚନକୁ ଆସିଥିବା ଅଭିଯୋଗ ହୋଇଛି। ଏହା ପ୍ରଘଟ ପରେ ଦୁଇଦିନ ହେବ ଏତେବଡ ଘଟଣାକୁ ଗୁରୁତ୍ୱ ଦେଉନଥିବା ଜେନାପୁଲ ଥାନା ପୋଲିସ ଶେଷରେ ଅଡୁଆରେ ପଡିଥିବା ଆଲୋଚନା ହେଉଛି ।ଏ ସମ୍ପର୍କରେ ଜେନାପୁର ଥାନା ଅଧିକାରୀ ନିରୁପମା ଜେନାଙ୍କୁ ପଚାରିବାରୁ ସେ ଏହି ଘଟଣାରେ କୌଣସି ଏତଲା ପାଇନଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା କହିଛନ୍ତି।

## କାବୁ ହେଲା ରାଜସ୍ଥାନୀ ନୀଳ ପଥର ମାଫିଆ

ଦାନଗଦି,(ସବ୍ୟୁ): କଳିଙ୍ଗନଗର ଦୀର୍ଘ ବର୍ଷ ଧରି ଟମକା ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଆତଙ୍କ ଖେଳାଇ ଥିବା ରାଜସ୍ଥାନୀ ନୀଳ ପଥର ମାଫିଆ କୁଲଦୀପ ସିଂ ଧରା ପଡିଛି। ଟମକା ଫରେଷ୍ଟ ରେଞ୍ଜ ଦାୟିରେ ଥିବା ଏସିଏଫ୍ କିଶୋର ପାଣିଗ୍ରାହୀ ଏବଂ ଟିମ୍ ଶନିବାର ରାତି ପ୍ରାୟ ୧୦ଟା ସମୟରେ ରାଇଘାଟି ଅଞ୍ଚଳରୁ ତାକୁ ମାଡି ବସିବାରେ ସକ୍ଷମ ହୋଇଛନ୍ତି। କୁଲଦୀପ ସିଂ ସହିତ ତାର ସହଯୋଗୀ ବରଗଡ ଜିଲ୍ଲାର ବୁଧୁରାଜୁ ବାବୁ ମଧ ଧରା ପଡିଛି। ସେମାନଙ୍କ ପାଖରୁ ଗୋଟିଏ ଟାଟା ଏସି ଗାଡି ଓଆର ୦୨ ଡି ୱାଇ ୪୧୮୮ ସହ ପ୍ରାୟ ୬ ଶହ କେଜି ନୀଳ ପଥର ଜବତ କରାଯାଇଛି। କୁଲଦୀପ ସିଂ ନୀଳ ପଥର ଚାଲାଣ ରାକେଟର ମୁଖ୍ୟ ସର୍ଦାର ହୋଇଥିବା ବେଳେ ଗତ କିଛି ବର୍ଷ ଧରି ଜଙ୍ଗଲ ବିଭାଗ ଆଖିରେ ଧୂଳି ଦେଇ ଚୋରା ସାମ୍ରାଜ୍ୟ ବିସ୍ତାର କରି ଆସିଥିଲା। ତାକୁ ଧରିବାକୁ ଚଢାଉ ହୋଇଥିଲେ ମଧ ସବୁଥର ଚକମା ଦେଇ ଖସି ଯାଉଥିଲା। କୁଲଦୀପ ସିଂ ରାଜସ୍ଥାନରୁ ଆସି ଭୁବନେଶ୍ୱର ରହି ନିଜ ନେଟୱାର୍କ ଚଳାଉ ଥିବା ଏସିଏଫ୍ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଉଭୟ ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରଖିଛନ୍ତି ।

# ଜଙ୍କିଆ ପୋଲିସକୁ ବଡ ସଫଳତା : ୭ ଡକାୟତ କୋର୍ଟ ଚାଲାଣ,ମାରଣାସ୍ତ୍ର ଜବତ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଅଞ୍ଚଳରେ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ପୁଲିସ । ରବିବାର ଭୋର



ସମୟରେ କବରସ୍ଥାନ ନିକଟରେ ସଂଘବଦ୍ଧ ହୋଇ ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ପୁଲିସ ଚଢ଼ାଉ କରି ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ତେବେ ଜଣେ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଖସିଯିବାରେ ସଫଳ ହୋଇଛି ।ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଜଙ୍କିଆ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଭୋର ପ୍ରାୟ ୪:୨୦ ମିନିଟରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ, କିଛି ଦୁର୍ବୃତ୍ତ ମାରଣାସ୍ତ୍ର ସହ ଛଣଗିରି କବରସ୍ଥାନ ନିକଟରେ ଏକାଠି ହୋଇଛନ୍ତି । ଖବର ପାଇ ପୁଲିସ ଟିମ ଦୁଇଜଣ ସାକ୍ଷୀଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳକୁ ଘେରି ଯାଇଥିଲେ । ପୁଲିସକୁ ଦେଖି ଦୁର୍ବୃତ୍ତମାନେ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ପୁଲିସ ୭ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ଗିରଫ ଯୁବକମାନେ ହେଲେ ଏସ.କେ. କରିମ ଓରଫ କାସିମ (୩୪)
ଏସ.କେ. ଅଜିମ ଓରଫ ପାପୁ (୩୧), ଏସ.କେ. ସମିମ ଓରଫ ସୋନୁ (୨୬), ରାଜୁ ଖାନ ଓରଫ ବାବୁଲୁ (୧୯), ଗୋବିନ୍ଦ ଜେନା ଓରଫ କାଲୁ (୩୭), ଫାରୁକ ଖାନ (୩୦) ଓ ରଞ୍ଜନ ସ୍ୱାଇଁ (୩୯) ।ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛି ।ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ଛୁରି,ଗୋଟିଏ ଲୁହା ରଡ, ଗୋଟିଏ ଲୁହା ଖଣ୍ଡା,କାଠ ବେଣ୍ଟ ଥିବା ଏକ କଟୁରୀ,୧୮ଟି ଖାଲି ବିୟର ବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ ସିଗାରେଟ ପ୍ୟାକେଟ ,ଏକ ହିରୋ ଏଚ ଏଫ ଡିଲକ୍ସ ମୋଟରସାଇକେଲ (ନମ୍ବର: ଓଡି ୦୫ ଏ ଏଚ ୩୩୨୭) ବିଭିନ୍ନ ମାରଣାସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ।ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ସେହି ଅଞ୍ଚଳରେ ରାସ୍ତା ଡକାୟତି ଓ ଘର ଚୋରି କରିବା ପାଇଁ ଯୋଜନା କରିଥିଲେ । ସେମାନଙ୍କ ବିରୋଧରେ ବିଏନଏସ ର ଧାରା ୩୧୦(୪)/୩୧୦(୫) ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜଙ୍କିଆ ପୋଲିସ ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶରେ ଏସ ଆଇ କେଶବ ଚନ୍ଦ୍ର ବେହେରାଙ୍କ ନେତୃ ଏସ ଆଇ ଦେବସ୍ମିତା ବେହେରା, ମାନସ କୁମାର ଶା, ନିହାର ରଞ୍ଜନ ନାୟକ, ରଞ୍ଜନ କୁମାର ପଟ୍ଟନାୟକ,ନିହାର ରଞ୍ଜନ ଶ୍ରୀଚନ୍ଦନ, ବାସୁଦେବ ମଲ୍ଲିକ ଓ ତ୍ରିଲୋଚନ ଦାସ ପ୍ରମୁଖ ଏହି ଧରପଗଡ ରେ ସାମିଲ ଥିଲେ ।

# ୭୩ ଲିଟର ବିଦେଶୀ ମଦ ଜବତ

ଭାପୁର ,(ସବ୍ୟୁ): ଫତେଗଡ଼ ଗ୍ରାମର କେଶବ ଚରଣ ସାହୁଙ୍କ ପୁଅ ପ୍ରଶାନ୍ତ କୁମାର ସାହୁ (ଛବି) ବିଦେଶୀ ମଦ ବିକ୍ରୟ କରୁଥିବା ନେଇ ଫତେଗଡ଼ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୁରୁବାର ରାତ୍ରୀ ରେ ତାଙ୍କ ଘର ଉପରେ ଚଢ଼ାଉ କରିଥିଲେ । ଥାନା ଏସ.ଆଇ. ମାଛିରାମ ହେମ୍ବ୍ରମ,ଏସ. ଆଇ.ଶ୍ରୀନିବାସ ପ୍ରଧାନ ସଦଳବଳେ ତାଙ୍କ ଦୋକାନ ଉପରେ ଚଢ଼ାଉ କରି ୭୨.୬୬୦ ଲିଟର ବିଦେଶୀ ମଦ ଜବତ କରି ଥାନାକୁ ଆଣିଥିଲେ ଏ ମାମଲା ନଂ ୬୦/୨୬ ରେ ଶୁକ୍ରବାର ଦିନ ପ୍ରଶାନ୍ତ କୁ କୋର୍ଟ ଫରଓ୍ୱାର୍ଡ କରାଯାଇଥିବା ଫତେଗଡ଼ ଥାନା ଅଧିକାରୀ ଅଜୟ କୁମାର ସାହୁଙ୍କ ଠାରୁ ପ୍ରକାଶ ।

## ପଶ୍ଚିମବଙ୍ଗରେ ପରିବର୍ତ୍ତନ ଯାତ୍ରାରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# 'ଡବଲ୍ ଇଞ୍ଜିନ' ସରକାରରେ ଭ୍ରଷ୍ଟାଚାର ମୁକ୍ତ ହେବ ପଶ୍ଚିମବଙ୍ଗ

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମବଙ୍ଗର ଝରଗ୍ରାମ ଠାରେ ଆୟୋଜିତ 'ପରିବର୍ତ୍ତନ ଯାତ୍ରା'ରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ଓ ସୁରକ୍ଷା ପାଇଁ ଭାରତୀୟ ଜନତା ପାର୍ଟି ସଂକଳ୍ପବଦ୍ଧ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ଟିଏମସି ସରକାରରେ ଦୁର୍ନୀତି, ଅନୁପ୍ରବେଶକାରୀ, ଶିକ୍ଷା, ନିଯୁକ୍ତି ଏବଂ ସୁରକ୍ଷା ପ୍ରସଙ୍ଗରେ ମମତା ବାନାର୍ଜୀ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି । ଯେଉଁ ମାଟିରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ମହାପୁରୁଷ ଜନ୍ମ ନେଇ ନାରୀ ଶିକ୍ଷାର ମିଶାଲ ପ୍ରଜ୍ୱଳିତ କରିଥିଲେ, ଆଜି ସେହି ବଙ୍ଗଳାରେ ଶିକ୍ଷା ବ୍ୟବସ୍ଥା ସବୁଠାରୁ ଅବହେଳିତ। ପ୍ରତି କେନ୍ଦ୍ର ସରକାର ବଙ୍ଗଳାର ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ପଠାଉଥିବା ଅର୍ଥକୁ ରାଜ୍ୟ ସରକାର ଦଳୀୟ କାର୍ଯ୍ୟ ଓ ଦୁର୍ନୀତିରେ ବ୍ୟବହାର କରୁଛନ୍ତି।



ପଶ୍ଚିମବଙ୍ଗର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜ୍ୟର ୫୦ ପ୍ରତିଶତ ସ୍କୁଲରେ ଶିକ୍ଷକ ନାହାନ୍ତି। 'ବୁଆ-ଭତିଜା'ଙ୍କ ସରକାର କେନ୍ଦ୍ରରୁ ବିକାଶ ପାଇଁ ଆସୁଥିବା କୋଟି କୋଟି ଟଙ୍କାକୁ ଲୁଟ୍ କରିଛନ୍ତି। ବିଜେପି ସରକାର ଗଠନ ହେବା ପରେ ଏହି ସମସ୍ତ ଦୁର୍ନୀତିର ହିସାବ ନିଆଯିବ ଏବଂ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭୋଟର ତାଲିକାରୁ ଅନୁପ୍ରବେଶକାରୀଙ୍କ ନାମ ହଟାଇବା ପାଇଁ ନିର୍ବାଚନ କମିଶନଙ୍କ ପଦକ୍ଷେପକୁ ସେ ସ୍ୱାଗତ କରିଛନ୍ତି ଏବଂ ମମତା ବାନାର୍ଜୀ ଏହାର ବିରୋଧ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଝରଗ୍ରାମ ଭଳି ଆଦିବାସୀ ବହୁଳ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ରାଜ୍ୟ ସରକାର ବାଧାପ୍ରାପ୍ତ କରୁଥିବା ସେ ଅଭିଯୋଗ କରିଛନ୍ତି। ବିଜେପି ସରକାର ଆସିଲେ ଏହି ଅଞ୍ଚଳରେ 'ଡବଲ୍ ଇଞ୍ଜିନ' ଶକ୍ତିରେ ଶିଳ୍ପ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବ।

ସେ ଆହୁରି କହିଛନ୍ତି ଯେ ରାଜ୍ୟର ଯୁବପିଢ଼ିଙ୍କୁ ଭତ୍ତା ନୁହେଁ ବରଂ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ। ଯଦି ପଶ୍ଚିମବଙ୍ଗରେ 'ଡବଲ୍ ଇଞ୍ଜିନ' ସରକାର ଆସେ, ତେବେ କେନ୍ଦ୍ରର ସମସ୍ତ ଜନକଲ୍ୟାଣକାରୀ ଯୋଜନା ସିଧାସଳଖ ଗରିବ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ। ମୋଦୀ ସରକାର ଦେଶର ଗରିବ, ଆଦିବାସୀ ଏବଂ ସାଧାରଣ ଜନତାଙ୍କ ଜୀବନଧାରଣର ମାନ ବଦଳାଇବା ପାଇଁ ଅହୋରାତ୍ର କାର୍ଯ୍ୟ କରୁଛନ୍ତି। ବଙ୍ଗଳାର ସମ୍ବଳ ଅନୁପ୍ରବେଶକାରୀଙ୍କ ପାଇଁ ନୁହେଁ, ବରଂ ପ୍ରକୃତ ବଙ୍ଗାଳୀ ଏବଂ ଏହି ମାଟିର ଭୂମିପୁତ୍ରଙ୍କ ବିକାଶ ପାଇଁ ବ୍ୟୟ କରାଯିବ। ମଇ ମାସରେ ବିଜେପି ସରକାର ଗଠନ ପରେ ରାଜ୍ୟରେ ଏକ ଭ୍ରଷ୍ଟାଚାର ମୁକ୍ତ ଏବଂ ବିକାଶମୁଖୀ ପ୍ରଶାସନ ଦେଖିବାକୁ ମିଳିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗର ବିକାଶ ପାଇଁ 'ଡବଲ୍ ଇଞ୍ଜିନ' ଆବଶ୍ୟକ। ଦିଲ୍ଲୀରୁ ମୋଦୀଜୀ ଟାଣିବେ ଏବଂ କଲିକତାରୁ ଆଉ ଏକ ଇଞ୍ଜିନ ଧକ୍କା ଦେଲେ ଯାଇ ବଙ୍ଗଳାର ବିକାଶ ହେବ। "ସୁନାର ବାଂଲା" ଏବଂ "ବିକଶିତ ଭାରତ" ଗଠନ ହୋଇପାରିବ ।

# ଜାଲ୍ ଶିକ୍ଷାଗତ ପ୍ରମାଣପତ୍ରରେ ଚାକିରୀ

କଣାସ,(ସବ୍ୟୁ): ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉନ୍ନତ ମାନର ଶ୍ରେଣୀଗୃହ ଅଭିଜ୍ଞ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବିଭିନ୍ନ ପରୀକ୍ଷା କରି ନିଯୁକ୍ତି କରୁଛନ୍ତି ।ଯାହା ଫଳରେ ଛାତ୍ର ଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ହୋଇପାରିବ ହେଲେ କେତେକ ଅସାଧୁ ଶିକ୍ଷକ ଶିକ୍ଷୟତ୍ରୀ କେତକ ଗଳାବାଟ ଦେଇ ବୟସ ଓ ଶିକ୍ଷାଗତ ପ୍ରମାଣପତ୍ର ଜାଲିଆତି କରି ଚାକିରି ହାତେଇ ନେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି ।ଖବରରୁ ପ୍ରକାଶ ପୁରୀ ଜିଲ୍ଲା କଣାସ ବ୍ଲକ ବିଜିପୁର ଗ୍ରାମର ସସ୍ମିତା ଜେନା ସୂଚନା ଅଧିକାର ଆଇନ ବଳରେ ପୁରୀ ଜିଲ୍ଲା କଣାସ ବ୍ଲକ ଖଣ୍ଡହତା ପଞ୍ଚାୟତ ତିଗିରିଆ ଗ୍ରାମରେ ଥିବା ବଡ଼ କାଲୁ ଚରଣ ହାଇସ୍କୁଲର କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ପୋଷ୍ଟ ଅପ୍ରୁଭାଲ ବିଷୟରେ ଗତ ତା ୨୬/୦୮/୨୦୨୫ ତାରିଖରେ ମାଧ୍ୟମିକ ଶିକ୍ଷା ପରିଷଦ କଟକକୁ ସୂଚନା ଅଧିକାର ଆଇନରେ ମାଗିଥିଲେ । ମାଧ୍ୟମିକ ଶିକ୍ଷା ପରିଷଦ କଟକ ଚିଠି ସଂଖ୍ୟା ୧୯୩୭/୦୩/୧୧/୨୦୨୫ ରେ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ମାନଙ୍କର ଶିକ୍ଷାଗତ ପ୍ରମାଣ ପତ୍ରର ନକଲ ସହିତ ଅନ୍ୟାନ୍ୟ ସରକାରୀ ଚିଠିର ନକଲ ମଧ୍ଯ ପ୍ରଦାନ କରିଥିଲେ । ସେଥିରୁ ଜଣାପଡ଼ିଲା ବିଦ୍ୟାଳୟଟି ୦୧/୧୦/୨୦୧୫ ରୁ ଆର୍ଥିକ ଅନୁଦାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । ବିଦ୍ୟାଳୟରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷୟତ୍ରୀ ରଶ୍ମିତା ବଳିଆରସିଂହ ମଧ୍ୟ ୦୧/୧୦/୨୦୧୫ ରୁ ନିଜର ଶିକ୍ଷାଗତ ଯୋଗ୍ୟତା ସଂସ୍କୃତରେ ମାଷ୍ଟର ଡିଗ୍ରୀ ଉତ୍ତୀର୍ଣ୍ଣ ବୋଲି ଆପ୍ରୁଭାଲ ଚିଠିରେ ଉଲ୍ଲେଖ ରହିବା ସହିତ ୦୧/୧୦/୨୦୧୫ରୁ ବେସିକ ୯୩୦୦ ସହିତ ଗ୍ରେଡପେ ୪୨୦୦ ହାରରେ ଦରମା ନେଇଛନ୍ତି । ହେଲେ ବିଡ଼ମ୍ବନାର ବିଷୟ ସଂସ୍କୃତ ଶିକ୍ଷୟତ୍ରୀ ରଶ୍ମିତା ବଳିଆରସିଂହ ରିନ୍ୟୁଓ୍ୱାଲରେ ପ୍ରଦାନ କରିଥିବା ପ୍ରମାଣ ପତ୍ରରୁ ଜଣା ପଡ଼ିଲା ଯେ ସଂସ୍କୃତରେ ମାଷ୍ଟର ଡିଗ୍ରୀ ପରୀକ୍ଷା ୨୦୧୫ ମସିହା ନଭେମ୍ବର ମାସରେ ଦେଇଛନ୍ତି ।ଯାହାର ରୋଲ ନମ୍ବର ୨୨୭୦୮ଭି୧୩୮୦୨୫ ଅଟେ । ୧୫/୧୧/୨୦୨୫ ରେ ସୂଚନା ଅଧିକାର ଆଇନ ବଳରେ ସଂପୃକ୍ତ ଶିକ୍ଷୟତ୍ରୀଙ୍କ ରୋଲ ନମ୍ବରରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ତଥ୍ୟ ମାଗିବାରୁ ଜଣା ପଡ଼ିଲା ତାଙ୍କର ସଂସ୍କୃତର ମାଷ୍ଟର ଡିଗ୍ରୀ ପରୀକ୍ଷା ଫଳ ପ୍ରକାଶନର ତାରିଖ ହେଉଛି ୨୬/୦୭/୨୦୧୬ ।

## ମହିଳା କର୍କଟ ନିରାକରଣରେ କ୍ରିୟା ଫାଉଣ୍ଡେସନର ଅଭିନବ ପ୍ରୟାସ

# 'ଡିୟର ଜିନ୍ଦେଗୀ' ମାଧ୍ୟମରେ ସାରା ରାଜ୍ୟରେ ସଚେତନତା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ମହିଳା କର୍କଟ ସମ୍ପୂର୍ଣ୍ଣ ନିରାକରଣ ଏବଂ ସଚେତନତା ସୃଷ୍ଟି ଦିଗରେ 'କ୍ରିୟା ଫାଉଣ୍ଡେସନ' ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦେଶବ୍ୟାପୀ ଏଚପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ ଅବସରରେ, ଏହି ସଂଗଠନ ପକ୍ଷରୁ 'ଓଡ଼ିଶା ସେଲିବ୍ରେଟିଂ ପିଙ୍କ ଅକ୍ଟୋବର' କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ ଏକ ବ୍ୟାପକ ସଚେତନତା ଅଭିଯାନ ଚଲାଯାଇଛି । କ୍ରିୟା ଫାଉଣ୍ଡେସନ, ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କର ମିଳିତ ସହଯୋଗରେ ଶିଖରଚଣ୍ଡୀ ପାହାଡ଼ ଛକଠାରେ ଏକ ୭ କିଲୋମିଟର ପରିମିତ କ୍ଷୁଦ୍ର ଗଣଦୌଡ଼ ଏବଂ ୩ କିଲୋମିଟରର ମନୋରଞ୍ଜନ ଦୌଡ଼ ଆୟୋଜନ କରିଥିଲା । ଭୋର ୫:୪୫ ମିନିଟରେ ଆରମ୍ଭ ହୋଇଥିବା ଏହି ଦୌଡ଼ରେ ସମଗ୍ର ଭାରତରୁ ପ୍ରାୟ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରି କର୍କଟ ନିରାକରଣର



ବାର୍ତ୍ତା ବାଣ୍ଟିଥିଲେ । ଏହି କାର୍ଯ୍ୟକ୍ରମରେ ଅର୍ଜୁନ ପୁରସ୍କାର ପ୍ରାପ୍ତ ଅଲିମ୍ପିକ୍ସ ଖେଳାଳି ରବି କୁମାର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ଡକ୍ଟର ଲଲାଟେନ୍ଦୁ ଷଡ଼ଙ୍ଗୀ (ପୂର୍ବତନ ନିର୍ଦ୍ଦେଶକ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, କଟକ) ଯୋଗଦେଇ କ୍ରିୟା ଫାଉଣ୍ଡେସନର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ ।

ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର ଏମ୍ସର ବିକିରଣ କର୍କଟ ଚିକିତ୍ସା ବିଭାଗ ସହଯୋଗରେ 'ଡିୟର ଜିନ୍ଦେଗୀ' ଯୁବ ମହୋତ୍ସବର ଅନ୍ତିମ ପର୍ଯ୍ୟାୟ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଡାକ୍ତରୀ ଓ ନର୍ସିଂ ଛାତ୍ରଛାତ୍ରୀଙ୍କୁ ନେଇ ପୋଷ୍ଟର ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇଥିଲା । ଏଥିସହ କର୍କଟ ରୋଗରୁ ମୁକ୍ତ ହୋଇଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରଶିକ୍ଷିତ ଜଣେ ଯୁବ ନୃତ୍ୟଶିଳ୍ପୀଙ୍କ ଓଡ଼ିଶୀ ନୃତ୍ୟ ଏବଂ କର୍କଟ ସଚେତନତା ଭିତ୍ତିକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ଏହି କାର୍ଯ୍ୟକ୍ରମକୁ ଏକ ସାଂସ୍କୃତିକ ରୂପ ଦେଇଥିଲା । ଏହି ସମଗ୍ର ଅଭିଯାନ ସମ୍ପର୍କରେ କ୍ରିୟା ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ଲିଲି ଜେନାମଣି ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାକୁ ଏକ କର୍କଟ ମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ତାଙ୍କ ସଂଗଠନ ପ୍ରତିବଦ୍ଧ ବୋଲି ପ୍ରକାଶ କରିଛନ୍ତି । ରାଜ୍ୟର ପ୍ରାୟ ୨.୫ ଲକ୍ଷ କିଶୋରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଟିକାକରଣ କରାଇବା ଏବଂ ପ୍ରତିଷେଧକ ଚିକିତ୍ସା କ୍ଷେତ୍ରରେ ଓଡ଼ିଶାକୁ ଦେଶରେ ଶ୍ରେଷ୍ଠ କରିବା କ୍ରିୟା ଫାଉଣ୍ଡେସନର ମୁଖ୍ୟ ଲକ୍ଷ୍ୟ ।

# ଜଳିଗଲା ଚାଷ ଜମି

ପାଣିକୋଇଲି, (ସବ୍ୟୁ) ଦୀର୍ଘ ମାସ ହେବ ସ୍ଥାନୀୟ ଅଂଚଳରେ ବର୍ଷା ହୋଇନାହିଁ ସବୁଠି ଶୁଖିଲା ହିଁ ଶୁଖିଲା। ନାଳ ପୋଖରୀ ଶୁଖା ପଡିଛି। ଏପରିସ୍ଥଳେ ଚାଷ ଜମି ମଧ ଶୁଖିଯାଇଛି। ମେସିନ ସାହାଯ୍ୟରେ ଧାନ କଟା ଯୋଗୁ ସମସ୍ତ ଚାଷ ଜମିରେ କୁଟା ଭର୍ତ୍ତି ହୋଇରହିଛି। ଏପରିସ୍ଥଳେ କେହି ଦୁର୍ବୃତ୍ତ ଚାଷ ଜମିରେ ନିଆଁ ଲଗାଇ ଦେଇଥିଲା। ଯାହା କ୍ରମଶଃ ବ୍ୟାପି ଶହ ଶହ ,କ ଜମି ଜଳିବାରେ ଲାଗିଥିଲା। ଯାହା ଫଳରେ ଗୋରୁଗାଇ ଦୌଡା ଦୌଡି ହୋଇ ଘରମୁହାଁ ହୋଇଥିଲେ। ଫଳରେ ନିଆଁର ଚର୍ତୁପାଶ୍ୱର୍ରେ ଥିବା ମୁଳରି, ଧନପୁର, ଆଲିଆ, ବେଗନା ଆଦି ଗ୍ରାମର ଗ୍ରମାବାସୀ ଭୟଭୀତ ହୋଇଥିଲେ। ହାଲକା ପବନ ହେବା କ୍ଷଣି ଏହା ଚାରିଆଡକୁ ବ୍ୟାପି ଯାଇଥିଲା। ଲୋକମାନଙ୍କ ଦ୍ୱାରା ନିଆଁ ନିୟନ୍ତ୍ରଣ ନହେବାରୁ ଶେଷରେ ଅଗ୍ନିଶମ ବାହିନୀର ସହାୟତା ନିଆଯାଇଥିଲା।

# ଦୁଆରେ ଦିଅଁ, ପ୍ରକମ୍ପିତ ରଘୁନାଥପୁର ଅଞ୍ଚଳ

ବାରଙ୍ଗ ,(ସବ୍ୟୁ) :ବାରମାସ ରେ ତେର ପର୍ବ ପାଳନ୍ତି ଓଡ଼ିଆମାନେ ।ଆଉ ସେହି ଓଡ଼ିଆ ମାନଙ୍କର ଗୋଟେ ପ୍ରିୟ ପର୍ବ ହେଉଛି ଦୋଳ ପର୍ବ । ଏହି ଦୋଳ ପର୍ବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘରକୁ ଘର ଯାଇ ଦିଅଁ ଭୋଗ ଖାଇବା ପରମ୍ପରା ସତରେ ନିଆରା । ଭୁବନେଶ୍ୱର ନିକଟବର୍ତ୍ତୀ ରଘୁନାଥ ପୁର ଗ୍ରାମରେ ସେହିପରି ଭାବେ ଆରମ୍ଭ ହୋଇଥିଲା ଦୋଳ ପର୍ବ । କେଉଁକାଳରୁ ଏହି ପର୍ବକୁ ବେଶ ଧୁମ ଧାମରେ ପାଳନ କରନ୍ତି ଗ୍ରାମବାସୀ । ରବିବାର ଥିଲା ଦୋଳ ପର୍ବ ର ଜମାଣ ଯାତ୍ରା । ଏହି ଗ୍ରାମର ଆରାଧ ଦେବତା ପ୍ରଭୁ ଦଧିବାମନ ମନ୍ଦିର ରୁ ବାହାରି ସୁସଜ୍ଜିତ ବିମାନରେ ବିରାଟ ପଟୁଆର ନେଇ ଗାଁ ପରିଭ୍ରମଣ କରିଥିଲେ । ହରିବୋଲ ହୁଳହୁଳି ସାଙ୍ଗକୁ ହରିନାମ କୀର୍ତ୍ତନରେ ପ୍ରକମ୍ପିତ ହୋଇଉଠିଥିଲା ଗାଁର ପରିବେଶ ।ପ୍ରଭୁ ଦଧିବାମନ ଘରଘର ବୁଲି ଭୋଗ ଖାଇବାର ପୁରୁଣା ପ୍ରଥା ଓ ପରମ୍ପରା ଥିବାରୁ ଗ୍ରାମବାସୀ ମାନେ ରାତି ଉଜାଗର ହୋଇ ଘରଆଗରେ ଦୀପଜାଳି ଭୋଗଡାଲା ଧରି ଠାକୁରଙ୍କ ଆଗମନକୁ ପ୍ରତୀକ୍ଷା କରି ରହିଥିଲେ ।ଅନ୍ୟପଟେ ରଙ୍ଗବେରଙ୍ଗର ସୁସଜିତ ଆଲୋକମାଳା ସାଙ୍ଗକୁ ବାଜାବାଣରେ ପ୍ରକମ୍ପିତ ହୋଇଉଠିଥିଲା ରଘୁନାଥପୁର ଗ୍ରାମ ଓ ଏହାର ପରିବେଶ ।ଆଧୁନିକ ଆଉ ପୌରାଣିକ ବାଦ୍ୟର ତାଳରେ ଯୁବକ ମାନଙ୍କ ନାଚ ଦେଖଣାହାରୀଙ୍କୁ ବିମୋହିତ କରିଥିଲା ।ଗ୍ରାମର ଏହା ବଡ ପର୍ବ ହୋଇଥିବାରୁ ବେଶ ଉତ୍ସାହିତ ଥିଲେ ଗ୍ରାମବାସୀ ।ଘରେଘରେ ବନ୍ଧୁ ବାନ୍ଧବମାନଙ୍କ ଭିଡ଼ ଲାଗିରହିଥିବା ବେଳେ ରାତି ଉଜାଗର ହୋଇ ଗ୍ରାମବାସୀମାନେ ପ୍ରଭୁ ଦଧିବାମନଙ୍କ ଏହି ନିଆରା ଯାତ୍ରାକୁ ଉପଭୋଗ କରିଥିଲେ ।

# ବୃକ୍ଷ ରୋପଣ, ୩ବର୍ଷରେ ୬ କୋଟିରୁ ଅଧିକ

ଭୁବନେଶ୍ୱର, (ତଥ୍ୟ) ରାଜ୍ୟରେ ଜଙ୍ଗଲ ଅଞ୍ଚଳ ବୃଦ୍ଧି ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବର୍ଷକୁ ହାରାହାରି ୨ କୋଟି ଗଛ ଲଗାଯାଉଛି । ଗତ ତିନି ବର୍ଷ ମଧ୍ୟରେ ରାଜ୍ୟରେ ୬କୋଟିରୁ ଅଧିକ ଗଛ ଲାଗି ସାରିଲାଣି । ଗତ ତିନି ବର୍ଷ ମଧ୍ୟରେ ଜଙ୍ଗଲ ବିଭାଗ ୬ କୋଟିରୁ ଅଧିକ ଗଛ ଲାଗଇଛି । ଚଳିତ ଆର୍ଥିକ ବର୍ଷରେ ଏହା ୨ କୋଟିକୁ ଟପିଯାଇଛି । ଲଗାଯାଉଥିବା ଗଛ ମଧ୍ୟରେ ଶିଶୁ, ଫାଶି, ଅସନ, ଅର୍ଜୁନ, ଧଉରା, ବାଲିଶିଶୁ, ପିଆଶାଳ, ବାଉଁଶ, ଆମ୍ବ, ମେହୋନି, କୁସୁମ, ପଣସ, ତେନ୍ତୁଳି, କରଞ୍ଜ, ଅଁଳା, ବେଲ, ହରିଡା, ବାହାଡା, ବର, ଅଶ୍ୱସ୍ତ, ଜାମୁ, କୃଷ୍ଣଚୂଡା, ରାଧାଚୂଡା, ସୁନାରୀ ଆଦି ଅର୍ନ୍ତଭୁକ୍ତ । ଏଗୁଡିକ ଜାଳେଣି ପାଇଁ ବ୍ୟବହାର ହେବା ସହିତ ଲଘୁବନଜାତ ଦ୍ରବ୍ୟ,ଫଳଜାତୀୟ ଗଛ, ଓ ସୌନ୍ଦର୍ଯ୍ୟବର୍ଦ୍ଧକ ଆଦି ରହିଛି । ଗଛଗୁଡିକ ସାଧାରଣତଃ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ସୀମାଙ୍କିତ ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଓ ରାଜସ୍ୱ ଜମିରେ ଲଗାଯାଉଛି ।

ଜଙ୍ଗଲ ବିଭାଗ ପକ୍ଷରୁ ଏତେ ପରିମାଣରେ ବୃକ୍ଷରୋପଣ ହେଉଥିବାବେଳେ ଲୋକଙ୍କ ଲୋଲୁପ ଦୃଷ୍ଟି ବିଶେଷକରି କାଠ ଚୋରି ସାଙ୍ଗକୁ ଜଙ୍ଗଲ ପୋଡି ଏବେ ସରକାରଙ୍କ ବୃକ୍ଷରୋପଣ ଯୋଜନାରେ ବାଧକ ସାଜୁଥିବା ଜଣାଯାଇଛି । ଜଙ୍ଗଲ ଆଖପାଖରେ ଥିବା ଗାଁ ଲୋକେ ଗଛକାଟି ନେବା ସହିତ ଚାଷବାସ ପାଇଁ ଜଙ୍ଗଲ ପୋଡି ଦେଉଥିବା ଲକ୍ଷ୍ୟ କରାଯାଉଛି । ଚଳିତବର୍ଷ କେନ୍ଦ୍ର ସରକାରଙ୍କ ଏକ ପେଡ୍ ମା କି ନାମ୍ ଯୋଜନାରେ ବ୍ୟାପକ ବୃକ୍ଷରୋପଣ ଅଭିଯାନ ଚଳାଯିବା ଫଳରେ ବୃକ୍ଷରୋପଣ ସଂଖ୍ୟା ୨ କୋଟିକୁ ଅତି ସହଜରେ ଟପିଯିବା ସହିତ ରେକର୍ଡ ସୃଷ୍ଟି କରିଛି । ତେବେ ଏହି ଗଛଗୁଡିକ କିଭଳି ବଞ୍ଚିବ ଓ ସୁରକ୍ଷିତ ରହିବ ସେ ଦିଗରେ ବିଭାଗ ପଦକ୍ଷେପ ନେବା ଜରୁରୀ ବୋଲି ପରିବେଶବିଜ୍ଞାନୀମାନେ ମତ ଦେଉଛନ୍ତି ।

ଜଙ୍ଗଲ କ୍ଷୟ ଦ୍ୱାରା ପରିବେଶ ସନ୍ତୁଳନ ବିଗୁଡୁଥିବାବେଳେ ଜଙ୍ଗଲୀ ପଶୁମାନେ ଜନବସତିକୁ ମଧ୍ୟ ପଶି ଆସୁଛନ୍ତି । ହାତୀ, ଭାଲୁ ଆଦି ପଶୁଙ୍କ ଦୌରାତ୍ମ୍ୟ ଯୋଗୁଁ ଫସଲ ହାନି ସହିତ ଲୋକେ ମଧ୍ୟ ମୃତ୍ୟୁବରଣ କରୁଛନ୍ତି । ତେଣୁ ଏଭଳି ସ୍ଥିତିରେ ବୃକ୍ଷରୋପଣର ପରିମାଣ ବଢାଇବା ସହିତ ଜନବସତି ନିକଟରେ ଥିବା ଜଙ୍ଗଲଗୁଡିକୁ ସୁରକ୍ଷିତ ରଖାଯିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଇତି ମଧ୍ୟରେ ସରକାରଙ୍କ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସଚେତନ ସହିତ ଏଆଇ କ୍ୟାମେରା ଭଳି ଅତ୍ୟାଧୁନିକ ସାଜ ସରଞ୍ଜାମର ବ୍ୟବହାର ଯୋଗୁଁ ଜଙ୍ଗଲ ଚୋରି ଓ ଅବାଧ ପଶୁ ଶିକାରକୁ ବହୁ ମାତ୍ରାରେ ରୋକାଯାଇ ପାରିଛି । ଏଆଇ କ୍ୟାମେରା ଓ ଡ୍ରୋନ ବ୍ୟବହାର କରାଯାଇ ବନାଗ୍ନିକୁ ରୋକିବାପାଇଁ ମଧ୍ୟ ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି ।

# ମେଗା ପାନୀୟଜଳ, ଗ୍ରୀଷ୍ମ ପାଇଁ ଚିନ୍ତାରେ କର୍ତ୍ତୃପକ୍ଷ

ଭୁବନେଶ୍ୱର,(ତଥ୍ୟ) ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଥିବାବେଳେ ରାଜ୍ୟରେ ମେଗା ପାନୀୟଜଳ ପ୍ରକଳ୍ପର କଚ୍ଛପ ଗତି ଏବେ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି । ଏଭଳି ସ୍ଥିତିରେ ନଳକୂଳ ଓ ଛୋଟ ପ୍ରକଳ୍ପ ଉପରେ ଭରସା କରିବା ସହିତ ଏହା ଜରିଆରେ ପାନୀୟଜଳ ଯୋଗାଣ ପାଇଁ ମତପ୍ରକାଶ ପାଉଛି । ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମାତ୍ର ୨୫ଟି ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏଥି ମଧ୍ୟରୁ ସର୍ବାଧିକ ୫ଟି ନୂଆପଡା ଜିଲ୍ଲାରେ ରହିଥିବାବେଳେ ଯାଜପୁରରେ ୩ଟି, ଅନୁଗୁଳ, ମୟୁରଭଞ୍ଜ, ରାୟଗଡା ଓ ସୋନପୁର ଜିଲ୍ଲାରେ ୨ଟି କରିରହିଛି । ବହୁ ଜିଲ୍ଲାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ହାତ ଗଣତି କେତୋଟି ଜିଲ୍ଲାରେ ଗୋଟିଏ କରି ପ୍ରକଳ୍ପ କାର୍ଯ୍ୟ ସରିଛି । ୧୮୨ ଟି ପ୍ରକଳ୍ପର କାର୍ଯ୍ୟ ନିର୍ମାଣାଧିନ ସ୍ଥିତିରେ ରହିଛି ।

ମେଗା ପ୍ରକଳ୍ପ ଜରିଆରେ ପାନୀୟଜଳ ଯୋଗାଣ ପାଇଁ ହୋଇଥିବା ଯୋଜନା ଏବେ ବିଳମ୍ବ ହେବାରେ ଲାଗିଛି । ଠିକାସଂସ୍ଥାର ବିଳମ୍ବ ଯୋଗୁଁ ଅଧିକାଂଶ ସ୍ଥାନରେ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି । ଏଭଳି ସ୍ଥିତିରେ ଚଳିତ ଗ୍ରୀଷ୍ମଋତୁରେ ଏହି ପ୍ରକଳ୍ପ ଜରିଆରେ ଲୋକଙ୍କ ନିକଟରେ ପାନୀୟଜଳ ଜଳ ପହଞ୍ଚାଇବା କର୍ତ୍ତୃପକ୍ଷଙ୍କ ପାଇଁ ସେତେଟା ସହଜ ନୁହେଁ । ଅନ୍ୟ ପକ୍ଷରେ ଛୋଟ ଛୋଟ ପଡା ଓ ଗ୍ରାମରେ ୧୮ ହଜାରରୁ ଅଧିକ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାରୁ ତାହା କର୍ତ୍ତୃପକ୍ଷଙ୍କ ପାଇଁ ଆଶ୍ୱାସନାର ବିଷୟ ହୋଇଛି । ଗାଁ ଗହଳରେ ଏହା ଜରିଆରେ ହିଁ ପାନୀୟଜଳ ଯୋଗାଇବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ଧରଣର ୭ଶହରୁ ଅଧିକ ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଜାରି ରହିଛି ।

ସେହିଭଳି ଗ୍ରୀଷ୍ମଋତୁରେ ଗାଁ ଗହଳରେ ଲୋକେ ସୌରଶକ୍ତି ଚାଳିତ ଜଳଯୋଗାଣ ବ୍ୟବସ୍ଥା ଉପରେ ଅଧିକ ଭାବେ ନିର୍ଭର କରୁଥିବାବେଳେ ଏହି ଧରଣର ପ୍ରାୟ ଅଢେଇ ହଜାର ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି । ଗ୍ରୀଷ୍ମ ପ୍ରବାହ ବୃଦ୍ଧି ବେଳକୁ ଏହା ଯଦି ସମ୍ପୂର୍ଣ୍ଣ ନହୁଏ ତେବେ ଲୋକଙ୍କୁ ପାନୀୟଜଳ ଯୋଗାଇବା କଷ୍ଟକର ହୋଇପଡିବ । ମେଗା ପାନୀୟଜଳ ପ୍ରକଳ୍ପଗୁଡିକର କାର୍ଯ୍ୟ ସାରିବାପାଇଁ ଆସନ୍ତାବର୍ଷ ଅର୍ଥାତ୍ ୨୦୨୭ ମାର୍ଚ୍ଚ ମାସକୁ ସମୟ ଧାର୍ଯ୍ୟ ହେଉଛି । ଗୋଟିଏ ପଟେ ଅର୍ଥ ସମସ୍ୟା ସହିତ ଅନ୍ୟ ପଟେ ଠିକା ସଂସ୍ଥାଙ୍କ ମନମାନି ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଠିକଣା ସମୟରେ ସରିବା ନେଇ ଲୋକେ ସନ୍ଦେହରେ ରହିଛନ୍ତି । ଅନ୍ୟ ପକ୍ଷରେ ଗାଁ ଗହଳରେ ଯେଉଁସବୁ ଛୋଟ ବଡ ପାନୀୟଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ଦର୍ଶାଯାଉଛି ସେଥି ମଧ୍ୟରୁ କେତେକ ଅଚଳ ଅବସ୍ଥାରେ ରହିଛି । କେଉଁ ବିଦ୍ୟୁତ୍ ସମସ୍ୟ ଯୋଗୁଁ ପାଣି ଉଠିପାରୁ ନାହିଁ ତ ଆଉ କେଉଁଠି ଟାଙ୍କିରେ ଥିବା ପାଣି ଲୋକଙ୍କ ଘର ନିକଟରେ ପହଞ୍ଚି ପାରୁନାହିଁ । ଗ୍ରୀଷ୍ମଋତୁ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ମରାମତି ନକଲେ ଜଳ ଯୋଗାଣ ସମସ୍ୟା ଜନିତ ଅଭିଯୋଗର ତାଲିକା ଲମ୍ବିବା ସହିତ ଗାଁ ଗହଳରେ ଲୋକେ ପାଣି ପାଇଁ ରାସ୍ତାକୁ ଓହ୍ଲାଇବା ସାର ହେବ ।

# ମିଳୁନି ମାସିକିଆ ପ୍ରୋତ୍ସାହନ ରାଶି : ପ୍ରତିବାଦ କଲେ ଆଶାକର୍ମୀ

ଭାପୁର,(ସବ୍ୟୁ): ନୟାଗଡ଼ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଶୁକ୍ରବାର ଦିନ ପ୍ରତ୍ୟକ ମାସ ଭଳି ଚଳିତ ମାସ ଆଶାକର୍ମୀଙ୍କ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । କିନ୍ତୁ,ଆଶାକର୍ମୀ ମାନେ ଗତ ୪ ମାସ ଧରି ପାରିଶ୍ରମିକ ପାଇନଥିବାରୁ ଅସନ୍ତୋଷ ବ୍ୟକ୍ତ କରି ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ନିଜର ଦାବୀ ଉପସ୍ଥାପନ କରିଥିଲେ । ଦିନ ନାହିଁ ରାତି ନାହିଁ ପ୍ରତିକୂଳ ପାଗରେ ଆଶାକର୍ମୀ ମାନେ ଜନନୀ ଓ ଶିଶୁ ସୁରକ୍ଷା ଠାରୁ ଗାଁ ପରିବେଶ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବାରୁ ସର୍ବନିମ୍ନ ଦରମା ସହିତ ୪/୫ ମାସ ହେଲା ଦରମା ପାଇ ନ ଥିବାରୁ ବହୁ ଦୁଃଖ ଓ କଷ୍ଟରେ ଚଳୁଥିବା ନେଇ ମତବ୍ୟକ୍ତ କରିଥିଲେ । ମନ୍ତ୍ରୀମାନଙ୍କର ୧୦ ଗୁଣା ଭତ୍ତା ଗୋଟିଏ ମୁହୂର୍ତ୍ତରେ ବଢି ଯାଇଥିବାବେଳେ ମାସିକ ଦୁଇ/ତିନି ହଜାରେ ପାରିଶ୍ରମିକ ପାଉଥିବା ୨୪ଘଣ୍ଟିଆ କର୍ତ୍ତବ୍ୟରତ ଆଶାକର୍ମୀ ମାନଙ୍କର ଦରମା ବାକି ରହିବାକୁ ନେଇ ସେମାନେ ପ୍ରତିବାଦ କରିଥିଲେ ।ଏତେଦବ୍ୟତୀତ, ୧୪ ବର୍ଷ ରୁ ଉର୍ଧ ବାକିକା ମାନଙ୍କୁ କର୍କଟ ରୋଗ ନ ହେବା ପାଇଁ ଟୀକାକରଣ କରିବା,ଗ୍ରାମ ମାନଙ୍କରେ ଡେଙ୍ଗୁ ଓ ଡାଇରିଆ ରୁ ମୁକ୍ତି ପାଇଁ ଓ.ଆର.ଏସ ପାଉଡର ବଣ୍ଟନ କରିବା ଦିଗରେ ବିଭିନ୍ନ ଆଲୋଚନା ହୋଇଥିଲା ।

# ଜାତୀୟ ମାନବାଧିକାର କମିଶନ ସ୍ୱତନ୍ତ୍ର ମନିଟରଙ୍କ ସତ୍ୟବାଦୀ ଗସ୍ତ

ସାକ୍ଷୀଗୋପାଳ ,(ସବ୍ୟୁ): ଜାତୀୟ ମାନବାଧିକାର କମିଶନଙ୍କ ସ୍ପେଶାଲ ମନିଟର ବାଳକ୍ରୀଷ୍ଣ ଗୋଏଲ ପୁରୀ ଜିଲ୍ଲା ଗସ୍ତରେ ଆସି ସତ୍ୟବାଦୀ ବ୍ଲକର କାଦୁଆ ପଞ୍ଚାୟତ ଅନ୍ତର୍ଗତ ଚଉଦ ବାଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ ।ସେଠାରେ ପିଲା ମାନଙ୍କ ଶିକ୍ଷା ଦାନ,ମଧ୍ୟାହ୍ନ ଭୋଜନ, ପରିଷ୍କାର ପରିଛନ୍ନତା,ଇତ୍ୟାଦି ନିରୀକ୍ଷଣ କରିବା ସହ ପିଲା ମାନଙ୍କ ସହ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ । ପରେ ଶ୍ରୀ ଗୋଏଲ ପେ=ପଡା ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ପାଟଣା ୨ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡ଼ା ଓ ସତ୍ୟବାଦୀ ସି ଡି ପି ଓ ରାଜଲକ୍ଷ୍ମୀ ଦାସ ଉପସ୍ଥିତ ଥିଲେ । ପିଲା ମାନଙ୍କ ବ୍ୟବସ୍ଥା, ଗରମ ରନ୍ଧା ଖାଦ୍ୟ ପେୟ,ଶିକ୍ଷା ଦାନ ପଦ୍ଧତି ସମ୍ପର୍କରେ ଅଙ୍ଗନବାଡି କର୍ମୀ ଙ୍କୁ ପଚାରି ବୁଝିଥିଲେ ।ପରେ ପରେ ଉତ୍କଳ ବାଳାଶ୍ରମ ପରିଦର୍ଶନ କରିବା ସହ ଅନ୍ତେବାସୀଙ୍କ ସହ ବାର୍ତ୍ତାଳାପ,ଅସୁବିଧା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ ।ଶ୍ରୀ ଗୋଏଲ ସମସ୍ତ ସ୍ଥାନରେ କାଗଜପତ୍ର ଅନୁଧ୍ୟାନ ସହ ବିବିଧ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ ।ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଓ ଅନ୍ୟାନ୍ୟ ଅଧିକାରୀମାନେ ସହଯୋଗ କରିଥିଲେ ।

# ସହର ତଳି ଅଞ୍ଚଳରୁ ଲୋପ ପାଉଛି ଚାଷଜମି, ବଢୁଛି କଂକ୍ରିଟ ଜଙ୍ଗଲ

ଜଟଣୀ, (ସବ୍ୟୁ) : ରାଜଧାନୀ ଭୁବନେଶ୍ୱରର କାୟା ବୃଦ୍ଧି ପାଇବା ଫଳରେ ଏହାର ପ୍ରଭାବ ପଡିଛି ଜଟଣୀ ସହର ଚାରିପାଖରେ । ଫଳତଃ ଜଟଣୀ ସହରର ତଳି ଅଞ୍ଚଳରେ ଦିନକୁ ଦିନ ଚାଷ ଜମି କମୁଥିବା ବେଳେ ବିଲ ପୋତାଯାଇ ପ୍ଲଟିଂ କରାଯିବା ସହିତ କଂକ୍ରିଟ ଜଙ୍ଗଲ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି । ଆଶ୍ଚର୍ଯ୍ୟନିତ ଭାବେ ଚାଷ ଜମିରେ ରାସ୍ତା ନିର୍ମାଣ କରାଯାଇ ପ୍ଲଟିଂ ବେପାର ହେବା ଦ୍ୱାରା ଚାଷ ଜମି ହ୍ରାସ ପାଇ ବଡ଼ ବଡ଼ ଅଟ୍ଟାଳିକା ମାନ ପୂର୍ବରୁ ଥିବା ଧାନ କ୍ଷେତରେ ଛିଡା ହେଉଛି କ୍ଷ ଭୁବନେଶ୍ୱର ଉର୍ଣ୍ଣୟନ ପରିଷଦ (ବିଡିଏ ) ଅଧୀନରେ ୫୫୬ ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ତନ୍ମଧ୍ୟରେ ଜଟଣୀ ସବରେଜିଷ୍ଟର କାର୍ଯ୍ୟାଳୟ ଅଧୀନରେ ମଧ୍ୟ କିଛି ରାଜସ୍ୱ ଗ୍ରାମ ରହିଅଛି । ବିଡିଏ ଅଞ୍ଚଳରେ ପ୍ଲଟିଂ କରିବାକୁ ବା ଘରକରିବାକୁ ହେଲେ ବିଡିଏ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଲୋଡା ।ଘର ନିକଟକୁ ଦମକଳ, ଜରୁରୀ ରୋଗୀବୁହା ଯାନ (ଆମ୍ବୁଲାନ୍ସ) ଯିବାକୁ ବାଟ ସହ ଜଳ ନିଷ୍କାସନପାଇଁ ବ୍ୟବସ୍ଥା ଥିବା ଜରୁରୀ ।କେତେକ ସ୍ଥଳେ ଏଥି ପ୍ରତି ଗୁରୁତ୍ୱ ଦିଆନଯାଇ ଘର ଦ୍ୱାରା ନିର୍ମାଣ ହେଉଥିବା ଅଭିଯୋଗ ହେଉଛି ।ବଡବଡ ପ୍ଲଟିଂ ବେପାରୀ ମୋଟା ଅଙ୍କରେ ଅର୍ଥଦେଇ ରାସ୍ତା ପାର୍ଶ୍ୱବଜମିକୁ କିଣି ନେଉଛନ୍ତି । ପରବର୍ତ୍ତି ସମୟରେ ରାସ୍ତା ପାର୍ଶ୍ୱ ଜମି ତଳେଥିବା ଅନ୍ୟ ଜମିକୁ ପାଣି ଯାଉନି କି ଚାଷ କାର୍ଯ୍ୟରେ ବ୍ୟବହୃତ ପାୱାରଟିଲର, ଟ୍ରାକ୍ଟର ଆଦି ଯାଇପାରୁନି । ଯାହାଫଳରେ ଉକ୍ତ ଜମି ମାଲିକମାନେ ସେମାନଙ୍କ ଜମିକୁ ବିଲଡର ସଂସ୍ଥାକୁ ଶାଗମାଛ ଦରରେ ବିକିବାକୁ ବାଧହେଉଛନ୍ତି । କିଛିଦିନ ତଳେ ଷଣ୍ଢପୁର ମୌଜାରେ "ମେଟ୍ରୋ କିଙ୍ଗସ କୋର୍ଟ" ନାମକ ବିଲଡର ସଂସ୍ଥାର ମାଲିକଙ୍କ ନାମରେ ଅଭିଯୋଗ ଆଣି ବିକ୍ଷୋଭ କରିଥିଲେ ସ୍ଥାନୀୟ ଗ୍ରାମବାସି । ଉକ୍ତ ସଂସ୍ଥାର କର୍ତ୍ତୃପକ୍ଷ ଚାଷୀ ମାନଙ୍କ ପାଖରେ ନିଜ ଜମିର ଦଲିଲ ଥାଇ ମଧ୍ୟ ଚଞ୍ଚକତା କରି ତହସିଲ ଏବଂ ଆରଆଇ



ପ୍ରଶାସନିକ ଅଧିକାରୀଙ୍କୁ ହାତକରି ସେହି ଜମିର କିଣାବିକା ସହ ପଟ୍ଟା କରିଥିବା ନଜିର ଅଛି । ଷଣ୍ଢପୁର ମୌଜାରୁ ପ୍ରଥମେ କିଛି ଜମି କିଣି ନେଇ ପରବର୍ତ୍ତୀ ସମୟରେ ସେହି ଜମି ସଲଗ୍ନ ଅନେକ ଜମି ଜୋର ଜବରଦସ୍ତି ମାଡି ବସିଥିବା ଗ୍ରାମବାସୀ ଅଭିଯୋଗ ଉଠାଇଥିଲେ କ୍ଷ ଅନ୍ୟ ପକ୍ଷରେ ବିଲଡର ସଂସ୍ଥାକୁ ପରୋକ୍ଷରେ ସହଯୋଗ କରି ଉଚ୍ଚପଦରୁ ଅବସର ନେଇଥିବା ଅଧିକାରୀ, ରାଜନେତା,ଶିଳ୍ପପତି, ସରକାରୀ କର୍ମଚାରୀ ସମ୍ପର୍କୀୟଙ୍କ ନାମରେ ଚାଷ ଜମିକିଣି ପକାଇଛନ୍ତି, ଯାହାକି ଭାତହାଣ୍ଡିକୁ ମାଡ ଭଳି ମନେହେଉଛି ।ସାମ୍ପ୍ରତିକ ସମୟରେ ଜମି ପ୍ଲଟିଂ( ରିୟଲ ଇଷ୍ଟେଟ) ବେପାର ସବୁଠାରୁ ଲାଭଜନକ ହୋଇଥିବାରୁ ରାସ୍ତାପାଖ ଜମିଗୁଡିକ କମରେ କିଣାଯାଇ ବେଆଇନ ଭାବେ ଭାଗଭାଗ(ପ୍ଲଟିଂ) କରିଚଢା ଦାମରେ ବିକ୍ରି କରାଯାଉଛି । ରାସ୍ତା ପାର୍ଶ୍ୱ ଜମି ଗୁଡିକ ପୋତାଯାଇ ଘରଦ୍ୱାର ତିଆରିହେବା ଦ୍ୱାରା ଚାଷ ଜମି ଦିନକୁଦିନ ହ୍ରାସ ପାଇବାରେ ଲାଗିଛି । ଦୀର୍ଘ ବର୍ଷ ଧରି ଜମି ଗୁଡିକର ରେକର୍ଡ ସଂଶୋଧନ ନହେବା ଦ୍ୱାରା କେତେ ଚାଷଜମି ପ୍ରକୃତରେ ଅଛିଆଉ କେତେ ଚାଷ ଜମିରେ ଘରତିଆରି ହେଲାଣି ତାହା ଅନ୍ଧାରରେ ରହିଛି । ବେଆଇନଭାବେ କେତେ ଚାଷ ଜମିର କିସମପରିବର୍ତ୍ତନ କରାନଯାଇ ଘରତିଆରି ହୋଇଛି ତାହା ତଦନ୍ତସାପେକ୍ଷ । ଯଦି ଏବେଠୁ ଉଭୟ ଜନସାଧାରଣ ଓ ପ୍ରଶାସନ ସଜାଗ ନହୁଅନ୍ତି ତେବେ ଆଗାମୀ ଦିନରେ ମୁଠାଏ ଚାଉଳ ପାଇଁ ହାହାକାର ଲାଗିରହିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଆଗକୁ ଆସୁଛି ହୋଲି, ଏବେଠୁ ଜମୁଛି ରଙ୍ଗ, ଅବିର ବେପାର

ବୁଗୁଡା, (ସବ୍ୟୁ) : ଆଗକୁ ଆସୁଛି ହୋଲି ପର୍ବ ଦୋଳ । ବୁଗୁଡା ସହରରେ ବିରଞ୍ଚି ନାରାୟଣ ଏବଂ ବଳଦେବ ମନ୍ଦିର ପକ୍ଷରୁ ଉତ୍ସାହର ସହ ଦୋଳ ଉତ୍ସବ ପାଳନ ଅବସରରେ ଦୈନିକ ସାନ୍ଧ୍ୟ କାଳରେ ଦୋଳଗୋବିନ୍ଦଙ୍କୁ ଦୋଳବିମାନରେ ଉପବେଶନ କରାଇ ନଗର ଭ୍ରମଣ କାର୍ଯ୍ୟକ୍ରମ ଚାଲୁ ରହିଛି । ଆସନ୍ତା ବୁଧବାର ଦିନ ରଙ୍ଗ ବେରଙ୍ଗର ହୋଲି ଖେଳିବା ପାଇଁ ଆବାଳ ବୃଦ୍ଧବନିତା ଉତ୍କଣ୍ଠିତ ଥିବାବେଳେ ସହରର ଅନେକ ସ୍ଥାନରେ ବିଭିନ୍ନ ରଙ୍ଗର ପସରା ମେଲାଇଥିବା ବ୍ୟବସାୟୀଙ୍କ ବେପାର ମଧ୍ୟ ଜମୁଥିବା ଦେଖିବାକୁ ମିଳିଛି । ବୁଗୁଡା ସହରାଞ୍ଚଳର ହାଇସ୍କୁଲ ଛକ, ପୁରୁଣା ବସଷ୍ଟାଣ୍ଡ, ବ୍ଲକ ଛକ, ଗଣେଶ ମାର୍କେଟ୍ କମ୍ପ୍ଲେକ୍ସ, ମଦନ ମୋହନ ଛକରେ ମାଳମାଳ ହୋଲି ସାମଗ୍ରୀ ବିକ୍ରି ଦୋକାନ ଖୋଲା ଯାଇଥିବା ବେଳେ ଗ୍ରାମାଞ୍ଚଳରେ ମଧ୍ୟ ବହୁଳ ଭାବରେ ହୋଲି ସାମଗ୍ରୀ ବିକ୍ରି ଦୋକାନ ଦେଖିବାକୁ ମିଳିଛି । ଦୋକାନ ଗୁଡିକରେ ଟୋପି, ଫେସ୍ ମାସ୍କ, ପିଚକାରୀ, ବେଲୁନ୍, ପୋଷାକ, ଚଷମା, କଲର ସ୍ପ୍ରେ ଆଦି ସାମଗ୍ରୀର ବେପାର ମଧ୍ୟ ଜମୁଛି । ଛୋଟ ପିଲାଙ୍କ ଲାଗି ସ୍ୱତନ୍ତ୍ର ଭାବେ ଖେଳନା ଯାହାକୁ ବ୍ୟବହାର କରି ପିଲାଏଁ ହୋଲି ଖେଳିବେ ଓ ମଜା ନେବେ ତାହା ମଧ୍ୟ ବିକ୍ରି ହେଉଛି । ବଡ ବଡ ଅବିର ପ୍ୟାକେଟରୁ ଆରମ୍ଭ କରି ଛୋଟ ଛୋଟ ପ୍ୟାକେଟ ମଧ୍ୟ ବିକ୍ରି ହେଉଛି । ସୁଗନ୍ଧିତ ଅବିର ୧୦୦ ଗ୍ରାମ ପ୍ୟାକେଟ ପ୍ରତି ୧୦ ଟଙ୍କା ରହିଥିବା ବେଳେ ହର୍ବାଲ୍ ରଙ୍ଗ ୧୦୦ ଗ୍ରାମ ପ୍ୟାକେଟ ୫୦ ଟଙ୍କାରେ ବିକ୍ରି ହେଉଛି । ବିଶେଷ କରି ହର୍ବାଲ ରଙ୍ଗର ଚାହିଦା ସବୁଠାରୁ ଅଧିକ ରହିଥିବା ବେଳେ ଏବର୍ଷ ହୋଲି ବେପାର ଜମୁଥିବା ନେଇ ବେପାରୀମାନେ ସ୍ୱୀକାର କରିଛନ୍ତି ।

# ଠିକାଦାରଙ୍କୁ ବଟି ମାଗି ଜଣେ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଜଣେ ଠିକାଦାରଙ୍କୁ ଦାଦାବଟି ମାଗିବା ମହଙ୍ଗା ପଡ଼ିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବୈକୁଣ୍ଠ ନଗର ୪ର୍ଥ ଲାଇନ୍ ନିବାସୀ ଜଗଦାନନ୍ଦ ଦାସ(୬୩) । ଜେରା ବେଳେ ଉକ୍ତ ଅଭିଯୁକ୍ତ ଜଣଙ୍କ ଠିକାଦାରଙ୍କୁ ଦାଦାବଟି ମାଗିବା ସହ ତାଙ୍କ ନିର୍ମାଣ କାମ ବନ୍ଦ କରିଦେଇଥିଲେ । ହେଲେ ଏନେଇ ଥାନାରେ ଅଭିଯୋଗ ହୋଇନଥିଲା । ମାମଲା ନଂ୮୯/୨୬ ରେ ଜଗଦାନନ୍ଦ ଦାସଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ଠିକାଦାର ଶୁଭେନ୍ଦୁ ଶେଖର ସାହୁ ବୈକୁଣ୍ଠ ୫ମ ଲାଇନରେ ନିର୍ମାଣ କାର୍ଯ୍ୟ କରୁଥିବା ସମୟରେ ଉକ୍ତ ଅଭିଯୁକ୍ତ ତାଙ୍କ ନିକଟକୁ ଆସି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଭୟଭୀତ କରିଥିଲା । ଏପରିକି ତାଙ୍କୁ ୫୦ ହଜାର ଟଙ୍କା ଦାଦାବଟି ଦାବି କରିଥିଲେ । ଟଙ୍କା ନଦେଲେ ନିର୍ମାଣ କାର୍ଯ୍ୟ ବନ୍ଦ କରିଦେବେ ବୋଲି ଧମକ ଦେଇଥିଲେ । ଏନେଇ ଉକ୍ତ ଠିକାଦାର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ ।

## ଉତ୍ତରସାହୀ ଛଉ ନୃତ୍ୟ ପ୍ରତିଷ୍ଠାନର ଐତିହାସିକ କାୟାକଳ୍ପ ବୈଠକ

# ମୟୂରଭଞ୍ଜ ଛଉର ଭବିଷ୍ୟତ ପାଇଁ ନୂତନ ସଙ୍କଳ୍ପ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଶୈଳୀ ଛଉ ନୃତ୍ୟର ପ୍ରଥମ ଓ ପ୍ରମୁଖ ସଂସ୍ଥା ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର "କାୟାକଳ୍ପ ବୈଠକ ସ୍ଥାନୀୟ ଅମ୍ବିକା ସାହି ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଥମେ ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀପ କୁମାର ମିଶ୍ର - ସଭାପତି, ଆଇନଜୀବି ସୁଜାତା ମିଶ୍ର ଓ ବ୍ୟବସାୟୀ ସନ୍ଦୀପ କୁମାର ବିଶୋଇ - ଉପସଭାପତି, ଛଉନୃତ୍ୟ ଗବେଷକ ସୁଧୀର କୁମାର ନାୟକ-ସମ୍ପାଦକ, ଛଉ ନୃତ୍ୟଗୁରୁ ତଥା ଜାତୀୟ ସଂଗୀତ ନାଟକ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଲୋକନାଥ ଦାସ-ଯୁଗ୍ମ ସମ୍ପାଦକ, ଟେକ୍ସ ପରାମର୍ଶଦାତା ସରୋଜ କୁମାର ଶତପଥି -କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ମୟୂରଭଞ୍ଜ ଛଉକୁ ବିଶ୍ୱବ୍ୟାପୀ ପ୍ରତିଷ୍ଠା ଓ ପ୍ରସାର ପାଇଁ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ, ଡିଜିଟାଲ ପ୍ଲାଟଫର୍ମରେ ପ୍ରଚାର ସହ ଯୁବପିଢୀକୁ ଛଉ ପ୍ରତି ଆକୃଷ୍ଟ କରିବା ଏବଂ ଛଉକୁ ଆଧୁନିକ ଯୁଗରେ ଅନୁକୂଳ କରିବା ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ସମ୍ପାଦକ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ମୟୂରଭଞ୍ଜର ସବୁଠାରୁ ବଡ଼ ସାଂସ୍କୃତିକ ଉତ୍ସବ ଅବସରରେ ଆୟୋଜିତ ହେବାକୁ ଥିବା ଚୈତ୍ରପର୍ବ - ୨୦୨୬ ପାଇଁ ନୂତନ ନୃତ୍ୟଗୀତ ସହ ମହିଳା ନର୍ତ୍ତକୀୟ ଦଳ ଗଠନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଯୁଗ୍ମ ସମ୍ପାଦକ ଶ୍ରୀ ଦାସ ଜଣାଇଛନ୍ତି। ଏହି ଅବସରରେ ମୟୂରଭଞ୍ଜ କଳା ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମର ଜିଲ୍ଲାପ୍ରତିନିଧି ମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ଓ ଅନ୍ତର୍ଜାତୀୟ ସାଂସ୍କୃତିକ ମଞ୍ଚରେ ଅଂଶଗ୍ରହଣ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛଉ ପରିଚୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଉପସଭାପତି ସୁଜାତା ମିଶ୍ର ଓ ସନ୍ଦୀପ କୁମାର ବିଶୋଇ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ଶିକ୍ଷାବିତ ସୁନୀଲ କୁମାର ଜେନା, ଅବସରପ୍ରାପ୍ତ ଜିଲ୍ଲା କର୍ମନିଯୁକ୍ତି ଅଧିକାରୀ ରଞ୍ଜନ କୁମାର ମିଶ୍ର, ସମାଜସେବୀ ସରୋଜ କୁମାର ବୋଷ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ଶେଷରେ କାର୍ଯ୍ୟକ୍ରମର ସଫଳତା ପାଇଁ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଭବିଷ୍ୟତରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ଏଲମା ମାଁ ଝାମୀ ଯାତ୍ରା ପ୍ରବଳ ଭକ୍ତଙ୍କ ସମାଗମ

ବ୍ରହ୍ମପୁର (ସବ୍ୟୁ) ସ୍ଥାନୀୟ ନୀଳକେଣ୍ଠେଶ୍ୱର ମନ୍ଦିର ନିକଟସ୍ଥ ଝାମୀ ମନ୍ଦିରରେ ଏଲମା ମାଁଙ୍କ ଝାମୀ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଶିବରାତ୍ରି ପରର ନବମ ଦିନରେ ମାଁଙ୍କ ପ୍ରଥମ ଝାମୀ ଯାତ୍ରା ଅନୁଷ୍ଠିତ ହୁଏ । ଦୋଳପୂର୍ଣ୍ଣମୀ ରେ ମାଁ ଙ୍କ ଦ୍ୱିତୀୟଯାତ୍ରା ନିତୀ ନିୟମ ଅନୁସାରେ ଅନୁଷ୍ଠିତ ହୋଇଥାଏ । କିନ୍ତୁ ଚଳିତବର୍ଷ ଦଳ ପୂର୍ଣ୍ଣମୀରେ ଗ୍ରହଣ ହେତୁ ପାଞ୍ଜି ଅନୁସାରେ ଆଗୁଆ ୧ ତାରିଖ ରବିବାର ଦିନ ହୋଇଥିଲା । ଗଞ୍ଜାମ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ହଜାର ହଜାର ସଂଖ୍ୟାରେ ଭକ୍ତ ଯୋଗ ଦେଇ ମାଁ ଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଭକ୍ତଙ୍କ ବିଶ୍ୱାସ ଓ ଭରସା ଥାଏ ଯେ ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଥିବା ମାଁ ମାଟି ଓ ମାଁ ଙ୍କ ଲାଗି ହୋଇଥିବା ହଳଦୀ ଲଗାଇଲେ କାନ ରୋଗ ଚର୍ମ ରୋଗ ସହ ନାନାଦି ଦୂରା ରୋଗର ଉପଶମ ମାଁ ଙ୍କ କୃପାରୁ ଭୋଲ ହୋଇଥାଏ । ଏହା ସହ ବିଶ୍ୱାସ ଅଛି ଯେ ମାଁ ଙ୍କ ନିକଟରେ ମାନସିକ କରିବା ଫଳରେ ସନ୍ତାନ ପ୍ରାପ୍ତି ହେବା ସହ ଯେଉଁ ମାନଙ୍କର ବିବାହ ବିଳମ୍ବ ହେଉଥାଏ ସେମାନଙ୍କ ଉପଯୁକ୍ତ ବର ପାତ୍ର ମିଳିଥାଏ । ବିଶ୍ୱାସ ଓ ଭରସାର ଏହି ଯାତ୍ରାରେ ହଜାର ହଜାର ସଂଖ୍ୟକ ମାନସିକଧାରୀ ମାନସିକ ପୂରଣ ପରେ ମାଁ ଙ୍କ ନିକଟ ଶ୍ମଶାନ ଠାରେ ଆମିଷ ରାନ୍ଧି ମାଁ ଙ୍କ ଠାରେ ଅର୍ପଣ କରୀ ପରିବାର ଓ ବନ୍ଧୁମାନଙ୍କ ସହିତ ପ୍ରସାଦ ସେବନ କରିଥାନ୍ତି । ସ୍ଥାନୀୟ ମହାନଗର ନିଗମ ପ୍ରଶାସନ, ସ୍ଥାନୀୟ କୋରପରେଟର ,ପାନୀୟ ଜଳ ବିଭାଗ, ପୋଲିସ ପ୍ରଶାସନ ଓ ଅକୁଣ୍ଠିତ ସାହାଯ୍ୟ ତଥା ମନ୍ଦିର କମିଟି ସଦସ୍ୟ କାର୍ତ୍ତିକ ବେହେରା, ଚିତ୍ରସେନ ବାରିକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସୂଚାରୁ ରୁପେ ଯାତ୍ରା ପରିଚାଳନା କରିଥିଲେ ।

## ରେଳଧାରଣାରୁ ମୃତଦେହ ଉଦ୍ଧାର

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ହଳଦିଆପଦର ନିକଟ ରେଳଧରଣା କଡରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ମୃତକ ଜଣଙ୍କ ହେଲେ ବୁଗୁଡା ତେଲୁଗୁ ସାହିର ରାମାରାଓ ଦୋରା(୬୫)। ସୂଚନାପ୍ରକାରେ, ଏହି ରେଳଧାରଣାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଖବର ମିଳିବା ପରେ ଜିଆରପି ଥାନା ପୁଲିସ ସେଠାରେ ପହଞ୍ଚି ତଦନ୍ତ କରିଥିଲା। ଗତକରାତିରେ କୌଣସି ଚଳନ୍ତା ଟ୍ରେନ ଧକାର ରାମାରାଓଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଥିଲା। ଖବରପାଇ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କବିରାଜ ଶିବରାମ ନନ୍ଦଙ୍କ ବିୟୋଗ, ବିଭିନ୍ନ ମହଲରେ ଶୋକ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକର ନରସିଂହପୁର ଗ୍ରାମର ପ୍ରସିଦ୍ଧ କବିରାଜ ଶିବରାମ ନନ୍ଦଙ୍କ ୯୦ ବର୍ଷ ବୟସରେ ବିୟୋଗ ଘଟିଛି । ଦୀର୍ଘ ବର୍ଷ ଧରି ଛତ୍ରପୁର ବ୍ଲକ ଅଞ୍ଚଳରେ ଜନସାଧାରଣଙ୍କୁ କବିରାଜ ଭାବରେ ଅନେକ ସେବା କରି ଆସୁଥିବା ସ୍ୱର୍ଗତ ଶିବରାମ ଛତ୍ରପୁର ଅଞ୍ଚଳରେ ବେଶ ପରିଚିତ ରହିଥିଲେ । ରବିବାର ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଏହାର କିଛି ସମୟ ପରେ ବିୟୋଗ ଘଟିଥିଲା । ମୃତ୍ୟୁ ବେଳକୁ ତାଙ୍କର ଧର୍ମପତ୍ନୀ, ପୁଅ, ଝିଅ, ପରିବାର, ବନ୍ଧୁ ସମ୍ପର୍କୀୟ ଏବଂ ଗ୍ରାମବାସୀ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବାରେ ନରସିଂହପୁର ଗ୍ରାମର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଏପରିକି କବିରାଜ ସ୍ୱର୍ଗତ ଶିବରାମ ନନ୍ଦଙ୍କ ଜୀବନବ୍ୟାପି ଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ ଏକ ବରିଷ୍ଠ ନେତା ଭାବରେ କାର୍ଯ୍ୟ କରିଥିଲେ । ଖବର ପାଇ ଦଳର ନେତା ତଥା ପୂର୍ବତନ ଛତ୍ରପୁରର ବିଧାୟକ ଏନ୍.ନାରାୟଣ ରେଡି, କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ଭିକାରୀପଲ୍ଲୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଥୁରା ସୁବୁଦ୍ଧି, ସମିତିସଭ୍ୟ ପ୍ରତିନିଧି ମୁନା ପାତ୍ରଙ୍କ ସମେତ କମ୍ୟୁନିଷ୍ଟ ପାର୍ଟିର ବହୁ ନେତୃବୃନ୍ଦ ଉପସ୍ଥିତ ରହି ଦଳର ପତାକା ପକାଇ ଲାଲ ସଲାମ ପ୍ରଦାନ କରିବା ସହିତ ଶେଷ ଦର୍ଶନ କରିଥିଲେ ।

# ସୋମବାର ରାତ୍ରରେ ହେବ ଚାରି ଦେବତାଙ୍କ ମହାମିଳନ,ପ୍ରସାସନ ପ୍ରସ୍ତୁତ

ଭଞ୍ଜନଗର,(ସବ୍ୟୁ): ଗଞ୍ଜାମ ଜିଲ୍ଲା ଘୁମୁସର ଗଡ କୁଲାଡ଼ ର ଐତିହାସିକ ଦୋଳଯାତ୍ରା ଭଞ୍ଜବଂଶିୟ ରାଜରାଜୁଡାଙ୍କ ସମୟରୁ ନୀତି ପରମ୍ପରା ଅନୁସାରେ ହିଁ ଚାଲି ଆସୁଅଛି । ଏହି ଯାତ୍ରାକୁ ଉପଭୋଗ କରିବାପାଇଁ ଗୋଟାଏ ଦିନ ପୂର୍ବରୁ ଗଞ୍ଜାମ,କନ୍ଧମାଳ ଓ ନୟାଗଡ଼ ଜିଲ୍ଲାରୁ ଶ୍ରଦ୍ଧାଳୁମାନେ ଆସୁଅଛନ୍ତି। ସେହି ପରମ୍ପରାକୁ ଆଧାର କରି ଚଳିତବର୍ଷ ମଧ୍ୟ ଦୋଳଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ସମ୍ପୂର୍ଣ୍ଣ କରିବାପାଇଁ ଭଞ୍ଜନଗର ତହସିଲଦାର ଅଭିସ୍ୱା ପଟ୍ଟନାୟକ ଓ ତାଙ୍କ ନିର୍ଦ୍ଦେଶରେ ସମସ୍ତ ତହସିଲ କର୍ମଚାରୀ ଦିନରିତି ଲାଗିପଡିଥିବା ଲକ୍ଷ କରାଯାଇଛି। ହେଲେ ଚଳିତବର୍ଷ ଦୋଳପୂର୍ଣ୍ଣମାରେ ଚନ୍ଦ୍ରଗ୍ରହଣ ଦିନରେ ଲାଗୁଥିବାରୁ ପୂର୍ଣ୍ଣାମ ଦିନ ଚାରିଦେବତାଙ୍କ ମହାମିଳନ ନହୋଇ ପୂର୍ବଦିନ ରାତ୍ରରେ ମହାମିଳନ କରାଯାଇ ସେଠାରୁ ବହାରି ବଡନଦୀ ଦେଇ ଚଣ୍ଡିପାଟଣାରେ ପହଞ୍ଚି ରାଜାଅଗ୍ନି ରେ ଯୋଗଦେବେ ବୋଲି ତହସିଲଦାର ଶ୍ରୀମତୀ ପଟ୍ଟନାୟକ କହିଛନ୍ତିଛ ଠିକ୍ ଆଜିଥିଲା ଦୋଳଯାତ୍ରାର ୪ର୍ଥ ଦିନ । ଏହି ଯାତ୍ରା ୨୬ ତାରିଖ ଫଗୁଦଶମି ତିଥିରୁ ଆରମ୍ଭ ହୋଇ ଏହା ମାର୍ଚ୍ଚ ୩ତାରିଖ ପୂର୍ଣ୍ଣମା ଦିନ କୁଲାଡ ବଡଦାଣ୍ଡରେ ଚାରିଠାକୁରଙ୍କମଧ୍ୟରୁ ପଶ୍ଚିମପଟୁ ଦୁଇ ଠାକୁର ଶ୍ରୀଜଗନ୍ନାଥସ୍ୱାମୀ,ଶ୍ରୀରଘୁନାଥସ୍ୱାମୀ ଓ ବଡଦାଣ୍ଡର ପୂର୍ବପଟୁ ଶ୍ରୀନାରାୟଣସ୍ୱାମୀ,ଶ୍ରୀଗୋପିନାଥସ୍ୱାମୀ ଆସି ମଝିଦାଣ୍ଡରେ ମହାମିଳନ ହେବଛ ହେଲେ ଚନ୍ଦ୍ରଗ୍ରହଣ ହେତୁ ଏହି ଦୋଳମିଳନ ପୂର୍ଣ୍ଣାମରେ ନହୋଇ ମାର୍ଚ୍ଚ ୨ତାରିଖ ରାତ୍ରରେ କରାଯିବଛ ତାପରେ ଚାରିଠାକୁର ପୂର୍ବ ପ୍ରସ୍ତୁତି ପ୍ରକାରେ ରାଜାଅଗ୍ନିକୁ ଯାଇ ପୁଣି ଶ୍ରୀମନ୍ଦିରକୁ ଫେରିବେଛଦୋଳପୂର୍ଣ୍ଣାମା ଦିନ ଚନ୍ଦ୍ରଗ୍ରହଣ ସର୍ବମୋକ୍ଷ ପରେ ମହାସ୍ନାନ କରାଯାଇ ଚାରିଠାକୁର ଚଣାସାକର ଓ ଆମ୍ବମହୁଲ ପୂଜାଲାଗି ଦୋଳମଣ୍ଡପକୁ ଯିବେ ବୋଲି ଏହି କାର୍ଯ୍ୟକ୍ରମ ଦାୟିତ୍ୱରେ ଲାଗିପଡିଥିବା କୁଲାଡ଼ ରାଜସ୍ୱନୀରିକ୍ଷକ ଭଗବାନ ବେହେରା କହିଛନ୍ତିଛ ସୋମବାର ରାତ୍ରରେ ଚାରିଠାକୁରଙ୍କ ମହାମିଳନ ଦେଖିବାପାଇଁ ଦୂରଦୂରାନ୍ତରୁ ଆସିଥିବାଶ୍ରଦ୍ଧାଳୁଙ୍କ ନିମନ୍ତେ ବଡଦାଣ୍ଡରେ ସଖିନାଟର କାର୍ଯ୍ୟକ୍ରମ ରଖାଯାଇଛି। ମହାମିଳନ ପ୍ରଥମକରି ରାତ୍ରରେ କରାଯାଉଥିବାରୁ ଏହାକୁ ଦେଖିବାପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହେବାର ସମ୍ଭାବନାକୁ ନେଇ ସ୍ଥାନେ ସ୍ଥାନେ ପୋଲିସ ରହିବାସହ ମହାମିଳନ ସ୍ଥାନରୁ ରାଜାଅଗ୍ନି ପର୍ଯ୍ୟନ୍ତ ଆଲୋକି କରଣର ବ୍ୟବସ୍ଥା କରାଯାଇଛି। ସୁଚନ ଥାଉକି ମନ୍ଦିର ପରିଚାଳନା ଦାୟିତ୍ୱ ପ୍ରଶାସନ ବୁଝୁଥିବା ବେଳେ ସଭାପତି ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ସମ୍ପାଦକ ଭଞ୍ଜନଗର ତହସିଲଦାର ଅଭିସ୍ୱା ପଟ୍ଟନାୟକ ଦାୟିତ୍ୱ ଥିବାହେତୁ ଦୋଳଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ନିମନ୍ତେ ଦୁଇ ଅଧିକାରୀ ତିକ୍ଷଣ ନଜର ରଖିଥିବା ଜଣାପଡିଛି ।



# ଜୟ ସୀତାରାମ ଯୋଗ କେନ୍ଦ୍ର ଉଦଘାଟନ



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଫାଷ୍ଟ ଗେଟ ସ୍ଥିତ ଓଁ ନଗର ଠାରେ ଜୟ ସୀତାରାମ ଯୋଗ କେନ୍ଦ୍ରର ନିର୍ମାଣ ପାଇଁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବିଧାୟକ ହାତ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଯୋଗ କେନ୍ଦ୍ରର ସମସ୍ତ ସଦସ୍ୟ/ସଦସ୍ୟାଙ୍କ ସହଯୋଗରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । ରବିବାର ବିଧାୟକ କେ ଅନିଲ କୁମାର ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ସଂଘମିତ୍ରା ଦଲେଇ ମେୟର, ଇଂ. ବିବେକ ରେଡି ଡେପୁଟି ମେୟର, ପ୍ରଥମେଶ ଅରବିନ୍ଦ ରାଜେଶିର୍କେ କମିଶନର, ଇଂ ମନୋଜ କୁମାର ପାତ୍ର, ନଗର ଯନ୍ତ୍ରୀ, ଅଶୋକ କୁମାର ଶୁକ୍ଳ ବିଧାୟକ ପ୍ରତିନିଧି, କର୍ପୋରେଟର ସନ୍ଧ୍ୟା ରାଣୀ ଶୁକ୍ଳ, ଯୋଗ କେନ୍ଦ୍ରର ଗୁରୁ ବସନ୍ତ କୁମାର ଶତପଥୀ, ସଭାପତି ପଦ୍ମନାଭ ସାହୁ, ଉପସଭାପତି ସତ୍ୟବାନ ସାହୁ, ସମାଜସେବୀ ଗୋପାଳ ରଥ ଅଜୟ କୁମାର ସାବତ, ଅଶୋକ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ବିଧାୟକଙ୍କ ହାତ ପାଣ୍ଠିରୁ ଅନୁଦାନ ଦେଇ ଯୋଗକେନ୍ଦ୍ର ଉତ୍ତରୋତ୍ତର ଉନ୍ନତି କାମନା କରିଥିବାରୁ ଯୋଗ କେନ୍ଦ୍ରର ସଦସ୍ୟ ଓ ଓ୍ୱାର୍ଡ ବାସିନ୍ଦା ବିଧାୟକ କେ. ଅନିଲ କୁମାରଙ୍କୁ କୃତଜ୍ଞତା ଜଣାଇଥିଲେ ।

# ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସଂକ୍ରାନ୍ତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟଓ ଏସ୍‌ଡିଆଇ ମଧ୍ୟରେ ବୁଝାମଣାପତ୍ର




କଟକ, (ସ୍ୱପ୍ର) : ପାରସ୍ପରିକ ସହଯୋଗ ଭିତ୍ତିରେ ଶିକ୍ଷାନୁଷ୍ଠାନର ଆବଶ୍ୟକତା ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସୁଯୋଗ ଦେବା ଲକ୍ଷ୍ୟରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱର ସ୍ଥିତ ସ୍କିଲ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଡିଆଇ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଡିନ୍ (ଗବେଷଣା) ଡ. ବିଶ୍ୱରଂଜନ ମହାନ୍ତି, ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍‌ନୋଲୋଜିର ଡିନ୍ ଡ. ନୟନ ରଂଜନ ସାମଲ, ଇଲେକ୍‌ଟ୍ରିକାଲ ଇଂଜନିୟରିଂ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ଏବଂ ଏସ୍‌ଡିଆଇର ସିଇଓ ରଂଜନ ଭୋର୍ୟମିକ୍, ସିଓଓ ରାକେଶ ତ୍ରିପାଠୀ, ଡିଜିଏମ୍ (ଟ୍ରେନିଂ) ନିହାର ରଂଜନ ଦାସ, ସୁଧାଂଶୁ ଶେଖର ପାତ୍ର, ପରିଚାଳକ (ଟ୍ରେନିଂ) ଅରିନ୍ଦମ୍ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସମସ୍ତ ପୂଜକ କର୍ମକାଣ୍ଡୀ ବ୍ରାହ୍ମଣଙ୍କୁ ପେନସନ ପାଇଁ ବ୍ରାହ୍ମଣ ମହାସଭାର ଦାବି

ବାରିପଦା, (ସବ୍ୟୁ) : ଓଡିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର ଏକ ଜରୁରୀ ବୈଠକ ମହାସଭାର ସ୍ଥାୟୀ ସଭାପତି ଡାଃ ମହାଦେବ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା ବ୍ରାହ୍ମଣ ମାନଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ବାର୍ଷିକ ସମ୍ମିଳନୀ ଓ ବନ୍ଧୁ ମିଳନ ସମ୍ପର୍କରେ ଆଲୋଚନା କରି ସମ୍ମିଳନୀ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଗରିବ ବ୍ରାହ୍ମଣ ପିଲାଙ୍କୁ ମାଗଣାରେ ବ୍ରତୋପନୟନ କରିବା ପାଇଁ ନିଷ୍ପତି ହୋଇଥିଲା। ଅଧିକନ୍ତୁ ସମସ୍ତ ପୂଜକ କର୍ମକାଣ୍ଡି ବ୍ରାହ୍ମଣ ମାନଙ୍କୁ ସରକାର ପେନସନ ପ୍ରଧାନ କରିବା ପାଇଁ ଏକ ଦାବିପତ୍ର ରାଜ୍ୟସରକାରଙ୍କୁ ଦିଆଯିବା ପାଇଁ ପ୍ରସ୍ତାବ ନିଆଗଲା। ପୁନଶ୍ଚ ବାର୍ଷିକ ସମ୍ମିଳନୀ ଅବସରରେ ସମାଜରେ କିଛି ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ରାହ୍ମଣ ମାନଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହି ବାର୍ଷିକ ସମ୍ମିଳନି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ସଦସ୍ୟ ସର୍ବଶ୍ରୀ ସିଦ୍ଧେଶ୍ୱର ଶତପଥି, ସୁଦର୍ଶନ ଦିଓ୍ୱେଦି, ନୃସିଂହ ଚରଣ ପଣ୍ଡା, ବ୍ରଜକିଶୋର ଦାଶ, ନରୋତ୍ତମ ପାଣିଗ୍ରାହୀ, ସମ୍ବିତ୍ କୁମାର ମହାପାତ୍ର, ସୋମନାଥ ମିଶ୍ର ଓ ସୁରେଶ କୁମାର ପାଣିଗ୍ରାହୀଙ୍କୁ ନେଇ ଏକ କମିଟି ଗଠନ କରାଗଲା।

# କେ. ଭି ଲାଇନ ୟୁପି ସ୍କୁଲର ଉନ୍ନତିକରଣର ଉଦଘାଟନ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ କେ.ଭି ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି, ଚର୍ତୁପାଶ୍ୱର୍ ପଚେରୀ ନିର୍ମାଣ, ବିଦ୍ୟାଳୟର ଶୌଚାଳୟ ଉନ୍ନତିକରଣ, କାର୍ଯ୍ୟ ପାଇଁ ବ୍ରହ୍ମପୁର ବିଧାୟକ ନିଜ ହାତ ପା=ିରୁ ୩୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ । ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଉଦଘାଟନ କଲେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର । ଏହି ଅବସରରେ ମେୟର ସଂଘମିତ୍ରା ଦଲେଇ, ଡେପୁଟି ମେୟର ଇ ବିବେକ ରେଡି, କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିକେ, ଡେପୁଟି କମିଶନର ଆଶୀର୍ବାଦ ପରିଡା, ସିଟି ଇଞ୍ଜିନୟର ମନୋଜ କୁମାର ପାତ୍ର, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳ ଓ୍ୱାର୍ଡ ନମ୍ବର ୪ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳ, ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ, ଅଂଚଳ ବାସିନ୍ଦା, ଛାତ୍ର, ଛାତ୍ରୀ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବିଧାୟକ ନିଜ ବ୍ୟକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଓ ଛାତ୍ର, ଛାତ୍ରୀଙ୍କୁ ସାମୁହିକ ବିକାଶ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଅନୁଦାନ ଦେଇଥାନ୍ତି । ଏହାର ସଦ ଉପଯୋଗ କରି ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ଶିଶୁଙ୍କୁ ବିକାଶ ପାଇଁ ଉପଯୋଗ କରନ୍ତୁ ପିଲାଙ୍କ ପାଠ ପଢା ପାଇଁ ସରକାର ସବୁବେଳେ ପ୍ରସ୍ତୁତ ଅଛନ୍ତି ।

# ନବ ନିଯୁକ୍ତ (ଏଲଟିଆର) ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ଓଷ୍ଟାର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ତଥା ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତାଙ୍କ ସଭାପତିତ୍ୱରେ ମୟୂରଭଞ୍ଜ ଜିଲ୍ଲାରେ ନୂଆ କରି ସରକାରୀ ଚାକିରିରେ ଯୋଗଦାନ କରିଥିବା ଏଲଟିଆର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ମୁର୍ଗାବାଡିସ୍ଥ ଓଷ୍ଟାର ଜିଲ୍ଲା କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂଆ କରି ସରକାରୀ ହାଇସ୍କୁଲ ଗୁଡ଼ିକରେ ଯୋଗଦାନ କରିଥିବା ଗଣିତ, ବିଜ୍ଞାନ ଓ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱାଗତ କରିବା ସହ ସରକାରୀ ଚାକିରିର ନୀତି, ନିୟମ ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଷ୍ଟାର ଜିଲ୍ଲା କାର୍ଯ୍ୟକାରି ସଭାପତି ଦୟାନିଧି ମହାନ୍ତ, ସହ ସଂପାଦିକା ଅତସୀ କୁଣ୍ଡୁ, କୋଷାଧ୍ୟକ୍ଷ ବିଶ୍ୱଜିତ ବିଶ୍ୱାଳ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ମହାନ୍ତ, ଦେବରାଜ ନାୟକ, ସୁଶାନ୍ତ ଗିରି, ଓଷ୍ଟାର ପୂର୍ବତନ ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ, ବରିଷ୍ଠ ଶିକ୍ଷକ ହରିଶ ଚନ୍ଦ୍ର ଦାସ, ତପନ କୁମାର ବାରିକ, ମନୋରଞ୍ଜନ ଧଳ, ସମିର କୁମାର ମାଇତି, ସହଦେବ ବେହେରା, ସୂର୍ଯ୍ୟ ପ୍ରକାଶ ନାଏକ, ନନିଗୋପାଳ ଜେନା ଓ ଫାଇଜାନ ଉଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ଦେବରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



## ଭଞ୍ଜପୁର-ପୁରୀ ଓ ଭଞ୍ଜପୁର-ସାଲିମାର ଦ୍ୱିସାପ୍ତାହିକ ସ୍ପେଶାଲ ଟ୍ରେନ୍

# କୃତଜ୍ଞତା ଜଣାଇଲା ମୟୂରଭଞ୍ଜ ରେଲୱେ ଟ୍ରାଭେଲର୍ସ ଫୋରମ୍

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ଅନୁସାରେ ରେଳ ମନ୍ତ୍ରଣାଳୟ ଟ୍ରେନ୍ ସଂଖ୍ୟା ୦୮୦୧୧/୧୨ ଭଞ୍ଜପୁର-ପୁରୀ ଓ ଟ୍ରେନ୍ ସଂଖ୍ୟା ୦୮୦୦୭/୦୮ ଭଞ୍ଜପୁର-ସାଲିମାର ଦ୍ୱିସାପ୍ତାହିକ ସ୍ପେଶାଲ ଟ୍ରେନ୍ ଦ୍ୱୟକୁ ନିୟମିତ କରିବା ପାଇଁ ଫେବୃଆରୀ ୨୫ତାରିଖ ଦିନ ନୋଟିଫିକେସନ୍ ଜରିଆରେ ଜଣାଇଛନ୍ତି। ଏହି ଦ୍ୱୟ ଟ୍ରେନ୍ ସମୁଦାୟ ୧୦ଟି ବଗି ସହିତ ଚଳାଚଳ କରିବ। ଭଞ୍ଜପୁର-ପୁରୀ ନିୟମିତ ଟ୍ରେନ୍‌ଟି ନୂତନ ଟ୍ରେନ୍ ନମ୍ବର ୧୮୦୧୭/୧୮ ସହିତ ସପ୍ତାହକୁ ଦୁଇଦିନ ଚଳାଚଳ କରିବ। ଟ୍ରେନ୍ ନମ୍ବର ୧୮୦୧୭ ଭଞ୍ଜପୁର-ପୁରୀ ଟ୍ରେନ୍‌ଟି ପ୍ରତି ଗୁରୁବାର ଓ ଶନିବାର ଭଞ୍ଜପୁରରୁ ରାତି ୧୧ଟା ୧୦ମିନିଟ୍‌ରେ ବାହାରି ପରଦିନ ସକାଳ ୫ଟା ୫୦ ମିନିଟ୍‌ରେ ପୁରୀରେ ପହଞ୍ଚିବ। ସେହିପରି ଫେରିବା ପଥରେ ପୁରୀ-ଭଞ୍ଜପୁର ଟ୍ରେନ୍ ନମ୍ବର ୧୮୦୧୮ ପ୍ରତି ଶୁକ୍ରବାର ଓ ରବିବାରରାତି ୧୧ଟା ୫୦ ମିନିଟ୍ ରେ ପୁରୀରୁ ବାହାରି ପରଦିନ ସକାଳ ୯ଟା ୫୦ମିନିଟ୍‌ରେ ଭଞ୍ଜପୁରରେ ପହଞ୍ଚିବ। ସେହିପରି ଭଞ୍ଜପୁର-ସାଲିମାର ଟ୍ରେନ୍‌ଟି ନୂତନ ଟ୍ରେନ୍ ନମ୍ବର ୧୮୦୧୫/୧୬ରେ ପ୍ରତି ଗୁରୁବାର ଓ ଶନିବାର ସାଲିମାରରୁ ଓ ପ୍ରତି ସୋମବାର ଓ ଶନିବାର ଭଞ୍ଜପୁରରୁ ଚଳାଚଳ କରିବ। ଏହି ଟ୍ରେନ୍ ଦ୍ୱୟ ନିୟମିତ ହେବା ଫଳରେ ଏବେ ଏହି ଟେନ୍‌ରେ ଯାତ୍ରୀମାନଙ୍କୁ କମ୍ ଭଡା ଦେବାକୁ ପଡିବ। ଜିଲ୍ଲାବାସୀଙ୍କ ଦୀର୍ଘବର୍ଷର ଦାବିକୁ ସମ୍ମାନ ଜଣାଇ ଏହି ଦୁଇଟି ଟ୍ରେନ୍‌କୁ ନିୟମିତ କରିଥିବାରୁ ଜିଲ୍ଲାବାସୀଙ୍କ ପକ୍ଷରୁ ମୟୂରଭଞ୍ଜ ରେଲୱେ ଟ୍ରାଭେଲର୍ସ ଫୋରମ୍, ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ଓ ନଗର ଉନ୍ନୟ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ମୟୂରଭଞ୍ଜ ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି କ୍ରମରେ ଏହି ଦାବି ସହିତ ଜଡିତ ବିଭିନ୍ନ ଜନପ୍ରତିନିଧି, ଅନୁଷ୍ଠାନ, ସଂଗଠନ, ବ୍ୟକ୍ତିବିଶେଷଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଚାଷୀଙ୍କ କାମରେ ଆସୁନି ଡିହସାହି ମାଟି କେନାଲ



ହିନ୍ଦୋଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଉଁଶ ପୋଖରୀ ପଞ୍ଚାୟତ ନୁଆକୋଟ ଡିହସାହି ଗ୍ରାମ ମଶାଣି ଠାରୁ ଆଶ୍ରମ ପର୍ଯ୍ୟନ୍ତ ଅନ୍ୟଟି ଆଶ୍ରମ ଠାରୁ ଗାଁ ମୁଣ୍ଡ ପର୍ଯ୍ୟନ୍ତ ମନରେଗା ଯୋଜନାରେ ୨୦୨୦/୨୧ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ଲେଖାଏଁ ସମୁଦାୟ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ଅର୍ଥରେ ଖନନ ହୋଇ ଥିବା ମାଟି କେନାଲ ଏବେ ଗ୍ରାମର କୃଷକ ମାନଙ୍କ ସ୍ୱାର୍ଥ ହାସଲ କରି ପାରୁ ନାହିଁ । ଚାଷୀ ମାନଙ୍କ ଚାଷ ଜମିକୁ ପାଣି ମାଡ଼ିବା ସହିତ ଉକ୍ତ କେନାଲ ପୋଖରୀକୁ ସଂଲଗ୍ନ ହେବାର ନିୟମ ରହି ଥିବା ବେଳେ ଏହାକୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକାରେ ପରସ୍ପରର ଫାଇଦା ହାସଲ ପାଇଁ ସେ ସମୟରେ ରାସ୍ତା ପାର୍ଶ୍ୱରେ ଖୋଳି ଦିଆ ଯାଇଥିଲା ଯାହାକୁ ଗ୍ରାମବାସୀ ମାନେ ଘୋର ବିରୋଧ କରି ଥିଲେ । ଭବିଷ୍ୟତରେ ରାସ୍ତା ପ୍ରଶସ୍ତିକରଣର ଲକ୍ଷ ରଖି ଗ୍ରାମବାସୀମାନେ ଏହାକୁ ବିରୋଧ କରିଥିଲେ ମଧ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କି ଯନ୍ତ୍ରୀ ଗୁରୁ-- ଦେଇ ନଥିଲେ । ଦୀର୍ଘ ୪/୫ ବର୍ଷ ପୂର୍ବର ନିର୍ମିତ ଏହି ପ୍ରକଳ୍ପ ଦୁଇଟି ଏବେ ଅସ୍ଥି ହରାଇବାକୁ ବସିଲାଣି । ଘଞ୍ଚ ଲଟାରେ ପରିପୂର୍ଣ୍ଣ ହେବା ସହ ଧୀରେ ଧୀରେ ମାଟିରେ ପୋତି ହୋଇ ଏହା ଭୂଇଁ ସହିତ ସମାନ ହେବା ଭଳି ଦେଖା ଗଲାଣି । ପ୍ରକଳ୍ପ ନିର୍ମାଣ ହେବାର କିଛି ଦିନ ପରେ ଗୋଟିଏ ସୂଚନା ଫଳକ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଗ୍ରାମାଞ୍ଚଳରେ ଚାଷୀ ଓ ଶ୍ରମିକ ମାନଙ୍କ ଦାବି ପ୍ରତିବାଦକୁ ପ୍ରଶାସନିକ ସ୍ତରରେ ଏଭଳି ଅଣଦେଖା କରାଯାଉ ଥିବାରୁ ଜନହିତରେ ଆବଶ୍ୟକ ପ୍ରକଳ୍ପ ଗୁଡ଼ିକ ଏହିଭଳି ନିମ୍ନମାନର କାର୍ଯ୍ୟ କରାଯାଉ ଥିବାରୁ ନଷ୍ଟ ହେବାକୁ ବସିଲାଣ । ଏଥିରେ ସରକାରଙ୍କ ଆର୍ଥିକ ଅନୁଦାନରୁ ଲକ୍ଷ ଲକ୍ଷ ଟଙ୍କା ଶ୍ରାଦ୍ଧ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛ । କେନାଲ ଦ୍ୱୟର ପୁନରୁଦ୍ଧାର କରା ଯାଇ କୃଷକ ମାନଙ୍କ କୃଷି କ୍ଷେତ୍ରକୁ ସ୍ୱଂ ବନ୍ଦ ବସ୍ତ କରିବାକୁ ସ୍ଥାନୀୟ କୃଷକ ସମାଜ ଦୃଢ଼ ଦାବି କରିଛନ୍ତି ।

## ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ଯୁବପିଢ଼ିଙ୍କୁ 'ୱେଲଥ୍ କ୍ରିଏଟର' ଭାବେ ତିଆରି କରିବା ଆମର ଲକ୍ଷ୍ୟ : ଧର୍ମେନ୍ଦ୍ର



ଅନୁଗୋଳ,(ସବ୍ୟୁ) : ଅନୁଗୋଳର ଶିଳ୍ପ ସମୃଦ୍ଧିକୁ ଏକ ନୂତନ ଶିଖରରେ ପହଞ୍ଚାଇବା ସହ ଜିଲ୍ଲାରେ ଏକ ଅତ୍ୟାଧୁନିକ ବ୍ୟବସାୟିକ ବାତାବରଣ ପ୍ରସ୍ତୁତ କରିବା ଏବଂ ଯୁବପିଢ଼ିଙ୍କୁ 'ୱେଲଥ୍ କ୍ରିଏଟର' ଭାବେ ତିଆରି କରିବା ଆମର ମୂଳ ଲକ୍ଷ୍ୟ ହେବା ଦରକାର ବୋଲି ଶନିବାର ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘ (ଏଡିସିସିଆଇ)ର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଅବସରରେ ସେ ନିଜ ପୂଜ୍ୟ ପିତାଙ୍କ ସ୍ମୃତିରେ 'ଡାକ୍ତର ଦେବେନ୍ଦ୍ର ପ୍ରଧାନ ବାଣିଜ୍ୟ ଭବନ'ର ଭୂମିପୂଜନ କରିବା ସହ ଏହା ଜିଲ୍ଲାର ବ୍ୟବସାୟିକ କାରବାରକୁ ଏକ ନୂତନ ଗତି ପ୍ରଦାନ କରିବ ବୋଲି ଆଶା ପ୍ରକଟ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘର ୫୦ ବର୍ଷର ସଫଳ ଯାତ୍ରା ସମଗ୍ର ଜିଲ୍ଲାର ଅର୍ଥନୈତିକ ପ୍ରଗତିର ଏକ ଜ୍ୱଳନ୍ତ ପ୍ରତିଛବି । ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଅନୁଗୋଳ ଆଜି ଓଡ଼ିଶା ସମେତ ସମଗ୍ର ଭାରତର ଶିଳ୍ପ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଅନୁଗୋଳ ହେଉଛି ଏକ 'ଲଘୁ ଭାରତ' । ଏଠାରେ ଖଣି, ଖାଦାନ, କଳକାରଖାନା ସହ ବଡ଼ ବଡ଼ ବଜାର ମଧ ରହିଛି । କୋଇଲା, ଲୁହା, ଆଲୁମିନିୟମ ଏବଂ କେମିକାଲ୍ ଶିଳ୍ପ କ୍ଷେତ୍ରରେ ଏହି ଜିଲ୍ଲା ଓଡ଼ିଶା ତଥା ଭାରତକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଛି । ବିଶେଷ କରି ବିଦ୍ୟୁତ ଉତ୍ପାଦନରେ ଅନୁଗୋଳ ଦେଶର ଅଗ୍ରଣୀ ଭୂମିକା ଗ୍ରହଣ କରିଛି, ଯାହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ।

ଏଠାରେ ଶିଳ୍ପ ସହିତ କୃଷି ଓ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଜିଲ୍ଲାର ବିକାଶ କେବଳ ଭାରୀ ଶିଳ୍ପ ମଧ୍ୟରେ ସୀମିତ ନରହି ଏହାକୁ କୃଷି, ପର୍ଯ୍ୟଟନ ଏବଂ ଏମଏସଏମଇ କ୍ଷେତ୍ରରେ ମଧ ସମ୍ପ୍ରସାରିତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ଜିଲ୍ଲାରେ ଥିବା ପାଖାପାଖି ୨ ଲକ୍ଷ ହେକ୍ଟର ଚାଷ ଜମିକୁ ଆଧାର କରି ଏଗ୍ରୋ-ଇଣ୍ଡଷ୍ଟ୍ରିର ପ୍ରସାର କରାଯିବା ଦରକାର । ସେହିପରି ଟିକରପଡ଼ାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ତାଳଚେର-ଅନୁଗୋଳର ହୋଟେଲ ଶିଳ୍ପକୁ ନେଇ ଏକ ଅତ୍ୟାଧୁନିକ ପର୍ଯ୍ୟଟନ ହବ୍ ତିଆରି କରିବାର ଯୋଜନା ହେବା ଦରକାର ।

ସ୍ଥାନୀୟ ଯୁବପିଢ଼ିଙ୍କୁ କେବଳ ଚାକିରି ପଛରେ ନଧାଇଁ ନିଜେ ମାଲିକ ବା 'ୱେଲଥ୍ କ୍ରିଏଟର' ଭାବେ ଗଢ଼ିତୋଳିବା ଆମର ମୂଳ ଉଦ୍ଦେଶ୍ୟ ହେବା ଦରକାର । ଏଥିପାଇଁ ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘର ସହଯୋଗରେ ଜିଲ୍ଲାରେ ଏକ ଅତ୍ୟାଧୁନିକ ବ୍ୟବସାୟିକ ବାତାବରଣ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି । ୨୦୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଏବଂ ୨୦୪୭ ର 'ବିକଶିତ ଭାରତ' ଲକ୍ଷ୍ୟ ହାସଲ କରିବାରେ ଅନୁଗୋଳର ଭୂମିକା ନିର୍ଣ୍ଣାୟକ ହେବ । ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ପରିମଳ ଓ ରୋଜଗାରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏକ ସମୃଦ୍ଧ ଅନୁଗୋଳ ଗଠନ କରାଯିବ । ସମୃଦ୍ଧ ଅନୁଗୋଳ ହିଁ ବିକଶିତ ଓଡ଼ିଶା ଓ ଏକ ସଶକ୍ତ ଭାରତ ଗଠନର ଅସଲ ମୂଳଦୁଆ ସାଜିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରତିଷ୍ଠାନର ଅଧକ୍ଷ ତଥା ସିଇଓ, ସଭାପତି ଦୀପକ ବର୍ମା, ଉପସଭାପତି ସୁବାଷ ପ୍ରଧାନ ଓ ବିକ୍ରମ ଆଗ୍ରୱାଲ,ସମ୍ପାଦକ ଅଶୋକ କୁମାର ମୋଦୀ,କୋଷାଧକ୍ଷ ବିକାଶ ପୋଦାର, ସହ ସମ୍ପାଦକ ଶେକ ରଫିକ, ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଷ୍ଠାନର ରାଜକୁମାର ମହୁରୀ, ପ୍ରଭାତ ପାଳିତ ଏବଂ ସ୍ୱର୍ଗତ ବ୍ରିଜଭୂଷଣ ଆଗ୍ରୱାଲଙ୍କ ପତ୍ନୀ ଓ ପୁଅଙ୍କୁ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ ଶେଷରେ ପପୁ ପମପମ, କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଏବଂ ଭାଗ୍ୟଶ୍ରୀ ମହାନ୍ତିତାଙ୍କ ଗ୍ରୁପ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା ।

# ପେପରଟେଣ୍ଡରକୁ ନେଇ ବିଜେଡିର ପ୍ରତିବାଦ

## ପୌରାଧକ୍ଷାଙ୍କ ପ୍ରେସ ମିଟ,ପୂର୍ବରୁ ୪ଶହ ପ୍ରକଳ୍ପ ହୋଇଥିଲା

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ପୌରପାଳିକାରେ ୧୨୦ଟି ହସ୍ତବୃତ୍ତ ଠିକା ପ୍ରସ୍ତାବ ପେପର ଟେଣ୍ଡରକୁ ବିରୋଧ କରି ବିଜେଡି କାଉନସିଲର ମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଧାରଣାରେ ବସିବା ଘଟଣାକୁ ନେଇ ଆଜି ପୌରାଧକ୍ଷା ଜୟନ୍ତି ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ପୌରାଞ୍ଚଳର ବିକାଶରେ ବିଜେଡି ବାଧକ ସାଜିଥିବାର ଅଭିଯୋଗ କରିଛନ୍ତି।

ଗତ ଫେବୃଆରୀ ୧୭ ତାରିଖରେ ୪୮୩ ନମ୍ବର ଅନୁସାରେ୨୩ଟି ୱାର୍ଡରେ ୧୨୦ଟି ପେପର ଟେଣ୍ଡର ଆହ୍ୱାନ କରାଯାଇଛି।ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ୫ଲକ୍ଷ ଟଙ୍କା ଏଭଳି ପ୍ରାୟ ୫ କୋଟି ଟଙ୍କାର କାମ ପାଇଁ ଏହି ଟେଣ୍ଡର କରାଯାଇଛି। ବିଭିନ୍ନ ୱାର୍ଡରେ ମାତ୍ରାଧିକ ଠିକାଦାର ନିଯୁକ୍ତି କରାଗଲେ କାର୍ଯ୍ୟର ମାନ ହ୍ରାସ ପାଇବ ବୋଲି ଅଭିଯୋଗ କରାଯାଇଥିବା ବେଳେ ସହରରେ ଉପଯୁକ୍ତ ଠିକା ସଂସ୍ଥା ଏବଂ ଠିକାଦାର ଥିବା ବେଳେ କେବଳ ତାଲିକା ଭୁକ୍ତ ଠିକାଦାରଙ୍କୁ ପ୍ରାଧାନ୍ୟଦେବା ଆଇନ ବିରୁଦ୍ଧ ବୋଲି ଅଭିଯୋଗ କରିଥିଲେ। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେଏକ ନିର୍ଦ୍ଦିଷ୍ଟ ପ୍ରକାାର କାର୍ଯ୍ୟପାଇଁ ପ୍ରସ୍ତାବନକରି ଛୋଟ ଛୋଟ ଭାବରେ ବିଭକ୍ତ କରିବା,ଇଟେଣ୍ଡର କରାନଯାଇ ପେପେର ଟେଣ୍ଡର କରିବା,ଭଳି କାର୍ଯ୍ୟକୁ ବିଜେଡି କାଉନସିଲର ମାନେ ବିରୋଧ କରିଛନ୍ତି।ପୌରପାଳିକାକୁ ଆସୁଥିବା ଅର୍ଥ ବ୍ୟୟ ପରିଚାଳନା ପରିବର୍ତ୍ତେ ଏହା କିପରି ଅପଚୟ ହେବ ତାହାର ପ୍ରମାଣ ବୋଲି କହିବା ସହିତ ଏହି ଟେଣ୍ଡରକୁ ବିରୋଧ ସହିତ ପ୍ରତ୍ୟାହାର ଦାବୀ କରି ଧାରଣା ଦେଇଥିଲେ। ଏହାକୁନେଇ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୌରାଧକ୍ଷା କହିଛନ୍ତି ଯେ,ଉପନଗରପାଳ ଏବଂ କେତେଜଣ ବିଜେଡି କାଉନସିଲର ପୌରପାଳିକାର ବିକାଶରେ ବାଧକ ସାଜିଛନ୍ତି। ପୂର୍ବ ବିଜେଡି ସରକାର ପୌରାଞ୍ଚଟେଣ୍ଡର ନିୟମ ଅନୁସାରେ ଦୁଇଲକ୍ଷଟଙ୍କାର ପ୍ରକଳ୍ପ ଗୁଡିକୁ ପେପର ଟେଣ୍ଡର ମାଧ୍ୟମରେ ୪ଶହରୁ ଅଧିକ ପ୍ରକଳ୍ପ କରିଛନ୍ତି। ପୂର୍ବସରକାରରେ ମୁକ୍ତା ଯୋଜନା ଏବଂ ଆମ ଓଡିଶା ନବୀନ ଓଡିଶାଯୋଜନା ମାଧ୍ୟମରେ ଏସଏସଜି ଗ୍ରୁପ ମାଧ୍ୟମରେ ଶହଶହ କୋଟି ଟଙ୍କାର ପ୍ରକଳ୍ପ ବିନା ଟେଣ୍ଡରେ କରିବା ସହିତ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ମାଧ୍ୟମରେ ସରକାରଙ୍କ ନିୟମ ଅନୁସାରେ ୫ଲକ୍ଷ ଟଙ୍କାରରୁ କମ ମୂଲ୍ୟର ପ୍ରକଳ୍ପ ଗୁଡିକ ସ୍ୱୀକୃତି ପାଇବା ପରେ ୨୩ଟି ୱାର୍ଡରେ ୧୨୦ ପ୍ରକଳ୍ପ ପାଇଁ ପେପର ଟେଣ୍ଡର କରାଯାଇଛି। ପୌରସଂସ୍ଥାରେ ବିଜେଡି ଏବଂ ବିଜେପି ମଧ୍ୟରେସର୍ବଦା ବାଦ ବିବାଦ ଲାଗିରହିଛି। ଆରମ୍ଭ ଦିନରୁ ଏଭଳି ବିବାଦ ଯୋଗୁ ପୋଖରୀ ଖୋଳା ସହିତ ବିଭିନ୍ନ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ନୂଆପୋଖରୀ ଅବସ୍ଥା ମଧ ସମାନ ଭାବରେ ହୋଇଥିଲା। ଉଭୟ ଗୋଷ୍ଠୀ ସହରର ବିକାଶ ପ୍ରତି ଦୃଷ୍ଟି ନଦେଇ ସର୍ବଦା ତୁ ତୁ ମେଁ ମେଁ ହେଉଥିବାରୁ ସାଧାରଣରେ ନାପସନ୍ଦ କରାଯାଇଛି।

# ତାଳଚେର ଟ୍ରାଫିକ୍ ସମସ୍ୟା ଉତ୍କଟ ପୋଲିସ ସାଜିଛି ନିରବଦ୍ରଷ୍ଟା

ତାଳଚେର,(ସବ୍ୟୁ) :ତାଳଚେର ଗୋଡ଼ିବନ୍ଧ ଠାରୁ ଆରମ୍ଭକରି ବହ୍ଲର ପର୍ଯ୍ୟନ୍ତ ୧୪୯ନଂ ଜାତୀୟ ରାଜପଥଟିରେ ଅହରହ ଭାରୀଯାନ ଚଳାଚଳ ଫଳରେ ଟ୍ରାଫିକ ସମସ୍ୟା ଲାଗି ରହୁଥିବା ବେଳେ ତାଳଚେର ପୋଲିସ୍ ନିରବ ସାଜିଛ କାହିଁକି? ତାଳଚେରରୁ ମାତ୍ର ୧୨କିମି ରାସ୍ତା ଅତିକ୍ରମ କରିବାକୁ ବାଇକରେ ୧-୨ ଘଂଟା ଲାଗୁଥିବା ବେଳେ କାର ଗୁଡ଼ିକ କଥା ପଚାରେ କିଏ। କେବେ ହେଲେ ଟ୍ରାଫିକ ସମସ୍ୟାରେ ପୋଲିସ୍ ରାସ୍ତା ଉପରେ ଠିଆହୋଇ ଟ୍ରାଫିକ ନିୟନ୍ତ୍ରଣ କରୁଥିବା ନଜରକୁ ଆସୁନଥିବା ଏଠିକାର ଅଂଚଳବାସୀ ଅଭିଯୋଗ କରୁଛନ୍ତି। ଏହି ରାଜପଥଟି ଅଣଓସାରିଆ ସହିତ ଉଭୟ ପାର୍ଶ୍ୱରେ ଖାଲଖମଣା ଯୋଗୁଁ ବହୁ ଦୁର୍ଘଟଣା ଘଟି ପ୍ରାଣ ଚାଲି ଯାଉଥିବା ବେଳେ ଏଠିକାର ଅଂଚଳବାସୀ ବିକଳ୍ପ ରାସ୍ତା ଖୋଜିବାରେ ଲାଗିପଡ଼ନ୍ତି। ଖଣି ଗୁଡ଼ିକରୁ ଦୈନନ୍ଦିନ ହଜାର ହଜାର ସଂଖ୍ୟକ ଟ୍ରକ ଏହି ରାଜପଥରେ ଅହରହ ଚଳପ୍ରଚଳ କରୁଥିବା ଓ ଏଡି ପୁରୁଣା ରାଜପଥଟି ସଂକୀର୍ଣ୍ଣ ହୋଇପଡ଼ିବା ଯୋଗୁଁ ଦୁର୍ଘଟଣା ସହ ଧୂଳିଧୂଆଁରେ ଲୋକମାନେ ତ୍ରାହିତ୍ରାହି ଡ଼ାକ ଦେଉଥିବା ଅଂଚଳବାସୀ ଏହା ପ୍ରକାଶ କରୁଛନ୍ତି। ଏହି ଧୂଳି ନାକ, କାନ, ପାଟି, ଆଖି ଇତ୍ୟାଦିରେ ପଶି ଅଂଚଳବାସୀ ରୋଗର ଶୀକାର ହେଉଥିବା ବେଳେ ଏହି ରାଜପରେ ଦୁର୍ଗଟଣାର ପିଛା ଛାଡ଼ିନଥାଏ। ଏଥିନେଇ ପୂର୍ବରୁ ଜିଲ୍ଲପାଳ ଏହି ରାଜପଥରେ ୨୦କିମି ବେଗରେ ଗାଡ଼ି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ଏହାକୁ ଖାତିରନକରି ମନଇଚ୍ଛା ଦ୍ରୁତଗତିରେ ଗାଡ଼ି ଚଳାଉଥିବା ଯୋଗୁଁ ରାସ୍ତାଟି ମରଣଯନ୍ତା ସାଜିଛି। ଅପରପକ୍ଷେ ବର୍ତ୍ତମାନ ବାୟୁ ପ୍ରଦ୍ୟୁଷଣକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ପାଣିସିଂଚନ ପାଇଁ ବ୍ୟବସ୍ଥା କରିଥିବା ବେଳେ ତାହା ମଧ କାଗଜ ପତ୍ରରେ ସିମୀତ ଥିବା କୁହାଯାଉଛି। ତାଳଚେର ପୋଲିସ ଏଥିପ୍ରତି ଦୃଷ୍ଟି ନଦେଇ କେବଳ ଚୋରାବାଲି, କୋଇଲାକୁ ସୁରକ୍ଷା ଯୋଗାଇ ବେଶ ନିଜର ସ୍ୱାର୍ଥ ହାସଲ କରୁଥିବା ବେଳେ ଏଠିକାର ଜନସାଧାରଣ ସୁବିଧା କଥା ବୁଝିବେ ବା କାହିଁକି ବୋଲି ମତପୋଷଣ ପାଉଛି। ତେଣୁ ତୁରନ୍ତ ଏଥିପ୍ରତି ଭିଜିଲାନ୍ସ ବିଭାଗ ସହିତ ଜିଲ୍ଲା ଏସପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମହାନଦୀ ବଞ୍ଚାଓ ଆନ୍ଦୋଳନ

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ଧଳପୁର ସେତୁ ସ୍ଥିତ ମହାନଦୀ ଭିତରେ ମହାନଦୀ ବଞ୍ଚାଓ ଆନ୍ଦୋଳନ ଉପଲକ୍ଷେ ଏକ ବିକ୍ଷୋଭ କରା ଯାଇଥିଲା । ମହାନଦୀ ବଞ୍ଚାଓ ଆନ୍ଦୋଳନ ର ରାଜ୍ୟ ଆବାହକ ସୁଦର୍ଶନ ଦାଶ ଙ୍କ ଆହ୍ୱାନ କ୍ରମେ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ର ରାଜ୍ୟ ସାଧାରଣ ସମ୍ପାଦକ ତଥା ସାମାଜିକ କର୍ମୀ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ସାତ ବର୍ଷ ପୂର୍ବରୁ ଗଠନ ହୋଇଥିବା ଟ୍ରିବୁନାଲ ଆଜି ପର୍ଯ୍ୟନ୍ତ କୌଣସି ରାୟ ପ୍ରକାଶ କରି ନଥିବାରୁ ତାହାର ପ୍ରତିବାଦ ଓ ଆନ୍ତରୀଣ ରାୟ ଶୀଘ୍ର ପ୍ରକାଶ କରିବା ଦାବୀ ରେ ଏହି ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା । ଏହି ବିକ୍ଷୋଭ ପ୍ରଦର୍ଶନ ରେ ସାମାଜିକ କର୍ମୀ ସୁବାଷ ଚନ୍ଦ୍ର ପ୍ରଧାନ ଙ୍କ ସମେତ ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର ସାହୁ, କିଶୋର ମହାକୁଡ଼,ମନୋଜ କୁମାର ପ୍ରଧାନଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ।

# ଦୁଇ ଜିଲ୍ଲା ପରିଷଦ ସଭ୍ୟଙ୍କ ସହ ଶତାଧିକ ବିଜେପିରେ

ଅନୁଗୋଳ, (ସବ୍ୟୁ) : ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଉପସ୍ଥିତି ରେ ବିଜେଡି ଓ କଂଗ୍ରେସ ଛାଡି ଶତାଧିକ କର୍ମୀ ବିଧିବଦ୍ଧ ଭାବେ ବିଜେପି ରେ ସାମିଲ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଙ୍କ ସହ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ଉପସ୍ଥିତି ରେ ଶତାଧିକ କର୍ମୀ ଅନ୍ୟ ଦଳ ଛାଡି ବିଜେପି ରେ ସାମିଲ ହୋଇଛନ୍ତି । ସେମାନଙ୍କୁ ବିଜେପି ନେତୃବର୍ଗ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତକରିଥିଲେ । ୨୭ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ବନରପାଳ ଜୋନର ଗୋପାଳ ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ୨୫ ନମ୍ବର ଜୋନର ଦିଲ୍ଲୀପ କୁମାର ପ୍ରଧାନ, ସମିତି ସଭ୍ୟା କୁଲାଡ଼ ପ୍ରିୟମ୍ବଦା ଧିର, ବଳରାମ ପ୍ରସାଦ, ତଳମୁଲ, ମହୀଧରପୁର, କୁଲାଡ଼, ବାଲୁଆକତାର ଶତାଧିକ କର୍ମୀ ବିଜେପି ରେ ସାମିଲ ହୋଇଛନ୍ତି ଜିଲ୍ଲା ସମ୍ପାଦକ ପ୍ରତ୍ୟୁଷ ରଞ୍ଜନ ପଣ୍ଡାଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ସୁଦିପ ଗଡ଼ନାୟକ ଓ ବିଜେପି ର ସମସ୍ତ ଜିଲ୍ଲା ପଦାଧିକାରୀ ଉପସ୍ଥିତ ଥିଲେ ।

# ଅଗ୍ନିକାଣ୍ଡରେ ୫ ବଖରା ଜଳିଗଲା

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁ ବଇଣ୍ଡା ଗ୍ରାମରେ ଶୁକ୍ରବାର ଦିନ ଅଗ୍ନିକାଣ୍ଡ ଘଟି ମଦନ ଦେହୁରୀ ଙ୍କର ୫ ବଖରା ଚାଳଘର ଜଳି ଯାଇଛି । କିପରି ଅଗ୍ନିକାଣ୍ଡ ଘଟିଲା ତାହା ଜଣାପଡି ନଥିବା ବେଳେ ଏହି ଅଗ୍ନିକାଣ୍ଡରେ ମଦନ ଙ୍କର ସମସ୍ତ ଆସବାପତ୍ର ସହ ସମସ୍ତ ସାମଗ୍ରୀ ଜଳି ଯାଇଛି । ସ୍ଥାନୀୟ ଅଂଚଳବାସି ଓ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ନିଆଁ କୁ ଆୟତ କରିଥିଲେ । ତୁରନ୍ତ କ୍ଷତଗ୍ରସ୍ତଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇ ସାଧାରଣରେ ଦାବି ହୋଇଛି । ଖବର ପାଇ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ବଇଣ୍ଡାର କିଛି ସଦସ୍ୟ ବଇଣ୍ଡା ଗ୍ରାମରେ ହୋଇଥିବା ଘର ପୋଡ଼ିର ପରିଭ୍ରମଣରେ ଯାଇଥିଲେ । ନାଗରିକ ମଞ୍ଚର ସଭାପତି ସନାତନ ସାହୁ, ସମ୍ପାଦକ ସୁକାନ୍ତ କୁମାର ରଣା, ଯୁଗ୍ମ ସମ୍ପାଦକ ଅର୍ଜୁନ କୁମାର ସାହୁ, କୋଷାଧକ୍ଷ କୃପା ସିନ୍ଧୁ ନାୟକ, ବୃନ୍ଦାବନ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ଶ୍ରୀଧର ବେହେରା, ଅନାମ ଚରଣ ସାହୁ, କିଶୋର ଚନ୍ଦ୍ର ପଟ୍ଟନାୟକ, ବସନ୍ତ ଗଡ଼ନାୟକ ପ୍ରଭୃତି ପୀଡିତ ପରିବାରଙ୍କୁ ଅନ୍ନ, କପଡା ଏବଂ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ ।

# ନିଆଁରେ ବୃଦ୍ଧ ଜୀବନଦଗ୍ଧ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଆନନ୍ଦମୁଣ୍ଡା ଅଞ୍ଚଳ ରେ ଶନିବାର ଦିନ ନିଆଁ ରେ ପୋଡି ହୋଇ ସେହି ଗ୍ରାମର କରୁଣା କର ସାହୁ (୭୩) ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି । ଜଣାପଡିଛି ଯେ ୫୫ ନମ୍ବର ଜାତୀୟ ରାଜ ପଥ କଡରେ ଆନନ୍ଦମୁଣ୍ଡା ନିକଟରେ ଥିବା ମହୁଲ ଗଛରେ ଅନେକ ପତ୍ର ସୁଖୀ ତଳେ ପଡିଥିବା ବେଳେ କରୁଣା କର ଉକ୍ତ ପତ୍ର ଗୁଡିକ ଶନିବାର ଅପରାହ୍ନ ସମୟରେ ନିଆଁ ଲଗାଇଦେଇଥିଲେ । ପତ୍ର ଗୁଡିକ ସୁଖୀ ଯାଇଥିବା ଯୋଗୁଁ କ୍ଷିପ୍ର ଗତିରେ ଲାଗିଥିବା ବେଳେ କରୁଣାକର ଙ୍କର ପିନ୍ଧିଥିବା ଲୁଙ୍ଗିରେ ଲାଗି ଯାଇଥିଲା । ଉକ୍ତ ଲୁଙ୍ଗି କୁ ସେ ଖୋଲି ପାରି ନଥିବା ବେଳେ ତାଙ୍କ ଦେହ ସାରା ନିଆଁ ଲାଗି ଯାଇଥିଲା । ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ଗୁରୁତର ଅବସ୍ଥା ରେ କିଛି ବ୍ୟକ୍ତି ଉଦ୍ଧାର କରି ଚିକିତ୍ସା ପାଇ ବଇଣ୍ଡା ମେଡିକାଲ ରେ ଭର୍ତ୍ତି କରିଥିବା ବେଳେ ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ପରେ ତାଙ୍କ ଶବ କୁ ବଇଣ୍ଡା ଫାଣ୍ଡି ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଦେଇଛି । ଏ ନେଇ ବଇଣ୍ଡା ଫାଣ୍ଡି ପୋଲିସ ୧/୨୬ ରେ ଏକ ଅପମୃତ ମାମଲା ରୁଜୁ କରିଛି ।

# ଚିଲାଣ୍ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ

ରେଙ୍ଗାଳି, (ସବ୍ୟୁ) : କଣିହାଁ ବ୍ଲକ ବାଲିପସି ପଞ୍ଚାୟତ ଠାରେ ଚିଲାଣ୍ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଢ଼େଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଓ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଜଳସମ୍ପଦ ବିଭାଗ ତରଫରୁ ୧୭ କୋଟି ୯୦ ଲକ୍ଷ୍ୟ ଟଙ୍କା ବିନିମୟରେ ନବ ନିର୍ମିତ ହେବାକୁ ଥିବା ଏହି ଜଳ ପ୍ରକଳ୍ପ ପ୍ରାୟ ୩ ଗୋଟି ପଞ୍ଚାୟତର ସମସ୍ତ ଗ୍ରାମ ରେ ନିତ୍ୟ ବ୍ୟବହାର କାର୍ଯ୍ୟ ଓ ବିଶେଷ କରି ଚାଷ କାର୍ଯ୍ୟରେ ବହୁତ ଉପକାରିତା ହେବ । ବିଧାୟକ ଶ୍ରୀ ମହାନ୍ତି ତାଙ୍କ ଅଭଭାଷଣରେ ଏହି ଜଳ ପ୍ରକଳ୍ପ ହେବା ଦ୍ୱାରା ପ୍ରତ୍ୟେକ ଘରକୁ ନଳ ଯୋଗେ ଜଳ ଯୋଗାଣ ଓ ଉଭୟ ଖରିପ ଓ ରବି ଫସଲ ଚାଷ କରି ଚାଷୀ ଭାଇମାନେ ବହୁତ ଉପକୃତ ହେବେ ଓ ତା ସହ ପ୍ରତ୍ୟେକ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ତାଙ୍କ ଭାଷଣ ମାଧ୍ୟମରେ ଚାଷୀ ମାନଙ୍କ ପ୍ରତି ଡବଲଇଞ୍ଜିନ ସରକାରଙ୍କ ବିକାଶ ମୂଳକ ତଥା ଲାଭ ଦାୟକ ଯୋଜନା ଗୁଡିକ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ, ଅନୁଗୋଳ ଜିଲ୍ଲା ବିଜେପି ଉପସଭାପତି ନୃସିଂହ ବରାଳ, ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ଧ୍ରୁବ ଚରଣ ଧୀର , ସୁମନ୍ତ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ନାବାଳିକାକୁ ବଳାତ୍କାର ପରେ ହତ୍ୟା ଘଟଣା, ଅଭିଯୁକ୍ତ କୋର୍ଟ ଚାଲାଣ

କଣିହାଁ, (ସବ୍ୟୁ): ଘରୁ ଶାଗ ତୋଳିବାକୁ ଯାଇ ନିଖୋଜ ଥିବା ଜଣେ ଆଦିବାସୀ ନାବାଳିକାକୁ ବଳାତ୍କାର ପରେ ହତ୍ୟା ଘଟଣାରେ ପୁଲିସ ଅଭିଯୁକ୍ତ ଆଶିଷ ନାଏକ(୨୦) କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଆଶିଶ ନାବାଳିକାକୁ ପ୍ରଥମେ ବଳାତ୍କାର କରି ପରେ ତଣ୍ଟି ଚିପି ଶ୍ୱାସ ରୁଦ୍ଧ କରି ତାକୁ ହତ୍ୟା କରିଥିଲା । ଏଥିନେଇ ଏନଟିପିସି ଟାଉନ ଥାନାରେ ଏକ ମୋକଦ୍ଦମା ରୁଜୁ ହୋଇ ତଦନ୍ତ ଚାଲିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ଅଭିଯୁକ୍ତ ଆଶିଷ ବିଜିଗୋଳ ଗ୍ରାମର ସାହି ଠାରୁ କିଛି ଦୂରରେ ଏକ ନିଛାଟିଆ ସ୍ଥାନରେ ଏକ ଚାଳ ଘରେ ସ୍ତ୍ରୀ ସହିତ ରହୁଥିଲା । ନାବାଳିକା ଯେଉଁ ଦିନ ଘରୁ ଶାଗ ତୋଳିବା ପାଇଁ ଯାଉଛି କହି ଘରୁ ଆସିଥିଲା ଆଶିଷ ତାକୁ ତାର ଘର ପାଖରେ ଦେଖି କୁଆଡେ ଯାଉଛୁ ବୋଲି ପଚାରି ଥିଲା । ନାବାଳିକା ଶାଗ ତୋଳିବା ପାଇଁ ଯାଉଛି କହିବା ପରେ ଆଉ ଗୋଟେ ଜାଗାରେ ଶାଗ ଅଛି ଚାଲ ଆଣିବା ପାଇଁ କହି ତାଙ୍କୁ ଏକ ନିଛାଟିଆ ଜମି ମାଳକୁ ଡାକି ନେଇଥିଲା । ସେଠାରେ ତାକୁ ବଳାତ୍କାର କରିଥିଲା । ପରେ ନାବାଳିକା ଜଣକ ଉକ୍ତ ଘଟଣା ତାର ସ୍ତ୍ରୀ ଓ ମା'କୁ କହି ଦେବ ବୋଲି କହିବାରୁ ସେଠାରେ ଆଶିଷ ତାର ତଣ୍ଟି ଚିପି ଜମି ମାଳରେ ପକାଇ ଦେବା ସହ ଜମିରେ ଥିବା କାଦୁଅରେ ମୁହଁକୁ ଚାପି ହତ୍ୟା କରି ଫେରାର ହୋଇଯାଇଥିଲା ।

# ନାବାଳିକା ଅପହରଣର ମୁଖ୍ୟ ଅଭିଯୁକ୍ତ, ଦୁଇ ସହଯୋଗୀ ଗିରଫ

ରେଙ୍ଗାଳି,(ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଳି ଥାନା କେସ୍ ନଂ ୨୨୮/୨୫ ଅନୁଯାୟୀ ଗିରଫ ୩ ଅଭିଯୁକ୍ତଙ୍କୁ ଆଜି ପୋଲିସ କୋର୍ଟ ଚାଲାଣ କରିଛି । ସୂଚନାନୁସାରେ, କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଳି ଥାନା ଅଞ୍ଚଳରୁ ଗତ ୧୫/୧୨/୨୫ ତାରିଖ ରାତି ପ୍ରାୟ ୮ଟା ସମୟରେ ଜଣେ ୧୭ ବର୍ଷୀୟା ନାବାଳିକା ଘରୁ ନିଖୋଜ ହୋଇଥିଲେ । ଏନେଇ ପର ଦିନ ଝିଅର ବାପା ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ, ରେଙ୍ଗାଳି ପଞ୍ଚାୟତ ଦେନାଳି ଗ୍ରାମର ତ୍ରିଲୋଚନ ସାହୁଙ୍କ ପୁଅ ଅଜୟ ସାହୁ (୨୩) ନାବାଳିକାଙ୍କୁ ଅପହରଣ କରି ନେଇଯାଇଥିବା ଅଭିଯୋଗ ହୋଇଥିଲା । ଘଟଣାରେ ତାଙ୍କୁ ସହଯୋଗ କରିଥିବା ଅଭିଯୋଗରେ ଭିଣେଇ ସୂର୍ଯ୍ୟକାନ୍ତ ସାହୁ (୩୨) ଓ ସାଙ୍ଗ ଦିଲ୍ଲୀପ କୁମାର ଶତପଥୀ (୨୩) ବଜ୍ରକୋଟ ଗ୍ରାମର ଯୁବକ ବୋଲି ଜଣାପଡିଛି ।

ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଲାଇ ତିନି ଜଣଙ୍କୁ ଗିରଫ କରିଥିଲା । ଏ ନେଇ ପାଲଲହଡା ଏସଡିପିଓ କୈଳାଶ ଚନ୍ଦ୍ର ସେଠି ଙ୍କ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛ । କୋଟର ନିର୍ଦ୍ଦେଶ କ୍ରମେ ନାବାଳିକା କୁ ଥଇଥାନ କରାଯିବ ବୋଲି ଏସଡ଼ିପିଓ ଶ୍ରୀ ସେଠି କହିଥିଲେ ।

# ଘାସିରାମ ମହାକୁଡ଼ ବିଜେପିରେ ସାମିଲ

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତରେ ବିଜେପି ତରଫରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବିଜେପି ନେତା ବସନ୍ତ ପ୍ରଧାନ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଉପସ୍ଥିତିରେ ବିଜେଡ଼ି ଓ କଂଗ୍ରେସ ଦଳ ର ବହୁ କର୍ମୀ ବିଜେପିରେ ସାମିଲ ହୋଇଥିଲେ । ନିକଟରେ ବିଜେଡ଼ିରୁ ଇସ୍ତଫା ଦେଇଥିବା ପୂର୍ବତନ ସରପଞ୍ଚ । ଘାସିରାମ ମହାକୁଡ଼ ଙ୍କ ନେତୃତରେ ବହୁ ବିଜେଡ଼ି କର୍ମୀ ଓ କଂଗ୍ରେସ ଦଳର ରସାନନ୍ଦ ରାଜହଂସ ଙ୍କ ନେତୃତ୍ୱ ରେ କଂଗ୍ରେସ କର୍ମୀ ବିଜେପି ରେ ସାମିଲ ହୋଇଥିଲେ । ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ନୂତନ ଭାବରେ ଅନ୍ୟ ମିଶିଥିବା ଅନ୍ୟ ଦଳର କର୍ମୀଙ୍କୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର




ମୋଦୀଙ୍କ ସବ କା ସାଥ ସବ କା ବିକାଶ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ବିକାଶମୂଳକ କାର୍ଯ୍ୟ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତି ଆସ୍ଥା ପ୍ରକଟ କରି ଦଳରେ ସାମିଲ ହେଲି ବୋଲି ଘାସିରାମ ମହାକୁଡ଼ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ମିଶ୍ରଣ ପର୍ବ ପରେ ବିଜେଡ଼ି ନେତା ଘାସିରାମ ମହାକୁଡ଼ ଓ ତାଙ୍କ ସମର୍ଥକ ବିଜେପି ଦଳ ରେ ସାମିଲ ହେଲା ପରେ ସଂଗଠନ ଆହୁରି ମଜଭୁତ ହେବ ବୋଲି ସରପଞ୍ଚ ଶ୍ରୀ କ୍ଷେତି ପ୍ରକାଶ କରିଥିଲେ । ଦଳ ରେ ସାମିଲ ହୋଇଥିବା କର୍ମୀଙ୍କ ମଧରେ ୱାର୍ଡ ସଭ୍ୟ ଧନଞ୍ଜୟ କର୍ଣ୍ଣ, ପ୍ରସନ୍ନ ମେସୁଆ, ଗଜାନନ ବେହେରା,ସୁଜିତ ପ୍ରଧାନ, ପଞ୍ଚାନନ ବେହେରାଙ୍କ ବହୁ ସମର୍ଥକ ବିଜେପି ରେ ସାମିଲ ହୋଇଥିଲେ ।

# ଜିଲ୍ଲା ବିକାଶ ସମନ୍ୱୟ ଓ ତଦାରଖ କମିଟି 'ଦିଶା', ୬୧ତମ ଜିଲ୍ଲା ପରିଷଦ ବୈଠକ

ଅନୁଗୋଳ, (ସବ୍ୟୁ) : ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାପରିଷଦ ଦ୍ୱାରା ଜିଲ୍ଲା ବିକାଶ ସମନ୍ୱୟ ଓ ତଦାରଖ କମିଟି (ଦିଶା ) ଏବଂ ୬୧ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥୁଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅନୁଗୋଳ ଜିଲ୍ଲାର କୃଷି, ପାନୀୟ ଜଳ, ଜଳସେଚନ, ଶିଳ୍ପ ଇତ୍ୟାଦିକୁ ନେଇ ଏକ ସୁନିୟୋଜିତ ମାଷ୍ଟର ପ୍ଲାନ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜିଲ୍ଲାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ମିଳିତ ସହଯୋଗରେ କାମ କରିବାକୁ ସେ ପରାମର୍ଶ ଦେଇଥୁଲେ । ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯିବା ସହିତ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଦକ୍ଷତା ବିକାଶ, କୃଷି, ଜଳସେଚନ, ପାନୀୟ ଜଳ, ନିରନ୍ତର ବିଦ୍ୟୁତ ଯୋଗାଣ ଉପରେ ଆଲୋଚନା କରାଯାଇଥିଲା । ଏହା ସହିତ ଜାତୀୟ ରାଜପଥର ସମ୍ପ୍ରସାରଣ, ରେଲୱେ ଅଣ୍ଡର ପାସ୍, ନୂତନ ସଡକ ଭିତ୍ତିଭୂମି , ଶ୍ରମିକମାନଙ୍କ ସାମାଜିକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ବିଭାଗମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ଓ ଜନହିତକର ଯୋଜନାଗୁଡିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ କେନ୍ଦ୍ରମନ୍ତ୍ରୀ କହିଥିଲେ । ଏହା ସହିତ ପି ଏମ୍ ସୂର୍ଯ୍ୟ ଘର ଯୋଜନା ମାଧ୍ୟମରେ ଜିଲ୍ଲାର ଯେପରି ସର୍ବାଧିକ ଘରେ ସୋଲାର ପ୍ୟାନେଲ ଲାଗିପାରିବ ତାହା ଉପରେ ଆଲୋଚନା ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରପାଳିକାର ଅଧକ୍ଷ ଅକ୍ଷୟ କୁମାର ସାମନ୍ତ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଆଇଏ ଏସ୍ ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି ଅଧକ୍ଷ ଓ ଜିଲ୍ଲା ପରିଷଦ ସଭ୍ୟ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁଦାମୂଳରୁ ଶିଶୁକନ୍ୟା ଉଦ୍ଧାର କଲେ ଆଶାକର୍ମୀ

ମୋରଡ଼ା,(ସବ୍ୟୁ): ଏକ ନବଜାତ ଶିଶୁକନ୍ୟାକୁ କେହି ବୁଦାମୂଳରେ ଫିଙ୍ଗି ଦେଇଥିବାବେଳେ କାନ୍ଦ ଶୁଣି ଶନିବାର ଦିନ ଉଦ୍ଧାର କରିଛନ୍ତି ଆଶାକର୍ମୀ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଝିଙ୍କିରିଆ ଗ୍ରାମର ଆଶାକର୍ମୀ ସାବିତ୍ରୀମଣୀ ଜେନାଙ୍କ ଘର ବାଡ଼ି ପଛ ପଟେ କେହି ଜଣେ ନବଜାତ ଶିଶୁକନ୍ୟାକୁ ପକାଇ ପଳାଇଥିଲେ। ଆଶାକର୍ମୀ ସାବିତ୍ରୀମଣୀଙ୍କ ଝିଆରୀ ବାଡ଼ି ପଛପଟୁ ଗୋଟିଏ ଛୋଟ ଛୁଆର କାନ୍ଦ ଶୁଣି ଯାଇ ଦେଖିବାକୁ ପାଇଥିଲେ ଲଟାବୁଦା ଭିତରେ ଜଣେ ଶିଶୁକନ୍ୟାକୁ। ସଙ୍ଗେ ସଙ୍ଗେ ଝିଆରୀ ଶୁଭଶ୍ରୀ ଜେନା ଆଶାକର୍ମୀଙ୍କୁ ଘଟଣା ବାବଦରେ ଜଣାଇଥିଲେ। ଆଶାକର୍ମୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସ ଯୋଗେ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ସୁପରଭାଇଜର ଶୁଭଶ୍ରୀ ଦଳାଇ ଡାକ୍ତରଖାନାରେ ପହଞ୍ଚି ଶିଶୁର ଉତ୍ତମ ଚିକିତ୍ସା ପାଇଁ ବ୍ୟବସ୍ଥା କରିଥିଲେ। ତେବେ ଶିଶୁଟିର ମୁହଁ ଓ ଦେହରେ ମାଟି ଲାଗିଥିବା ସହିତ ଅନେକ ସ୍ଥାନରେ କ୍ଷତ ଥିବା ଦେଖିବାକୁ ମିଳିଛି। ସବୁଠାରୁ ବଡ଼ କଥା ହେଲା ଯେ କେହି ବି ଉକ୍ତ ଶିଶୁକନ୍ୟାକୁ ଅଲୋଡ଼ା କରିଛି, ସେ ଭଲ ଭାବରେ ଜାଣି ଶିଶୁକନ୍ୟାକୁ ଆଶାକର୍ମୀଙ୍କ ବାଡ଼ିରେ ପକାଇଛି। ତେବେ ଶିଶୁକନ୍ୟା ମେଡିକାଲରେ ଚିକିତ୍ସିତ ହେବା ପରେ ସୁସ୍ଥ ଥିବା ଜଣାପଡ଼ିଛି। ଶିଶୁକନ୍ୟାର ଓଜନ ୨ କିଲୋ ୩୪୫ ଗ୍ରାମ ରହିଛି। ଶିଶୁକନ୍ୟାର ଚିକିତ୍ସା ପରେ ବାରିପଦାସ୍ଥିତ ସିଡ଼ବ୍ଲ୍ୟୁସିକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ସୁପରଭାଇଜର। ତେବେ ଶିଶୁ କନ୍ୟାକୁ କିଏ ଓ କାହିଁକି ଏପରି ପକାଇ ପଳାଇଛି ତାହା ଏବେ ତଦନ୍ତ ସାପେକ୍ଷ।

# ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ବେତନଟୀ , (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ରଘୁନାଥ ଉଚ୍ଚ ବିଦ୍ୟାଳୟ ଏବଂ ରାଇକମା ଆଶ୍ରମ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଁଳା ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଏହି ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାରତୀୟ ଷ୍ଟେଟ ବ୍ୟାଙ୍କ, ଗଡ଼ଦେଉଳିଆ ଶାଖା ପରିଚାଳକ ଶ୍ରୀ ବିବେକାନନ୍ଦ ବେହେରା ଉଦଘାଟନ କରିଥିଲେ । ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳିନ କୁମାର ଚୌଧୁରୀ ମୁଖ୍ୟ ବକ୍ତା, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡା ର ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ସେଠୀ ସମ୍ମାନିତ ଅତିଥି, ଅନ୍ୟତମ ପୂର୍ବତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଜଗନ୍ନାଥ ସାହୁ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଓ ବଂଶୀଧର ଗିରି ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ବିଜ୍ଞାନ ଭିତ୍ତିକ ସାର ଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ । ଚଳିତ ବର୍ଷର ବିଷୟ ବସ୍ତୁ ବିଜ୍ଞାନରେ ନାରୀ : ବିକଶିତ ଭାରତର ଉତପ୍ରେରକ ବିଷୟ ବସ୍ତୁ ଉପରେ ଏକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ରାଇକମା ଆଶ୍ରମ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ, ଗଣିତ ହାଟ ତଥା ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ଅବସରପ୍ରାପ୍ତ ସୁନାମଧନ୍ୟ ଶିକ୍ଷକ ତଥା ବରିଷ୍ଠ ଶିକ୍ଷାବିତ୍ ସୁକେଶଚନ୍ଦ୍ର ମିଶ୍ର, ମୁଖ୍ୟଅତିଥି ଭାବେ ଶ୍ରୀମତୀ ଅପର୍ଣ୍ଣା ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ,ମୁଖ୍ୟବକ୍ତା ଭାବେ ଶ୍ରୀମତୀ ପ୍ରଣତି ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ମାନସ ପରିଡା, ସି. ଆର୍. ସି.ସି. ମଞ୍ଚାସୀନ ହୋଇ ପିଲାମାନଙ୍କୁ ବିଜ୍ଞାନର ଜୟଯାତ୍ରା ସମ୍ପର୍କରେ ବାର୍ତ୍ତା ରଖିଥିଲେ ।ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନେ ଅତିଥିମାନଙ୍କଠାରୁ ଭଲ ବହି, କଲମ ସହିତ ପ୍ରମାଣପତ୍ର ପୁରସ୍କାର ସ୍ୱରୂପ ଗ୍ରହଣ କରିଥିଲେ । ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ । ଦିପାଞ୍ଜଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଲାଲଙ୍କୁ ଧାନ ଦେଇ ଟଙ୍କା ପାଉନାହାନ୍ତି ଚାଷୀ

ଧାମନଗର,(ସବ୍ୟୁ): ବର୍ଷସାରାର କଷ୍ଟଲବ୍ଧ ଅମଳ ଧାନକୁ ସରକାରୀ ମଣ୍ଡିରେ ବିକ୍ରୟ କରିନପାରି ଧାମନଗର ଅଂଚଳର ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛି। ଚାଷୀମାନେ ଦଲାଲଙ୍କ ହାବୁଡ଼ରେ ପଡ଼ି ଠକେଇର ଶିକାର ହୋଇଥିବା ଘଟଣା ସାମ୍ନାକୁ ଆସିଛି। ୫୦ରୁ ଅଧିକ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ପାରିନଥିବାରୁ ବାଧ ହୋଇ ଦଲାଲଙ୍କ ମାଧ୍ୟମରେ ଧାନ ଦେଇଥିବାବେଳେ ବେପାରୀ ଧାନ କିଣି ଟଙ୍କା ନଦେଇ ଫେରାର ହୋଇଯାଇଥିବା ଅଭିଯୋଗ ଧାମନଗର ଥାନାରେ ହୋଇଛି। ଅଭିଯୋଗ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଧୀନ ମୁଣ୍ଡାବଣିଆ ଗ୍ରାମର ହରିଶ ଚନ୍ଦ୍ର ସାମାଲ ଧାମନଗର ଅଂଚଳର ବିଭିନ୍ନ ଚାଷୀଙ୍କ ଠାରୁ ଗତ ୨ମାସ ମଧ୍ୟରେ ଧାନ ସଂଗ୍ରହ କରିଥିଲା। ସେ ପ୍ରାୟ ୧୩୪ଟନ ଧାନ ନେଇଥିବାବେଳେ ତାହାର ମୂଲ୍ୟ ପାଖାପାଖି ୨୫ଲକ୍ଷ ଟଙ୍କା ହେବ ବୋଲି ଚାଷୀମାନେ ଦାବି କରିଛନ୍ତି। କିନ୍ତୁ ଧାନ ନେବା ପରେ ଟଙ୍କା ପ୍ରଦାନ ନକରି ସେ ଫେରାର ହୋଇଯାଇଥିବା ନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଶାମପୁର ଗ୍ରାମର ଚାଷୀ ଆଶୋକ କର ୭ ଲକ୍ଷ ୩୨ ହଜାର ଟଙ୍କା ମୂଲ୍ୟର ଧାନ ଦେଇଥିବା ବେଳେ ସେକ ଜାବିର,ସେକ କାଦର,ସେକ ଗୋଲାମ ମୁର୍ତ୍ତୁଜା,ସେକ ଜୁଲୁ,ସେକ ଚନ୍ଦା,ସେକ ସର୍ଫି,ସେକ କାଲୋ,ସେକ ଗୋଲାମ ଗୌସ,ସେକ ଅହେସାନ,ସେକ ମୌସୁମୀ,ସେକ କଲିମୁଦ୍ଦିନ,ସେକ ଜୁଲଫୁକାର,ସେକ ସିଦ୍ଦିକ,ଚିନ୍ତାମଣି ମଲିକ,ଶରତ ବରାଳ,ବିନୋଦ ସାହୁ,ସେକ ତାର ମହମ୍ମଦ,ଚୁନୁଲାଲ ଗୁପ୍ତା ପ୍ରମୁଖ ବହୁ ଚାଷୀ ଉକ୍ତ ଦଲାଲଙ୍କ ଦ୍ୱାରା ଶିକାର ହୋଇଥିବା ଜଣାପଡ଼ିଛି। ସରକାରୀ ମଣ୍ଡିରେ ଧାନ ଉଠାଣ ବିଳମ୍ବ ଓ ଟୋକନ ସମସ୍ୟା ଯୋଗୁଁ ସେମାନେ ବାଧ ହୋଇ କମ ମୂଲ୍ୟରେ ଦଲାଲ ମାଧ୍ୟମରେ ଧାନ ବିକ୍ରି କରିଥିଲେ।ବାଲେଶ୍ୱର ଅଞ୍ଚଳର ହରିଶ ଚନ୍ଦ୍ର ସାମଲ ପ୍ରଥମେ ଧାମନଗର ଅଂଚଳର ସେକ ସୁରଜ ମାଧ୍ୟମରେ କିଛି ଗାଡି ଚାଷୀଙ୍କ ଠାରୁ ୧୯୦୦ଟଙ୍କାରେ ଧାନ କିଣି ଟଙ୍କା ଦେଇଥିଲା। ପରେ ବିଶ୍ୱାସରେ ବହୁ ସଂଖ୍ୟାର ଚାଷୀ ଧାନ ଦେଇଥିଲେ। ମାତ୍ର ଦଲାଲ ବ୍ୟବସାୟୀ ଜଣକ ଆଉ କୌଣସି ସମ୍ପର୍କ କରିନଥିଲା କି ଫୋନ୍ ଉଠାଇନଥିଲା। ଫଳରେ ଧାନ ଟଙ୍କା ନମିଳିବାରୁ ଚାଷୀମାନେ ଆର୍ଥିକ ସମସ୍ୟାରେ ପଡ଼ି ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଧାମନଗର ଥାନା କେସ୍ ନମ୍ବର ୮୯/୨୬ ରେ ମାମଲା ରୁଜୁ ହୋଇଥିବା ବେଳେ ଥାନାଧିକାରୀ ସୁଭ୍ରଜିତ ଦାସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

# ଟାଟା ଷ୍ଟିଲ ଫାଉଣ୍ଡେସନ ଯୋଡାର ୨୨୨ଜଣ ଦିବ୍ୟାଙ୍ଗ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ



କେନ୍ଦୁଝର ,(ଜିପ୍ର): ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ଆୟୋଜିତ ସବଳ କାର୍ଯ୍ୟକ୍ରମ ଅଧୀନରେ ଯୋ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଆର୍ଟିଫିସିଆଲ ଲିମ୍ବସ ମାନ୍ୟୁଫାକ୍ଚରିଂ କର୍ପୋରେସନ ଅଫ ଇଣ୍ଡିଆ (ଏଲିମ୍କୋ) ସହଯୋଗରେ ଭାରତ ସରକାରଙ୍କ ଏଡିଆଇପି ଏବଂ ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଡ଼ା ଓ ଏହାର ଆଖପାଖ ଅଞ୍ଚଳର ୨୨୨ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଛି।ଏହି ସ୍ୱତନ୍ତ୍ର ଅଭିଯାନ ଅଧୀନରେ ଟାଟା ଷ୍ଟିଲ ଫାଉଣ୍ଡେସନ ଟିମ, ଅଙ୍ଗନବା କର୍ମୀ ଏବଂ ପଞ୍ଚାୟତ ପ୍ରତିନିଧିମାନଙ୍କ ସହାୟତାରେ ୨୮୮ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଗତ ଫେବୃଆରୀ ୩ ରୁ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ସ୍କ୍ରିନିଂ ଏବଂ ଯାଞ୍ଚ ଶିବିର ପରେ ୨୨୨ ଜଣଙ୍କୁ ବିଭିନ୍ନ ସହାୟକ ଉପକରଣ ପ୍ରଦାନ ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ଫେବୃଆରୀ ୨୫ ଏବଂ ୨୬ ତାରିଖରେ ଯୋ ବିଚାକୁଣ୍ଡି, ବିଲେଇପଦା ଏବଂ ଖଣ୍ଡବନ୍ଧଠାରେ ବଣ୍ଟନ ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ଏଲିମକୋର ବୈଷୟିକ ବିଶେଷଜ୍ଞମାନେ ଉପକରଣଗୁ ସଠିକ ବ୍ୟବହାର ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ହିତାଧିକାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଲିମିଟେଡର ଫେରୋ ଆଲୟଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫଏଏମଡ଼ି)) ମୁଖ୍ୟ ଶମ୍ଭୁନାଥ ଝା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଫଏଏମଡ଼ି ସିନିୟର ମ୍ୟାନେଜର (ସୁରକ୍ଷା) ଅନୁଜ କୁମାର, ସିନିୟର ମ୍ୟାନେଜର (ସେଫ୍ଟି) ଜୀବିତେଶ ଅନୋଖେଙ୍କ ସମେତ ବାଲଦା ସରପଞ୍ଚ ବରୁଣ ନାୟକ, ବିରକଳା ସରପଞ୍ଚ ମୁଖା ନାୟକ ଏବଂ ପଞ୍ଚାୟତ ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ ଉପସ୍ଥିତ ରହିଥିଲେ।

# ଆଦିବାସୀ ଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଭଣ୍ଡାରିପୋଖରୀ,(ସବ୍ୟୁ): ରବିବାର ମଧ୍ୟାହ୍ନରେ ମଣିନାଥପୁର ଗ୍ରାମର ବୈତରଣୀ ନଦୀବନ୍ଧ ପାର୍ଶ୍ୱରେ ଆଦିବାସୀ ପରିବାର ଶୋଇଥିବା ବେଳେ ଦୁର୍ବର୍ତ୍ତମାନେ ଅଗ୍ନି ସଂଯୋଗ କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆଦିବାସୀ ପରିବାର ଅଳ୍ପକେ ବର୍ତ୍ତି ଯାଇଥିଲେ। ନଦୀବନ୍ଧ ପାର୍ଶ୍ୱରେ ଥିବା ପରମାନନ୍ଦ ସାହୁଙ୍କ ବାଉଁଶ ବାଡି ଓ କାହ୍ନୁଚରଣ ଥାଟୋଇଙ୍କ ବାଉଁଶ ବାଡିରେ ଦୁର୍ବୃତ୍ତମାନେ ଅଗ୍ନି ସଂଯୋଗ କରିଥିଲେ। ଶୁଁଖିଲା ବାଉଁଶ ଓ ପତ୍ର ବହଳ ଥିବାରୁ ନିଆଁ ବ୍ୟାପକ ହୋଇଥିଲା। ଯାଜପୁରରୁ ୩ଟି ଦମକଳ ଆସି ବହୁ ଉଦ୍ୟମ କରି ଅଗ୍ନିକୁ ଆୟତ୍ତ କରିଥିଲା। ଯାଜପୁର ସହର ସହ ସଂଯୋଗ ହୋଇଥିବାରୁ ଏହି ଅଞ୍ଚଳରେ ବ୍ରାଉନସୁଗାର ବେପାରୀ ଓ ସେବନକାରୀଙ୍କ ପ୍ରାଦୁର୍ଭାବ କ୍ରମାଗତ ଭାବେ ବୃଦ୍ଧି ପାଇଛି। ଏହା ସହ ବାଲିଚୋର, ମାଟିଚୋର, ମୂର୍ତ୍ତିଚୋର, ସିନ୍ଧିଚୋରଙ୍କ ଆଡ୍ଡାସ୍ଥଳ ଭାବେ ଏହି ଅଞ୍ଚଳ ରାଜ୍ୟ ଅପରାଧ ମାନଚିତ୍ରରେ ସ୍ଥାନ ପାଇବାରେ ଲାଗିଛି।

# ଦୋକାନରେ ନିଆଁ : ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ

ବାଲେଶ୍ୱର ,(ସବ୍ୟୁ)ବାଲିଆପାଳ ଥାନା ଅନ୍ତର୍ଗତ ଜାମକୁଣ୍ଡା ଛକରେ ଥିବା ରାଧାକୃଷ୍ଣ ଜୁଏଲାରୀ ଦୋକାନରେ ବିଳମ୍ବିତ ରାତିରେ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିବା ନେଇ ଦୋକାନ ମାଲିକ ହେମନ୍ତ ରଣା ବାଲିଆପାଳ ଥାନାରେ ଲିଖତ ଅଭିଯୋଗ କରିଛନ୍ତି। ଏସ ଆଇ ଶୁଭସ୍ମିତା ପାଳ, ଏଏସଆଇ ପ୍ରବୋଧ କୁମାର ମଲ୍ଲିକ ଘଟଣା ସ୍ଥଳରେ ତଦନ୍ତ କରି ଫେରିଛନ୍ତି। ଘଟଣା ମୁତାବକ ଶୁକ୍ରବାର ଅପରାହ୍ନରୁ ବାଲିଆପାଳ ବିଦ୍ୟୁତ ଷ୍ଟକଚରରେ ଥିବା ଏକ ପାୱାର ଟ୍ରାନ୍ସଫର୍ମରରେ ଯାନ୍ତ୍ରିକ ତ୍ରୁଟି ଥିବାରୁ ତାହା ମରାମତି ହେବା ପରେ ପ୍ରାୟତଃ ରାତି ସାଢ଼େ ୮ଟାରେ ବାଲିଆପାଳରେ ବିଦ୍ୟୁତ ସରବରାହ ସ୍ୱାଭାବିକ୍ ହୋଇଥିଲା। ମାତ୍ର ବିଦ୍ୟୁତ୍ ବାରମ୍ବାର ଯିବା ଆସିବା କରି ଚାଲିଥିଲା। ଶ୍ରୀ ରଣା ସବୁଦିନ ପରି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ମାତ୍ର ଶନିବାର ସକାଳେ ଦୋକାନ ଖୋଲିଲା ବେଳକୁ ଦୋକାନ ଭିତରେ ଏସି ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ, ଆସବାବପତ୍ର, ଇଣ୍ଟରିୟର ଇଲେକ୍ଟ୍ରିକାଲ ଡେକୋରମ ପୋଡ଼ି ନଷ୍ଟ ହୋଇଯାଇଛି । ଏ ନେଇ ଶ୍ରୀ ରଣା ବାଲିଆପାଳ ଥାନାରେ ଏତଲା ଦେବା ସହିତ ବିଦ୍ୟୁତ ବିଭାଗକ ଅବଗତ କରିଥବା କଥା କହିଛନ୍ତି ।

# ମଦ ଜବତ, ଜଣେ ଗିରଫ

ବନ୍ତ,ତା(ସବୁଯ):ଶନିବାର ବନ୍ତ ଥାନା ଅଧିନ ଟିଲୋ କଣ୍ଟାପଡା ଗ୍ରାମରେ ପୋଲିସ ଚଢାଉ କରି ୬୦ ଲିଟର ଦେଶୀ ମଦ ଜବତ କରିଛି । ଏଥିରେ ସମ୍ପୃକ୍ତ ନରେନ୍ଦ୍ର ଦାସ(୬୬)ଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଶନିବାର ସନ୍ଧ୍ୟାରେ ପୋଲିସ ବନ୍ତ, ଟିଲୋ, ଅଢାଳପଙ୍କ ଅଞ୍ଚଳରେ ପେଟ୍ରୋଲିଂ ଓ ଅବକାରୀ ଚଢାଉ କରୁଥିବା ବେଳେ ଟିଲୋ କଣ୍ଟାପଡା ଗ୍ରାମରେ ବେଆଇନ ଚୋରା ଦେଶୀ ମଦ ଗଛିତ ଓ ବିକ୍ରି ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଚଢାଉ କରିଥିଲା । ଚଢାଉ ବେଳେ ପୋଲିସକୁ ଦେଖି ଗ୍ରାହକ ମାନେ ପଳାଇ ଯାଇଥିବା ବେଳେ ଘଟଣା ସ୍ଥଳରୁ ନରେନ୍ଦ୍ରଙ୍କୁ ଗିରଫ କରାଯିବା ସହ ତଲାସୀ ସମୟରେ ୬୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା । ଏନେଇ ଥାନାରେ କେସ ନଂ-୮୦/୨୬ ମୂଳେ ଅବକାରୀ ମାମଲା ରୁଜୁ ହୋଇ ରବିବାର ସମ୍ପୃକ୍ତ ବୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଥାନାରେ ବର କନିଆ କନ୍ୟା ନାବାଳିକା ସନ୍ଦେହ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ସହଦେବଖୁଣ୍ଟା ଥାନାରେ ବର କନିଆ ଅଟକ ରହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ତେଲେଙ୍ଗାସାହି ଅଞ୍ଚଳର ଜଣେ ଯୁବକ ବାଲିଆ ଅଞ୍ଚଳର କନ୍ୟାଙ୍କୁ ଶୁକ୍ରବାର ସ୍ଥାନୀୟ ତାରିଣୀ ମନ୍ଦିରରେ ବିବାହ କରିଥିଲେ। କନ୍ୟା ଜଣଙ୍କ ନାବାଳିକା ସନ୍ଦେହରେ ଗାଁ ଲୋକେ ଉଭୟଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ ।ପୋଲିସ ବର କନ୍ୟାଙ୍କୁ ଥାନାକୁ ଆଣି ତଦନ୍ତ ଜାରିରଖିଛି । ଅପରପକ୍ଷରେ ବର ଥାନାରେ ଅଟକ ରହିଥିବାବେଳେ ରାତିରେ କନ୍ୟାଙ୍କୁ ସିଡବ୍ଲୁସି ହେପାଜତରେ ଛଡ଼ାଯାଇଛି । ବୟସ ପ୍ରମାଣପତ୍ର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି ।

# ଟ୍ରାକ୍ଟର ଅଟକ : ୪ଜଣଙ୍କ ନାମରେ ଏତଲା

ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ବଣ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ କେଶଡିହା ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ ନଂ ୧୪ ରେ କଟାଯାଇଥିବା ୩ ଟି ପିଆଶାଳ ଗଛ କଟାଯାଇଥିଲା । ପେଟ୍ରୋଲିଙ୍ଗ ସମୟରେ ସନ୍ଧାନ ପାଇବା ପରେ ୨୮ ତାରିଖ ରାତିରେ ବଣ୍ୟପ୍ରାଣୀ ବନ ବିଭାଗ ବନପାଳ ମନଜିତ ପ୍ରସାଦ ମହାନ୍ତ ଏକ ନମ୍ବର ବିହୀନ ଟ୍ରାକ୍ଟର ଯୋଗେ ୬ ଟି ଗଣ୍ଡି ଲୋଡ଼ କରି ନେଉଥିଲେ । ରାତିରେ ନମ୍ବର ବିହୀନ ଟ୍ରାକ୍ଟରରେ ପିଆଶାଳ ଗଣ୍ଡି ନେବା ପଛରେ ବନ କର୍ମଚାରୀଙ୍କ ମନ୍ଦ ଉଦ୍ଦେଶ୍ୟ ରହିଥିବା ସନ୍ଦେହରେ ଲୋକେ ଟ୍ରାକ୍ଟର ସମେତ କର୍ମଚାରୀଙ୍କୁ ଅଟକ ରଖିଥିଲେ । ଗ୍ରାମବାସୀ ବନପାଳଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଉଭୟଙ୍କ ପକ୍ଷରୁ ମହୁଲଡିହା ଥାନାରେ ମୋକଦ୍ଦମା ରୁଜୁ ହୋଇଛି । ବନପାଳ ଦେଇଥିବା ଏତଲା କ୍ରମେ ମଙ୍ଗଲ ସିଂ ବାନରା, ଘନଶ୍ୟାମ ସଏ, ସିଙ୍ଗ ପୂର୍ତ୍ତି ଓ ପାତର ବାନରାଙ୍କ ନାମରେ କେଶ ନଂ ୩୧/୨୬ ରେ ତଦନ୍ତ ଚାଲିଛି ।ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କ ଏତଲା କ୍ରମେ ବନପାଳଙ୍କ ନାମରେରେ ମୋକଦ୍ଦମା ରୁଜୁ ହୋଇଛି । ତେବେ ଅଭିଯୋଗର ସତ୍ୟାସତ୍ୟ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି ।

# ଜମି ଅଧିଗ୍ରହଣ ସହ ରାଜସ୍ୱ ମାମଲାର ସମୀକ୍ଷା



କେନ୍ଦୁଝର, (ସବ୍ୟୁ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦୁଝର ଜିଲ୍ଲା ଗସ୍ତ କରି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ମନ୍ତ୍ରୀ ଆଜି ସକାଳେ ସମ୍ବଲପୁରରୁ ବାହାରି ଘଟଗାଁରେ ପହଞ୍ଚି ମା' ତାରିଣୀଙ୍କ ଦର୍ଶନ କରିବା ସହ ମଧ୍ୟାହ୍ନରେ ମନ୍ତ୍ରୀ କେନ୍ଦୁଝର ସାର୍କିଟ ହାଉସରେ ପହଞ୍ଚି ଜିଲ୍ଲାସ୍ତରୀୟ ରାଜସ୍ୱ ବ୍ୟବସ୍ଥା ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ପ୍ରାୟ ୩୧୨.୮୭ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ମୋଟ ୬୨.୬୦ ଏକର ଜମିର ଆବଶ୍ୟକତା ରହିଛି। ଏଥିମଧ୍ୟରୁ ୧୩.୫୦ ଏକର ସରକାରୀ ଜମି ଏବଂ ୧୫.୩୫ ଏକର ବେସରକାରୀ ଜମିର ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ଯାତ୍ରୀ ନିବାସ ଓ ପ୍ରସାଦ ସେବନ ହଲ ପାଇଁ ମାଟି ପରୀକ୍ଷା ସରିଥିବା ବେଳେ ୪୦% ଜମି ନିର୍ମାଣକାରୀ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ବିଶେଷ କରି 'ପାଟଣା ମେଗା ଷ୍ଟିଲ ପ୍ଲାଣ୍ଟ' ପାଇଁ ଆବଶ୍ୟକ ହେଉଥିବା ୨୪୦୭.୩୬ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ପ୍ରକଳ୍ପରେ ଚେମନା ଓ ଯମୁନାପୋଷୀ ପଞ୍ଚାୟତର ୧୨ଟି ଗ୍ରାମ ଅନ୍ତର୍ଭୁକ୍ତ ହେଉଥିବାରୁ ସାମାଜିକ ପ୍ରଭାବ ଆକଳନ ପାଇଁ ପାଣ୍ଠି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ମନ୍ତ୍ରୀ କେବଳ ପୃଥକ ଭାବେ ଯୋଜନା କରିବା ଯଥେଷ୍ଟ ନୁହେଁ, ବରଂ ବିଭିନ୍ନ ସରକାରୀ ଯୋଜନାର ସମନ୍ୱୟ ବା 'ଇଣ୍ଟିଗ୍ରେସନ' ଜରୁରୀ। ଏହାଦ୍ୱାରା ଜଣେ ହିତାଧିକାରୀ ସମସ୍ତ ସୁବିଧା ଏକାସାଙ୍ଗରେ ପାଇପାରିବେ। ଜମିହୀନଙ୍କ ପାଇଁ ସ୍ୱତନ୍ତ୍ର 'ଲେ-ଆଉଟ' ବ୍ୟବସ୍ଥା ରେ ଯେଉଁ ଲୋକଙ୍କ ପାଖରେ ନିଜସ୍ୱ ଜମି ନାହିଁ, ସେମାନଙ୍କ ପାଇଁ ସରକାରୀ ସିଙ୍ଗଲ ଜାଗାରେ ଏକ ମାଷ୍ଟର ପ୍ଲାନ ବା 'ଲେ-ଆଉଟ' ପ୍ରସ୍ତୁତ କରାଯିବ। ପ୍ରଶାସନ ପକ୍ଷରୁ ସେହି ସ୍ଥାନରେ ଘର ପାଇଁ ପ୍ଲଟ ଚିହ୍ନଟ କରି ସେଥିରେ ଆବଶ୍ୟକୀୟ ରିମାର୍କ ପ୍ରଦାନ କରାଯିବ, ଯାହାଫଳରେ ସେମାନେ ସେଠାରେ ସ୍ଥାୟୀ ଭାବେ ବସବାସ କରିପାରିବେ। ଏହି ବ୍ୟବସ୍ଥାକୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ସହ ଯୋଡ଼ିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ଅତି ଗରିବ ଶ୍ରେଣୀର ଲୋକମାନେ ଜମି ପାଇବା ସହ ସରକାରୀ ସହାୟତାରେ ପକ୍କାଘର ନିର୍ମାଣ କରିପାରିବେ। ଏହି ପଦକ୍ଷେପ ଦ୍ୱାରା ଲୋକଙ୍କ ବହୁଦିନର କଷ୍ଟ ଦୂର କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ବର୍ତ୍ତମାନର ବାଲି ଘାଟ ନିଲାମ ପ୍ରକ୍ରିୟା ପରିବର୍ତ୍ତେ ଏଣିକି 'ଇ-ଲଟେରୀ'ବ୍ୟବସ୍ଥା କରାଯିବ। ଏହି ବ୍ୟବସ୍ଥାରେ ବାଲିର ଏକ ସର୍ବାଧିକ ଦର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯିବ। ଏହାଦ୍ୱାରା ବଜାରରେ ବାଲିର ଦର ନିୟନ୍ତ୍ରଣରେ ରହିବ । ତହସିଲ ସ୍ତରରେ ଇ-ଲଟେରୀ ପ୍ରକ୍ରିୟାକୁ ପରିଚାଳନା କରିବା ଏବଂ ଲିଜ ପ୍ରଦାନ କରିବା ଏହି ବିଭାଗର ଦାୟିତ୍ୱ ବୋଲି ଏହି ବୈଠକ ରେ ମନ୍ତ୍ରୀ କହିଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦର ଧର ମଲ୍ଲିକ ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନ,ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର,ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାୟକ, ଉପଜିଲ୍ଲାପାଳ କେନ୍ଦୁଝର ଉମାକାନ୍ତ ଦଳାଇ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା ଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ତହସିଲଦାର ଓ ବିଭାଗର ଉପରିସ୍ଥ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର
## (ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)

32001/159/2526

### ଅଧିସୂଚନା

ପତ୍ର ସଂଖ୍ୟା:- ୧୫ ତାରିଖ:-୨୦.୦୧.୨୦୨୬

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବଲାଙ୍ଗୀର ଜିଲ୍ଲାର ଅପର ଲାନ୍ଥ ଜଳସେଚନ ପ୍ରକଳ୍ପର ଜଳ ଭଣ୍ଡାର ନିମନ୍ତେ ମୌଜା-ଚିଖିଲି, ଥାନା- ବେଲପଡ଼ା ନଂ- ୦୪, ତହସିଲ-ବେଲପଡ଼ା ନଂ- ୧୩୧, ଜିଲ୍ଲା- ବଲାଙ୍ଗୀରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧୩.୨୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀର ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ଅପର ଲାନ୍ଥ ଜଳସେଚନ ବିଭାଜନ, ବେଲପଡ଼ା, ବଲାଙ୍ଗୀର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ଅପର ଲାନ୍ଥ ଜଳସେଚନ ଯୋଜନାର ଜଳ ଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ମୌଜା ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ଥଇଥାନ ଓ ପୁନର୍ବାସ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀର ।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବଲାଙ୍ଗୀର | ବେଲପଡ଼ା | ଚିଖିଲି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୩.୨୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଓ ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, ବଲାଙ୍ଗୀର

ମୌଜା-ଚିଖିଲି, ଥାନା- ବେଲପଡ଼ା ନଂ- ୦୪, ତହସିଲ-ବେଲପଡ଼ା ନଂ- ୧୩୧, ଜିଲ୍ଲା- ବଲାଙ୍ଗୀର

ପ୍ରାଇଭେଟ୍ ଲ୍ୟାଣ୍ଡ

| କ୍ରମିକ ନଂ | ଖତିୟାନର କ୍ରମିକ ନଂ | ପ୍ରଜାର ନାମ, ପିତାର ନାମ ଜାତି ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ଅଲେଖ କୁମ୍ଭାର, ବିଷ୍ଣୁ କୁମ୍ଭାର, ପାଲେଶ୍ୱର କୁମ୍ଭାର ପି: ବଳ କୁମ୍ଭାର, ପବିତ୍ର କୁମ୍ଭାର, ପି: ଚମ୍ପେଶ୍ୱର କୁମ୍ଭାର ଜା: ଗଣ୍ଡା ବା: ନିଜଗାଁ | ୪୮ | ଆଟ ମାମୁଲି | ୨.୯୮ | ୦.୧୦ |
| ୨ | ୧୭ | ନିଳାୟର ମହାକୁର, ପି: ବିଦ୍ୟାଧର ମହାକୁର ଜା: ଡୁମାଲ ବା: ନିଜଗାଁ | ୧<br>୬ | ଆଟ ମାମୁଲି<br>ମାଲ ମାମୁଲି | ୭.୩୬<br>୨.୩୮ | ୧.୧୪<br>୧.୦୬ |
| ୩ | ୨୧ | ବିମେଲେ ଭୋଏ ସ୍ୱା: ରାଜିନ୍ଦ୍ର ଭୋଏ, ବାସୁଦେବ ଭୋଏ, ପି: ରୁଷି ଭୋଏ, ହରି ଭୋଏ, ଧନି ଭୋଏ, ସଟା ଭୋଏ, ପୁତୁ ଭୋଏ, ବୁଦ୍ଧି ଭୋଏ, ପି: ଟାଟୁ ଭୋଏ, ଜନାର୍ଦ୍ଦନ ଭୋଏ ପି: କୁନ୍ଦା ଭୋଏ ଜା: ଦଳ, ବାଷ ନିଜଗାଁ | ୨ | ଆଟ ମାମୁଲି | ୭.୪୦ | ୫.୮୫ |
| ୪ | ୩୭ | ହରି ଭୋଏ, ଧନି ଭୋଏ, ଝୁଟା ଭୋଏ, ପୁତୁ ଭୋଏ, ବୁଦ୍ଧି ଭୋଏ, ପି: ଟାଟୁ ଭୋଏ, ଜା: ଦଳ ବା: ନିଜଗାଁ | ୪୭ | ଆଟ ମାମୁଲି | ୭.୮୦ | ୫.୦୪ |
| ୫ | ୪୧ | ଫାଲଗୁନି ଭୋଏ ପି: ନିରଞ୍ଜନ ଭୋଏ ଜା: ଦଳ, ବା: ନିଜଗାଁ | ୧୮୩/୪୦୩ | ଗ୍ରାମ୍ୟ ଜଙ୍ଗଲ | ୨.୦୦ | ୦.୦୯ |
| | | | | | ମୋଟ- | ୧୩.୨୮ |

ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ

| କ୍ରମିକ ନଂ | ଖତିୟାନର କ୍ରମିକ ନଂ | ପ୍ରଜାର ନାମ, ପିତାର ନାମ ଜାତି ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| ୬ | ୩୯ | ସର୍ବ ସାଧାରଣ | ୫ | ରାସ୍ତା | ୧.୬୮୦ | ୧.୬୮୦ |
| | | | | | ମୋଟ- | ୧.୬୮୦ |

This land schedule has been prepared based on the Certified ROR copies obtained from the Tahasildar, Belapada, vide his Letter No. 81, Dt. 06.01.2025

Sd/- Assistant Engineer, Upper Lanth Irr. Sub-Div, No- II, Belapada
Sd/- Assistant Executive Engineer, Upper Lanth Irr. Sub-Div, No- II, Belapada
Sd/- Executive Engineer, Upper Lanth Irr. Division, Belapada

OIPR : 32001/32557/3/25-26/0007



## ଓଡିଶା ସରକାର
## ତହସିଲଦାର ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ କାର୍ଯ୍ୟାଳୟ, ନବରଙ୍ଗପୁର

24001/63/2526

### ଘୋଷଣା

Letter No. 05/2025, LAC No. 483/2023, Dated : 14.10.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act.2013)**ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ନବରଙ୍ଗପୁର ନଂ. ୩୪, ତହସିଲ- ନବରଙ୍ଗପୁର, ଜିଲ୍ଲା- ନବରଙ୍ଗପୁରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା **ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ** ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ **(RFCTLAR & R Act.2013)**ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୮୩, ତା ୨୧.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ନବରଙ୍ଗପୁର, ଥାନା- ନବରଙ୍ଗପୁର ନଂ. ୩୪, ଜିଲ୍ଲା- ନବରଙ୍ଗପୁରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଏହି ଘୋଷଣାନାମା ଜିଲ୍ଲା ୱେବସାଇଟ **www.nabarangpur.nic.in** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଛି । ଭୂ-ଅର୍ଜନ ଯୋଜନାର ଭୂମି ନକ୍ସା ତହସିଲଦାର- ତଥା- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ନବରଙ୍ଗପୁର ତହସିଲ: ନବରଙ୍ଗପୁର

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ୍ର ମୋଟ ରକବା | ଅଧିଗ୍ରହଣ ହେବାକୁ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନବରଙ୍ଗପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | | ୬.୯୮୧୦ ଏକର | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ନବରଙ୍ଗପୁର ତହସିଲ: ନବରଙ୍ଗପୁର

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ୍ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୭.୦୪.୨୦୨୩

ସ୍ୱା/- ଜିଲ୍ଲାପାଳ, ନବରଙ୍ଗପୁର

### ଭୂମି ଅନୁସୂଚୀ

ମୌଜା- ନବରଙ୍ଗପୁର, ଥାନା- ନବରଙ୍ଗପୁର ନଂ. ୩୪, ତହସିଲ- ନବରଙ୍ଗପୁର, ଜିଲ୍ଲା- ନବରଙ୍ଗପୁର
ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ଆକ୍ୟୁଆର ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୧୩୯୦ | ୫୪୬୬ | ୧.୪୬୦୦ | ୦.୨୫୦୦ | ଧାନ ଅଣ ଜଳ ସେଚିତ ଦୁଇ | ଚାରଣ ଅମାନତ୍ୟ ପି: ମଧୁ ଅମାନତ୍ୟ ଜା: ନିଜଗାଁ, କୋଲଗୁଡ଼ା |
| ୧୮୦୩ | ୫୪୯୬ | ୨.୯୫୦୦ | ୧.୩୦୭୦ | ଜଙ୍ଗର | ଉପେନ୍ଦ୍ର ନାୟକ, ଦୈମତୀ ନାୟକ, ପି: ଶ୍ୟାମସୁନ୍ଦର ନାୟକ ଜା: ଗୌଡ଼ ବା: ତାହିଭଟା |
| ୧୮୦୩ | ୫୪୮୧ | ୨.୧୦୦୦ | ୦.୮୭୭୦ | ଜଙ୍ଗର | ଉପେନ୍ଦ୍ର ନାୟକ, ଦୈମତୀ ନାୟକ, ପି: ଶ୍ୟାମସୁନ୍ଦର ନାୟକ ଜା: ଗୌଡ଼ ବା: ତାହିଭଟା |
| ୨୧୧୪ | ୫୪୭୨ | ୦.୭୬୦୦ | ୦.୧୫୦୦ | ଧାନ ଅଣ ଜଳସେଚିତ ଏକ | ବୃନ୍ଦାବନ ପାଣିଗ୍ରାହୀ, ପି: ବାଙ୍କ ପାଣିଗ୍ରାହୀ ଜା: ବ୍ରାହ୍ମଣ, ବା: ନୂଆଗଡ଼ |
| ୨୧୧୫ | ୫୪୮୩ | ୦.୬୮୦୦ | ୦.୪୧୩୦ | ଧାନ ଅଣ ଜଳସେଚିତ ଏକ | ବୃନ୍ଦାବନ ପାଣିଗ୍ରାହୀ ପି: ବାଙ୍କ ପାଣିଗ୍ରାହୀ, ଶୁଶିଳା ପାଣିଗ୍ରାହୀ ସ୍ୱା: ବୃନ୍ଦାବନ ପାରିଗ୍ରାହୀ ଜା: ବ୍ରାହ୍ମଣ ବା: ନୂଆଗଡ଼ |
| ୨୩୧୦ | ୫୪୯୫ | ୦.୧୩୦୦ | ୦.୦୭୮୦ | ଜଙ୍ଗର | ମଦନ ଭତରା ପି: କମଲୁ ଭତରା ବା: ତାହିଭଟା |
| ୨୩୧୦ | ୫୪୯୪ | ୦.୦୭୦୦ | ୦.୦୦୮୦ | ଧାନ ଅଣ ଜଳସେଚିତ ଦୁଇ | ମଦନ ଭତରା ପି: କମଲୁ ଭତରା ବା: ତାହିଭଟା |
| ୨୩୧୦ | ୫୪୭୮ | ୦.୯୮୦୦ | ୦.୧୬୪୦ | ଡଙ୍ଗର | ମଦନ ଭତରା ପି: କମଲୁ ଭତରା ବା: ତାହିଭଟା |
| ୨୩୧୦ | ୫୪୭୯ | ୨.୦୪୦୦ | ୦.୫୩୧୦ | ଧାନ ଅଣ ଜଳସେଚିତ ଦୁଇ | ମଦନ ଭତରା ପି: କମଲୁ ଭତରା ବା: ତାହିଭଟା |
| ୨୩୧୦ | ୫୪୮୦ | ୦.୬୨୦୦ | ୦.୨୬୦୦ | ଡଙ୍ଗର | ମଦନ ଭତରା ପି: କମଲୁ ଭତରା ବା: ତାହିଭଟା |
| ୨୯୩୩ | ୫୪୬୭ | ୪.୦୫୦୦ | ୦.୯୫୨୦ | ଧାନ ଅଣ ଜଳସେଚିତ ଦୁଇ | ତୁମୁଲି ଲକ୍ଷ୍ମୀନାରାୟଣ ସୁବୁଦ୍ଧି ପି: ତୁମୁଲୁ ଭିମରାଜୁ ସୁବୁଦ୍ଧି ଜା: ବୈଶ୍ୟ ବା: ନିଜଗାଁ, ନୂଆବନ୍ଧସାହି |
| ୩୨୩୯ | ୫୪୭୪ | ୫.୨୬୦୦ | ୦.୬୨୦୦ | ଧାନ ଅଣ ଜଳସେଚିତ ଦୁଇ | ସୁଙ୍ଗୁରୁ ସମେଶ୍ୱର ସୁବୁଦ୍ଧି ପି: ସୁଙ୍କୁରୁ ସୁନ୍ଦର ବାବୁ ଜା: ବୈଶ୍ୟ ବା: ନିଜଗାଁ |
| ୩୮୬୯ | ୫୪୭୩ | ୧.୦୦୦୦ | ୦.୭୪୭୦ | ଧାନ ଅଣଜଳ ସେଚିତ ଏକ | ଶୁଶିଳା ପାଣିଗ୍ରାହୀ ସ୍ୱା: ବୃନ୍ଦାବନ ପାରିଗ୍ରାହୀ ଜା: ବ୍ରାହ୍ମଣ ବା: ନୂଆଗୁଡ଼ା |
| ୪୦୩୦/ ୬୩୩ | ୫୪୯୭/ ୯୦୦୩ | ୦.୮୯୦୦ | ୦.୧୪୮୦ | ଡଙ୍ଗର | ପ୍ରଦୀପ୍ତ ପ୍ରଧାନ ପି: କାନ୍ଦରୁ ଚରଣ ପ୍ରଧାନ ଜା: ଖଣ୍ଡାୟତ ବା: ନବରଙ୍ଗପୁର |
| ୧୮୦୩ | ୫୪୯୭ | ୦.୨୧୦୦ | ୦.୦୩୬୦ | ଡଙ୍ଗର | ଉପେନ୍ଦ୍ର ନାଏକ, ଦୈମତୀ ନାୟକ ପି: ଶ୍ୟାମସୁନ୍ଦର ନାୟକ ଜା: ଗୌଡ଼ ବା: ତାହିଭଟା |
| ୧୨୦୮ | ୫୪୮୨ | ୧.୫୪୦୦ | ୦.୪୨୨୦ | ଡଙ୍ଗର | ଦୁଲଭ ନାଏକ, ପି: ଗୋବିନ୍ଦ ନାୟକ ଜା: ନିଜଗାଁ |
| | ମୋଟ | ୬.୯୮୧୦ | | | |

Sd/- Tahasildar-cum-Spl.Land Acquisition Officer, Jeypore Nabarangpur, New BG Rad Link Project, Nabarangpur

OIPR : 24001/24391/3/25-26/0001

**(ଶ୍ରୀମଦ୍ଭଗବଦ୍ ଗୀତା ୨/୪୮)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ ।**
**ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ॥ ୪୮ ॥**

ହେ ଧନଞ୍ଜୟ! ତୁମେ ଫଳକାମନା ତ୍ୟାଗକରି ନିଷ୍କାମ ଭାବରେ ରହି କର୍ମର ସିଦ୍ଧି ଓ ଅସିଦ୍ଧିରେ ସମ ଜ୍ଞାନ କରି ( ହର୍ଷବିଷାଦଶୂନ୍ୟ ହୋଇ) କର୍ମ କର, ସେହି ସମଜ୍ଞାନକୁ ଯୋଗ ବୋଲାଯାଏ ॥ ୪୮॥

# ରାଜ୍ୟସଭା ନିର୍ବାଚନର ଚତୁର୍ଥ ଆସନ ପାଇଁ ଉତ୍କଣ୍ଠା

ଆସନ୍ତା ମାର୍ଚ୍ଚ ୧୬ (୨୦୨୬) ତାରିଖରେ ଭିନ୍ନ ଭିନ୍ନ ୧୦ ରାଜ୍ୟର ୩୭ ଗୋଟି ଖାଲି ପଡୁଥିବା ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ । ଓଡ଼ିଶାର ଖାଲି ପଡୁଥିବା ଚାରିଗୋଟି ଆସନ ଲାଗି ମଧ୍ୟ ନିର୍ବାଚନ କରାଯିବ । ଏଥିପାଇଁ ଗତ ଫେବୃଆରୀ ୨୬ (୨୦୨୬)ରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହା ସାଧାରଣ ନିର୍ବାଚନ ପରି ପ୍ରତ୍ୟକ୍ଷ ନିର୍ବାଚନ ଏ ନୁହେଁ । ରାଜ୍ୟର ବିଧାୟକ ଓ ସାଂସଦମାନେ ଏଥିରେ ଭାଗ ନେବେ ।

ଏହି ନିର୍ବାଚନ ପାଇଁ ଶାସକ ବିଜେପି ପକ୍ଷରୁ ଯଥେଷ୍ଟ ତତ୍ପରତା ଓ ସତର୍କତା ପ୍ରକାଶ ପାଇବା ସ୍ୱାଭାବିକ । ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଗତ ୨୦୨୪ ସାଧାରଣ ନିର୍ବାଚନରେ ଚାନ୍ଦବାଲି ଆସନରୁ ପ୍ରତିଦ୍ୱନ୍ଦିତା କରୁଥିଲେ ହେଁ କେତେକ ଭୋଟ ବ୍ୟବଧାନରେ ହାରି ଯାଇଥିଲେ । ନିଜ ଦଳର ସେ ରାଜ୍ୟ ଶାଖା ସଭାପତି ଥିବାରୁ ହୁଏତ ନିଜ ନିର୍ବାଚନ ମଣ୍ଡଳୀ ପାଇଁ ସେ ସମୟ ଦେଇ ପାରି ନଥିଲେ । ମାତ୍ର ରାଜ୍ୟରେ ଅଧିକ ସଂଖ୍ୟା ଗରିଷ୍ଠତା ଲାଭ କରି ବିଜେପି ସରକାର ଗଢ଼ିବା ଦୃଷ୍ଟିରୁ ଚାନ୍ଦବାଲି ବିଧାନସଭା ଆସନରୁ ଭୋଟଦାତାମାନେ ତାଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେଇ ଜିତେଇଥିଲେ ଭଲ ହୋଇଥା'ନ୍ତା । ଏବେ ସେମାନଙ୍କର ବିଧାୟକ ଅଛନ୍ତି, କିନ୍ତୁ ସେ ବିରୋଧୀ ବିଜେଡି ଦଳର । ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଲାଭ କ'ଣ ହେଲା ? ଯଦି ଶ୍ରୀ ସାମଲ ନିର୍ବାଚିତ ହୋଇ ଥାଆନ୍ତେ, ତା ହେଲେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଲୋକେ ସରକାରୀ ଦଳରୁ ଯେଉଁ ସହଯୋଗ ପାଇଥା'ନ୍ତେ, ତାହା ହୁଏତ ସମ୍ଭବ ହେଉ ନଥିବ । ହୁଏ ତ ଭୁଲ ହୋଇଗଲା ବୋଲି ସେମାନେ ଭାବି ଥିବେ । ରାଜନୀତିରେ ଏମିତି ଭୁଲ ହୁଏ ଓ ଲୋକଙ୍କର ମଧ୍ୟ ଏମିତି ଭୁଲ ହୋଇଥାଏ । ତେବେ ଶାସକ ବିଜେପି ଦଳ ପକ୍ଷରୁ ରାଜ୍ୟ ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଥିବା ଶାସକ ବିଜେପି ଦଳ ମନମୋହନ ସାମଲଙ୍କୁ ପ୍ରାର୍ଥୀ କରି ରାଜ୍ୟସଭାରେ ଏଥର ଜିତେଇବାର ସମ୍ଭାବନା ରହିଛି । ଏ ବିଷୟରେ ଶିକ୍ଷିତ ଓ ସଚେତନ ଓଡ଼ିଆମାନେ ଚର୍ଚ୍ଚା କରୁଥିବା ପରିଲକ୍ଷିତ ହୋଇଛି । ଅପରପକ୍ଷରେ ସଂଖ୍ୟା ଗରିଷ୍ଠ ଦଳ ହୋଇଥିବାରୁ ବିଜେପି ଆଉ ଜଣେ ପ୍ରାର୍ଥୀଙ୍କୁ ମଧ୍ୟ ରାଜ୍ୟସଭାକୁ ପଠାଇ ପାରିବ । ତେବେ ବିଜେପିର ସେହି ଦ୍ୱିତୀୟ ପ୍ରାର୍ଥୀ ଜଣକ କିଏ ?

**ଅପରପକ୍ଷରେ ସଂଖ୍ୟା ଗରିଷ୍ଠ ଦଳ ହୋଇଥିବାରୁ ବିଜେପି ଆଉ ଜଣେ ପ୍ରାର୍ଥୀଙ୍କୁ ମଧ୍ୟ ରାଜ୍ୟସଭାକୁ ପଠାଇ ପାରିବ । ତେବେ ବିଜେପିର ସେହି ଦ୍ୱିତୀୟ ପ୍ରାର୍ଥୀ ଜଣକ କିଏ ? ସେ ପ୍ରାର୍ଥୀଙ୍କ କଥା ବିଜେପି ଏ ପର୍ଯ୍ୟନ୍ତ ଦଳୀୟ ସ୍ତରରେ ସ୍ଥିର କରି ପାରି ନାହିଁ । ଦଳ ଭିତରେ ବିଚାର ବିମର୍ଷ ଚାଲିଛି । ଏକ ଶୃଙ୍ଖଳିତ ଦଳ ହୋଇଥିବାରୁ ବିଜେପି ଦଳ ମଧ୍ୟରେ କନ୍ଦଳ ଏଥିପାଇଁ ଥିବା ପରି ମନେ ହେଉନାହିଁ ।**

ସେ ପ୍ରାର୍ଥୀଙ୍କ କଥା ବିଜେପି ଏ ପର୍ଯ୍ୟନ୍ତ ଦଳୀୟ ସ୍ତରରେ ସ୍ଥିର କରି ପାରି ନାହିଁ । ଦଳ ଭିତରେ ବିଚାର ବିମର୍ଷ ଚାଲିଛି । ଏକ ଶୃଙ୍ଖଳିତ ଦଳ ହୋଇଥିବାରୁ ବିଜେପି ଦଳ ମଧ୍ୟରେ କନ୍ଦଳ ଏଥିପାଇଁ ଥିବା ପରି ମନେ ହେଉନାହିଁ । ମାତ୍ର ବହୁ ଭାବିଚନ୍ତି, ବିଜେପି ତାହାର ଦ୍ୱିତୀୟ ପ୍ରାର୍ଥୀଙ୍କୁ ଦେବ ବୋଲି ଶୁଣାଯାଉଛି । ବିଜେପିର ଦୁଇଜଣ ଯାକ ପ୍ରାର୍ଥୀ ନିର୍ବାଚିତ ହୋଇଯିବେ । ମାତ୍ର ଚତୁର୍ଥ ପ୍ରାର୍ଥୀ ପାଇଁ ବିଜେପି, ବୃହତ ବିରୋଧୀ ଦଳ ବିଜେଡ଼ି ଓ କ୍ଷୁଦ୍ର ବିରୋଧୀ ଦଳ କଂଗ୍ରେସ ଉଭୟ ଚାହୁଁଛନ୍ତି । ଇତିମଧ୍ୟରେ ବିଜେଡ଼ିରୁ, ଗତ ସାଧାରଣ ନିର୍ବାଚନରେ କଟକ ଲୋକସଭା ଆସନରୁ ହାରି ଯାଇଥିବା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ଡାକ୍ତର ଦତ୍ତେଶ୍ୱର ହୋତା ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ବିଜେଡ଼ି ପକ୍ଷରୁ ଘୋଷଣା କରାଯାଇଛି । ଅତୀତରେ କର୍ପୋରେଟ ହାଉସରେ ଜଣେ ପଦାଧିକାରୀ ଥିବା ସଂତୃପ୍ତ ମିଶ୍ର ହୁଏତ ବିଜେଡ଼ିର ପ୍ରଥମ ପସନ୍ଦ ପ୍ରାର୍ଥୀ ହେବେ । ଏବେ ବି ଭାରତର ବିଭିନ୍ନ କର୍ପୋରେଟ ହାଉସ ସହିତ ତାଙ୍କର ସୁସମ୍ପର୍କ ରହିଛି । ତେବେ ଡାକ୍ତର ହୋତା କଟକ ଶ୍ରୀରାମଚନ୍ଦ୍ର ମେଡିକଲ କଲେଜ ହସ୍‌ପିଟାଲର ଜଣେ ଚିକିତ୍ସକ ଓ ସମ୍ଭବତଃ ସୁପରିଟେଣ୍ଡେଣ୍ଟ ଥିଲେ । ସେ କ୍ଷେତ୍ରରେ ତାଙ୍କର ସୁନାମ ଥିଲା । ସେ ତିର୍ତ୍ତୋଲ ନିକଟସ୍ଥ ମା' ସାରଳାଙ୍କ ପୀଠ ନିକଟରେ ତାଙ୍କର ଘର ଓ ଫାର୍ମ ଘର କରିଛନ୍ତି । ସେ ପଶ୍ଚିମ ଓଡ଼ିଶା ଅଞ୍ଚଳର ଲୋକ । ମାତ୍ର ରାଜନୀତିରେ ଅନଭିଜ୍ଞ ହୋଇଥିବାରୁ ଆମ ବିଧାୟକ ଓ ସାଂସଦମାନେ ତାଙ୍କୁ କିପରି ପସନ୍ଦ କରିବେ, ତାହା ନବୀନ ବାବୁ ହୁଏ ତ ଜାଣିଥିବେ ।

ସେହିପରି ଛୋଟ ବିରୋଧୀ ଦଳ କଂଗ୍ରେସ ଇତିମଧ୍ୟରେ କାହାକୁ ପ୍ରାର୍ଥୀ କରିବ, ଏ ଲେଖା ପ୍ରକାଶ ପାଇବା ବେଳକୁ ଜଣା ପଡ଼ି ନଥିଲା । କିନ୍ତୁ କଂଗ୍ରେସ ରାଜ୍ୟ ସଭାପତି ଭକ୍ତଚରଣ ଦାସ କାହାକୁ ପ୍ରାର୍ଥୀ କରିବେ ବା କାହାକୁ ସମର୍ଥନ କରିବେ ଜଣା ପଡ଼ି ନଥିଲେ ହେଁ ଭଲ କଥାଟିଏ କହିଛନ୍ତି । ରାଜ୍ୟସଭା ନିର୍ବାଚନରେ ଘୋଡା ବେପାର ନ ହେଉ ବୋଲି ସେ ଯାହା କହିଛନ୍ତି, ରାଜ୍ୟବାସୀ ତାହାକୁ ପସନ୍ଦ କରିଥିବା ପରି ମନେ ହେଉଛି ।

**ସଙ୍କଳ୍ପ**

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

## ଭାରତ- ୟୁରୋପ ମୁକ୍ତ ବାଣିଜ୍ୟ ରାଜିନାମା

# ବୟନଶିଳ୍ପ କ୍ଷେତ୍ରରେ ଏକ ଐତିହାସିକ ଅୟମାରମ୍ଭ



ଗିରିରାଜ ସିଂହ

ଭାରତ ବର୍ତ୍ତମାନ ଯେଉଁଭଳି ଭାବରେ ବିଶ୍ୱ ମଞ୍ଚରେ ପଦାର୍ପଣ କରିଛି ତାହାକୁ କେହି କେବେ ଅଣଦେଖା କରିପାରିବେ ନାହିଁ । ୧୬ଶ ଭାରତ-ୟୁରୋପୀୟ ସଂଘ ଶିଖର ବୈଠକ ଅବସରରେ, ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଆନୁଷ୍ଠାନିକ ଭାବରେ ସ୍ୱାକ୍ଷରିତ ହୋଇଛି, ଯାହାକି ଉଭୟ ପକ୍ଷଙ୍କ ନିମନ୍ତେ ଏକ ଐତିହାସିକ ମୁହୂର୍ତ୍ତ ଏବଂ ଅବସର । ଏଥି ନିମନ୍ତେ ଦଶନ୍ଧି ଦଶନ୍ଧି ଧରି ଆଲୋଚନା ହୋଇ ଆସୁଥିଲା ଏବଂ ସେହି ପରିକଳ୍ପନା, ପ୍ରତିବଦ୍ଧତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ଆର୍ଥିକ ନେତୃତ୍ୱର ପରିଣାମ ସ୍ୱରୂପ ଏହି ରାଜିନାମା ପରିଶେଷରେ ସ୍ୱାକ୍ଷରିତ ହୋଇଛି । ଉଭୟ ପକ୍ଷ-ଭାରତ ଏବଂ ୟୁରୋପୀୟ ସଂଘ, ବିଶ୍ୱର ଚତୁର୍ଥ ଏବଂ ଦ୍ୱିତୀୟ ସର୍ବବୃହତ ଆର୍ଥିକ ବ୍ୟବସ୍ଥା ଭାବରେ ନିଜକୁ ଅବସ୍ଥାପିତ କରିଛନ୍ତି ଏବଂ ଉଭୟ ମିଶି ବୈଶ୍ୱିକ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ୨୫ ପ୍ରତିଶତକୁ ପ୍ରତିନିଧିତ୍ୱ କରନ୍ତି । ଯେତେବେଳେ ଏହି ଦୁଇ ଆର୍ଥିକ ମହାଶକ୍ତି ସହମତରେ ପହଞ୍ଚି ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ କଲେ, ଏହାକୁ କେବଳ ଦୁଇ ପକ୍ଷଙ୍କ ମଧ୍ୟରେ ଏକ ମାମୁଲି ବାଣିଜ୍ୟ ରାଜିନାମା ରୂପରେ ବିବେଚନା କରାଯାଉନାହିଁ, ଅପର ପକ୍ଷେ ଏହା ସମସ୍ତ ବାଣିଜ୍ୟ ରାଜିନାମାର ଜନନୀ ରୂପରେ ମାନ୍ୟତା ଗ୍ରହଣ କରିଛି, କାରଣ ଏହାର ମାତ୍ରା ଏବଂ ରଣନୀତିକ ମହତ୍ତ୍ୱ ବେଶ୍ ପ୍ରଭାବୀ ଏବଂ ସୁଦୂରପ୍ରସାରୀ । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମାର ଯାତ୍ରା ଶାସନ ବ୍ୟବସ୍ଥାରେ ଥିବା ପ୍ରମୁଖ୍ୟ ବୈଷମ୍ୟକୁ ବ୍ୟାପକ ମାତ୍ରାରେ ପ୍ରଦର୍ଶିତ କରେ । ୨୦୧୪ ମସିହାରେ ଭାରତର ସାରା ବିଶ୍ୱରେ ମାତ୍ର ୧୯ ଗୋଟି ରାଷ୍ଟ୍ରଙ୍କ ସହିତ ବାଣିଜ୍ୟ କାରବାର ସୁବିଧା ଥିବାବେଳେ ଆଜି ତାହା ୫୬ରେ ପହଞ୍ଚିଛି ଏବଂ ଭାରତ- ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ଯାହାକି ୟୁରୋପର ୨୭ଗୋଟି ଉଚ୍ଚ ମୂଲ୍ୟଯୁକ୍ତ ରାଷ୍ଟ୍ରର ବଜାରକୁ ପ୍ରତିନିଧିତ୍ୱ କରେ, ତାହା ସ୍ୱାକ୍ଷରିତ ହେବା ଫଳରେ ଏହା ଅଧିକ ବ୍ୟାପକ, ସ୍ୱଷ୍ଟ ଏବଂ ପରିଣାମ ପ୍ରେରିତ ଶାସନ ବ୍ୟବସ୍ଥାକୁ ପ୍ରତିଫଳିତ କରୁଛି ।

ବିଶ୍ୱ ବୟନ ଶିଳ୍ପ ଏବଂ ପରିଧାନ ବଜାର ବର୍ତ୍ତମାନ ୧.୧ ଟ୍ରିଲିୟନ ଆମେରିକୀୟ ଡଲାରରୁ ଅଧିକ ଭାବରେ ମୁଣ୍ଡ ଟେକିଛି, ଯାହା ବିଶ୍ୱର ଏହିସବୁ ସାମଗ୍ରୀ ପ୍ରତି ଚାହିଦାର ମାତ୍ରା ଏବଂ ବିବିଧତାକୁ ପ୍ରତିଫଳିତ କରେ । ୨୦୦୧ ମସିହାରେ ଏହାର ବୈଶ୍ୱିକ ରପ୍ତାନୀ ପରିମାଣ ୩୬୬.୮ ବିଲିୟନ ଆମେରିକୀୟ ଡଲାର ଥିବାବେଳେ ୨୦୨୪ ମସିହା ସୁଦ୍ଧା ଏହା ଦ୍ୱିଗୁଣିତ ହୋଇ ପ୍ରାୟ ୮୦୦ ବିଲିୟନ ଆମେରିକୀୟ ଡଲାର ଛୁଇଁଛି । ଏହା ଆନ୍ତର୍ଜାତିକ ବାଣିଜ୍ୟ କାରବାରର ନିରବଚ୍ଛିନ୍ନ ଏବଂ ପୋଷଣୀୟ ସମ୍ପ୍ରସାରଣକୁ ପ୍ରତିପାଦିତ କରେ । ଭାରତ ଏହି ସମୟ ମଧ୍ୟରେ ନିଜର ସ୍ଥିତିକୁ ବେଶ୍ ମଜଭୁତ କରିପାରିଛି । ଏହି ଅବଧି ମଧ୍ୟରେ ଭାରତର ବୟନ ଶିଳ୍ପ ରପ୍ତାନୀ ପରିମାଣ ୧୦ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୪୦ ବିଲିୟନ ଆମେରିକୀୟ ଡଲାର ହୋଇଛି ଯାହାକି ବୈଶ୍ୱିକ ବାଣିଜ୍ୟ କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ବର୍ଦ୍ଧିଷ୍ଣୁ ଉପସ୍ଥିତିକୁ ପ୍ରମାଣିତ କରୁଛି । ସେହିଭଳି ଘରୋଇ ଭାବେ, ଏହାର ମାତ୍ରାରେ ସମାନ ଭାବରେ ବୃଦ୍ଧି ଘଟି ଚାଲିଛି । ଭାରତର ବୟନ ଶିଳ୍ପ ବଜାର ୧୩୮ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧିପାଇ ୨୦୨୫ ମସିହାରେ ୧୯୦ ବିଲିୟନ ଆମେରିକୀୟ ଡଲାର ଛୁଇଁଛି । ଏହା ପଛରେ ଥିବା ମୁଖ୍ୟ କାରଣଟି ହେଲା ବର୍ଦ୍ଧିତ ଖାଉଟି ଚାହିଦା ଏବଂ ସେମାନଙ୍କର ବ୍ୟାପକ କ୍ରୟ ଶକ୍ତି । ଏହି ଅଭିବୃଦ୍ଧିକୁ ଢାଞ୍ଚାଗତ ସଂସ୍କାର ଏବଂ ନୀତିଗତ ଉପକ୍ରମ ସହାୟକ ହୋଇଛି ଯାହାକି ଆଧୁନିକ ପଦ୍ଧତିରେ ଉତ୍ପାଦନ, ମଜଭୁତ ମୂଲ୍ୟ ଶୃଙ୍ଖଳ ଏବଂ ଉନ୍ନତ ବୈଶ୍ୱିକ ପ୍ରତିଯୋଗିତା ପ୍ରୟାସ ସହାୟକ ହୋଇଛି । ଏହି ପୃଷ୍ଠଭୂମିରେ ଭାରତ- ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ଐତିହାସିକ ମହତ୍ତ୍ୱ ବହନ କରେ । ଏହି ରାଜିନାମା ପ୍ରାୟ ୨୦୦ କୋଟି ଖାଉଟି ବଜାରରେ ପ୍ରବେଶ ନିମନ୍ତେ ପଥ ଉନ୍ମୁକ୍ତ କରେ ଯାହାକି ସମଗ୍ର ୟୁରୋପୀୟ ସଂଘର ୨୪ ଟ୍ରିଲିୟନ ମୂଲ୍ୟର ବଜାରକୁ ପ୍ରତିନିଧିତ୍ୱ କରେ । ସେମାନେ ବର୍ତ୍ତମାନ ୯୯ ପ୍ରତିଶତରୁ ଅଧିକ ଭାରତୀୟ ରପ୍ତାନୀ ସାମଗ୍ରୀକୁ ଅଗ୍ରାଧିକାର ଭିତ୍ତିକ ପ୍ରବେଶ ଅନୁମତି ପ୍ରଦାନ କରିଛନ୍ତି ଯାହାକି ମୂଲ୍ୟ ଆଧାରିତ ଏବଂ ଏଥିରୁ ୧୦-୧୨ ପ୍ରତିଶତ ଟାରିଫ୍ ହ୍ରାସ ପାଇଛି । ମୂଲ୍ୟ ଆକଳନ ଅନୁସାରେ ଏଥିରେ ପ୍ରାୟ ୩୩ ବିଲିୟନରୁ ଆମେରିକୀୟ ଡଲାର ମୂଲ୍ୟର ସାମଗ୍ରୀ ରହିଛି । ଏହି ମୁକ୍ତ ବାଣିଜ୍ୟ ରାଜିନାମା ବସ୍ତୁତଃ ଭାରତର ମୂଲ୍ୟ ପ୍ରତିଯୋଗିତାକୁ ବିଶ୍ୱର ସବୁଠାରୁ ପ୍ରିମିୟମ୍ ବଜାରରେ ବୃଦ୍ଧି କରେ ।

ବିଗତ ଦୁଇ ବର୍ଷ ମଧ୍ୟରେ, ଆମେ ଅତି ବ୍ୟବସ୍ଥିତ ଭାବରେ ଏକ ନୂତନ ବଜାର ବିବିଧିକରଣ ରଣନୀତି ପ୍ରସ୍ତୁତ କରିଛୁ ଏବଂ ଏହାକୁ ଆଗକୁ ଆଗେଇ ନେଇଛୁ । ଏହା ସାମଗ୍ରିକ ଘରୋଇ ଉତ୍ପାଦ ଡାଟା, ଉପଭୋକ୍ତାମାନଙ୍କ ଚାହିଦା ଧାରା, ଜନସଂଖ୍ୟାର ମାତ୍ରା ଏବଂ ମୁଣ୍ଡପିଛା ଆୟ ଉପରେ ଆଧାରିତ । ଏଭଳି ରଣନୀତିକ ମୂଳନୀତି ବର୍ତ୍ତମାନ ଫଳପ୍ରସୂ ହେବାରେ ଲାଗିଛି । ୨୦୨୫ ମସିହାରେ, ବୈଶ୍ୱିକ ଆର୍ଥିକ ଅସ୍ଥିରାବସ୍ଥା ସତ୍ତ୍ୱେ, ଭାରତୀୟ ବୟନଶିଳ୍ପ ବଜାର ପ୍ରାୟ ୧୦୦ରୁ ଅଧିକ ଦେଶରେ ସକାରାତ୍ମକ ରପ୍ତାନୀ ବିକାଶ ସୁଫଳ ହାସଲ କରିପାରିଛି ଯାହା ଫଳରେ ଆମର ବୈଶ୍ୱିକ ରପ୍ତାନୀ ସମ୍ପ୍ରସାରଣ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇପାରିଛି । ଏହି ଲକ୍ଷ୍ୟ ଆଧାରିତ ଆଭିମୁଖ୍ୟ ଅଧୀନରେ, ଆର୍ଜେଣ୍ଟିନାକୁ ଆମର ରପ୍ତାନୀ ପ୍ରାୟ ୭୭ ପ୍ରତିଶତ ବୃଦ୍ଧି ପାଇଛି । ପାରାଗୁଏକୁ ଏହି ରପ୍ତାନୀ ବୃଦ୍ଧି ୪୫ ପ୍ରତିଶତ ହୋଇଥିବା ବେଳେ ଇଜିପ୍ଟକୁ ୩୦ ପ୍ରତିଶତ ବଢ଼ିଛି । ଏଭଳି ରପ୍ତାନୀ ବୃଦ୍ଧି ପୋଷାକପତ୍ର ରପ୍ତାନୀ ନେତୃତ୍ୱାଧୀନ ଏବଂ ଏହା ପଛରେ ଏକ ଦଶନ୍ଧିର ଉତ୍ପାଦନ କ୍ଷମତା ସମ୍ପ୍ରସାରଣ ଉପକ୍ରମ କାର୍ଯ୍ୟ କରିଛି । ବିଗତ ଦଶ ବର୍ଷ ମଧ୍ୟରେ, ୨ କୋଟିରୁ ଅଧିକ ସିଲେଇ ମେସିନ୍ ଭାରତର ଉତ୍ପାଦନ ଇକୋସିଷ୍ଟମରେ ସାମିଲ ହୋଇଛି, ଯାହାକି ଉତ୍ପାଦନକୁ ପର୍ଯ୍ୟାପ୍ତ ମାତ୍ରାରେ ମଜଭୁତ କରିଛି, ଉତ୍ପାଦିକା ହାର ବୃଦ୍ଧି କରିଛି ଏବଂ କର୍ମନିଯୁକ୍ତି ମଧ୍ୟ ବଢ଼ାଇଛି । ଏହି ସମ୍ପ୍ରସାରଣ ପଛରେ ରହିଛି ଏକ ମଜଭୁତ ନୀତି । ୨୦୨୬-୨୭ ଆର୍ଥିକ ବର୍ଷର କେନ୍ଦ୍ର ବଜେଟରେ ବୟନ ଶିଳ୍ପକୁ ଭାରତର ଅଭିବୃଦ୍ଧି ରଣନୀତିର କେନ୍ଦ୍ରରେ ରଖାଯାଇଛି ଏବଂ ଏଥି ନିମନ୍ତେ ମେଗା ବୟନ ପାର୍କ ଏବଂ ସମନ୍ୱିତ ମୂଲ୍ୟ ଶୃଙ୍ଖଳ ତଥା ସମର୍ଥ ୨.୦ ଅଧୀନରେ କୌଶଳ ବିକାଶ ଭଳି ରଣନୀତି ରହିଛି । ଏହାକୁ ସମର୍ଥନ ଯୋଗାଇବା ନିମନ୍ତେ, ପ୍ରମୁଖ କ୍ଲଷ୍ଟରମାନଙ୍କରେ ବୟନ ସାମଗ୍ରୀ ରପ୍ତାନୀ ସୁବିଧା କେନ୍ଦ୍ର (ଟିଇଏଫସି) ଗଠନ ରପ୍ତାନୀକାରୀମାନଙ୍କୁ ବଜାର ସୂଚନା, ଏଫଟିଏ ନିୟମାବଳୀ, ନିୟାମକ ସମର୍ଥନ ଏବଂ ମୂଳରୁ ଶେଷ ପର୍ଯ୍ୟନ୍ତ ସିଙ୍ଗଲ ପ୍ଲାଟଫର୍ମ ସୁବିଧାମାନ ରହିଛି ।

ଭାରତର ବୟନ ରପ୍ତାନୀ ବର୍ତ୍ତମାନ ନିରବଚ୍ଛିନ୍ନ ଭାବେ ବୃଦ୍ଧି ପାଇବାରେ ଲାଗିଛି । ୨୦୧୯-୨୦ ମସିହାରେ ଏହା ୨.୫ ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ ମସିହା ସୁଦ୍ଧା, ମାତ୍ର ପାଞ୍ଚ ବର୍ଷରେ ଏହା ୩.୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଆମକୁ ତ୍ୱରାକରଣ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ ଏବଂ ଏଥି ନିମନ୍ତେ ରପ୍ତାନୀକାରୀମାନଙ୍କ ଉପରେ ସେହି ଧ୍ୟାନ କେନ୍ଦ୍ରିତ ହେବ । ପ୍ରଥମତଃ, ରପ୍ତାନୀକାରୀମାନଙ୍କୁ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ଏଫଟିଏ ବଜାରର ଆହୁରି ଗଭୀରକୁ ପ୍ରବେଶ କରିବାକୁ ପଡ଼ିବ । ସେହିସବୁ ବଜାର ତ୍ୱରିତ ସୁଯୋଗ ପ୍ରଦାନ କରେ ଯେଉଁଠାରେ ଅଧିକ ଧ୍ୟାନ ପ୍ରଦାନ ଏବଂ କ୍ଲଷ୍ଟର-ସମାଯୋଜିତ ରଣନୀତି ଅତିରିକ୍ତ ୨୦-୨୫ ପ୍ରତିଶତ ରପ୍ତାନୀ ବିକାଶ ଘଟାଇ ପାରିବ । ଦ୍ୱିତୀୟତଃ, ସହଭାଗୀ ରାଷ୍ଟ୍ର, ଉଚ୍ଚ-ମାତ୍ରାର ରପ୍ତାନୀ କ୍ଷେତ୍ରରେ ଥିବା ଉତ୍ପାଦ ବୈଷମ୍ୟକୁ ଅତି ବ୍ୟବସ୍ଥିତ ଭାବରେ ଚିହ୍ନଟ କରିବାକୁ ହେବ, ଯେଉଁଠାରେ କି ଭାରତର ସୀମିତ ଅଥବା କୌଣସି ପ୍ରକାର ପ୍ରତିଦ୍ୱନ୍ଦୀ ଉପସ୍ଥିତି ନାହିଁ । ଉଦାହରଣ ସ୍ୱରୂପ, ବ୍ରିଟେନ ଏକ ବିପୁଳ ମୋଜା ଆମଦାନୀକାରୀ ରାଷ୍ଟ୍ର, କିନ୍ତୁ ଭାରତୀୟ ରପ୍ତାନୀକାରୀମାନେ ସେ ଦେଶକୁ ମୋଜା ଯୋଗାଉଥିବା ପ୍ରମୁଖ ରପ୍ତାନୀକାରୀମାନଙ୍କ ମଧ୍ୟରେ ସାମିଲ ନୁହନ୍ତି । ଏଭଳି ଗ୍ୟାପ୍ ସ୍ୱଷ୍ଟ ରୂପେ କାର୍ଯ୍ୟପନ୍ଥା ଗ୍ରହଣକାରୀ ସୁଯୋଗ ପ୍ରଦାନ କରେ । ତୃତୀୟତଃ, ରପ୍ତାନୀକାରୀମାନଙ୍କ ଆଧାର ମଧ୍ୟ ସମ୍ପ୍ରସାରିତ ହେବା ଜରୁରୀ । ପ୍ରତିଷ୍ଠିତ ରପ୍ତାନୀକାରୀମାନେ ମେଣ୍ଟର ସାଜି ନୂଆ ନୂଆ ରପ୍ତାନୀକାରୀମାନଙ୍କୁ ପ୍ରତି ବୟନ କ୍ଲଷ୍ଟରରୁ ସେମାନଙ୍କୁ ଚୟନ କରି ବୈଶ୍ୱିକ ବାଣିଜ୍ୟ ଚେନରେ ସାମିଲ କରିପାରିବେ । ଉଲ୍ଲେଖନୀୟ ଯେ, ୧୦୦ଟି ଦେଶରେ ସାମ୍ପ୍ରତିକ ଅଭିବୃଦ୍ଧିର ଅଧିକାଂଶ କାରଣ ନୂତନ ରପ୍ତାନିକାରୀମାନେ ଅନ୍ତର୍ଜାତୀୟ ବଜାରରେ ପ୍ରବେଶ କରିଛନ୍ତି । ସରକାର ଏହି ସମ୍ପ୍ରସାରଣକୁ ସକ୍ରିୟ ଭାବରେ ସକ୍ଷମ କରୁଛନ୍ତି ।

୨୦୩୦ ମସିହା ସୁଦ୍ଧା ୧୦୦ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ରପ୍ତାନୀ ଲକ୍ଷ୍ୟ ରଖିଥିବା ଭାରତୀୟ ବୟନ ଶିଳ୍ପ ରଣନୀତି ଏହାର ମାତ୍ରା, ବେଗ ଏବଂ ବୈଶ୍ୱିକ ମହତ୍ତ୍ୱାକାଂକ୍ଷାକୁ ପ୍ରତିଫଳିତ କରେ । ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ରାଜିନାମା ଏହି ଯାତ୍ରାକୁ ଗତି ପ୍ରଦାନ କରି ଏହାକୁ ମଜଭୁତ କରେ । ତେଣୁ ଏହା କେବଳ ଏକ ବାଣିଜ୍ୟ ଚୁକ୍ତି ନୁହେଁ, ଏହା ଏକ ରଣନୀତିକ ସହଭାଗିତା ଯାହା-୧୭୯ ବିଲିୟନ ଆମେରିକୀୟ ଡଲାରରୁ ୨୦୩୦ ମସିହା ସୁଦ୍ଧା ୩୫୦ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇବାର ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ, ଭାରତ ବର୍ତ୍ତମାନ ଆଉ କେବଳ ବୈଶ୍ୱିକ ବାଣିଜ୍ୟର ଅଂଶବିଶେଷ ହୋଇ ରହିନାହିଁ, ବରଂ ଏହାକୁ ରୂପ ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି ।

(ଲେଖକ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ । ଏହି ପ୍ରବନ୍ଧରେ ପ୍ରତିଫଳିତ ଚିନ୍ତାଧାରା ଲେଖକଙ୍କର ନିଜସ୍ୱ )

# ବିଜ୍ଞାନ ଅଛି ଅରଣ୍ୟର ମୂଳେ



ଡ. ସନ୍ତୋଷ କୁମାର ପଣ୍ଡା

ପ୍ରକୃତି ଏବଂ ମାନବ ସଭ୍ୟତାର ସମ୍ପର୍କ ଅତି ନିବିଡ଼ । କିନ୍ତୁ ଆଧୁନିକତା ନାମରେ ଆମେ ଯେତେବେଳେ ପ୍ରକୃତିଠାରୁ ଦୂରେଇ ଯାଉଛୁ, ସେତେବେଳେ ଭାରତର ବନବାସୀ ବା ଜନଜାତି ସମ୍ପ୍ରଦାୟ ନିଜର ପାରମ୍ପରିକ ଜ୍ଞାନ କୌଶଳ ମାଧ୍ୟମରେ ପରିବେଶକୁ ସୁରକ୍ଷିତ ରଖିଛନ୍ତି । ପ୍ରକୃତରେ ସେମାନେ ହେଉଛନ୍ତି 'ପ୍ରକୃତିର ବୈଜ୍ଞାନିକ', ଯେଉଁମାନଙ୍କର ପ୍ରୟୋଗଶାଳା ହେଉଛି ଘଞ୍ଚ ଅରଣ୍ୟ ।

ଆଧୁନିକ ବିଜ୍ଞାନ ଆଜି ଯେଉଁ ସମସ୍ୟାର ସମାଧାନ ଖୋଜୁଛି, ଭାରତର ବନବାସୀମାନେ ତାହାକୁ ଶତାବ୍ଦୀ ଧରି ନିଜ ଜୀବନଶୈଳୀରେ ପ୍ରୟୋଗ କରିଆସୁଛନ୍ତି । ପ୍ରକୃତି ସହ ସାଲିସ ନୁହେଁ, ବରଂ ସମନ୍ୱୟ ରକ୍ଷା କରି ବଞ୍ଚିବାର କଳା ସେମାନଙ୍କୁ ଜଣେ ଜଣେ 'ଜୀବନ୍ତ ବୈଜ୍ଞାନିକ'ର ମାନ୍ୟତା ଦିଏ । ପାଠ୍ୟପୁସ୍ତକର ସଂଜ୍ଞା ବାହାରେ ସେମାନଙ୍କ ପାଖରେ ରହିଛି ଅନୁଭୂତିର ପରୀକ୍ଷାଗାର ।

**ଜୈବ ବିବିଧତା ଓ ସଂରକ୍ଷଣର କୌଶଳ:-**ଭାରତର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ଜନଜାତିଙ୍କ ପାଖରେ ଜୀବଜନ୍ତୁ ଏବଂ ଉଦ୍ଭିଦ ଜଗତ ବିଷୟରେ ଅଗାଧ ଜ୍ଞାନ ରହିଛି ।

**ଓଡ଼ିଶାର କନ୍ଧ ଓ ସାନ୍ତାଳ:-** ଏମାନେ ଜାଣନ୍ତି କେଉଁ ସମୟରେ ଜଙ୍ଗଲରୁ ଫଳ ସଂଗ୍ରହ କଲେ ଗଛର କ୍ଷତି ହେବ ନାହିଁ । 'ସେକ୍ରେଡ୍ ଗ୍ରୋଭସ୍' (Sacred Groves) ବା 'ଜାହିରା' ମାଧ୍ୟମରେ ସେମାନେ ଜଙ୍ଗଲର କିଛି ଅଂଶକୁ ଦେବତାଙ୍କ ବାସସ୍ଥାନ ମାନି ସୁରକ୍ଷିତ ରଖନ୍ତି, ଯାହା ବୈଜ୍ଞାନିକ ଦୃଷ୍ଟିକୋଣରୁ ଜୈବ ବିବିଧତା ସଂରକ୍ଷଣର ଏକ ପ୍ରକୃଷ୍ଟ ମାଧ୍ୟମ ।

**ରାଜସ୍ଥାନର ବିଷ୍ଣୋଇ ସମ୍ପ୍ରଦାୟ:-** ପରିବେଶ ସଂରକ୍ଷଣ ପାଇଁ ବଳିଦାନ ଦେବାରେ ଏମାନେ ଅଗ୍ରଣୀ । ଗଛ ଏବଂ କୃଷ୍ଣସାର ମୃଗଙ୍କୁ ସୁରକ୍ଷା ଦେବା ସେମାନଙ୍କ ଧର୍ମ, ଯାହା ବର୍ତ୍ତମାନର ବନ୍ୟପ୍ରାଣୀ ସଂରକ୍ଷଣ ଆଇନଠାରୁ ମଧ୍ୟ ଅଧିକ ପ୍ରଭାବଶାଳୀ ।

**ଜଳ ପରିଚାଳନା ଓ କୃଷି ବିଜ୍ଞାନ:-** ବନବାସୀମାନେ ଜଳ ସଂରକ୍ଷଣ ପାଇଁ କୌଣସି ବଡ଼ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିନାହାନ୍ତି, କିନ୍ତୁ ସେମାନଙ୍କ ପଦ୍ଧତି ଅଦ୍ଭୁତ ।

**ମେଘାଳୟର ଜନଜାତି:-** ଏମାନେ ବାଉଁଶ ବ୍ୟବହାର କରି 'Bamboo Drip Irrigation' ବା ବାଉଁଶ ଜଳସେଚନ ପଦ୍ଧତିରେ ଚାଷ କରନ୍ତି । ପାହାଡ଼ିଆ ଅଞ୍ଚଳରେ ମାଧ୍ୟାକର୍ଷଣ ଶକ୍ତିକୁ ବ୍ୟବହାର କରି ବାଉଁଶ ପାଇପ୍ ମାଧ୍ୟମରେ ଜଳ ପରିଚାଳନା କରିବା ସେମାନଙ୍କର ଇଞ୍ଜିନିୟରିଂ ଦକ୍ଷତାକୁ ଦର୍ଶାଏ । ଏହା ଜଳର ଅପଚୟ ରୋକିବାରେ ଏକ ବୈଜ୍ଞାନିକ ଚମତ୍କାର ।

**ଅରୁଣାଚଳ ପ୍ରଦେଶର ଅପାତାନି (Apatani):-** ଏହି ଜନଜାତିର ଲୋକମାନେ ପାହାଡ଼ ଉପରେ ଏକ ସାମଗ୍ରିକ କୃଷି ପ୍ରଣାଳୀ ଆପଣାନ୍ତି, ଯେଉଁଠାରେ ଧାନ ଚାଷ ସହିତ ମାଛ ଚାଷ ମଧ୍ୟ କରାଯାଏ । ଏହା ଜୈବିକ ସନ୍ତୁଳନର ଶ୍ରେଷ୍ଠ ଉଦାହରଣ ।

**ଆଜିର ଜଳବାୟୁ ପରିବର୍ତ୍ତନ ସମୟରେ ବନବାସୀମାନଙ୍କ ପାରମ୍ପରିକ ଜ୍ଞାନ ହିଁ ପୃଥିବୀକୁ ରକ୍ଷା କରିପାରିବ । ସେମାନଙ୍କୁ 'ଅଶିକ୍ଷିତ' ନକହି 'ପ୍ରକୃତିର ବୈଜ୍ଞାନିକ' ଭାବେ ସମ୍ମାନ ଦେବା ଏବଂ ସେମାନଙ୍କ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହ ଯୋଡ଼ିବା ଆଜିର ସମୟର ଆବଶ୍ୟକତା ।**

**ପ୍ରାକୃତିକ ଔଷଧ ଓ ଆୟୁର୍ବେଦ:-** ଜଙ୍ଗଲରେ ମିଳୁଥିବା ମୂଳିବା ଅସାଧ୍ୟ ରୋଗ ଭଲ କରିବାରେ ସହାୟକ ହୋଇଥାଏ ।

କେରଳର 'କାନି' (Kani) ଜନଜାତିଙ୍କ ପାଖରେ ଏପରି ଏକ ଗଛର ସନ୍ଧାନ ରହିଛି (Trichopus zeylanicus), ଯାହା ତୁରନ୍ତ ଶକ୍ତି ପ୍ରଦାନ କରିଥାଏ । ଏହାକୁ ନେଇ ଆଧୁନିକ ଔଷଧ ବିଜ୍ଞାନ ମଧ୍ୟ ଗବେଷଣା କରୁଛି ।

ଓଡ଼ିଶାର ଜୁଆଙ୍ଗ ଏବଂ ଭୂୟାଁମାନେ ଶହ ଶହ ପ୍ରକାରର ଚେରମୂଳି ଚିହ୍ନିଛନ୍ତି, ଯାହା ବିଷହରଣଠାରୁ ଆରମ୍ଭ କରି ଜ୍ୱର ପର୍ଯ୍ୟନ୍ତ ସବୁଥିରେ କାମ ଦିଏ ।

**ପାଣିପାଗ ପୂର୍ବାନୁମାନ:-**ଆଧୁନିକ ସାଟେଲାଇଟ୍ ଆସିବା ପୂର୍ବରୁ ବନବାସୀମାନେ ପଶୁପକ୍ଷୀଙ୍କ ଆଚରଣ ଏବଂ ଗଛର ପତ୍ର ଝଡ଼ା ଦେଖି ବର୍ଷାର ପୂର୍ବାନୁମାନ କରୁଥିଲେ । ଆଣ୍ଡାମାନର ଜାରୱା ଏବଂ ସେଣ୍ଟିନେଲିଜ୍‌ମାନେ ୨୦୦୪ ସୁନାମି ସମୟରେ ସମୁଦ୍ରର ଗତିବିଧି ଦେଖି ପୂର୍ବରୁ ସତର୍କ ହୋଇଯାଇଥିଲେ, ଯାହା ଦର୍ଶାଏ ଯେ ସେମାନେ ପ୍ରକୃତିର ସଙ୍କେତକୁ ବୁଝିବାରେ କେତେ ନିପୁଣ ।

**ଓଡ଼ିଶାର ଜନଜାତି: ପାରମ୍ପରିକ ବିଜ୍ଞାନର ଅନନ୍ୟ ଗନ୍ତାଘର:-** ଓଡ଼ିଶାର ବନବାସୀମାନେ ପ୍ରକୃତିକୁ କେବଳ ଉପାସନା କରନ୍ତି ନାହିଁ, ବରଂ ଏହାର ପ୍ରତ୍ୟେକ ଉପାଦାନକୁ ବୈଜ୍ଞାନିକ ଢଙ୍ଗରେ ବ୍ୟବହାର କରନ୍ତି । ଓଡ଼ିଶାର ୬୨ ପ୍ରକାର ଜନଜାତିଙ୍କ ମଧ୍ୟରେ ବିଜ୍ଞାନର ଗଭୀର ଛାପ ଦେଖିବାକୁ ମିଳେ ।

**୧) ଡଙ୍ଗରିଆ କନ୍ଧ ଓ ନିୟମଗିରିର ପରିବେଶ ବିଜ୍ଞାନ:-**ରାୟଗଡ଼ାର ନିୟମଗିରି ପାହାଡ଼ରେ ବସବାସ କରୁଥିବା ଡଙ୍ଗରିଆ କନ୍ଧମାନେ ନିଜକୁ 'ନିୟମରାଜା'ଙ୍କ ସନ୍ତାନ ବୋଲି ମାନନ୍ତି ।

ସେମାନେ ପାହାଡ଼ର ଉପରିଭାଗରେ ଥିବା ଜଙ୍ଗଲକୁ କେବେବି କାଟନ୍ତି ନାହିଁ, କାରଣ ସେମାନେ ଜାଣନ୍ତି ଯେ ସେଠାରେ ଥିବା ବୃକ୍ଷରାଜି ହିଁ ବର୍ଷା ଜଳକୁ ଧରି ରଖେ ଏବଂ ତଳେ ଥିବା ଝରଣାଗୁଡ଼ିକୁ ବର୍ଷସାରା ଜୀବନ୍ତ ରଖେ । ଏହା ଜଳବିଜ୍ଞାନ (Hydrology)ର ଏକ ପ୍ରକୃଷ୍ଟ ଉଦାହରଣ ।

୨) **ସୌରା ଜନଜାତିଙ୍କ ସୋପାନ କୃଷି (Terrace Farming):-**ଗଜପତି ଓ ରାୟଗଡ଼ା ଜିଲ୍ଲାର ଲାଞ୍ଜିଆ ସୌରାମାନେ ପାହାଡ଼ର ଢାଲୁ ସ୍ଥାନରେ ପଥର ପାଚେରି ଦେଇ ଯେଉଁ ଚାଷ ପ୍ରଣାଳୀ ଆପଣାନ୍ତି, ତାହା ମୃତ୍ତିକା କ୍ଷୟ (Soil Erosion) ରୋକିବାରେ ଅତ୍ୟନ୍ତ ପ୍ରଭାବଶାଳୀ । ସେମାନେ ଜଳର ପ୍ରବାହକୁ ନିୟନ୍ତ୍ରଣ କରି ଗୋଟିଏ କିଆରିରୁ ଅନ୍ୟ କିଆରିକୁ ନେବାର ଯେଉଁ କୌଶଳ ବ୍ୟବହାର କରନ୍ତି, ତାହା ଆଧୁନିକ ସିଭିଲ୍ ଇଞ୍ଜିନିୟରିଂକୁ ମଧ୍ୟ ଆଶ୍ଚର୍ଯ୍ୟ କରେ ।

**୩) ଗଦବା ଓ ପରଜାଙ୍କ ଶସ୍ୟ ସଂରକ୍ଷଣ:-**କୋରାପୁଟ ଅଞ୍ଚଳର ଏହି ଜନଜାତିମାନେ ଶତାଧିକ ପ୍ରକାରର ଦେଶୀ ବିହନ (ବିଶେଷ କରି ମାଣ୍ଡିଆ ଓ ଧାନ) ସଂରକ୍ଷିତ କରି ରଖିଛନ୍ତି । ବିନା କୌଣସି ରାସାୟନିକ ସାରରେ କେବଳ ଜୈବିକ ପଦ୍ଧତିରେ ଏବଂ ପାରମ୍ପରିକ ଉପାୟରେ ବିହନକୁ ବହୁ ବର୍ଷ ଧରି ସୁରକ୍ଷିତ ରଖିବାର ଜ୍ଞାନ ସେମାନଙ୍କୁ 'ଜୈବ-ବୈଜ୍ଞାନିକ'ର ମାନ୍ୟତା ଦିଏ ।

**୪) ଜୁଆଙ୍ଗ ଓ ଭୂୟାଁଙ୍କ ଔଷଧୀୟ ଜ୍ଞାନ:-** କେନ୍ଦୁଝର ଓ ସୁନ୍ଦରଗଡ଼ର ଏହି ଜନଜାତିମାନେ ଜଙ୍ଗଲରୁ ମିଳୁଥିବା ହରିଡ଼ା, ବାହାଡ଼ା ଓ ଅଁଳା ପରି ଅନେକ ବନ୍ୟଜାତ ଦ୍ରବ୍ୟରୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଅର୍କ ବା କ୍ୱାଥ ପ୍ରସ୍ତୁତ କରନ୍ତି । ଏପରିକି ସାପ କିମ୍ବା ବିଛା କାମୁଡ଼ାର ଚିକିତ୍ସା ପାଇଁ ସେମାନେ ବ୍ୟବହାର କରୁଥିବା ଚେରମୂଳିର ପ୍ରଭାବ ଖୁବ୍ ଶୀଘ୍ର ପରିଲକ୍ଷିତ ହୁଏ ।

ଓଡ଼ିଶାର କୋରାପୁଟ ଜିଲ୍ଲାର ଜନଜାତିମାନଙ୍କର ପାରମ୍ପରିକ କୃଷି ପ୍ରଣାଳୀକୁ ଏଅକ୍ୱ (Food and Agriculture Organization) ଦ୍ୱାରା ବିଶ୍ୱସ୍ତରୀୟ ମାନ୍ୟତା (GIAHS) ମିଳିବା ଏହା ପ୍ରମାଣିତ କରେ ଯେ, ଆମ ବନବାସୀ ଭାଇଭଉଣୀମାନେ ପ୍ରକୃତରେ ବିଜ୍ଞାନକୁ ପୋଥିରେ ନୁହେଁ, ବରଂ ଜୀବନ ଓ ପ୍ରକୃତିର ପ୍ରତିଟି ସ୍ପନ୍ଦନରେ ଅନୁଭବ କରିଛନ୍ତି ।

ବନବାସୀଙ୍କ ପାଇଁ ଜଙ୍ଗଲ କେବଳ ଏକ ସମ୍ପତ୍ତି ନୁହେଁ, ଏହା ଏକ ପବିତ୍ର ପରିବେଶଶାଳା । ସେମାନଙ୍କ ଶିକ୍ଷା ପ୍ରକୃତିର ସ୍ପନ୍ଦନରୁ ଆରମ୍ଭ ହୁଏ ।

ବନବାସୀମାନଙ୍କର ଏହି ଜ୍ଞାନ କୌଣସି ପାଠ୍ୟପୁସ୍ତକରେ ସୀମିତ ନୁହେଁ, ବରଂ ଏହା ପିଢ଼ି ପରେ ପିଢ଼ି ଅଭ୍ୟାସ ମାଧ୍ୟମରେ ସୁରକ୍ଷିତ । ସେମାନେ ଶିଖାନ୍ତି ଯେ ବିକାଶର ଅର୍ଥ ପ୍ରକୃତିର ବିନାଶ ନୁହେଁ । ଯଦି ଆମେ ପୃଥିବୀକୁ ବଞ୍ଚାଇବାକୁ ଚାହୁଁ, ତେବେ ଏହି 'ପ୍ରକୃତିର ବୈଜ୍ଞାନିକ'ମାନଙ୍କଠାରୁ ସନ୍ତୁଳିତ ଜୀବନଶୈଳୀ ଶିଖିବାକୁ ହେବ ।

ଆଜିର ଜଳବାୟୁ ପରିବର୍ତ୍ତନ ସମୟରେ ବନବାସୀମାନଙ୍କ ପାରମ୍ପରିକ ଜ୍ଞାନ ହିଁ ପୃଥିବୀକୁ ରକ୍ଷା କରିପାରିବ ।

ସେମାନଙ୍କୁ 'ଅଶିକ୍ଷିତ' ନକହି 'ପ୍ରକୃତିର ବୈଜ୍ଞାନିକ' ଭାବେ ସମ୍ମାନ ଦେବା ଏବଂ ସେମାନଙ୍କ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହ ଯୋଡ଼ିବା ଆଜିର ସମୟର ଆବଶ୍ୟକତା ।

**ପ୍ରଧାନାଚାର୍ଯ୍ୟ , ସରସ୍ୱତୀ ବିଦ୍ୟା ମନ୍ଦିର (ଆବାସିକ)କେଶବଧାମ,ଗତିରାଉତପାଟଣା, କଟକ,ମୋ- ୮୨୪୯୦୨୧୪୨୪**

# ମାନସିକ ବିକାରଗ୍ରସ୍ତ ଭାଣିଜିକୁ ଦୁଷ୍କର୍ମ, ମାମୁଁ ଗିରଫ

ନୀଳଗିରି, (ସବ୍ୟୁ):ସମାଜରେ ମାମୁଁ ଭାଣିଜି ର ସମ୍ପର୍କ ପବିତ୍ର ଥିବା ବେଳେ ଯୌନ ପିପାସୁ ମାମୁଁ ପବିତ୍ର ସମ୍ପର୍କକୁ ଭୁଲିଯାଇ ମାନସିକ ବିକାରଗସ୍ତ ଭାଣିଜିକୁ ଦୁଷ୍କର୍ମ କରିବା ଘଟଣା ନୀଳଗିରିରେ ଚାଂଚଲ୍ୟ ଖେଳିଯାଇଛି । ପ୍ରକାଶ ଥାଉକି ବରହମପୁର ଥାନା ଗରଡି ପଞ୍ଚାୟତର ଏକ ଆଦିବାସୀ ସାହିରେ ଉକ୍ତ ଘଟଣା ଦେଖିବାକୁ ମିଳିଛି । ସୂଚନା ଥାଉକି ଉକ୍ତ ପଞ୍ଚାୟତର ଜନୈକ ଅବସରପ୍ରାପ୍ତ ସୈନିକଙ୍କ ମାନସିକ ବିକାର ଗସ୍ତ ସାବାଳିକା ଝିଅକୁ ଚନ୍ଦ୍ରପୁର ଗ୍ରାମର ଆନନ୍ଦ ସିଂ ର ପୁଅ ମହେନ୍ଦ୍ର ସିଂ ଓରଫ ମୁନା (୩୫) ଗତ ୨୮ ତାରିଖ ଅପରାହ୍ନ ସାଢ଼େ ୩ଟାରେ ସାବାଳିକା ଘରକୁ ଯାଇଥିଲେ । ସାବାଳିକା ଜଣକ ନିଜଘର ଉପର ତାଲାକୁ ସିଡିରେ ଯାଉଥିବା ବେଳେ ସୁଯୋଗ ନେଇ ମହେନ୍ଦ୍ର ସିଂ ଦୁଷ୍କର୍ମ କରିଥିଲା । ପରେ ମାନସିକ ବିକାରଗ୍ରସ୍ତ ଝିଅ ଉକ୍ତ ଘଟଣା ନିଜ ବାପାଙ୍କୁ ଜଣାଇଥିଲା । ଦୁଷ୍କର୍ମକାରୀ ମହେନ୍ଦ୍ର ସମ୍ପର୍କୀୟ ଭାଣିଜି ବୋଲି ଜଣାପଡିଛି । ଏନେଇ ରବିବାର ପିଡିତାର ବାପା ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ନେଇ ବରହମପୁର ଥାନାର ଏମ.ଆର. ପୁହାଣ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରିବା ସହ ମାନସିକ ବିକାରଗ୍ରସ୍ତ ପିଡିତାର ବୟାନ ରେକର୍ଡ କରି ଥାନାରେ କେସ ନଂ ୨୬/୨୬ ରେ ମାମଲା ରୁଜୁ କରି ମହେନ୍ଦ୍ର ସିଂ ଙ୍କୁ ଗିରଫ କରିଥିଲା । ପରେ ଅଭିଯୁକ୍ତ ମହେନ୍ଦ୍ର ସିଂଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଚସାରୁ...




ଅନ୍ତର୍ଗତ ମାନପୁରରେ ବୋଲି ପୋଲିସ କହିଛି । ଦୁଇ ମାସ ହେବ କୁନା ବିବାହ କରିଥିଲେ । ସେ ଦାଦାଙ୍କ ପାଖରେ ରହି ଅକ୍ସିଜେନ ସିଲିଣ୍ଡର ବୁହାଇବା କାର୍ଯ୍ୟ କରନ୍ତି । ଏଥିସହ ସମୟ ସୁବିଧା ଦେଖିୟୁଟ୍ୟୁବ୍‌ରେ ତାଙ୍କ ଭିଡିଓ ପ୍ରଭୃତି ଅପ୍‌ଲୋଡ କରନ୍ତି ।ୟୁଟ୍ୟୁବ୍‌ରୁ ରାହୁଲ ବେଶ୍ ପରିଚିତ । ସାନ ପୁତୁରା ମୁନା ଗାଁରେ ରହି କୁକୁଡା ବେପାର କରେ । ସେ ବୁଲିବାକୁ ଦାଦାଙ୍କ ଘରକୁ ଆସିଥିଲା । କୁନା ନବବିବାହିତା ହୋଇଥିବାରୁ ସ୍ତ୍ରୀକୁ ସାଙ୍ଗରେ ଧରି ଦାଦାଙ୍କ ଘରେ ରହୁଥିଲେ । ଦାଦାଙ୍କ ପରିବାର ମଧ୍ୟ ସେଠାରେ ରୁହନ୍ତି । ଦାଦା ଶତ୍ରୁରା ସ୍ଥଳସେନାରେ ଯବାନ ଭାବେ କାମ କରୁଥିବାରୁ ଛୁଟିରେ ଘରକୁ ଆସି ଭୁବନେଶ୍ୱର ଭଡାଘରେ ରହୁଥିଲେ । ଶତ୍ରୁରା, କୁନା ଓ ମୁନାକୁ ପୋଲିସ ଗିରଫ କରି ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ଘଟିଥିବା କହୁଥିବା ବେଳେ ରାହୁଲଙ୍କ ପରିବାର ଲୋକେ ସେ କଥାକୁ ଗ୍ରହଣ କରିପାରୁ ନାହାନ୍ତି । ସେମାନଙ୍କ କହିବା କଥା କିଛିଦିନ ତଳେ ପାର୍କିଂକୁ ନେଇ ଝଗଡା ହୋଇଥିଲା । ସେହି ଘଟଣାକୁ ନେଇ ସେମାନେ ଯୋଜନାବଦ୍ଧ ଭାବେ ରାହୁଲକୁ ହତ୍ୟା କରିଛନ୍ତି । ଏସିପି ସେନାପତିଙ୍କ କହିବାନୁଯାୟୀ ସଚିନ କୁମାର ନାୟକଙ୍କ ଏତଲା ଆଧାରରେ ହତ୍ୟା ମାମଲା ରୁଜୁ ହେବା ପୂର୍ବରୁ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିସାରିଥିଲା । ସେମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଆମେରିକା...

ଲାଠିରେ ପିଟିକା ଚଝରକା ଗୁଡ଼ିକୁ ପିଟିଭାଙ୍ଗି ଦେଇଥିଲେ। ଏପରିକିତା' ପରିସରରେ ସେମାନେ ନିଆଁ ମଧ୍ୟ ଲଗାଇ ଦେଇଥିଲେ। ବିକ୍ଷୋଭକାରୀମାନେ ଦୂତାବାସ କୋଠାଭିତରକୁ ପଶିବା ପାଇଁ ଉଦ୍ୟମ କରିଥିଲେ। ସେମାନଙ୍କୁ ସେଠାରୁ ହଟାଇବା ପାଇଁ ସୁରକ୍ଷାକର୍ମଚାରୀମାନେ ଗୁଳି ଚଳାଇଥିଲେ। ଏଥିରେ ୧୨ଜଣଙ୍କମୃତ୍ୟୁ ଘଟିଥିବାବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ କରାଚି ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ନାଗପୁର...

ତା'ର ସବିଶେଷ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଫୋରଣ ଖବର ଆସିବା ମାତ୍ରେ ସ୍ଥାନୀୟ ପ୍ରଶାସନ ଓ ଏସ୍ପି ଘଟଣାସ୍ଥଳରେ ପହଞ୍ଚି ଥିଲେ। ମୁଖ୍ୟମନ୍ତ୍ରୀ ସ୍ଥାନୀୟ ପ୍ରଶାସନ, ଜିଲ୍ଲାପାଳ ଓ ଏସ୍ପିଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଏନଡିଆର୍‌ଏଫ୍ ଓ ଏସ୍ଡିଆର୍‌ଏଫ୍ ଟିମ ସହିତ ପେଟ୍ରୋଲିୟମ ଓ ବିସ୍ଫୋରକ ସୁରକ୍ଷା ସଙ୍ଗଠନ ଏବଂ ପ୍ରତିରକ୍ଷା ସୁରକ୍ଷା ସୂଚନା ପ୍ରଣାଳୀ (ଡିଆଇଏସ୍‌ଏସ୍) ପକ୍ଷରୁ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ମୃତକଙ୍କ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ବ୍ୟକ୍ତି କରିଛନ୍ତି। ଆହତମାନଙ୍କୁ ନାଗପୁର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଆମେରିକାର...

ପଞ୍ଚମ ଫ୍ଲିଟ୍ ନାଭାଲ୍ ବେସ୍ ଥିବା ବାହାରିନର ଜୁଫେୟାର ଅଞ୍ଚଳରେ ଘନ ଧୂଆଁର ଏକ ସ୍ତର ଦେଖିବାକୁ ମିଳିଥିଲା।

ଅନେକ ପ୍ରତ୍ୟକ୍ଷଦର୍ଶୀ ମଧ୍ୟ ବିସ୍ଫୋରଣର ଶବ୍ଦ ଶୁଣିଥିଲେ ।ତେବେ ଏହି କାର୍ଯ୍ୟାନୁଷ୍ଠାନରେ କୌଣସି ଆମେରିକୀୟ ସାମରିକ କର୍ମଚାରୀଙ୍କ ମୃତ୍ୟୁ ଘଟି ନ ଥିଲା, କାରଣ ଆମେରିକାର ପ୍ରତିରକ୍ଷା ବିଭାଗ ସମସ୍ତ ସାମରିକ କର୍ମଚାରଙ୍କ ପାଇଁ ପ୍ରସ୍ଥାନ ନୋଟିସ୍ ଦେବାର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଥିଲା। ଇସ୍ରାଏଲ, ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସଙ୍କଟକୁ ଦୃଷ୍ଟିରେ ରଖି ଆମେରିକାର ନାଗରିକମାନଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଆମେରିକା ଦୂତାବାସ ସତର୍କ କରାଇଛି। ବାହାରିନର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ମଧ୍ୟ ସାଇରନ୍ ବଜାଇଥିଲା ଯାହାଦ୍ୱାରା ବାସିନ୍ଦାମାନେ ସତର୍କ ଓ ସୁରକ୍ଷିତ ରହିପାରିବେ।

ବାହାରିନ୍ ଏକମାତ୍ର ଆମେରିକୀୟ ଘାଟି ନୁହେଁ ଯାହା ଇରାନ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣର ଶିକାର ହୋଇଛି। କତର, କୁଏତ ଓ ଜୋର୍ଡାନ ଭଳି ଦେଶର ଅନେକ ଘାଟି ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି। କତରରେ ଇରାନର କ୍ଷେପଣାସ୍ତ୍ର ଅଲ୍ ଉଦେଦ୍ ଏୟାର୍ ବେସ୍ ଉପରେ ଆକ୍ରମଣ କରିଥିଲା। କୁଏତ ଓ ଅଲ୍ ସଲିମ୍ ସାମରିକ ଘାଟିରେ ଏବଂ ଜୋର୍ଡାନରେ ମୁୱାଫାକ୍ ଅଲ୍-ସଲ୍ଟି ସାମରିକ ଘାଟିକୁ ଟାର୍ଗେଟ୍ କରାଯାଇଥିଲା। ଏହି ସମସ୍ତ ସାମରିକ ଘାଟିରେ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଥିଲା। ଇରାନ ପ୍ରତିଶୋଧ ନେବାବେଳେ ଆବୁଧାବିରେ ମଧ୍ୟ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଥିଲା। କ୍ଷେପଣାସ୍ତ୍ର ଆକ୍ରମଣରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ମଧ୍ୟ ହୋଇଛି। ଆବୁ ଦହାବିର ଦକ୍ଷିଣ ଭାଗରେ ଅବସ୍ଥିତ ଅଲ୍ ଧଫ୍ରା ଏୟାର୍ ବେସ୍ ଉପରେ ମଧ୍ୟ ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ହୋଇଥିଲା।

## ୧୫ ମାଓବାଦୀଙ୍କ...

ହୋଇପାରିଛି ବୋଲି ଡିଜିପି ସୂଚନା ଦେଇଛନ୍ତି । ପୁଲିସ ବାହିନୀର ସାହସ, ସଂଯମ ଓ ପ୍ରତିବଦ୍ଧତା ଯୋଗୁଁ ଏହି ସଫଳତା ସମ୍ଭବ ହୋଇଛି । ସେ ଏହି ଅଭିଯାନରେ ଯୋଗଦେଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସାଧାରଣ ଲୋକଙ୍କ ଭରସା ଓ ସହଯୋଗ ଯୋଗୁଁ ସେ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟର ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଏହି ପ୍ରକାର ଅଭିଯାନକୁ ଆଗାମୀ ଦିନରେ ଅଧିକ ତୀବ୍ର କରାଯିବା ସହ ଶୀଘ୍ର ମାଓ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡ଼ିଜିପି ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଛନ୍ତି ।

## ୪୬ ଲକ୍ଷ...

ତୁରନ୍ତ ଯବାନ ସେହି ସ୍ଥାନରୁ ବନ୍ଧୁକ,୩୩ଟି ଜୀବନ୍ତ ଗୁଳି, ସ୍ୱାଇକ୍ ରୋଡ,୩୨ଟି ବିଜିଏଲ ରୋଲ, ଲ୍ୟାପ୍‌ଟପ୍, ୨ଟି ମୋବାଇଲ, ୧୧ ଏସଏଲଆର ରାଉଣ୍ଡ, ୪୧ ୩୦୩ ରାଉଣ୍ଡ,୨୬ଟି ବାରା ବୋର ଜୀବନ୍ତ ଗୁଳି ଇତ୍ୟାଦି ଜବତ କରିଥିଲେ। ଏଥିସହ ସେହି ଡମ୍ପରୁ ନଗଦ ୪୬ ଲକ୍ଷ ୩୧ ହଜାର ୫୦୦ ଟଂକା ଜବତ କରିଥିଲେ।ଗତ ଦୁଇ ବର୍ଷ ହେଲେ ଗରିଆବନ୍ଦ ଏବଂ ଧନତରୀ ଅଂଚଳରେ ନକ୍ସଲ ଗତିବିଧି ବଢିଥିଲା। ତେଣୁ ଏହି ଅଂଚଳରେ ଲଗାତାର ଅପରେସନ କରାଯାଉଥିଲା। ଯାହାଫଳରେ ବହୁ ନକ୍ସଲ ଆତ୍ମସମର୍ପଣ କରିଥିଲେ। ତେବେ ଏହି ଅଂଚଳରେ ଏବେ ସୁଦ୍ଧା ୧ କୋଟି ୮ ଲକ୍ଷ ଟଂକା ଜବତ କରାଯାଇଥିବା ସୂଚନା ମିଳିଛି।

## ଟି -୨୦...

ସବୁରେ ବିରାମ ଲାଗିଛି। ଭାରତ ସବୁ ରେକର୍ଡକୁ ପଛରେ ପକାଇ ଟି -୨୦ ବିଶ୍ୱ କପରେ ନୂଆ ରେକର୍ଡ ଲେଖିଛି। ତେଣୁ ଭାରତୀୟ ଦଳର ମୁମ୍ବାଇ ଟିକେଟ୍ ଫାଇନାଲ ହୋଇଛି। କାରଣ ଆଗାମୀ ୫ ତାରିଖରେ ଇଂଲଣ୍ଡ ସହ ଭାରତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ମୁମ୍ବାଇର ଐତିହାସିକ ୱାଙ୍ଖଡେ ଷ୍ଟାଡିୟମରେ ଖେଳିବ। ସୁପର ୮ ପର୍ଯ୍ୟାୟର ଶେଷ ମ୍ୟାଚରେ ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ୱିକେଟ ହରାଇ ୧୯୫ ରନ କରିଥିଲା। ଜବାବରେ ଭାରତ ୧୯.୨ ଓଭରରେ ୧୯୯/୫ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା।

ଟି -୨୦ ବିଶ୍ୱକପ୍ ଇତିହାସରେ ଭାରତ ଦୁଇଥର ଚାମ୍ପିଅନ ତଥା ଥରେ ରନର୍ସଅପ୍ ହୋଇଛି। ୨୦୦୭ ପ୍ରଥମ ସଂସ୍କରଣ ତଥା ୨୦୨୪ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା। ଏଥର ଦଳ ସେମିଫାଇନାଲରେ ପ୍ରବେଶ କରିଥିବାରୁ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଟାଇଟଲ ବଜାୟ ରଖିବାର ସୁବର୍ଣ୍ଣ ସୁଯୋଗ ହାସଲ କରିଛି।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ ଓଡିଶା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା




ବାଲେଶ୍ୱର, (ସବ୍ୟୁ): ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡା ପ୍ରତିଯୋଗିତା ୨୦୨୫୨୬ର ସମାପନୀ ଉତ୍ସବ ସମ୍ପନ୍ନ ହୋଇଯାଇଛି । ୨୩ ଫେବୃଆରୀ ୨୦୨୬ ରୁ ଆରମ୍ଭ ହୋଇଥିବା ଏହି ରାଜ୍ୟସ୍ତରୀୟ ମହତ୍ୱପୂର୍ଣ୍ଣ କ୍ରୀଡା ମହାକୁମ୍ଭ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଶେଷ ପର୍ଯ୍ୟନ୍ତ ପହଞ୍ଚିଥିଲା । ସମାପନୀ ଅବସରରେ ମୁଖ୍ୟଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀମତୀ ନିବେଦିତା ନାଥ ଉପସ୍ଥିତ ରହି ଖେଳାଳିମାନଙ୍କୁ ପ୍ରେରଣାଦାୟକ ଉଦ୍‌ବୋଧନ ପ୍ରଦାନ କରିଥିଲେ । ସେ ଫକୀରମୋହନ ବିଶ୍ୱବିଦ୍ୟାଳୟଙ୍କୁ ଏହି ରାଜ୍ୟସ୍ତରୀୟ କ୍ରୀଡା ଉତ୍ସବର ଆତିଥ୍ୟ ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ଆୟୋଜନ ସମିତିର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ । ଅଧ୍ୟକ୍ଷୀୟ ଉଦବୋଧନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମସ୍ତ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟର ଖେଳାଳି ଛାତ୍ରଛାତ୍ରୀ ଓ କ୍ରୀଡା ଅଧିକାରୀମାନଙ୍କର ଶିଷ୍ଟାଚାରପୂର୍ଣ୍ଣ ଖେଳ ପ୍ରଦର୍ଶନ, ଶୃଙ୍ଖଳିତ ଆଚରଣ, କ୍ରୀଡାମନୋଭାବ ଓ ସହଯୋଗିତାକୁ ପ୍ରଶଂସା କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଏହି କ୍ରୀଡ଼ା ଉତ୍ସବର ଆୟୋଜନ ପାଇଁ ସୁଯୋଗ ପ୍ରଦାନ କରିଥିବା ହେତୁ, ଓଡିଶା ଉଚ୍ଚଶିକ୍ଷା ବିଭାଗ ଓ ଓଡିଶା ଉଚ୍ଚଶିକ୍ଷା ପରିଷଦଙ୍କୁ ବିଶେଷ କୃତଜ୍ଞତା ଜଣାଇଥିଲେ ।ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଓ କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ମଧ୍ୟ ଉଦବୋଧନ ରଖି କ୍ରୀଡାର ସାର୍ଥକତା ଓ ଏକତାର ବାର୍ତ୍ତା ଉଲ୍ଲେଖ କରିଥିଲେ ଓ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ ।ଏହି ବୃହତ୍ କ୍ରୀଡା ଉତ୍ସବରେ ଓଡିଶାର ୧୫ଟି ବିଶ୍ୱବିଦ୍ୟାଳୟରୁ ୨୫୦୦ରୁ ଅଧିକ ଖେଳାଳି ୧୧ଟି ବର୍ଗରେ ୨୫ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ପୁରୁଷ ଓ ମହିଳା ଉଭୟ ବର୍ଗରେ କ୍ରିକେଟ୍, ଫୁଟବଲ୍, କବଡ଼ି, ହକି, ଖୋ-ଖୋ, ବାସ୍କେଟବଲ୍, ଭଲିବଲ୍, ଟେବୁଲ୍-ଟେନିସ୍, ଚେସ୍, କ୍ୟାରମ୍ ଓ ବ୍ୟାଡମିଣ୍ଟନ୍ ଆଦି ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା । ଚାମ୍ପିୟନ୍ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ସମାପନୀ ଅବସରରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସମସ୍ତ ଦଳ ଓ ଅଂଶଗ୍ରହଣକାରୀମାନଙ୍କୁ ନଗଦ ପୁରସ୍କାର, ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ସମଗ୍ର କାର୍ଯ୍ୟକ୍ରମ ଡ଼କଫର ଅମିତ କୁମାର ଶର୍ମା, ଉପ-ନିର୍ଦ୍ଦେଶକ, କ୍ରୀଡା ପରିଷଦ ଓ ବିଶ୍ୱବିଦ୍ୟାଳୟର ପି.ଇ.ଓ. ଶ୍ରୀ ସଂଗ୍ରାମ ବିଶୋୟୀଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣ ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ସମାପନୀ ଅଧିବେଶନକୁ ସହାୟକ ପ୍ରଫେସର ଶଶାଙ୍କ ଶେଖର ଗଡନାୟକ ଓ ଡ଼କଫର ରାଜଶ୍ରୀ ଦତ୍ତ ସଂଯୋଜିତ କରିଥିଲେ ।।

# ବାଛୁରୀପଡା କ୍ଲଷ୍ଟରସ୍ତରୀ ବୈଠକ

ବେତନଟୀ , (ସବ୍ୟୁ): ଚଳିତ ବର୍ଷ ୫ମ ଓ ୮ମ ଶ୍ରେଣୀରେ ବୋର୍ଡ ପରୀକ୍ଷା ସହିତ ପାଶ ଫେଲ ନିୟମ ପୁନର୍ବାର ପ୍ରଚଳିତ ହୋଇଥିବାରୁ ପରୀକ୍ଷା କିପରି ପରିଚାଳନା କରାଯିବ ଓ ମୂଲ୍ୟାୟନର ପ୍ରକ୍ରିୟା କଣ ରହିବ ଏହା ଉପରେ ବାଛୁରୀପଡା କ୍ଲଷ୍ଟରସ୍ତରୀୟ ବୈଠକରେ ଆଲୋଚନା ହୋଇଯାଇଛି । ଭାରପ୍ରାପ୍ତ ସିଆରସିସି ବୀରଭଦ୍ର ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକକୁ ବରିଷ୍ଠ ଶିକ୍ଷକ ଜନ୍ମେଜୟ ସ୍ୱାଇଁ, ରବୀନ୍ଦ୍ର କୁମାର ରାଉତ ଓ ବରିଷ୍ଠ ଶିକ୍ଷୟିତ୍ରୀ କମଳପ୍ରଭା ଜିତବାବୁ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଏହାପରେ ପରୀକ୍ଷା ପରିଚାଳନା ସହିତ ଅନ୍ୟାନ୍ୟ ପ୍ରସଙ୍ଗ ଆଲୋଚନାରେ ବର୍ଷାପ୍ରିୟଦର୍ଶନୀ ଦାସ, ବିଶ୍ୱଜିତ ବେହେରା, ମୋତିରଞ୍ଜନ ବେହେରା, ଚିତ୍ତରଞ୍ଜନ ସାହୁ, ଝରଣା ଦାଶ, ଅନ୍ନପୂର୍ଣ୍ଣା ଦାସବାବୁ, ଦୀପ୍ତିମୟୀ ପ୍ରଧାନ, ମମତା ମହାନ୍ତି, କବିତା ଦାସ, ସୁରମା ପାଣିଗ୍ରାହୀ, ତରଣୀସେନ ବାରିକ, ଡମ୍ବରୁଧର ମହାନ୍ତ ଓ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଅଂଶଗ୍ରହଣ କରିଥିଲେ ।

# ଗୋଲକ ନାୟକ ଙ୍କ ବିୟୋଗ ରେ ନବୀନଙ୍କ ଶୋକ

ଭୁବନେଶ୍ୱର,(ସବ୍ୟୁ): ବିଜୁ ଜନତା ଦଳ ର ବରିଷ୍ଠ ନେତା ଗୋଲକ ବିହାରୀ ନାୟକଙ୍କ ବିୟୋଗ ରେ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତା ରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସମାଜବାଦୀ ଆଦର୍ଶ ରେ ବିଶ୍ୱାସୀ ସ୍ୱର୍ଗତ ନାୟକ ଚାଷୀ ଓ ଶ୍ରମିକ ମାନଙ୍କ ସ୍ୱାର୍ଥ ର ସୁରକ୍ଷା ପାଇଁ ସର୍ବଦା କାର୍ଯ୍ୟରତ ଥିଲେଛ ତାଙ୍କର ବିୟୋଗ ରେ ବିଜୁ ଜନତା ଦଳ ଜଣେ

ସମର୍ପିତ ଜନ ସେବକ ଙ୍କୁ ହରାଇଲା। ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାର ବର୍ଗ ଙ୍କୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମା ର ସଦଗତି କାମନା କରିଛନ୍ତି।

# ଅନ୍ନପୂର୍ଣ୍ଣା ଫାଉଣ୍ଡେସନର ରକ୍ତ ଦାନ ଶିବିର : ୧୨୦ୟୁନିଟ ସଂଗୃହିତ

ବାଲେଶ୍ୱର,(ସବ୍ୟୁ): ସହର ଉପକଣ୍ଠ ଫକୀର ମୋହନ ନଗର ଗୀତା କଲ୍ୟାଣ ମଣ୍ଡପ ରେ ଅଗ୍ରଣୀ ସାମାଜିକ ସଂଗଠନ ଅନ୍ନପୂର୍ଣ୍ଣା ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ମେଗା ରକ୍ତ ଦାନ ଶିବିର ଶନିବାର ଦିନଅନୁଷ୍ଠିତ ହୋଇଯାଇଛି । ଅବସର ପ୍ରାପ୍ତ ସି ଡି ଏମ ଓ କିଶୋର ଚନ୍ଦ୍ର ଆଚାର୍ଯ୍ୟ ଶିବରକୁ ଉଦଘାଟନ କରିଥିଲେ । ରେମୁଣା ବିଧାୟକ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ୨୦୧୨ମସିହା ରୁ ଏହି ଫାଉଣ୍ଡେସନ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଉଥିବା ବେଳେ ଚଳିତ ବର୍ଷ ରକ୍ତ ଦାନ ଶିବିର ଆୟୋଜନ କରିଛି ବୋଲି ସଂଗଠନ ରେ ଆବାହକ ଆଇନଜୀବୀ ସବିତା ମିଶ୍ର କହିଛନ୍ତି । ଶିବିରରେ ମୋଟ ୧୨୦ୟୁନିଟ ରକ୍ତ ସଂଗୃହିତ ହୋଇଛି । ରକ୍ତ ଦାନ ଶିବିର ରେ ଅନ୍ନପୂର୍ଣ୍ଣା ଫାଉଣ୍ଡେସନର କର୍ମକର୍ତ୍ତା ଜୟନ୍ତୀ ନାୟକ, ଗୀତା ରାଣୀ ସାମଲ, ସୁଦେଷ୍ଣା ଦାସ, ପ୍ରିୟା ରାଣୀ ମଲ୍ଲିକ, ସ୍ମିତା ରାଣୀ ପଣ୍ଡା, ବାସନ୍ତୀ ଓଝା, ଶୁଭଶ୍ରୀ ଆଚାର୍ଯ୍ୟ, ସୁଭଦ୍ରା ପଣ୍ଡା, ବିଜେତା ଦାଶ, ସ୍ନେହଲତା ଜେନା, ନିବେଦିତା ସାହୁ, ପ୍ରୀତି ଲତା ମିଶ୍ର ଓ ଅବନ୍ତୀ ମହାନ୍ତି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ

# ଆନନ୍ଦପୁର ଜିଲ୍ଲା ଦାବିରେ ବିକାଶ ପରିଷଦ ସମାବେଶ

କେନ୍ଦୁଝର (ଜିପ୍ର) :ଆନନ୍ଦପୁରକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବି ନେଇ ଆନନ୍ଦପୁର ବିକାଶ ପରିଷଦ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛିଶ୍ରୀ ଦଧିବାମନ ମନ୍ଦିର ପରିସର ରେ ପରିଷଦ ର ସଭାପତି ରମାକାନ୍ତ ନାୟକ ଅଧ୍ୟକ୍ଷତାରେ ଏହି ବୈଠକରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଭିନ୍ନ ସଂଗଠନର କର୍ମକର୍ତା ଗଣମାଧ୍ୟମ ପ୍ରତିନିଧି ଆଇନୀଜୀବୀ ବ୍ୟବସାୟିକ ସଂଗଠନର କର୍ମକର୍ତା ଯୋଗଦେଇ ସୁଚିନ୍ତିତ ମତାମତ ଦେଇଥିଲେ । ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବୟାନ ପରେ ଉପଖଣ୍ଡବାସୀ ବେଶ ଆଶାବାଦୀ ହୋଇଥିବାରୁ ଆସନ୍ତା ୨୬ତାରିଖ ରେ ଉପଜିଲ୍ଲାପାଳ ଙ୍କ ଜରିଆରେ ସରକାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବ । ଉପଖଣ୍ଡବାସୀଙ୍କ ମତ ଅନୁସାରେ, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡକୁ ସବୁ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଛି । ଜିଲ୍ଲାସ୍ତରୀୟ ଅଧିକାରୀମାନେ କେବଳ ସରକାରୀ କାର୍ଯ୍ୟରେ ଆନନ୍ଦପୁର ଆସୁଥିବାବେଳେ ଅନ୍ୟ ସମୟରେ ତାଙ୍କରପାଦ ପଡୁନି ଏପରିକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏଠାରେ ରହୁନାହାନ୍ତି । ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ୍ୟ ସମସ୍ୟା ସମାଧାନ କ୍ଷେତ୍ରରେ କାହାର ଆନ୍ତରିକତା ରହୁନି । ଉପଖଣ୍ଡର କେତେକ ସ୍ଥାନରୁ ଜିଲ୍ଲା ମୁଖ୍ୟାଳୟର ଦୂରତା ୧୪୦କିମି ହୋଇଥିବାରୁ ସେହିସବୁ ସ୍ଥାନର ଲୋକେ କୌଣସି କାମରେ ମୁଖ୍ୟାଳୟକୁ ଗଲେ ହଇରାଣ ହେଉଛନ୍ତି । ଅନେକ ସମୟରେ ଲୋକେ ମୁଖ୍ୟାଳୟରେ ରାତି ରହି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି ।

## ସତ୍ୟପାଠ

ମୁଁ ଧିରେନ୍ଦ୍ର ଦାସ (୪୭), ସା-ଗନ୍ଧଣ, ପୋ-ମଧୁବନ ହାଟ, ଥାନା- କୁଆଖିଆ, ଜିଲ୍ଲା-ଯାଜପୁରର ଅଧିବାସୀ ଅଟେ । ମୁଁ ଆଜ ଦିନ ୧୬.୧.୨୦୨୬ ଏକଜ୍ଜିକୁଟିଭ ମାଜିଷ୍ଟ୍ରେଟ ରସୁଲପୁର ତହସିଲଦାରଙ୍କ ନିକଟରେ ମୋର ନାମ ଧିରେନ୍ଦ୍ର ଦାସ (୪୭) ପିତା ନବଘନ ଦାସ ବୋଲି ଘୋଷଣା ଦେଉଅଛି । ମୋର ଆଧାର କାର୍ଡ ନଂ-୭୪୮୩୦୪୬୯୧୧୧୩ ଓ ଭୋଟରକାର୍ଡ ତଥା ବିଭିନ୍ନ ତଥ୍ୟରେ ମୋର ନାମ ଧିରେନ୍ଦ୍ର ଦାସ ଅଛି। ମାତ୍ର ମୋର ଏଲଆଇସି ବଣ୍ଡ ପଲିସି ନଂ-୫୮୮୦୭୧୪୬୪ ନଂରେ ମୋର ନାମ ରଂଜନ କୁମାର ଦାସ ଭୁଲରେ ରହିଛି । ତେଣୁ ଆଜ ଦିବସ ଠାରୁ ମୁଁ ଧିରେନ୍ଦ୍ର ଦାସ ଏବଂ ରଂଜନ କୁମାର ଦାସ ଜଣେ ବୋଲି ସତ୍ୟପାଠ ଦେଉଅଛି ।

ଧିରେନ୍ଦ୍ର ଦାସ, Deponent

## IN MEMORIAM



Col JP Janu

**In memory of Brave Hearts**
**120 Inf Bn (TA) BIHAR**

you will always be part of us in our heart & Prayers. We all fondly remember you for your Supreme Sacrifice for the Nation on 01 Mar 2001 at Khundru (Anantnag District), J&K during Operational duties. No words are enough to express our gratitude to you. You are the real hero of the nation.

Fondly Remembered by

**Team Kalinga Terriers**

# ଦୁଇଶହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଉପକଣ୍ଠ ତଥା ପୁରୀ ବାଇପାସ୍ ରୋଡ୍‌ସ୍ଥିତ ଏଲିଗାନ୍ସ ଭିଲ୍ଲା ପରିସରରେ ଦିବ୍ୟ ଆଦିତ୍ୟ ଡାଇବେଟିସ୍ କେୟାର ଫାଉଣ୍ଡେସନ ତରଫରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ଏଥିରେ ପ୍ରାୟ ୨୦୦ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା । ଏଥିରେ ମୁଖ୍ୟତଃ ମଧୁମେହ ରୋଗ, ଉଚ୍ଚ ରକ୍ତ ଚାପ, ସ୍ନାୟୁଜନିତ ରୋଗ, ବୃକକ୍ ଆଦି ପରୀକ୍ଷା ନିରୀକ୍ଷା ମାଗଣାରେ କରାଯାଇଥିଲା । ଦିବ୍ୟ ଆଦିତ୍ୟ ଡାଇବେଟିସ୍ କେୟାର ଫାଉଣ୍ଡେସନର ନିର୍ଦ୍ଦେଶକ ତଥା ପ୍ରଫେସର ଡାକ୍ତର ଆଦିତ୍ୟ ବିକ୍ରମ ମିଶ୍ର ଉପସ୍ଥିତ ରହି ଲୋକମାନଙ୍କୁ ମଧୁମେହ ରୋଗ ଏବଂ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ସଂପର୍କରେ ସଚେତନ କରିଥିଲେ । ଏଲିଗାନ୍ସ ଭିଲ୍ଲା ପରିଚାଳନା କମିଟିର ସଭାପତି ଶ୍ରୀମତୀ ହିମାଦ୍ରି ତନୟା ମିଶ୍ର, ସମ୍ପାଦକ ଦିଗାମ୍ବର ଧଳ ଏବଂ ସଦସ୍ୟ ଶାରଦା ପ୍ରସନ୍ନ ପଣ୍ଡା, ମନୋରନ ତ୍ରିପାଠୀ, ପ୍ରଦୀପ କୁମାର ରାଜ ପ୍ରମୁଖ ସ୍ୱାସ୍ଥ୍ୟ ଶିବିରକୁ ସୁଚାରୁରୂପେ ପରିଚାଳନା କରିଥିଲେ ।


Government of Odisha
Office of the Superintending Engineer,
NH DIVISION, JEYPORE

24001/54/2526 e-mail: eenhdivisionjeypore@gmail.com

**BID IDENTIFICATION NO. 15/2025-26 (e -procurement)**

1) The Superintending Engineer NH Division, Jeypore on behalf of Governor of Odisha invites percentage rate bid in Single cover system in ONLINE MODE from eligible contractors for construction of Road works as detailed in the table below.
2) Nature of work : Drain
3) No. of work : 1No
4) Tender Paper Cost : Rs 6000.00
5) Class of Contractor : B
6) Availability of Bid document in the : From 11.00 AM of 06.03.2026 to 13.03.2026 of 5.30 PM in Website
7) Date of Opening of Bid : 16.03.2026 at 11.30 AM
8) The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in.**
9) Any Corrigendum/Addendum/Cancellation of will be displayed in the e-tender website only.

Sd/- Superintending Engineer
N.H. Division, Jeypore

OIPR : 24001/24424/1/25-26/0007


# ସ୍ୱିଗି ଡାଇନଆଉଟର ବ୍ରାଣ୍ଡ ଆମ୍ବାସାଡର ହେଲେ ଭୁବନ ବାମ୍

ଭୁବନେଶ୍ୱର:(ସବ୍ୟୁ): ଭାରତର ଲୋକପ୍ରିୟ ଫୁଡ୍ ଆପ୍ "ସ୍ୱିଗି ଡାଇନଆଉଟ୍' ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ତଥା ବଡ଼ ଖାଦ୍ୟ ମହୋତ୍ସବ "ଗ୍ରେଟ୍ ଇଣ୍ଡିଆନ୍ ରେଷ୍ଟୁରାଂଟ ଫେଷ୍ଟିଭାଲ୍ (ଜିଆଇଆରଏଫ୍) ୨୦୨୬' ର ଶୁଭାରମ୍ଭ କରାଯାଇଛି । ଭାରତର ଏହି ସବୁଠାରୁ ବଡ଼ ଡାଇନିଂ ଫେଷ୍ଟିଭାଲ୍ (ବାହାରେ ଖାଇବାର ମହୋତ୍ସବ) ପାଇଁ ପ୍ରସିଦ୍ଧୟୁଟ୍ୟୁବ୍ ଶୋ, "ବିବି କି ଭାଇନ୍ସ'ର ଲୋକପ୍ରିୟ ଷ୍ଟାର୍ ଭୁବନ ବାମ୍‌ଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବରେ ଚୟନ କରାଯାଇଛି । ଏହି ଶୁଭାରମ୍ଭକୁ ନେଇ ସ୍ୱିଗି ଡାଇନଆଉଟର ମାର୍କେଟିଂ ମୁଖ୍ୟ ଧ୍ରୁବିଶ OMର କହିଛନ୍ତି ଯେ, ଡ଼ଜିଆଇଆରଏଫ୍ ହେଉଛି ଭାରତର ସବୁଠାରୁ ବଡ଼ ଖାଦ୍ୟ ମହୋତ୍ସବ । ପ୍ରତିବର୍ଷ ଆମର ଲକ୍ଷ୍ୟ ରହୁଛି ଯେ, ଗ୍ରାହକମାନେ କିପରି ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ବାରମ୍ବାର ବାହାରେ ଖାଇବାର ମଜା ନେଇପାରିବେ । ଏହା ସହିତ ଆମ ସହ ଯୋଡ଼ି ହୋଇଥିବା ରେଷ୍ଟୁରାଂଟ ଗୁଡ଼ିକର କିପରି ଲଗାତାର ଗ୍ରାହକ ସଂଖ୍ୟା ବଢିବା ସହ ବ୍ୟବସାୟରେ ଲାଭ ହେବ ।ଗତ ବର୍ଷର ଅପାର ସଫଳତା ପରେ, ଚଳିତ ବର୍ଷ ଜିଆଇଆରଏଫ୍ ୨୦୨୬ ଡ଼ବିଲ୍ ଅଧା, ପାର୍ଟି ପୂରା' ନାମକ ଏକ ଆକର୍ଷଣୀୟ ଲକ୍ଷ୍ୟ ସହିତ ଆହୁରି ବଡ଼ ଧରଣର ହୋଇ ଫେରିଛି ।


GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
"e" Procurement for Building works
Bid Identification No. EERWJYP-Online-14/2025-26

25001/263/2526
Letter No. 1283 Date : 23.02.2026

01. Name of work :: Bulding Works
02. Total Number of works :: 10 (Ten) Nos.
03. Approximate Estimated Cost :: Rs. 33.90 Lakhs to Rs. 67.80 Lakhs (approximately)
04. Class of Contractor :: "B" & "C" Class
05. Period of Completion :: within 06 to 09 Months
06. Other details

| Procurement Officer | Bid Identification No. | SI No. working in notice | Availability of Tender on line for bidding | | Last date and time of seeking tender clarification | Date of opening |
|---|---|---|---|---|---|---|
| | | | From | To | | |
| Executive Engineer R.W. Division, Jeypore | Online Tender/ 14/RWD-JYP/ 2025-26 | 10 Nos. | 05.03.2026 at 10.00 A.M | 11.03.2026 upto 5.00 P.M | 10.03.2026 at 01.30 P.M | 12.03.2026 at 10.00 A.M |

Further details can be seen from the website **www.tendersodisha.gov.in/nicgep/app**
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
***N.B. Any Addendum or Corrigendum will be available in the Website only.**

OIPR : 25001/25160/1/25-26/0004 Sd/- Executive Engineer, Rural Works Division: Jeypore.



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୮ ।

# ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ବିଶାଳ ହୋମିଓପାଥି ଚିକିତ୍ସା ଶିବିର

ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ, ହୀରାକୁଦ ପକ୍ଷରୁ ଏକ ବିଶାଳ ହୋମେଓପାଥି ଚିକିତ୍ସା ଶିବର ସ୍ଥାନୀୟ ସି.ଏନ.ଆଇ ଚର୍ଚ୍ଚ ଅନ୍ତର୍ଗତ କମ୍ୟୁନିଟି ସେଣ୍ଟର ଠାରେ ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ହିଣ୍ଡାଲକୋ, ହୀରାକୁଦର ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀ, ହିଣ୍ଡାଲକୋ କମପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ହୋମେଓପାଥି ଚିକିତ୍ସା ଅଧିକାରୀ ଡ଼କ୍ଟର ସନ୍ତୋଷ କୁମାର ସାହୁ ଓ ଫାଦର ସୁରେଶ କୁମାର ନାଗ୍ ଏହି ଶିବିରକୁ ମିଳିତ ଭାବରେ ଉଦ୍ଘାଟନ କରିଥିଲେ ଓ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଜିତେଶ ରଥ, ଉପଦେଷ୍ଟା । ସୁକାନ୍ତ ମହାପାତ୍ର, ତଥା ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ ଓ ସରୋଜ



କୁମାର ଆଚାର୍ଯ୍ୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଡ଼କ୍ଟର ସନ୍ତୋଷ କୁମାର ସାହୁ ମତପ୍ରକାଶ କରିଥିଲେ ଯେ କର୍ପୋରେଟେ ହାଉସ ହିସାବରେ ହିଣ୍ଡାଲକୋ ଏହିପରି ବିଶାଳ ହୋମେଓପାଥି କ୍ୟାମ୍ପ କରିଥିବା ହେତୁ ଆମେ ଆନନ୍ଦିତ ଏବଂ ହିଣ୍ଡାଲକୋ ଏହିଭଳି କ୍ୟାମ୍ପ ଆଗକୁ ବି ଜାରିରଖିବେ ବୋଲି ମୋର ବିଶ୍ୱାସ ଓ ହିଣ୍ଡାଲକୋ ହୀରାକୁଦ କମପ୍ଲେକ୍ସର ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ସୁମିତ ମୁଖାର୍ଜୀ କହିଥିଲେ ଜେ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଏହିଭଳି ସ୍ୱାସ୍ଥ୍ୟ ଶିବିର ହୀରାକୁଦ ଅଂଚଳର ବିଭିନ୍ନ ସ୍ଥାନରେ ଜାରି ରଖିବ ଓ ଏହି ଶିବିରରେ ଡାକ୍ତର ସନ୍ତୋଷ କୁମାର ସାହୁ, ଡାକ୍ତର ସୁଶାନ୍ତ କୁମାର ସାହୁ, ଡାକ୍ତର ଫାଲ୍ଗୁନୀ କୁମାର ବଢେଇ, ଡାକ୍ତର ମହେନ୍ଦ୍ର ଧରୁଆ ଓ ଡାକ୍ତର ଯୋଫି ସାହୁ ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା କରିଥିଲେ ଓ ଏହି ଶିବିରରେ ୧୨୦ ଜଣ ଜନସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକୀୟ ଔଷଧ ଗ୍ରହଣ କରିଥିଲେ ।

## ଘରୁ ରାଗି ଆସିଥିବା ଶିଶୁ ଉଦ୍ଧାର, ପରିବାରକୁ ହସ୍ତାନ୍ତର

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ତେଲିଆ ଗ୍ରାମରୁ ଆଜି ଘରୁ ରାଗି ପଳାଇଆସିଥିବା ଜଣେ ଶିଶୁଙ୍କୁ ଉଦ୍ଧାର କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ରକାଶଯେ ସକାଳ କୁହୁଡିର ସୁଯୋଗ ନେଇ ଘରୁ ରାଗି ପରଦେଶୀ ଗଡିଆ ଗ୍ରାମର ଆଦିବାସୀ ସାହିର ଏକ ପିଲା ଘରୁ ପଳାଇ ଅସି ତେଲିଆ ଗ୍ରାମାରେ ପହଂଚିଥିଲା। କିଛି ଯୁବକ ତାକୁ ଅଟକାଇ ପଚାରିବାରୁ ସେ ତାର ଠିକଣା କହିନଥିଲା। ତେଣୁ ସେମାନେ ଆମେ ଆପଣଙ୍କ ପାଇଁ ହେଲଫିଂଗ ଗ୍ରୁପକୁ ଜଣାଇଥିଲେ।




ହାଇଟେକ୍ ଗ୍ରୁପର ଡିରେକ୍ଟର ଅନିଲ କୁମାର ପାଣିଗ୍ରାହୀ, ସୁପରିଟେଣ୍ଡେଣ୍ଟ ପ୍ରଫେସର ଡ. ରବିନ୍ଦ୍ର ନାଥ ବେହେରାଙ୍କୁ ସମୟ କନ୍‌କ୍ଲେଭ-୨୦୨୬ରେ ସମ୍ମାନୀତ କରୁଛନ୍ତି ମୁଖ୍ୟ ଅତିଥି ମନ୍ତ୍ରୀ ପୃଥ୍ୱୀଭୀରାଜ ହରିଚନ୍ଦନ ଓ ମନ୍ତ୍ରୀ ମୁକେଶ ମାହାଲିଙ୍ଗ

# ନୂତନତ୍ୱ ଏବଂ ବୈଷୟିକ ଚିନ୍ତାଧାରାର ସଙ୍ଗମ "ଟେକ୍ ମନ୍ଥନ-୨୦୨୬'

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସ୍କୁଲ୍ ଅଫ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଡାଟା ସାଇନ୍ସ ପକ୍ଷରୁ ସଫଳତାର ସହ ଦୁଇଦିନିଆ 'ଟେକ୍ ମନ୍ଥନ-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଏହା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଫେଷ୍ଟିଭାଲ୍ ଅଫ୍ ଇନସ୍ପିରେସନ୍ ସହଯୋଗରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀ, ଶିକ୍ଷାବିତ ତଥା ଉଦ୍ୟୋଗ ବିଶେଷଜ୍ଞମାନେ ଯୋଗଦେଇ ଆଗାମୀ କାଲିର ଉନ୍ନତ ବୈଷୟିକ ଚିନ୍ତାଧାରା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଉଦଘାଟନୀ ଉତ୍ସବରେ ଫାକଲଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜି ବିଭାଗ ଡିନ୍ ପ୍ରଫେସର ଡ. ରବିନାରାୟଣ ଶତପଥୀ, ସ୍କୁଲ୍ ଅଫ୍ ଏଆଇ ଆଣ୍ଡ ଡାଟା ସାଇନ୍ସ ମୁଖ୍ୟ ଡ. ଚିନ୍ମୟ କୁମାର ନାୟକ ତଥା ଡେପୁଟି ଡିନ୍ ପ୍ରଫେସର ଡ. ଗୋପୀନାଥ ପଲାଇ ପ୍ରମୁଖ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ । ଆଇବିଏମ୍ ମୁଖ୍ୟ ଦେବେଶ ଦାସ, ବିଶେଷଜ୍ଞ ଜଗବନ୍ଧୁ ସାହୁ, ମଧୁସ୍ମିତା ପଡ଼ିଆରୀ, ଶାଶ୍ୱତ ଦାସ, ଚୈତନ୍ୟ ମଲ୍ଲିକ ଏବଂ ଲଗ୍ନଜିତ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତା ଏବଂ ଏହାର ବ୍ୟାବହାରିକ ମୂଲ୍ୟାଙ୍କନ ଶିଳ୍ପୋନ୍ମୁଖୀ ହେବା




ଆବଶ୍ୟକ ବୋଲି ମତ ରଖିଥିଲେ । ଟେକ୍ ମନ୍ଥନ-୨୦୨୬ରେ ଆଇଡିଆଥନ୍ ପ୍ରତିଯୋଗିତାରେ ୩୩ଟି ଦଳ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାରେ ୨୩ଟି ଦଳ ଭାଗ ନେଇ ନିଜ ପରାକାଷ୍ଠା ଦେଖାଇଥିଲେ । ଆଇଡିଆଥନରେ "ଦ ସିଣ୍ଡିକେଟ୍' ପ୍ରଥମ, "ତ୍ରିନେତ୍ର ଆଇ' ଦ୍ୱିତୀୟ ଏବଂ "ଭାଇଭ୍ କୋଡ୍ସ' ତୃତୀୟ ସ୍ଥାନ ହାସଲ କରିଥିଲେ । ପୋଷ୍ଟର ପ୍ରସ୍ତୁତିରେ "ଦ କଗ୍ନିଟିଭ ଜେନିଥ' ପ୍ରଥମ, "ଦ ମିସଫିଟ୍ସ' ଦ୍ୱିତୀୟ ଏବଂ "ବାଇଟ୍ ବ୍ରେନ୍ସ' ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଦଯାପନୀ ଦିବସରେ "ଏମଆରଏସ ଟେକ୍ ଏଜ ଏଲଏଲପି'ର ଖାରବେଳ ପରିଡ଼ା ଏବଂ ସିଲନପେର ପ୍ରତିଷ୍ଠାତା ତଥା ଟିସିଏସ୍ ଏବଂ ମେଜେସ୍କୋର ପୂର୍ବତନ ପ୍ରଫେସନାଲ୍ ତ୍ରିଲୋଚନ ତରାଇ ଅତିଥି ଭାବରେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ସ୍କୁଲ୍ ଆଫ୍ ଏଆଇ ଆଣ୍ଡ ଡାଟା ସାଇନ୍ସ ମୁଖ୍ୟ ଡ. ଚିନ୍ମୟ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ନଳକୂପ ସହ ଶ୍ମଶାନ ଛାତ ଚୋରୀ ନେଇ ଥାନାରେ ଲିଖିତ ଅଭିଯୋଗ

ଭାପୁର ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତ କାଳିଗିରି ନିକଟ ଶ୍ମଶାନରେ ଅବସ୍ଥିତ ନଳକୂପ ସହିତ ଶବ ସଂସ୍କାର ଯାଉଥିବା ସେଡର ଛାତ ବୁଧବାର ରାତ୍ରିରେ ଚୋରୀ ହୋଇ ଯାଇଥିବା ନେଇ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଭାପୁର ବ୍ଲକରେ କୂଅ,ପୋଖରୀ ଚୋରୀ ହୋଇଥିବା ନେଇ ନଜିର ରହିଥିବାବେଳେ ବର୍ତମାନ ଶ୍ମଶାନ ଚୋରୀ ହୋଇଥିବାର ଆଉ ଏକ ଫର୍ଦ୍ଦ ଭାପୁର ବ୍ଲକ କଳଙ୍କିତ ଇତିହାସରେ ଯୋଡି ହୋଇଛି ।ଏହି ଚୋରୀର ମୁଖ୍ୟ କର୍ପେଟଦାର ଭାପୁର ବିଡ଼ିଓ ଏ ଜେଇ ବୋଲି ଥାନାରେ ଅଭିଯୋଗ ହୋଇଛି ।୨୦୧୬-୧୭ ମସିହାରେ ଫତେଗଡ଼ ଗ୍ରାମ କାଳିଗିରି ନିକଟ ଶ୍ମଶାନ ର ଉନ୍ନତି ପାଇଁ ୨ ଲକ୍ଷ ଟଙ୍କା ଅନୁଦାନରେ ଶ୍ମଶାନ ଗୃହ,ଦାହ କରିବାକୁ ଯାଇଥିବା ଲୋକଙ୍କ ବିଶ୍ରାମ ଗୃହ ଏବଂ ଏକ ନଳକୂପ ବିଭାଗୀୟ ଯନ୍ତ୍ରୀ ଙ୍କ ନାମରେ ଓ୍ୱାର୍କ ଅର୍ଡର ଆସି ନିର୍ମାଣ ହୋଇଥିଲା । ସେଗୁଡିକ ବର୍ତମାନ ଅକ୍ଷତ ଅବସ୍ଥାରେ ରହିଥିବାବେଳେ ବ୍ଲକ ପ୍ରଶାସନ ପୁଣିଥରେ ୨୦୨୪/୨୫ ଆର୍ଥିକ ବର୍ଷର 'ବିକଶିତ ଗାଁ,ବିକଶିତ ଓଡିଶା' ନାଁ ରେ ସେହି କାର୍ଯ୍ୟକୁ ରଙ୍ଗମାରି ୩ ଲକ୍ଷ ଟଙ୍କା ହଡପ ମସୁଧା ଯୋଜନା ଥାନାରେ ଲିଖିତ ଅଭିଯୋଗ ହୋଇଛି ।

# ଆଦିବାସୀମାନଙ୍କ ସଶକ୍ତିକରଣ ନିମନ୍ତେ ଦୀର୍ଘମିଆଦି ଯୋଜନା ଜରୁରୀ

ଭୁବନେଶ୍ୱର, (ସବ୍ୟୁ) ଜଙ୍ଗଲର ସୁରକ୍ଷା ପାଇଁ ଆଦିବାସୀମାନଙ୍କର ପ୍ରମୁଖ ଭୂମିକା ଥିବାବେଳେ ଦିନକୁ ଦିନ ହଜିଯାଉଛି




ସେମାନଙ୍କର ଅଧିକାର ବା ପରିଚୟ ତଥା ଜୀବନଜୀବିକାର ସୁରକ୍ଷା। ଆଦିମ ଜନଜାତିର ସଂଖ୍ୟା ତଥା ସେମାନଙ୍କର ବିକାଶ କଥା ଚିନ୍ତା କଲାବେଳେ ଦିନକୁ ଦିନ ଏମାନଙ୍କର ସଂଖ୍ୟା କମିବାରେ ଲାଗିଛି। ସରକାରଙ୍କର ବହୁବିଧ ଆଇନ୍ ପ୍ରଚଳିତ ହେଉଥିଲେ ମଧ୍ୟ ଆଦିମ ଜନଜାତିଙ୍କର ବାସସ୍ଥାନ ଅଧିକାରର ସୁରକ୍ଷା ହୋଇ ପାରୁନାହିଁ। ଏଥିନିମନ୍ତେ ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଇମେଜ୍ ସଭାକକ୍ଷରେ ଆକ୍ସନ୍‌ଏଡ୍ ତରଫରୁ ଆୟୋଜିତ ୩ ଦିବସୀୟ କର୍ମଶାଳରେ ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ସରକାରଙ୍କର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ଅନ୍‌ଲାଇନ୍ ବୈଠକ ମାଧ୍ୟମରେ ଯୋଗଦାନ କରି ସରକାରୀ ସ୍ତରରେ ଆଦିବାସୀମାନଙ୍କ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନାର ରୂପରେଖ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବରେ ଆକ୍ସନ୍‌ଏଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦିପ୍ ଚାଚରା କହିଲେ ଯେ ପ୍ରଧାନମନ୍ତ୍ରୀ ପିଭିଟିଜି ମିଶନ୍ କାର୍ଯ୍ୟ କରୁଥିବା ବେଳେ ଏହାର ସୁଫଳ ଯେପରି ଆଦିବାସୀମାନେ ପାଇବେ ଏଥି ନିମନ୍ତେ ବ୍ୟାପକ କାର୍ଯ୍ୟଖସଡା ପ୍ରସ୍ତୁତି ଉପରେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶିୟନ୍ କନ୍‌ଗୋରି 'ଆମର ଜମି - ଆମର ଆଇନ୍' ସ୍ଲୋଗାନ ମାଧ୍ୟମରେ ଆଦିବାସୀମାନଙ୍କୁ ନ୍ୟାୟ ସମ୍ମାନ ଓ ବାସ୍ତବ ଆଦିବାସୀ ସଶକ୍ତିକରଣ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବରେ ଡ. ଏସ୍ଥର ମାରିସେଲଭମ୍ ଆଦିବାସୀ ମହିଳା ଓ ସେମାନଙ୍କର ଶିଶୁମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତର ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆକ୍ସନ୍‌ଏଡ୍ ଆସୋସିଏସନ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ସୌରଭ କୁମାର, ଡ. ବତିନ୍ଦ୍ରି ଜେନା, ଯୋଶେଫ ମାଥାଇ, ସୁରଜିତ ନେଗି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି କର୍ମଶାଳାରେ ୧୮ଟି ରାଜ୍ୟର ଆଦିବାସୀ ନେତାମାନେ ନିଜର ଭାବ ବିନିମୟ ସହ ଗୋଷ୍ଠିଗତ ଅଧିକାର ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ।

# ଗିଫ୍ଟ କଲେଜର ବାର୍ଷିକ ଉତ୍ସବ- ଲେଲିହାନ




ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ଗଙ୍ଗପଡ଼ା ସ୍ଥିତ ଗିଫଫ ସ୍ୱୟଂଶାସିତ କଲେଜର ବାର୍ଷିକ ଉତ୍ସବ ଲେଲିହାନ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ଗିଫ୍ଟର ନିର୍ଦ୍ଦେଶକ ଡଃ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡଃ. ତ୍ରିଲୋଚନ ସାହୁ, ଡିନ୍ ଏକାଡ଼େମିକ ଡଃ. ଆର୍.ଏନ୍. ପଣ୍ଡା, ରେଜିଷ୍ଟ୍ରର ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଓଏସ୍‌ଡ଼ି ଇଂ ସମୀର ରଞ୍ଜନ ପଣ୍ଡା, ଷ୍ଟୁଡେଣ୍ଟ ଓଏଲ୍‌ଫେୟାର ପ୍ର. ସୌମେନ୍ଦ୍ର ବେହେରା ଏବଂ ଏସ୍‌ପିଓସି ପ୍ର. ବାଲାଜୀ ପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥୀ ଭାବେ ଆର୍ସେଲର ମିତଲ ନିପନ୍ ଷ୍ଟିଲ ଇଣ୍ଡିଆ ଲିମିଟେଡ୍‌ର ମୁଖ୍ୟ ଏଚ୍‌ଆର ଡଃ. ଦେବବ୍ରତ ଦାଶ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ପରିପେକ୍ଷୀରେ ଶିକ୍ଷାନୁଷ୍ଠାନ ସହ ୧୦ ବର୍ଷ ଧରି ଜଡ଼ିତ ଥିବା କର୍ମକର୍ତ୍ତାଙ୍କୁ ସମ୍ମାନୀତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ପ୍ର. ଆଦିତୀ ପଟ୍ଟନାୟକ, ବିକ୍ରମ କେଶରୀ ରାଉତ, ପ୍ରଣତୀ ମିଶ୍ର, ମିନତୀ ପ୍ରଧାନ, ଡଃ ଅମିତା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

## ବୃକ୍ଷରୋପଣରେ ପ୍ରଚାର ବେଶି, କାମ କମ

# ୬ ମାସରେ ଶୁଖିଗଲା ଶତାଧିକ ଚାରା, ଉଠିଲା ପ୍ରଶ୍ନ

ଫୁଲନଖରା ,(ସବ୍ୟୁ): ବୟାଳିଶମୌଜା ଅନ୍ତର୍ଗତ ଝରକଟା ପଞ୍ଚାୟତର ଅଇନି ଗ୍ରାମ ନିକଟସ୍ଥ କାଠଯୋଡ଼ି ନଦୀପଠାରେ ମା ପାଇଁ ଗଛଟିଏ ଅଭିଯାନ ଅନ୍ତର୍ଗତ ଆୟୋଜିତ ବ୍ଲକସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ବର୍ତ୍ତମାନ ସମ୍ପୂର୍ଣ୍ଣ ବିଫଳତାର ଚିତ୍ର ପ୍ରଦର୍ଶନ କରୁଛି । ପ୍ରାୟ ଛଅ ମାସ ପୂର୍ବେ ଏଠାରେ ତାରବାଡ଼ ଘେରା କରାଯାଇ ୫୦୦ରୁ ଅଧିକ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା, କିନ୍ତୁ ବର୍ତ୍ତମାନ ସ୍ଥିତିରେ ହାତଗଣତି କିଛି ଗଛ ବ୍ୟତୀତ ଅଧିକାଂଶ ଚାରା ମରି ନଷ୍ଟ ହୋଇଯାଇଛି ।ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଜୟନ୍ତୀ ଅବସରରେ ରାଜ୍ୟରେ ୭୫ ଲକ୍ଷ ବୃକ୍ଷ ରୋପଣ କରିବା ଲକ୍ଷ୍ୟକୁ ସାକାର କରିବା ପାଇଁ କଟକ ସଦର ବ୍ଲକ ଅଧୀନରେ ଏହି ସ୍ଥାନକୁ ଏକ ମେଗା ପ୍ରକଳ୍ପ ଭାବେ ଚୟନ କରାଯାଇଥିଲା । ଏହାକୁ କେନ୍ଦ୍ର କରି ଗତ ସେପେଟମ୍ବର ୧୭ ତାରିଖରେ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ଉପଜିଲ୍ଲାପାଳ, କଟକ ସଦର ବିଡିଓ ଏବଂ ଅତିରିକ୍ତ ବିଡିଓ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ସେତେବେଳେ ଚାରାଗୁଡ଼ିକୁ ବଡ଼ ହେବା ପର୍ଯ୍ୟନ୍ତ ସଠିକ ଭାବରେ ଯନି ଓ ଦେଖାଶୁଣା କରାଯିବ ବୋଲି ଅଧିକାରୀମାନେ ଆଶ୍ୱାସନ ଦେଇଥିଲେ ଏବଂ ପଞ୍ଚାୟତ ମାଧ୍ୟମରେ ଏହି ଦାୟିତ୍ୱ ପାଳନ ହେବ ବୋଲି କୁହାଯାଇଥିଲା ।କିନ୍ତୁ ବର୍ତ୍ତମାନର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଯଥାର୍ଥ ଦେଖାଶୁଣା ଓ ପରିଚର୍ଯ୍ୟାର ଅଭାବରୁ ଅଧିକାଂଶ ଗଛ ମରିଯାଇଥିବାରୁ ଯୋଜନାଟି କାଗଜକଲମରେ ସୀମିତ ରହିଯାଇଛି । ସରକାରୀ ତହବିଲରୁ ଖର୍ଚ୍ଚ ହୋଇଥିବା ଲକ୍ଷାଧିକ ଟଙ୍କା ପ୍ରାୟ ବ୍ୟର୍ଥ ଯାଇଥିବା ଅଭିଯୋଗ ହେଉଛି । ବର୍ତ୍ତମାନ ସେହି ସ୍ଥାନରେ କେବଳ ତାର ଜାଲି ଓ ଖୁଟି ପଡ଼ିରହିଛି, ଯାହା ଯୋଜନାର ବିଫଳତାକୁ ସ୍ପଷ୍ଟ କରୁଛି ।କେବଳ ଅଇନି ଗ୍ରାମ ନୁହେଁ, ପାଖପାଖି ଅନ୍ୟାନ୍ୟ ପଞ୍ଚାୟତରେ ମଧ୍ୟ ଏହି ଅଭିଯାନରେ ହଜାର ହଜାର ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ ସମାନ ଅବସ୍ଥା ଦେଖାଯାଉଛି ।

## ପ୍ଲସ୍ ଆଡଭାନ୍ସ ଟେକ୍‌ନୋଲୋଜିସ୍ ଦ୍ୱାରା

# ହିମାକୁଲ୍ ନାମରେ ଏକ ସୌରଶକ୍ତି ଚାଳିତ ଶୀତଳ ଭଣ୍ଡାର

ଭୁବନେଶ୍ୱର, (ସବ୍ୟୁ): ରାଉରକେଲା ଭୂମିରେ କୃଷକମାନେ ପୂର୍ବରୁ ସେମାନଙ୍କ ଫସଲ ଶୀଘ୍ର ନଷ୍ଟ ହୋଇଯିବା କାରଣରୁ ଅନେକ ସଂଘର୍ଷର ସମ୍ମୁଖୀନ ହେଉଥିବାବେଳେ ଏକ କ୍ଷୁଦ୍ର ଅଥଚ ଶକ୍ତିଶାଳୀ ପ୍ରଯୁକ୍ତି ସମ୍ପ୍ରତି ସବୁକିଛିରେ ପରିବର୍ତ୍ତନ ଆଣୁଛି। ଗୁରଗାଓଁସ୍ଥିତ କମ୍ପାନୀ ପ୍ଲସ୍‌ଆ ଡଭାନ୍ସଡ ଟେକ୍‌ନୋଲୋଜିସ୍ ଦ୍ୱାରା ହିମାକୁଲ୍ ନାମରେ ଏକ ସୌରଶକ୍ତି ଚାଳିତ




ଶୀତଳ ଭଣ୍ଡାର ସମାଧାନ କ୍ଷୁଦ୍ର ଚାଷୀଙ୍କ ପାଇଁ ଫଳପ୍ରଦ ସାବ୍ୟସ୍ତ ହେଉଛି। ଏହା କେବଳ ଫସଲର ସୁରକ୍ଷା କରୁନାହିଁ, ତାହାସହିତ ପରିବାରଗୁଡିକ ପାଇଁ ଖୁସି ଫେରାଇ ଆଣିଛି, ପିଲାମାନଙ୍କ ଶିକ୍ଷାକୁ ସମର୍ଥନ କରୁଛି ଏବଂ କୃଷକମାନଙ୍କ ମନରେ ଆତ୍ମବିଶ୍ୱାସ ଭରିଦେଉଛି। ପୂର୍ବରୁ ଜୀବନ କଷ୍ଟକର ଥିଲା। ବଜାରକୁ ପନି ପରିବା ଆଣି ଆସୁଥିବା କୃଷକମାନେ ଲକ୍ଷ୍ୟ କରୁଥିଲେ ଯେ, ସନ୍ଧ୍ୟା ସୁଦ୍ଧା ବିଲାତି, ବାଇଗଣ ଏବଂ ଆଳୁଗୁଡିକ ନଷ୍ଟ ହୋଇଯାଉଥିଲା। ସେଥିପାଇଁ ସେମାନେ କମ୍ ମୂଲ୍ୟରେ ସେଗୁଡିକ ବିକ୍ରି କରିବାକୁ ବାଧ ହେଉଥିଲେ ଅଥବା ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବହୁଳ ଭାଗ ନଷ୍ଟ ହୋଇଯାଉଥିଲା। କିନ୍ତୁ ହିମାକୁଲ୍ ଆସିବା ପରେ କୃଷକମାନେ ଏବେ ସେମାନଙ୍କ ଉତ୍ପାଦିତ ସାମଗ୍ରୀଗୁଡିକ ଅନେକ ଦିନ ପର୍ଯ୍ୟନ୍ତ ତାଜା ରଖିବାକୁ ସମର୍ଥ ହେଉଛନ୍ତି। ସୂର୍ଯ୍ୟାଲୋକରେ ଏହି ଶୀତଳ ପ୍ରକୋଷ୍ଠ ଚାର୍ଜ ହୋଇଯିବା ସହିତ ସାରା ରାତି ଥଣ୍ଡା ବଜାୟ ରଖୁଛି ଏବଂ ସେଥିପାଇଁ ବ୍ୟାଟେରୀ କିମ୍ବା ବିଦ୍ୟୁତଶକ୍ତି ବାବଦ ବିଲ୍ ଆବଶ୍ୟକ ପଡୁନାହିଁ। ଫସଲଗୁଡିକ ୫ରୁ ୧୦ ଦିନ ଅଥବା ତାହାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ତାଜା ରହିପାରୁଛି ଏବଂ କୃଷକମାନେ ବଜାରରେ ଅଧିକ

# ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ଓଡ଼ିଆ ନାମ ଫଳକ ଲେଖା ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଶନିବାର ଦିବା ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ଠାରୁ ରାଜମହଲ ଛକ ମଧ୍ୟରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକମାନଙ୍କୁ ଭେଟି ରାଜ୍ୟ ସରକାରଙ୍କ ଆଇନ ବ୍ୟବସ୍ଥା




ଅନୁଯାୟୀ ସେମାନଙ୍କ ନାମଫଳକ ଗୁଡିକରେ ସର୍ବାଗ୍ରେ, ସୁଦୃଶ୍ୟ ଏବଂ ସମ୍ମାନଜନକ ଢଙ୍ଗରେ ଓଡ଼ିଆ ଲିପି ବ୍ୟବହାର କରିବାକୁ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ବ୍ୟବସାୟୀମାନେ ମଧ୍ୟ ସହମତି ପ୍ରକାଶ କରିଅଛନ୍ତି। ଏହା ରାଜ୍ୟ, ରାଜ୍ୟବାସୀ ଓଡ଼ିଆମାନଙ୍କ ସମ୍ମାନର ପ୍ରଶ୍ନ ଏବଂ ଖିଲାପକାରୀମାନଙ୍କ ପାଇଁ ଅର୍ଥଦଣ୍ଡର ବ୍ୟବସ୍ଥା ଥିବାରୁ ଅଧିକାଂଶ ବ୍ୟବସାୟୀ ଯଥା ଶୀଘ୍ର କରିବାକୁ ସମ୍ମତି ପ୍ରଦାନ କରିଅଛନ୍ତି। ଯେଉଁମାନେ ଏହାର ଖିଲାପ କରିବେ ସେମାନଙ୍କ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ନିକଟରେ ସମ୍ମିଳନୀ ଦାବି କରିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ଆଜିର ଏହି ଅଭିଯାନରେ ସମ୍ମିଳନୀ ଶତାଧିକ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଅତ୍ୟନ୍ତ ଶାନ୍ତି ଓ ଶୃଙ୍ଖଳା ସହ ଯୋଗ ଦେଇଥିଲେ । ଆସନ୍ତା ଏକ ମାସ ପରେ ପୁଣିଥରେ ଏହି ଅଂଚଳରେ ଦୋକାନୀମାନଙ୍କ କାର୍ଯ୍ୟର ସମୀକ୍ଷା କରାଯିବା ସହ ରାଜଧାନୀର ଅନ୍ୟାନ୍ୟ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହୋଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଉପସଭାପତି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଡକ୍ଟର ଶ୍ରୀକାନ୍ତ ମିଶ୍ର, ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତି, ସନ୍ତୋଷ କୁମାର ରାଉତ, ଡା. ବାନାମ୍ବର ପରିଡା, ଶ୍ରୀମତୀ ଜୟନ୍ତୀ ପଢିହାରୀ, ଇଂ. ବିରଂଚି ନାରାୟଣ ଦାଶ, ପ୍ରଦୀପ୍ତ କୁମାର ମହରଣା, ଶ୍ରୀମତୀ ସ୍ୱାଗତିକା ରାଉତ, କୋଷାଧ୍ୟକ୍ଷ ତ୍ରିନାଥ ସାମନ୍ତରାୟ, କାର୍ଯ୍ୟନିର୍ବାହୀ ସଦସ୍ୟ ଇଂ. ସତ୍ୟଜିତ୍ ନାୟକ, ଇଂ ଜିତେନ୍ଦ୍ର କୁମାର ପାଢୀ, ଭରତ କୁମାର ଜେନା, ପଠାଣୀ ଜେନା, ଚିନ୍ମୟ ବୋଡେ, ସବ୍ୟସାଚୀ ସାମନ୍ତରାୟ, ଯୁଗଳ କିଶୋର ନାୟକ, ଦୀନବନ୍ଧୁ ଷଡଙ୍ଗୀ, ବଂଶୀଧର ବେହେରା, ଶିବାଶୀଷ ମହାପାତ୍ର, ଲୋକନାଥ ରାଉତରାୟ, କୁଞ୍ଜ ମୋହନ ସେଠୀ, ତାପସ କୁମାର ଦାସ, ଶ୍ରୀମତୀ ସସ୍ମିତା ମଂଗରାଜ, ଗିରିଜା ଶଙ୍କର ମହାପାତ୍ର, ଲିଙ୍ଗରାଜ ଲେଙ୍କା, ସୁଶ୍ରୀ ରାଜମିତ୍ର ପ୍ରହରାଜ, ଶ୍ରୀମତୀ ସସ୍ମିତା ମଙ୍ଗରାଜ, କେଶବ ପାଇଲ, ତୁଷାର ମହାନ୍ତି, ବିକାଶ ବେହେରା, ରାମକୃଷ୍ଣ ତ୍ରିପାଠୀ ଓ ଅତେଶ କୁମାର ପୁଷ୍ଟି ପ୍ରମୁଖ ଯୋଗ ଦେଇଥିବା ବେଳେ ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ପ୍ରକଳ୍ପ ଶୁଭଲକ୍ଷ୍ମୀ ଅଧିନରେ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ରର ଶୁଭାରମ୍ଭ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର କେଲେଣ୍ଡାମାଲ ଗ୍ରାମରେ ଏକ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ର ଉଦଘାଟନ କରିଛି, ଯାହା ମହିଳାମାନଙ୍କ ଲାଗି ନୂଆ ଜୀବିକା ସୃଷ୍ଟିରେ ସହାୟକ ହେବ। ଏହା ଶୁଭଲକ୍ଷ୍ମୀ ସମବାୟ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେବ। ସଦସ୍ୟମାନଙ୍କୁ ଝୋଟ ଉତ୍ପାଦ ଉତ୍ପାଦନ, ପରିବେଶ ଅନୁକୂଳ ସାମଗ୍ରୀ ପ୍ରୋତ୍ସାହନ ଓ ମହିଳା ନେତୃତ୍ୱାଧୀନ ବ୍ୟବସାୟକୁ ସମର୍ଥନ କରିବ। ପ୍ରଥମ ପର୍ଯ୍ୟାୟରେ ଚାରୋଟି ଝୋଟ ପ୍ରକ୍ରିୟାକରଣ ମେସିନ ସହ ସଜ୍ଜିତ କେନ୍ଦ୍ର ପ୍ରାରମ୍ଭରେ ପୁନଃବ୍ୟବହାର ଯୋଗ୍ୟ ଝୋଟ ବ୍ୟାଗ ନିର୍ମାଣ ଉପରେ ଧ୍ୟାନ ଦେବ। ଏହା ଦ୍ୱାରା ଲୋକମାନେ ପ୍ଲାଷ୍ଟିକ ବ୍ୟବହାରକୁ ଦୂର କରିପାରିବେ। ଦକ୍ଷତା ତାଲିମ, ଭିତିଭୂମି ଓ ବଜାର ସମର୍ଥନକୁ ନେଇ ଏହା ଏକ ସବୁଜ ଉଦ୍ୟୋଗ ମଡେଲ ସୃଷ୍ଟି କରିବ।

କେଲେଣ୍ଡାମାଲ ଗ୍ରାମର




ସରପଂଚ ସୁଶ୍ରୀ ସୁଶ୍ରିତା ନାୟକଙ୍କ ଦ୍ୱାରା ଶୁଭଲକ୍ଷ୍ମୀ ସମବାୟର ସଭାପତି ଶ୍ରୀମତି ପଙ୍କଜିନି ଓରାମ ଓ ବେଦାନ୍ତ ଆଲୁମିନିୟମର ସିଏସଆର ମୁଖ୍ୟ ଶ୍ରୀମତୀ ହରମୀତ ସେରାଙ୍କ ଉପସ୍ଥିତିରେ ଏହି କେନ୍ଦ୍ରର ଉଦଘାଟନ କରାଯାଇଥିଲା। ଏହି ପଦକ୍ଷେପର ପ୍ରଭାବ ଉପରେ ଆଲୋକପାତ କରି ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ କହିଛନ୍ତି ଯେ ନିରନ୍ତର ବିକାଶ ପାଇଁ ପରିବେଶଗତ ଦାୟିତ୍ୱ ସହ ଆର୍ଥିକ ସୁଯୋଗ ସନ୍ତୁଳନତା ଆବଶ୍ୟକ। ଶୁଭଲକ୍ଷ୍ମୀ ସମବାୟ ସମିତି ସହ ଏହି ସହଭାଗିତା ଜରୀଆରେ ଆମେ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହ ଆୟକୁ ସୁଦୃଢ଼ କରୁଥିବା ଉଦ୍ୟୋଗ ନିର୍ମାଣ କରିବାକୁ ମହିଳାମାନଙ୍କୁ ଉତ୍ସାହିତ କରୁଛୁ ଯାହା ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ସହ ଜଡ଼ିତ।

ଶୁଭଲକ୍ଷ୍ମୀ ସମବାୟ ସମିତର ସଭାପତି ଶ୍ରୀମତୀ ପଙ୍କଜିନିର ଓରାମ କହିଛନ୍ତି ଯେ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ର ଆମ ସଂପ୍ରଦାୟରେ ମହିଳାମାନଙ୍କୁ ସଶକ୍ତ କରିବ। ବେଦାନ୍ତ ସମର୍ଥନରେ ମହିଳମାନେ ତାଲିମ ଓ ଦକ୍ଷତା ବୃଦ୍ଧିର ସୁଯୋଗ ପାଇବେ। ଏହା ଦ୍ୱାରା ସେମାନେ ନିଜସ୍ୱ ଉଦ୍ୟୋଗ ଚଳାଇବାକୁ ସକ୍ଷମ ହେବେ। ବେଦାନ୍ତ ଆଲୁମିନିୟମ ଦ୍ୱାରା ବାପକ ସମର୍ଥିତ ସୁଭଲକ୍ଷ୍ମୀ ସମବାୟ ଓଡ଼ିଶାର ଏକ ପ୍ରଭାବଶାଳୀ ମହିଳା ସଶକ୍ତିକରଣ ମଡେଲ ମଧ୍ୟରୁ ଅନ୍ୟତମ ଭାବେ କାର୍ଯ୍ୟ କରୁଛି। ଏହା ଜିଲ୍ଲାର ୪୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୦୦୦ରୁ ଅଧିକ ମହିଳାଙ୍କୁ ନିୟୋଜିତ କରୁଛି। ସେମାନଙ୍କୁ ବଜାର ଦକ୍ଷତା, ଋଣ ଉପଲବ୍ଧତା ଓ ଉଦ୍ୟୋଗୀ ତାଲିମ ପ୍ରଦାନ କରୁଛି। ଏହା ଦ୍ୱାରା ହଜାର ହଜାର ଲୋକଙ୍କୁ ସ୍ଥାୟୀ ଜୀବିକା ଓ ଆର୍ଥିକ ସ୍ୱାଧୀନତା ମିଳିପାରୁଛି। ଏହା ୧୫୦୦ରୁ ଅଧିକ ମହିଳାଙ୍କୁ ସହାୟତା କରି ୨.୫୫ କୋଟି ଟଙ୍କାରୁ ଅଧିକ ମାଇକ୍ରୋଫାଇନାନ୍ସ ଋଣ ପ୍ରଦାନ କରିଛି। ଆର୍ଥିକ ଉନ୍ନତି ବ୍ୟତୀତ ସୁଭଲକ୍ଷ୍ମୀ ଗ୍ରାମୀଣ ମହିଳାମାନଙ୍କ ଭିତରେ ଆତ୍ମବିଶ୍ୱାସ, ଗତିଶୀଳତା ଓ ସାମାଜିକ ଅଂଶଗ୍ରହଣ ବୃଦ୍ଧି କରିବାରେ ସାହାଯ୍ୟ କରିଛି। ଝୋଟ ପ୍ରକ୍ରିୟାକରଣ କେନ୍ଦ୍ର ମହିଳାମାନଙ୍କୁ ପରିବେଶଗତ ଭାବରେ ଦାୟିତ୍ୱପୂର୍ଣ୍ଣ ଜୀବିକା ସହ ସମନ୍ୱିତ କରି ଏହି ଇକୋସିଷ୍ଟମକୁ ଆହୁରି ବିସ୍ତାର କରୁଛି।























ମଧ୍ୟପ୍ରାଚ୍ୟରେ ଘନେଇଛି ବିଶ୍ୱ ଯୁଦ୍ଧ ସମ୍ଭାବନା । କୌଣସି ମୁହୂର୍ତ୍ତରେ ବି ହୋଇପାରେ ପରମାଣୁ ଯୁଦ୍ଧ । ସାରା ବିଶ୍ୱରେ ଇରାନ ଓ ଇସ୍ରାଏଲର ଆକ୍ରମଣକୁ ନେଇ ବଢ଼ିଛି ଚିନ୍ତା ।

# ଦୁବାଇରେ ଫସି ରହିଛନ୍ତି ସିନେ ତାରକା

## ଫେରିବେ କେମିତି ବଢ଼ିଲା ଚିନ୍ତା

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଏବେ କେବଳ ସାଧାରଣ ଲୋକଙ୍କୁ ନୁହେଁ ବରଂ ଫିଲ୍ମ ତାରକାମାନଙ୍କୁ ମଧ୍ୟ ପ୍ରଭାବିତ କରିଛି । ପ୍ରସିଦ୍ଧ ତାମିଲ ଚଳଚ୍ଚିତ୍ର ଅଭିନେତା ଅଜିତ କୁମାର ବର୍ତ୍ତମାନ ଦୁବାଇରେ ଫସି ରହିଛନ୍ତି । ଇସ୍ରାଏଲ, ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଯୋଗୁଁ ଅନେକ ଦେଶ ବିମାନ ସେବାକୁ ସ୍ଥଗିତ ରଖିଛନ୍ତି । ଫଳସ୍ୱରୂପ, ଦୁବାଇରୁ ଅନେକ ବିମାନ ବାତିଲ କରାଯାଇଛି । ଅଜିତ ଚେନ୍ନାଇ ଫେରିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ତାଙ୍କ ବିମାନ ବାତିଲ ହୋଇଛି । ତାଙ୍କ ମ୍ୟାନେଜର କହିଛନ୍ତି ଯେ, ଚିନ୍ତା କରିବାର କୌଣସି କାରଣ ନାହିଁ । ଅଜିତ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ଏବଂ ବିମାନ ଉଡ଼ାଣ ପୁଣି ଆରମ୍ଭ ହେବା ମାତ୍ରେ ସେ ଭାରତ ଫେରିବେ ।



ଅଜିତ ବର୍ତ୍ତମାନ ଆବୁଧାବିରେ ତାଙ୍କର ପରବର୍ତ୍ତୀ କାର ରେସିଂ ପାଇଁ ପ୍ରସ୍ତୁତି କରୁଥିଲେ । ସେ ରେସ୍ ପ୍ରତି ବହୁତ ଆଗ୍ରହୀ ଏବଂ ଏହାକୁ କେବଳ ଏକ ହବି ନୁହେଁ ବରଂ ଏକ ବୃତ୍ତି ବୋଲି ଭାବନ୍ତି । ସେ ୨୦୨୫ ରେ ପ୍ରସିଦ୍ଧ 24H ଦୁବାଇ ରେସରେ ଅଂଶଗ୍ରହଣ କରିଥିଲେ ଏବଂ ଭଲ ପ୍ରଦର୍ଶନ କରିଥିଲେ । ଏଥିପାଇଁ ପ୍ରସ୍ତୁତି ପାଇଁ ସେ ଦୁବାଇ ଏବଂ ଆବୁଧାବିରେ ତାଲିମ ନେଉଥିଲେ । କିନ୍ତୁ, ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବାରୁ ବିମାନ ଚଳାଚଳ ପ୍ରଭାବିତ ହୋଇଥିଲା ଏବଂ ଅନେକ ବିମାନ ବାତିଲ କରାଯାଇଛି । ସେ ବର୍ତ୍ତମାନ ଏକ ହୋଟେଲରେ ରହୁଛନ୍ତି ଏବଂ ପରିସ୍ଥିତି ଉପରେ ନଜର ରଖିଛନ୍ତି । ତାଙ୍କୁ ସମର୍ଥନ କରିବା ପାଇଁ ଅନ୍ୟ ଚଳଚ୍ଚିତ୍ର ତାରକା ମଧ୍ୟ ଅଜିତଙ୍କ ସହିତ ଥିଲେ । ଶିବକାର୍ତ୍ତିକେୟନ, ନୟନତାରା, ଆର. ମାଧବନ ଏବଂ ସଂଗୀତଜ୍ଞ ଅନିରୁଦ୍ଧ ରବିଚନ୍ଦ୍ରଙ୍କ ପରି କଳାକାରମାନେ ତାଙ୍କୁ ରେସ୍ ଟ୍ରାକରେ ଭେଟିଥିଲେ ।

ଏହା ବ୍ୟତୀତ ଦୁବାଇରେ ଫସି ରହିଥିବା ଅଭିନେତ୍ରୀ ସୋନାଲ ଚୌହାନ ପ୍ରଧାନମନ୍ତ୍ରୀଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି । ସେ ସୁସ୍ଥ ଅଛନ୍ତି ଏବଂ ଶୀଘ୍ର ଘରକୁ ଫେରିବାକୁ ଆଶା ରଖିଛନ୍ତି । ଅଭିନେତ୍ରୀ ସୋନାଲ ଚୌହାନ ମଧ୍ୟ ସୋସିଆଲ ମିଡିଆରେ ସେୟାର କରିଛନ୍ତି ଯେ, ସେ ଦୁବାଇରେ ଅଛନ୍ତି ଏବଂ ଭାରତ ଫେରିବା ପାଇଁ କୌଣସି ସ୍ପଷ୍ଟ ରାସ୍ତା ନାହିଁ । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ନିବେଦନ କରିଛନ୍ତି । ଏହି ସମୟରେ, ଡବଲ୍ ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ମଧ୍ୟ ଦୁବାଇ ବିମାନବନ୍ଦରରେ ଫସି ରହିଥିବା ଜଣାପଡ଼ିଛି ।

ଆମେରିକା ଏବଂ ଇରାନ ମଧ୍ୟରେ ବର୍ଦ୍ଧିତ ଉତ୍ତେଜନା ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ସୁରକ୍ଷା କାରଣରୁ ଇଏଇ, ଇସ୍ରାଏଲ ଏବଂ ଇରାକ ସମେତ ଅନେକ ଦେଶ ସେମାନଙ୍କର ଆକାଶପଥ ବନ୍ଦ କରିଦେଇଛନ୍ତି । ଏହା ଦୁବାଇ ଏବଂ ଆବୁଧାବି ଭଳି ପ୍ରମୁଖ ବିମାନବନ୍ଦରରେ ବିମାନ ଚଳାଚଳ ବାଧାପ୍ରାପ୍ତ କରିଛି । ଫଳରେ ହଜାର ହଜାର ଯାତ୍ରୀ ଫସି ରହିଛନ୍ତି । ଅଧିକାରୀମାନେ କହିଛନ୍ତି ଯେ, ପରିସ୍ଥିତି ସ୍ୱାଭାବିକ ହେବା ମାତ୍ରେ ସେବା ପୁନର୍ବାର ଆରମ୍ଭ ହେବ । ଆଶ୍ୱସ୍ତିର କଥା ହେଉଛି ଯେ, ଅଜିତ, ସୋନାଲ, ଇଶା ଏବଂ ପିଭି ସିନ୍ଧୁ ସୁରକ୍ଷିତ ଅଛନ୍ତି ଏବଂ ଶୀଘ୍ର ଘରକୁ ଫେରିବେ ବୋଲି ଆଶା କରାଯାଉଛି ।

# ଇରାନ ଅସ୍ତ୍ରରେ ଇରାନ ଉପରେ ଆକ୍ରମଣ

ୱାଶିଂଟନ: ଆମେରିକାର କେନ୍ଦ୍ରୀୟ କମାଣ୍ଡ ଶନିବାର ଇରାନ ଉପରେ ଆକ୍ରମଣରେ ଏକ 'ଏଲୟୁସିଏଏସ୍' କାମିକାଜୀ ଡ୍ରୋନ ବ୍ୟବହାର କରିଥିବା ସ୍ୱୀକାର କରିଛି । ଏହି ଡ୍ରୋନଟି ଇରାନର ଶାହେଦ-୧୩୬ ଡ୍ରୋନର ଏକ କପି ବୋଲି କୁହାଯାଉଛି । ଆମେରିକୀୟ ସେନାର ଡ୍ରୋନ ଟାସ୍କ ଫୋର୍ସ ସ୍କୋରପିଅନ ଷ୍ଟ୍ରାଇକ୍ (ଟିଏଫଏସଏସ୍) ଏହାକୁ ଭୂମିରୁ ଇରାନ ଉପରକୁ ନିକ୍ଷେପ କରିଥିଲା ।

'ଏଲୟୁସିଏଏସ୍'ଡ୍ରୋନଗୁଡ଼ିକ "ସ୍ୱୟଂଚାଳିତ ପାଇଁ ଡିଜାଇନ୍ କରାଯାଇଛି, ସ୍ଥିତି ଅନୁଯାୟୀ ରଣନୀତି ବନାଇ ଆକ୍ରମଣ ପାଇଁ ଏହି ଡ୍ରୋନ୍ ବେଶ୍ ମାହିର୍ । କିଛି ଡ୍ରୋନ ଷ୍ଟାରଲିଙ୍କ ଟର୍ମିନାଲ ସହିତ ସଜ୍ଜିତ ହୋଇଥାଏ ଓ ସେଗୁଡ଼ିକ ଆକ୍ରମଣ କରିବାରେ ଦକ୍ଷ ବୋଲି ବିବେଚନା କରାଯାଏ । ଷ୍ଟାରଲିଙ୍କ ଟର୍ମିନାଲ ଏହି ଡ୍ରୋନ୍ ଗୁଡ଼ିକୁ ଏକ



ଉନ୍ନତ ଲଢୁଆ ଡ୍ରୋନ ବନାଇଥାଏ । ଆଉ ଏହି ଘାତକ ଡ୍ରୋନ୍ ସାହାର୍ଯ୍ୟରେ ଇରାନ୍ ଉପରେ ଆମେରିକା ଆକ୍ରମଣ କରିଛି ।

କେବଳ ଡ୍ରୋନ୍ ନୁହେଁ ଇରାନ ଉପରେ ଆକ୍ରମଣ ପାଇଁ ଆମେରିକା ଟୋମାହକ୍ କ୍ରୁଜ୍ ମିସାଇଲ ସହିତ ଟୋମାହକ୍ ଲଢୁଆ ବିମାନର ବି ବ୍ୟବହାର କରିଛି । ଆମେରିକାର କେନ୍ଦ୍ରୀୟ କମାଣ୍ଡ ଅପରେସନ୍ ଏପିକ୍ ଫ୍ୟୁରି ଅଧୀନରେ ଇରାନ ଉପରେ ଆକ୍ରମଣର ବିବରଣୀ ପ୍ରକାଶ କରିଛି । ଏଥିରେ ଟୋମାହକ୍ ମିସାଇଲ୍, ଏଫ୍-୧୮ ଓ ଏଫ୍-୩୫ ଲଢୁଆ ବିମାନ ବାବଦରେ ସୂଚନା ଦିଆଯାଇଛି ।

# ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ସ୍ଥଗିତ କଲା ସିବିଏସଇ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଛି । ଇସ୍ରାଏଲ୍ ଓ ଆମେରିକା ଇରାନ ଉପରେ ଯେତେକି ଆକ୍ରମଣ କରୁଛନ୍ତି ଇରାନ ବି ଆମେରିକାକୁ ଟାର୍ଗେଟ୍ କରି ଏହାର ସାମରିକ ଘାଟି ଉପରେ ଆକ୍ରମଣ ଜାରି ରଖିଛି । ଫଳରେ ଇରାନ ସହିତ କତାର, ୟୁଏଇ, ବାହାରିନ, ସାଇପ୍ରସ, ଇରାକ ଲେବାନନ ଭଳି ଦେଶ ଯୁଦ୍ଧର ତାଣ୍ଡବର ଶିକାର ହେଉଛନ୍ତି । ଏହିଭଳିପରିସ୍ଥିତିକୁ ନଜରରେ ରଖି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ମାର୍ଚ୍ଚ ୨ରେ ହେବାକୁ ଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖିଛି । ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ପରୀକ୍ଷା ନେଇ ନୂଆ ତାରିଖ ପରେ ଘୋଷଣା କରାଯିବ । ଓମାନ, କତାର, ସାଉଦି ଆରବ ବାହାରିନ, ଇରାନ, କୁୱେତ ଏବଂ ୟୁଏଇ ସମେତ ଅନେକ ମଧ୍ୟପ୍ରାଚ୍ୟ ଦେଶରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ପାଇଁ ପରୀକ୍ଷା ସ୍ଥଗିତ ରଖାଯାଇଛି । ବୋର୍ଡ ମାର୍ଚ୍ଚ ୩ରେ ପୁଣିଥରେ ପରିସ୍ଥିତି ସମୀକ୍ଷା କରି ୫ ମାର୍ଚ୍ଚରୁ ନିର୍ଦ୍ଧାରିତ ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନେବ ବୋଲି ନୋଟିସ ଜାରି କରିଛି ।

# ବଢ଼ିଲା ସୁନା ରୂପା ଦର

ନୂଆଦିଲ୍ଲୀ: ଭାରତରେ ସୁନା ମୂଲ୍ୟ ପୁଣି ଥରେ ନିବେଶକ ଏବଂ କ୍ରେତାଙ୍କ ହୃଦୟ ସ୍ପନ୍ଦନ ବୃଦ୍ଧି କରିଛି । ୧ ମାର୍ଚ୍ଚ, ୨୦୨୬ ରେ, ଦେଶରେ ସୁନା ମୂଲ୍ୟ ସେମାନଙ୍କର ରେକର୍ଡ ସର୍ବାଧିକ ନିକଟତର ହୋଇଛି । ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଏବେ ସାଧାରଣ ଲୋକଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଇଛି । ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ଦିନରେ ସୁନା ଏବଂ ରୂପା ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ ।

ଗୁଡ୍ ରିଟର୍ଣ୍ଣସ୍ ୱେବସାଇଟରେ, ମାର୍ଚ୍ଚ ୧ ରେ ସୁନା ମୂଲ୍ୟ ୨୪ କ୍ୟାରେଟ୍ ସୁନା ପାଇଁ ପ୍ରତି ଗ୍ରାମ ୧୬,୮୭୧ ଟଙ୍କା, ୨୨ କ୍ୟାରେଟ୍ ସୁନା ପାଇଁ ୧୫,୪୬୩ ଟଙ୍କା ଏବଂ ୧୮ କ୍ୟାରେଟ୍ ସୁନା ପାଇଁ ୧୨,୬୫୩ ଟଙ୍କା ରେକର୍ଡ କରାଯାଇଛି । MCX ରେ, ୨୪ କ୍ୟାରେଟ୍ ସୁନାର ୧ ଗ୍ରାମ ମୂଲ୍ୟ ୧୬,୧୫୮ ପ୍ରତି ଗ୍ରାମ ଏବଂ ୧,୬୧,୫୮୦ ଟଙ୍କା ପ୍ରତି ୧୦ ଗ୍ରାମ ରହିଛି ।

ବିଶ୍ୱବ୍ୟାପୀ ନିବେଶକମାନେ ସଙ୍କଟ ସମୟରେ ସୁନାକୁ ସବୁଠାରୁ ନିରାପଦ ନିବେଶ ବୋଲି ବିବେଚନା କରନ୍ତି । ମଧ୍ୟପ୍ରାଚ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଖବର ବ୍ୟବସାୟୀମାନଙ୍କୁ ସତର୍କ କରାଇ ଦେଇଛି । ବିଶେଷଜ୍ଞମାନେ ବିଶ୍ୱାସ



କରନ୍ତି ଯେ ସୋମବାର ଭାରତୀୟ ସାମଗ୍ରୀ ବଜାର ଖୋଲିବା ମାତ୍ରେ ମୂଲ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇପାରେ । ଯେତେବେଳେ ଆନ୍ତର୍ଜାତୀୟ ବିପଦ ବୃଦ୍ଧି ପାଏ, ନିବେଶକମାନେ ଷ୍ଟକ୍ ବଜାର ଏବଂ କ୍ରିପ୍ଟୋକରେନ୍ସି ଭଳି ବିପଦପୂର୍ଣ୍ଣ ସମ୍ପତ୍ତିରୁ ସୁନାକୁ ପାଣ୍ଠି ସ୍ଥାନାନ୍ତର କରନ୍ତି ।

# କୁଏତରେ ଥିବା ଆମେରିକୀୟ ନୌସେନା ଘାଟି ଧ୍ୱଂସ

ନୂଆଦିଲ୍ଲୀ: ରବିବାର ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ୍ (ଆଇଆର୍ଜିସି) ଦାବି କରିଛି ଯେ ଏହା କୁଏତରେ ଥିବା ଆମେରିକାର ଏକ ନୌସେନା ଘାଟି ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଦ୍ୱାରା ଆକ୍ରମଣ କରି ଏହାକୁ ଧ୍ୱଂସ କରିଦେଇଛି ।ଆମେରିକା ଓ ଇସ୍ରାଏଲ ଇରାନ ଉପରେ ମିଳିତ ଆକ୍ରମଣ ଆରମ୍ଭ କରିବା ପରେ ଏହି ଆକ୍ରମଣ ଘଟିଛି ଏବଂ ତେହେରାନ ଏହି ଆକ୍ରମଣରେ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ମୃତ୍ୟୁକୁ ନିଶ୍ଚିତ କରିଛି ।

ଆଇଆର୍ଜିସି କହିଛି ଯେ, କୁଏତର ଅବଦୁଲ୍ଲା ମୁବାରକ ଅଞ୍ଚଳରେ ଥିବା ଆମେରିକୀୟ ନୌସେନା ଘାଟି ଉପରେ ଚାରିଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ୧୨ଟି ଡ୍ରୋନ୍ ମାଡ଼ କରାଯାଇଛି । ଭାରତରେ ଥିବା ଇରାନ ଦୂତାବାସ ପକ୍ଷରୁ ପୋଷ୍ଟ କରାଯାଇଥିବା ବିବୃତିରେ ଆହୁରି ଦାବି କରାଯାଇଛି ଯେ, ଆମେରିକୀୟ ଜାହାଜ ପାଇଁ ଗୋଳାବାରୁଦ ପରିବହନ କରୁଥିବା ଏକ ଏମ୍ଏସ୍ସି



ଜାହାଜ ଉପରେ ଜେବେଲ ଅଲ୍ଲୀ ଆଙ୍କରେଜରେ ଚାରୋଟି ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଥିଲା, ଯାହା ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି । ଆମେରିକୀୟ ଜାହାଜ ପାଇଁ ଇନ୍ଧନ ପରିବହନ କରୁଥିବା ଏକ ଏମ୍ଏସ୍ସି-ଶ୍ରେଣୀର ଯୁଦ୍ଧ ସହାୟତା ଜାହାଜ ମଧ୍ୟ ଇରାନର କାଦର ୩୮୦ କ୍ଷେପଣାସ୍ତ୍ର ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି ।

ଇରାନ ଦ୍ୱାରା ବର୍ଣ୍ଣିତ କ୍ଷୟକ୍ଷତିର ପରିମାଣ ବିଷୟରେ କୁଏତ ସରକାର କିମ୍ବା ଆମେରିକା ପକ୍ଷରୁ ତୁରନ୍ତ କୌଣସି ନିରପେକ୍ଷ ନିଶ୍ଚିତତା ମିଳିନାହିଁ । ଏହା ପୂର୍ବରୁ କୁଏତର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ କହିଥିଲା ଯେ, ଏକ ଡ୍ରୋନ୍ ମୁଖ୍ୟ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଟାର୍ଗେଟ୍ କରିଥିଲା, ଯେଉଁଥିରେ ଅନେକ କର୍ମଚାରୀ ଆହତ ହୋଇଥିଲେ । ରାଷ୍ଟ୍ରାୟତ୍ତ ସମ୍ବାଦ ଏଜେନ୍ସି ଏହା ମଧ୍ୟ ରିପୋର୍ଟ କରିଛି ଯେ, ଅଲ୍ଲୀ ଅଲ୍-ସାଲେମ୍ ଏୟାର୍ ବେସ୍ ଉପରେ ହୋଇଥିବା ଆକ୍ରମଣରେ ତିନି ଜଣ ସୈନିକ ଆହତ ହୋଇଛନ୍ତି । ତେବେ ଆମେରିକା ସେନା କହିଛି ଯେ ଏହା ରିପୋର୍ଟର ଅନୁଧ୍ୟାନ କରୁଛି ଏବଂ ଏହା ଏହି ଅଞ୍ଚଳରେ ଥିବା ଏହାର ଘାଟିରେ ମୃତାହତଙ୍କ ସଂଖ୍ୟା ନିଶ୍ଚିତ କରିନାହିଁ । ଏହା ପୂର୍ବରୁ ଇରାନର ଶହ ଶହ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ସତ୍ତ୍ୱେ ଆମେରିକାର କୌଣସି କ୍ଷୟକ୍ଷତି ହୋଇ ନ ଥିବା ଏବଂ ସର୍ବନିମ୍ନ କ୍ଷୟକ୍ଷତି ହୋଇଥିବା ରିପୋର୍ଟ କରିଥିଲା ।

# ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ

ତେହରାନ୍: ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଅଲି ଖେମିନିଙ୍କ ମୃତ୍ୟୁ ପରେ ବିଶ୍ୱବ୍ୟାପୀ ଅନେକ ଦେଶରେ ପ୍ରତିବାଦ ଆରମ୍ଭ ହୋଇଥିବା ସମୟରେ, ଓମାନ ରବିବାର କହିଛି ଯେ ଷ୍ଟ୍ରେଟ୍ ଅଫ ହର୍ମୁଜରେ ଏକ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଛି, ଯେଉଁଥିରେ ଭାରତୀୟ କ୍ରୁ ସଦସ୍ୟଙ୍କ ସମେତ ଚାରି ଜଣ ନାବିକ ଆହତ ହୋଇଛନ୍ତି ।

ସରକାରୀ ଓମାନ ନ୍ୟୁଜ୍ ଏଜେନ୍ସି କହିଛି ଯେ ଏହି ଆକ୍ରମଣ ପାଲାଉ ପତାକାଧାରୀ ସ୍କାଏଲାଇଟ୍ ନାମକ ଜାହାଜକୁ ଟାର୍ଗେଟ କରି କରାଯାଇଥିଲା । ଏଥିରେ ଆହତ କର୍ମଚାରୀମାନଙ୍କୁ ଭାରତୀୟ ଓ ଇରାନୀ ବୋଲି ଦର୍ଶାଯାଇଛି । ଜାହାଜ ଉପରେ କିଏ ଆକ୍ରମଣ କରିଥିଲା ତାହା ସ୍ପଷ୍ଟ ନୁହେଁ, କିନ୍ତୁ ଅଧିକାରୀମାନଙ୍କ କହିବା ଅନୁଯାୟୀ, ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରଠାରୁ ଇରାନ ରେଡିଓ ମାଧ୍ୟମରେ ଏହି କରିଡର ଦେଇ ଯାଉଥିବା ଜାହାଜଗୁଡ଼ିକୁ ଧମକ ଦେଉଛି ।

ଜଣେ ନୌସେନା ଅଧିକାରୀଙ୍କ ଅନୁଯାୟୀ, ଇରାନର ରିଭଲ୍ୟୁସନରୀ ଗାର୍ଡ, ଜାହାଜଗୁଡ଼ିକୁ ଚେତାବନୀ ଦେଇଛି ଯେ ଷ୍ଟ୍ରେଟ୍ ହର୍ମୁଜ୍ ଦେଇ ଯିବାକୁ ଅନୁମତି ନାହିଁ । ଏହି ସଂକୀର୍ଣ୍ଣ ଜଳପଥରେ ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ତୈଳ ରପ୍ତାନି ହୋଇଥାଏ, କିନ୍ତୁ ବର୍ତ୍ତମାନ ଯୁଦ୍ଧ ପରିସ୍ଥିତି ପାଇଁ ପରିବହନ କରୁଥିବା ଜାହାଜଗୁଡ଼ିକ ପାଇଁ ଏହି ଜଳପଥ ବାରଣ କରାଯାଇ । ତୈଳ କାରବାରରେ ଷ୍ଟ୍ରେଟ୍ ହର୍ମୁଜ ଏସିଆ, ୟୁରୋପ, ଉତ୍ତର ଆମେରିକା ଓ ଅନ୍ୟତ୍ର ବଜାର ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ କରିଡର । ଏହି କରିଡର ଦେଇ ଯାଉଥିବା ୮୦ ପ୍ରତିଶତରୁ ଅଧିକ ତୈଳ ଓ ଗ୍ୟାସ ଏସୀୟ ବଜାରକୁ ଯାଏ । ତେଣୁ ଏହି କରିଡର ପ୍ରଭାବିତ ହେଲେ ସାରା ବିଶ୍ୱ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି କୁହାଯାଇପାରେ ।

# ଆପଣଙ୍କ ଯୁଦ୍ଧ ପଡ଼ୋଶୀ ସହ ନୁହେଁ: ୟୁଏଇ ରାଷ୍ଟ୍ରପତି

ଆବୁଧାବି: ଆମେରିକାର ଆକ୍ରମଣ ପରେ ଇରାନ ୟୁଏଇ, କତର ପ୍ରଭୃତି ପଡ଼ୋଶୀ ଦେଶଗୁଡ଼ିକ ଉପରେ ଆକ୍ରମଣ କରୁଥିବାରୁ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ର ରାଷ୍ଟ୍ରପତି ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ୍ ଇରାନକୁ ସମାଲୋଚନା କରିଛନ୍ତି । ସେ ଇରାନକୁ ଚେତାଇ ଦେଇଛନ୍ତି ଯେ, ଏହାର ଯୁଦ୍ଧ ୟୁଏଇ ପରି ପଡୋଶୀ ଦେଶ ସହିତ ନୁହେଁ । ଉପସାଗରୀୟ ଦେଶଗୁଡ଼ିକ ବିରୋଧରେ ଇରାନର ଆକ୍ରମଣ ଏକ ଭୁଲ ହିସାବ ଥିଲା । ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଇରାନକୁ ବିଚ୍ଛିନ୍ନ କରିଥିଲା । ୟୁଏଇ ରାଷ୍ଟ୍ରପତିଙ୍କ କୂଟନୈତିକ ପରାମର୍ଶଦାତା ଅନୱାର ଗର୍ଗାଶ କହିଛନ୍ତି ଯେ, ଆପଣଙ୍କ ଯୁଦ୍ଧ ଆପଣଙ୍କ ପଡ଼ୋଶୀଙ୍କ ସହ ନୁହେଁ । ପଡ଼ୋଶୀମାନଙ୍କ ସହିତ ଯୁକ୍ତିଯୁକ୍ତ ଓ ଦାୟିତ୍ୱବାନ ଭାବରେ ମୁକାବିଲା କରନ୍ତୁ ।

ଇରାନର ସର୍ବୋଚ୍ଚ ନେତା ଅଲ୍ଲୀ ଖେମିନିଙ୍କୁ ହତ୍ୟା କରିଥିବା ଆମେରିକା ଓ ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ପ୍ରତିଶୋଧ ନେବାକୁ



ଇରାନ ସଂଯୁକ୍ତ ଆରବ ଏମିରେଟ୍ସର ଅନେକ ପ୍ରଦେଶକୁ ଟାର୍ଗେଟ୍ କରିବା ପରେ ୟୁଏଇ ଏହି ମନ୍ତବ୍ୟ ଦେଇଛି । ଶନିବାର ଇରାନର କ୍ଷେପଣାସ୍ତ୍ର ଆବୁଧାବିର ଦକ୍ଷିଣ ଭାଗରେ ଥିବା ଅଲ୍-ଧର୍ଫା ଆମେରିକା ଘାଟିକୁ ଧକ୍କା ଦେଇଥିଲା । ଅଲ୍ ଧର୍ଫା ବ୍ୟତୀତ ଆବୁଧାବିର ଅନ୍ୟାନ୍ୟ ଅଞ୍ଚଳ ମଧ୍ୟ ସେହି ଦିନ ଇରାନର କ୍ଷେପଣାସ୍ତ୍ର ଦ୍ୱାରା ଦୋହଲି ଯାଇଥିଲା ।

ରାତିସାରା ଇରାନ ପ୍ରତିଶୋଧ ପରାୟଣ ଆକ୍ରମଣ ଜାରି ରଖିଥିବା ବେଳେ ଐତିହାସିକ ବୁର୍ଜ ଅଲ ଆରବ ହୋଟେଲ ଗୁରୁତର କ୍ଷତିଗ୍ରସ୍ତ ହୋଇଛି । କେବଳ ୟୁଏଇ ନୁହେଁ, ଅନ୍ୟ କେତେକ ଉପସାଗରୀୟ ଦେଶ ମଧ୍ୟ ଇରାନର କ୍ଷେପଣାସ୍ତ୍ର ମାଡ଼ର ଶିକାର ହୋଇଥିଲେ । ରବିବାର ଦୁବାଇ ଓ କତରର ରାଜଧାନୀ ଦୋହାରେ ପ୍ରଚଣ୍ଡ ବିସ୍ଫୋରଣ ଶୁଣିବାକୁ ମିଳିଥିଲା । ଇସଲାମିକ୍ ରିପବ୍ଲିକ୍ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣର ଜବାବରେ ପଡୋଶୀ ଗଲ୍ଫ ଦେଶଗୁଡ଼ିକ ଉପରେ ଇରାନ ଦାଉ ସାଧିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ ବୋଲି ୟୁଏଇ ରାଷ୍ଟ୍ରପତି କହିଛନ୍ତି ।

# ବିଶ୍ୱରେ ୧,୮୦୦ରୁ ଅଧିକ ବିମାନ ଉଡ଼ାଣ ଠପ୍

ନୂଆଦିଲ୍ଲୀ: ଇସ୍ରାଏଲ ଓ ଆମେରିକା ପକ୍ଷରୁ ଇରାନ ଉପରେ ମିଳିତ ଆକ୍ରମଣ ଯୋଗୁ ମଧ୍ୟପ୍ରାଚ୍ୟରେ ପରିସ୍ଥିତିକୁ ଅଧିକ ଖରାପ କରିଛି । ଫଳସ୍ୱରୂପ, ମଧ୍ୟପ୍ରାଚ୍ୟରେ ବିମାନ ସେବା ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଛି । ଅନେକ ଦେଶ ସେମାନଙ୍କର ଆକାଶପଥ ବନ୍ଦ କରିଦେଇଛନ୍ତି । ୟୁରୋପ, ଆଫ୍ରିକା ଏବଂ ଏସିଆକୁ ସଂଯୋଗ କରୁଥିବା ପ୍ରମୁଖ ବିମାନବନ୍ଦରଗୁଡ଼ିକ ପ୍ରଭାବିତ ହୋଇଛି । ଯାହା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏମିରେଟ୍ସ ଏୟାରଲାଇନ୍ସ ରବିବାର ଅପରାହ୍ନ ପର୍ଯ୍ୟନ୍ତ ଦୁବାଇକୁ ଏବଂ ସେଠାରୁ ସମସ୍ତ ବିମାନ ଉଡ଼ାଣକୁ ସ୍ଥଗିତ ରଖିଛି । କତାର ଏୟାରୱେଜ୍ କହିଛି ଯେ, ସୋମବାର ସକାଳ ପର୍ଯ୍ୟନ୍ତ କତାର ବିମାନବନ୍ଦର ବନ୍ଦ ରହିବ । ଆକ୍ରମଣ ପରେ ଇସ୍ରାଏଲ ତୁରନ୍ତ ନିଜର ଆକାଶ ମାର୍ଗ ବନ୍ଦ କରିଦେଇଛି । ସଂଯୁକ୍ତ ଆରବ ଏମିରେଟ୍ସ ଅସ୍ଥାୟୀ ଏବଂ ଆଂଶିକ ଆକାଶ ମାର୍ଗ ବନ୍ଦ ଘୋଷଣା କରିଛି ।

ଇସ୍ରାଏଲ, କତାର, ସିରିଆ, ଇରାନ, ଇରାକ, କୁଏତ ଏବଂ ବାହାରିନ ଶନିବାର ଦିନ ସେମାନଙ୍କର ଆକାଶପଥ ବନ୍ଦ କରିଦେଇଛନ୍ତି । ଯାହା ଫଳରେ ହଜାର ହଜାର ଯାତ୍ରୀ ଫସି ରହିଛନ୍ତି । ଅନେକ ସେଲିବ୍ରିଟିଙ୍କ ସମେତ ଲୋକମାନେ ବିମାନବନ୍ଦରରେ ରାତି ବିତାଇବାକୁ ବାଧ୍ୟ ହୋଇଛନ୍ତି ।

ଦୁବାଇ, ଆବୁଧାବି ଏବଂ ଦୋହା ଭଳି ପ୍ରମୁଖ ପରିବହନ କେନ୍ଦ୍ରଗୁଡ଼ିକ ବନ୍ଦ ହୋଇଯିବା ଫଳରେ ଏପର୍ଯ୍ୟନ୍ତ ବିଶ୍ୱରେ ୧,୮୦୦ରୁ ଅଧିକ ବିମାନ ବାତିଲ ହୋଇଛି । ବିମାନ ଚଳାଚଳ ତଥ୍ୟ ସଂସ୍ଥା ସିରିୟମ୍ ଅନୁଯାୟୀ, ପ୍ରତିଦିନ ପ୍ରାୟ ୯୦,୦୦୦ ଯାତ୍ରୀ ଏହି କେନ୍ଦ୍ରଗୁଡ଼ିକ ଦେଇ ଯାତାୟାତ



କରିଥାନ୍ତି । ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆଗାମୀ ଦିନ ପାଇଁ ପରିସ୍ଥିତି ମଧ୍ୟ ସମାନ ରହିବ ବୋଲି ଆଶା କରାଯାଉଛି ।

ଭାରତୀୟ ବିମାନ କମ୍ପାନି ଏୟାର ଇଣ୍ଡିଆ ଏହାର ସମସ୍ତ ଉଡ଼ାଣକୁ ସ୍ଥଗିତ ରଖିଛି । ତୁର୍କୀସ୍ ଏୟାରଲାଇନ୍ସ ସୋମବାର ପର୍ଯ୍ୟନ୍ତ ଲେବାନନ୍, ସିରିଆ, ଇରାକ, ଇରାନ ଏବଂ ଜୋର୍ଡାନକୁ ଉଡ଼ାଣକୁ ସ୍ଥଗିତ ରଖିଛି । ସ୍ୱାଭାବିକ ସ୍ଥିତି ଆଶାରେ ଯାତ୍ରୀମାନେ ଅନେକ ସହରରେ ଫସି ରହିଛନ୍ତି । ଅନେକ ବିମାନ କମ୍ପାନି ଯାତ୍ରୀମାନଙ୍କୁ ବିମାନବନ୍ଦରକୁ ଯିବା ପୂର୍ବରୁ ଅନଲାଇନରେ ସେମାନଙ୍କର ଉଡ଼ାଣର ସ୍ଥିତି ଯାଞ୍ଚ୍ କରିବାକୁ ପରାମର୍ଶ ଦେଇଛନ୍ତି ।

ଇରାନ ଦୁବାଇ ବିମାନବନ୍ଦର ସମେତ ଅନେକ ଦେଶରେ ଆକ୍ରମଣ କରି ଇସ୍ରାଏଲ ଆକ୍ରମଣର ପ୍ରତିଶୋଧ ନେଇଛି । ଶନିବାର ସନ୍ଧ୍ୟାରୁ ଇରାନ ଆକ୍ରମଣ ଚଳାଇଛି । ଦୁବାଇ ବିମାନବନ୍ଦର ଆକ୍ରମଣରେ ଏପର୍ଯ୍ୟନ୍ତ ଚାରି ଜଣ ଆହତ ହୋଇଛନ୍ତି । ଆବୁଧାବିରେ ଡ୍ରୋନ୍ ଆକ୍ରମଣରେ ଜଣେ ପ୍ରାଣ ହରାଇଛନ୍ତି ଏବଂ ସାତ ଜଣ ଆହତ ହୋଇଛନ୍ତି । କୁଏତ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଧ୍ୟ ଆକ୍ରମଣ ହୋଇଥିବା ରିପୋର୍ଟ ହୋଇଛି । ଇରାନ ଏହି ଆକ୍ରମଣ ପାଇଁ ଦାୟୀ ନୁହେଁ, କିନ୍ତୁ ଏହି ଆକ୍ରମଣ ଇରାନ ଦ୍ୱାରା କରାଯାଉଛି ।

# ଟି -୨୦ ବିଶ୍ୱକପ୍

# ସଞ୍ଜୁ ଦେଲେ ସେମି ଟିକେଟ୍

କୋଲକାତା, ୧୩ (ଏଜେନ୍ସି) : ଐତିହାସିକ ଇଡେନ୍ ଗାର୍ଡେନରେ ସଞ୍ଜୁ ସାମସନ୍ ଇତିହାସ ରଚିଛନ୍ତି। ୫୦ ବଲରୁ ୯୭ ରନର ବିସ୍ଫୋରକ ମ୍ୟାଚ ବିଜୟୀ ଇନିଂସ ଖେଳି ଜିରୋରୁ ହିରୋ ବନିଯାଇଛନ୍ତି। ସର୍ବଦା ଖରାପ ଫର୍ମକୁ ନେଇ ସମାଲୋଚନା ତଥା ଉପେକ୍ଷିତ ହେଉଥିବା ସଞ୍ଜୁ ସାମସନ ବିଶ୍ୱକପର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବିଧ୍ୱଂସୀ ଇନିଂସ ଖେଳି ସମାଲୋଚନାକାରୀଙ୍କ ମୁହଁ ବନ୍ଦ କରିଦେଇଛନ୍ତି। କେବଳ ସେତିକି ନୁହେଁ ସଞ୍ଜୁଙ୍କ ଫର୍ମକୁ ଫେରିବା ତଥା ଭାରତ ସୁପର ୮ ରୁ ସେମିଫାଇନାଲକୁ ଉର୍ତ୍ତୀର୍ଣ୍ଣ ହେବା ବଡ ସଂଯୋଗ ଭଳି ହୋଇଛି। ସଞ୍ଜୁଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ । କାରଣ ମ୍ୟାଚ ଆରମ୍ଭରୁ ଶେଷ ଯାଏ ସେ ଇଣ୍ଡିଜ୍ ବୋଲରଙ୍କୁ ପ୍ରହାର କରିଚାଲିଥିଲେ। ସବୁ ଚାପକୁ ପାଦରେ ଚାପିଦେଇ ଦଳକୁ ସେମି ଟିକେଟ୍ ଦେଇଛନ୍ତି। ଆଗାମୀ ୫ ତାରିଖରେ ଟି -୨୦ ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ଏହି ମ୍ୟାଚରେ ପରସ୍ପରକୁ ଭେଟିବେ ଭାରତ ଓ ଇଂଲଣ୍ଡ। ଫାଇନାଲ ଟିକେଟ ହାତେଇବା ପାଇଁ ଉଭୟ ଦଳ ମଧ୍ୟରେ ହେବ ମହାସମର।

ଇଡେନ୍ ଗାର୍ଡେନରେ ଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ୱିକେଟ ହରାଇ ୧୯୫ ରନ କରିଥିଲା। ଜବାବରେ ଭାରତ ୧୯.୨ ଓଭରରେ ୧୯୯/୫ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। ଦୁଇଟି ଚମତ୍କାର କ୍ୟାଚ ସାଙ୍ଗକୁ ୫୦ ବଲରୁ ଅପରାଜିତ ୯୭ ରନର ଇନିଂସ ଖେଳିଥିବା ସଞ୍ଜୁ ସାମସନଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

୧୯୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଭାରତୀୟ ଦଳର ଦୁଇ ଓପନର ଅଭିଶେକ ଶର୍ମା ଓ ସଞ୍ଜୁ ସାମସନ ପାଳି ଆରମ୍ଭ କରିଥିଲେ। ପ୍ରଥମ ୱିକେଟ ପାଇଁ ୨୯ ରନର ପାର୍ଟନରସିପ ହୋଇଥିଲା। ବଡ ସଟ୍ ଖେଳିବାକୁ ଯାଇ ଅଭିଶେକ ଶର୍ମା ମାତ୍ର ୧୦ ରନ ସ୍କୋରରେ ଆଉଟ ହୋଇଥିଲେ। କିନ୍ତୁ ସଞ୍ଜୁଙ୍କ ବ୍ୟାଟରୁ ରନ ବାହାରିବା ଥମିନଥିଲା। ଇସାନ କିଶାନ ୬ ବଲରୁ ୧୦, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୮, ତିଲକ ବର୍ମା ୧୫ ବଲରୁ ୨୭, ହାର୍ଦ୍ଦିକ ପାଣ୍ଡ୍ୟା ୧୭ ରନ ତଥା ଶିବମ୍ ଦୁବେ ୪ ବଲରୁ ଅପରାଜିତ ୮ ରନ କରିଥିଲେ। ଶେଷ ଓଭରରେ ସଞ୍ଜୁ କ୍ରମାଗତ ଚୌକା ଓ ଛକା ମାରି ମ୍ୟାଚ ଶେଷ କରିଥିଲେ।




ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଇଣ୍ଡିଜ୍ ଆମନ୍ତ୍ରଣ ପାଇଥିଲା। ଦଳର ଦୁଇ ଓପନର ସାଇ ହୋପ୍ ଓ ରୋଷ୍ଟନ ଚେଜ୍ ଭଲ ଆରମ୍ଭ ଦେଇଥିଲେ। ଦୁଇ ବ୍ୟାଟର ୯ ଓଭରରେ ୬୮ ରନ ଯୋଡିଥିଲେ। ସାଇ ହୋପ୍ ୩୨ ରନ କରି ଆଉଟ ହୋଇଥିଲେ। ସିମରନ ହେଟମେୟାର ଦ୍ରୁତ ବ୍ୟାଟିଂ କରି ଟିମ୍ ଇଣ୍ଡିଆ ପାଇଁ ସଂକଟ ସୃଷ୍ଟି କରିଥିଲେ। ହେଟମେୟାର ୧୨ ବଲରୁ ୨୭ ରନ କରିଥିବା ବେଳେ ବୁମରାଙ୍କ ଦ୍ୱାରା ଆଉଟ ହୋଇ ପାଭିଲିୟନ ଫେରିଥିଲେ। ଫଳରେ ରନ ସଂଗ୍ରହ ହାରରେ ଅଙ୍କୁଶ ଲାଗିଥିଲା। ପଡିଆରେ ସମୟ ବିତାଇ ଭଲ ଖେଳୁଥିବା ରୋଷ୍ଟନ ଚେଜ୍ ୪୦ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ସେରଫାନେ ରଦରଫୋର୍ଡ ୧୪ ରନ କରି ପାଭିଲିୟନ ଫେରିଥିଲେ। ଏହାପରେ ରୋଭମ୍ୟାନ ପାୱେଲ ଓ ଜାସନ ହୋଲ୍ଡର ସ୍ଥିତି ସମ୍ଭାଳିଥିଲେ। ଉଭୟ ଭାରତୀୟ ବୋଲରଙ୍କୁ ପ୍ରହାର କରିଥିଲେ। ବିସ୍ଫୋରକ ବ୍ୟାଟିଂ କରି ପଞ୍ଚମ ୱିକେଟ ପାଇଁ ୭୬ ରନ ଯୋଡିଥିଲେ। ଫଳରେ ଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୧୯୫/୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ପାୱେଲ ୧୯ ବଲରୁ ୩ ଚୌକା ଓ ୨ ଛକା ସହାୟତାରେ ୩୪ ରନର ଅପରାଜିତ ଇନିଂସ ଖେଳିଥିଲେ। ଜାସନ୍ ହୋଲ୍ଡର ୨୨ ବଲରୁ ୨ ଚୌକା ଓ ୩ ଛକା ସହାୟତାରେ ୩୭ ରନ କରିଥିଲେ। ବୋଲିଂରେ ଭାରତର ଯଶପ୍ରୀତ ବୁମରା ୨ ୱିକେଟ ନେଇଥିଲେ ହେଁ ୩୬ ରନ ଦେଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଦ. ଆଫ୍ରିକାର କ୍ରମାଗତ ସପ୍ତମ ବିଜୟ

ନୂଆଦିଲ୍ଲୀ, ୧୩(ଏଜେନ୍ସି) : ଚଳିତ ଟି -୨୦ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଦ. ଆଫ୍ରିକା ଖେଳିଥିବା ସମସ୍ତ ୭ ଟି ଯାକ ମ୍ୟାଚ ଜିତି ସେମିଫାଇନାଲରେ ପ୍ରବେଶ କରିଛି। ସେମିରେ ନ୍ୟୁଜିଲାଣ୍ଡକୁ ଭେଟିବ ଦ. ଆଫ୍ରିକା। ଗ୍ରୁପ ପର୍ଯ୍ୟାୟର ସମସ୍ତ ୪ ଟି ମ୍ୟାଚ ଜିତି ସୁପର ୮ରେ ପ୍ରବେଶ କରିଥିବା ଦଳ । ସେହିଭଳି ସୁପର ୮ରେ ମଧ୍ୟ ଦ. ଆଫ୍ରିକା ସମସ୍ତ ୩ ଟି ଯାକ ମ୍ୟାଚ ଜିତିଛି। ଜିମ୍ବାୱେ ବିପକ୍ଷ ଶେଷ ମ୍ୟାଚରେ ଦ. ଆଫ୍ରିକା ୫ ୱିକେଟରେ ବିଜୟୀ ହୋଇଛି। ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୧୫୪ ରନ କରିଥିଲା। ସିକନ୍ଦର ରାଜା ୪୩ ବଲରୁ ୭୩ ରନ ସଂଗ୍ରହ କରିଥିଲେ। ଅନ୍ୟ କୌଣସି ମ୍ୟାଚ ଦ. ଆଫ୍ରିକା ବୋଲରଙ୍କ ଉଚିତ ମୁକାବିଲା କରିପାରିନଥିଲେ। କ୍ୱିଇନା ମାଫାକା ଏବଂ କୋରବିନ ବୋଷ୍ଟ ଦୁଇଟି କରି ୱିକେଟ ସଫଳତା ହାସଲ କରିଥିଲେ। ଜବାବରେ ଦ.ଆଫ୍ରିକା ୧୭.୫




ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏକଦା ୧୦୧ ରନରେ ୫ ୱିକେଟ ହରାଇ ବ୍ୟାକଫୁଟ୍‌କୁ ଚାଲିଯାଇଥିବା ଦ. ଆଫ୍ରିକାକୁ ତ୍ରିଷ୍ଟାଅନ ଷ୍ଟୁବସ ଓ ଜର୍ଜ ଲିଣ୍ଡେ ସଂକଟରୁ ଉଦ୍ଧାର କରିଥିଲେ। ଷ୍ଟୁବସ୍ ୨୧ ଓ ଲିଣ୍ଡେ ୩୦ ରନ କରି ଅପରାଜିତ ରହିଥିଲେ। ରିକେଲ ଟନ୍ ୩୧, ବ୍ରେଭିସ୍ ୪୨, ଡେଭିଡ୍ ମିଲର ୨୨ ରନ , ସିକନ୍ଦର ରାଜା ମଧ ବୋଲିଂରେ କମାଲ ଦେଖାଇ ୩ ୱିକେଟ ନେଇଥିଲେ। ତାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

## ଜାତୀୟ କରାଟେ ପ୍ରତିଯୋଗିତା

# ୮ ପଦକ ଜିତିଲେ ଓଡିଶା ପ୍ରତିଯୋଗୀ

ଭୁବନେଶ୍ୱର, ୧୩(ସବ୍ୟୁ) : ଦିଲ୍ଲୀର ତାଲକୋଟରା ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୨୧ ବର୍ଷରୁ କମ୍ ତଥା ବରିଷ୍ଠ ଜାତୀୟ କରାଟେ ପ୍ରତିଯୋଗିତାରେ ଓଡିଶା ପ୍ରତିଯୋଗୀ ୮ଟି ପଦକ ଜିତିଛନ୍ତି। ଏଥିରେ ୩ ଟି ସ୍ୱର୍ଣ୍ଣ, ୨ ଟି ରୌପ୍ୟ ଓ ୩ ଟି ବ୍ରୋଞ୍ଜ ପଦକ ରହିଛି।ପ୍ରତିଯୋଗିତାର ଶେଷ ଦିନ ମହିଳା ବରିଷ୍ଠ ଟିମ୍ କାଟାରେ ଭାଲେନାଭାଲେଣ୍ଟିନା, ସୁରୋମିତା ସିହ୍ନା, ଆଲିସା ସୁବୁଦ୍ଧି, ସୁପ୍ରିୟା ମହାନ୍ତି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।ବରିଷ୍ଠ ମହିଳା ଦଳଗତ ଫାଇଟ୍‌ରେ ଅନୁପମା ସ୍ୱାଇଁ, ସୋନାଲି ପାଣିଗ୍ରାହୀ, ଲୋମା ସ୍ୱାଇଁ, ବ୍ରତତି ବିଶ୍ୱପ୍ରଭା ପତି ଓ ମୋନାଲି ସାହୁ ବ୍ରୋଞ୍ଜ ପଦକ ଜିତିଛନ୍ତି। ବରିଷ୍ଠ ପୁରୁଷ ଟିମ୍ କାଟାରେ ଯୋଗେଶ ବରିହା, କ୍ରୀଷ୍ଣା ଶିକାରୀ, ମହେଶ ଡୋରା, କାମେଶ ମହାପାତ୍ର ପ୍ରମୁଖ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଜାତୀୟ ପ୍ରତିଯୋଗିତାରେ ଓଡିଶାକୁ ମୋଟ ୮ ଟି ପଦକ ମିଳିଛି। ଦଳ ସହ ରେଫରୀ ରାଜୀବ



କୁମାର ସିଂ, ପ୍ରବନ୍ଧକ ଅବିନାଶ ପୁହିର, କୋଚ୍ ଖାରବେଳ ମଲ୍ଲିକ, ଦୀପକ କୁମାର ସାମନ୍ତରା, ସନ୍ତୋଷ ମହାରଣା ଏବଂ ସିନ୍ଧୁ ତନୟା ଖୁଣ୍ଟିଆ( ମହିଳା ପ୍ରବନ୍ଧକ) ଭାବେ ଦଳ ସହ ଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ଓଡିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, ସଭାପତି ହରିପ୍ରସାଦ ପଟ୍ଟନାୟକ, ସଞ୍ଜୟ ଦାସ, ବରିଷ୍ଠ ଆଡଭୋକେଟ କାଳୀପ୍ରସାଦ ନନ୍ଦ, ସନତ ନାୟକ, ପ୍ରଶାନ୍ତ ଧଳ, ପ୍ରଦୀପ ସରକାର, ପ୍ରକାଶ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଓଡିଶା କରାଟେ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ନଳିନୀ ରାଜଗୁରୁ ସ୍ମାରକୀ ଓପନ ଚେସ୍

# ସଞ୍ଜିବନ ବିଜେତା

ଭୁବନେଶ୍ୱର, ୧୩(ସବ୍ୟୁ) : ପଞ୍ଚମ ନଳିନୀ ରାଜଗୁରୁ ମେମୋରିଆଲ୍ ଓପନ ଚେସ୍ ଚାମ୍ପିଅନସିପ୍‌ରେ ଯାଜପୁରର ସଞ୍ଜିବନ ନାୟକ ଚାମ୍ପିଅନ ହୋଇଛନ୍ତି। ୪ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ଦ୍ୱିତୀୟ, ଯାଜପୁରର ଦିପ୍ତୀରଞ୍ଜନ ନାୟକ ତୃତୀୟ, ନଟବର ଦାସ ଚତୁର୍ଥ, ସାଇସା ସାହୁ ପଞ୍ଚମ, ଆୟୁଷ୍ମାନ



ବେହେରା ଷଷ୍ଠ, ସୁରଜିତ ନାୟକ ସପ୍ତମ, ମନୀଷ ରଞ୍ଜନ ଦାସ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ସ୍ୱତନ୍ତ୍ର ଭାବେ ୪ ଜଣ ଏବଂ ବିଭିନ୍ନ ବୟସ ବର୍ଗରେ ୬ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସପାଲ ସର୍ବେଶ୍ୱର ସାମଲ, ଗୋଦରେଜ୍ କମ୍ପାନୀର ଜେନେରାଲ ମ୍ୟାନେଜର ଦିବେନ୍ଦୁ ରାଜଗୁରୁ, ଓଡିଶା ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଇନଫୋସିସ୍ ଗ୍ରୁପ ମ୍ୟାନେଜର ସିପେନ୍ଦୁ ରାଜଗୁରୁ, ସ୍ୱର୍ଗତ ନଳିନୀ ରାଜଗୁରୁଙ୍କ ବହୂ ରୋଜାଲିନ ରାଜଗୁରୁ ଏବଂ ନାତି ଶ୍ରେୟାଂଶୁ ରାଜଗୁରୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଉମା ମାହେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଆଠମଲ୍ଲିକ, (ସବ୍ୟୁ) : ମିନିଷ୍ଟାଡିୟମ ଖେଳ ପଡ଼ିଆରେ ଆଠମଲ୍ଲିକ ୟୁଥ ଆନୁକୂଲ୍ୟରେ ମା ମାହେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଫାଇନାଲ ମ୍ୟାଚ ଭୁବନେଶ୍ୱର ଏବଂ କନ୍ଧମାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କନ୍ଧମାଳର ଖେଳାଳି ୨ ଟି ଗୋଲ ଦେଇଥିଲେ। ଖେଳର ଅନ୍ତିମ ପର୍ଯ୍ୟାୟ ରେ ଭୁବନେଶ୍ୱର ଏକ ଗୋଲ ପରିଶୋଧ କରିଥିଲେ। ଯାହା ଫଳରେ ୨ ୧ ଗୋଲ ରେ କନ୍ଧମାଳ ବିଜୟୀ ହୋଇ ଚମ୍ପିୟାନ ହୋଇଥିବା ବେଳେ ଭୁବନେଶ୍ୱର ରନର୍ସ ଅପ ହୋଇଛି। ଏହି ମ୍ୟାଚ ରେ ମୁଖ୍ୟ ରେଫରୀ ଭାବରେ ଶଶିକାନ୍ତ ଦାଶିଆ, ଲାଇନ୍ସ ମ୍ୟାନ ଭାବରେ ଦେବବ୍ରତ ବେହେରା, ଗରୀବ ବେହେରା ଏବଂ ଚତୁର୍ଥ ରେଫରୀ ଭାବରେ ଅର୍ଜୁନ ନାଏକ ଖେଳକୁ ପରିଚାଳନା କରିଥିଲେ। ଉଦଯାପନୀ ଦିବସ ଅବସରରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ବିଧାୟକ ଙ୍କ ନଳିନୀକାନ୍ତ ପ୍ରଧାନ, ସଂମ୍ମାନିତ ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗ ଦେଇ ଉଭୟ ଦଳ ର ଖେଳାଳି ମାନଙ୍କ ସହ କର ମର୍ଦନ କରିବା ସହ ଉତ୍ସାହିତ କରିଥିଲେ। ଶେଷରେ ଚମ୍ପିୟାନ କନ୍ଧମାଳ ଓ ରନର୍ସଅପ ଭୁବନେଶ୍ୱର ଦଳକୁ ଟ୍ରଫି ଏବଂ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା ବେଳେ ଆଠମଲ୍ଲିକ କ୍ରୀଡ଼ା ସଂସଦ ର ପୂର୍ବତନ ଫୁଟବଲ ଖେଳାଳି ମାନଙ୍କୁମଧ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରା ଯାଇଥିଲା। କନ୍ଧମାଳ ଦଳ ର ସତ୍ୟବ୍ରତ ସାହୁ ବେଷ୍ଟ ସ୍କୋର ର ଭାବେ ସଂମ୍ମାନିତ କରା ଯାଇଥିଲା। ଆଠମଲ୍ଲିକୟୁଥ ର ସଭାପତି ହୁସେନ ଖାଁ, ସମ୍ପାଦକ ଅବିନାଶ ଷଡ଼ଙ୍ଗୀ, ସଦସ୍ୟ ମହେନ୍ଦ୍ର ସାହୁଁ,ସୁବୋଧ ମହାକୁଡ଼, ବିଶ୍ୱମ୍ଭର ବେହେରା, ଅନିଲ ମହାଲିକ, ଜୀବନ ଜ୍ୟୋତି ମୁଖି, ସିଦ୍ଧାର୍ଥ ଶଙ୍କର ମହାକୁଡ଼, ପ୍ରଦୀପ ଦାଶ, ବିବେକାନନ୍ଦ ଭୁକ୍ତା, ଅସିତ ପାଢ଼ୀ, ଶିତେଶ ରଥ,ସାଗର ପ୍ରଧାନ, ବିକାଶ ବେହେରା, ଆକାଶ ବେହେରା, ଛବିଳ ବେହେରାଙ୍କ ସମେତ ଆଠମଲ୍ଲିକୟୁଥର ସମସ୍ତ ସଦସ୍ୟ ଉପସ୍ଥିତ ରହି ମ୍ୟାଚ ପରିଚାଳନା ରେ ସହଯୋଗ କରିଥିଲେ। ସେହିପରି ଝାରସୁଗୁଡା ଏବଂ ଦେବଗଡ଼ ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡା ଚାମ୍ପିୟନ ହୋଇଥିବା ବେଳେ ଦେବଗଡ଼ ରନର୍ସ ଅପ ହୋଇଥିଲା। ଉଭୟ ଝାରସୁଗୁଡା ଓ ଦେବଗଡ଼ ଦଳକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଖେଳ ପଡ଼ିଆ ର ଉନ୍ନତି କରଣ ପାଇଁ ୯ କୋଟି ରୁ ଉର୍ଦ୍ଧ ଟଙ୍କା ବିନିମୟରେ କ୍ରୀଡା ପରିସର ଯୋଜନାର ନିର୍ମାଣ ପାଇଁ ବିଧାୟକ ଘୋଷଣା କରିଥିଲେ।

# ପିଣ୍ଟୁ ମାଝୀ ମେମୋରିଆଲ କ୍ରିକେଟ : ଫାଇନାଲରେ ତରଙ୍ଗୀରା ଟିମ

ଗୋପ, ୧୩(ସବ୍ୟୁ) : ଗୋପ ବ୍ଲକ ଏରବଙ୍ଗ ପଞ୍ଚାୟତ ତରଙ୍ଗୀରା ଗାଁରେ ଅନୁଷ୍ଠିତ ତୃତୀୟ ବାର୍ଷିକ ପିଣ୍ଟୁ ମାଝୀ ମେମୋରିୟାଲ କ୍ରିକେଟ କପ, ଫାଇନାଲରେ ତରଙ୍ଗୀରା କ୍ରିକେଟ ଟିମ ଫାଇନାଲରେ ପ୍ରବେଶ କରିଛି। ଆଜି ପ୍ରଥମ ସେମିଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସମାଜ ସେବୀ ତଥା ନିମାପଡା ଓ କାକଟପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତୃତ୍ୱ ସତ୍ୟବ୍ରତ ପାତ୍ର(ରାମୁ) ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଆଜିର ପ୍ରଥମ ସେମିଫାଇନାଲ ମ୍ୟାଚରେ ବାନାମ୍ବର କ୍ରିକେଟ କ୍ଲବ ନୋରଡ଼ ଏବଂ ମା ତାରେଣି କ୍ରିକେଟ କ୍ଲବ ତରଙ୍ଗିରା ମଧ୍ୟ ରେ ଖେଳା ଯାଇଥିଲା ।ଟସ ଜିତି ନୋରଡ଼ ବ୍ୟଟିଙ୍ଗ କରି ନିର୍ଦ୍ଧାରିତ ୧୫ ଓଭରରେ ୧୩୮ ରନ କରିଥିଲା। ଜବାବରେ ତରଙ୍ଗିରା କ୍ରିକେଟ ଟିମ ୧୩ ଓଭରରେ ଉଇକେଟ ହରାଇ ୧୩୯ ରନ କରି ଫାଇନାଲ ଖେଳିବାକୁ ମନୋନୀତ ହୋଇଛି।

## FORM - IV
### (Rule - 8)

| | | |
|---|---|---|
| 1. | Place of Publication | : Bhubaneswar |
| 2. | Periodicity of its Publication | : DAILY |
| 3. | Printer's Name<br>(Whether Citizen of India)<br>(If foreigner, state the country of origin) / Address | : **SATYANARAYAN MOHANTY**<br>Indian<br>Ashirbad Prakashan (P) Ltd., Plot No. 44 & 54, Sector-A, Zone-D, Manchewar Industrial Estate, Bhubaneswar-10<br>Tel. : 6607000/2585602<br>Fax. : 2585740/2586665 |
| 4. | Publisher's Name<br>(Whether Citizen of India)<br>(If foreigner, state the country of origin) / Address | : **SATYANARAYAN MOHANTY**<br>Indian<br>Ashirbad Prakashan (P) Ltd., Plot No. 44 & 54, Sector-A, Zone-D, Manchewar Industrial Estate, Bhubaneswar-10<br>Tel. : 6607000/2585602<br>Fax. : 2585740/2586665 |
| 5. | Editor's Name<br>(Whether Citizen of India)<br>(If foreigner, state the country of origin) / Address | : **PAPU MOHANTY**<br>Indian<br>Ashirbad Prakashan (P) Ltd., Plot No. 44 & 54, Sector-A, Zone-D, Manchewar Industrial Estate, Bhubaneswar-10<br>Tel. : 6607000/2585602<br>Fax. : 2585740/2586665 |
| 6. | Name & Address of Individuals who own the newspaper and partners of share holders holding more then one percent of the total capital | : Ashirbad Prakashan (P) Ltd., Plot No. 44 & 54, Sector-A, Zone-D, Manchewar Industrial Estate, Bhubaneswar-10<br>Tel. : 6607000/2585602<br>Fax. : 2585740/2586665 |

I, Satyanarayan Mohanty do here by declare that the particulars given above are true to the best of my knowledge and belief.

Sd/-
**Satyanarayan mohanty**
Signature of Publisher

Place : Bhubaneswar
Date : 02.03.2026

## କଳାହାଣ୍ଡି କପ୍

# ରାଉରକେଲା, କଳାହାଣ୍ଡି, ଜଗତସିଂହପୁର, ପାରାଦ୍ୱୀପ, ଝାରସୁଗୁଡା, ଗଜପତି ବିଜୟୀ



ଭୁବନେଶ୍ୱର, ୧୩ (ସବ୍ୟୁ) : ଓଡିଶା କ୍ରିକେଟ ଆସୋସିଏସନ୍‌ର ସିନିୟର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ଦ୍ୱିତୀୟ ପର୍ଯ୍ୟାୟ ପ୍ରିମିମଲାରୀ ଲିଗ୍‌ରେ ରବିବାର ଅନୁଷ୍ଠିତ ମ୍ୟାଚ ଗୁଡିକରେ ରାଉରକେଲା, କଳାହାଣ୍ଡି, ଜଗତସିଂହପୁର, ପାରାଦ୍ୱୀପ, ଝାରସୁଗୁଡା, ଗଜପତି ବିଜୟୀ ହୋଇଛନ୍ତି।

ଖୋର୍ଦ୍ଧାର ବିଜେବି ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ୩୧୨ ରନର ବିଶାଳ ବ୍ୟବଧାନରେ ନୂଆପଡାକୁ ପରାଜିତ କରିଛି। ସେହିଭଳି ଡ୍ରିମ୍‌ସ ଗ୍ରାଉଣ୍ଡରେ କଳାହାଣ୍ଡି ୫ ୱିକେଟରେ କେନ୍ଦୁଝରକୁ ହରାଇଛି। ସନ୍‌ସାଇନ୍ ଗ୍ରାଉଣ୍ଡରେ ଜଗତସିଂହପୁର ୨୫ ରନ ବ୍ୟବଧାନରେ କନ୍ଧମାଳକୁ, ଏମ୍‌ଜିଏମ୍ ଗ୍ରାଉଣ୍ଡରେ ପାରାଦ୍ୱୀପ ୫୮ ରନ ବ୍ୟବଧାନରେ ରାୟଗଡାକୁ, ଅଡଶପୁର ଗ୍ରାଉଣ୍ଡରେ ଝାରସୁଗୁଡା ୬ ରନରେ କିଟ୍, ରେଭେନ୍ସା ୧ ନଂ ଗ୍ରାଉଣ୍ଡରେ ଗତପତି ୯୧ ରନ ବ୍ୟବଧାନରେ ଗଞ୍ଜାମକୁ ପରାଜିତ କରିଛି।

# ଓଡିଶା ସେକ୍ରେଟାରିଏଟ୍ ଚାମ୍ପିଅନ

ଭୁବନେଶ୍ୱର, ୧୩(ସବ୍ୟୁ) : ଦିଲ୍ଲୀର ଅଶୋକନଗର ହକି ଷ୍ଟାଡିୟମରେ ଭାରତୀୟ ସିଭିଲ ସର୍ଭିସ ପୁରୁଷ ଓ ମହିଳା ହକି ଚାମ୍ପିଅନସିପ୍ ଆୟୋଜିତ ହୋଇଯାଇଛି। ୧୭ ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡିଶା ସମେତ ବିଭିନ୍ନ ରାଜ୍ୟରୁ ପୁରୁଷ ଓ ମହିଳା ହକି ଦଳ ଭାଗ ନେଇଥିଲେ। ଗତ ୨୮ରେ ଖେଳାଯାଇଥିବା ମହିଳା ବର୍ଗର ଫାଇନାଲରେ ଓଡିଶା ଦଳ ଦିଲ୍ଲୀ ସେଣ୍ଟ୍ରାଲ ସେକ୍ରେଟାରିଏଟ୍‌କୁ ୫-୩ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଏହି ମ୍ୟାଚରେ ଓଡିଶାର ନେହା ଲାକ୍ରା ୨, ୧୦, ୩୮ ଓ ୪୬ ମିନିଟରେ ୪ ଟି ଗୋଲ ଦେଇଥିଲେ। ଦଳର ଅଧିନାୟିକା ଜାନଭି ପ୍ରଧାନ ୨୫ ମିନିଟରେ ଗୋଟିଏ ଗୋଲ କରିଥିଲେ। ଓଡିଶାର ନେହା ଲାକ୍ରାଙ୍କୁ ଶ୍ରେଷ୍ଠ ଗୋଲ ସ୍କୋରର ଓ ରୋଜିତା କୁଜୁରଙ୍କୁ ଶ୍ରେଷ୍ଠ ମଧଭାଗ ଖେଳାଳି ବିବେଚିତ କରାଯାଇଥିଲା। ଦଳର କୋଚ୍ ପ୍ରୀତିତୀର୍କିଙ୍କ ନେତୃତ୍ୱରେ ଓଡିଶା ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ଚାମ୍ପିଅନ ହୋଇଛି। ସେହିପରି ପୁରୁଷରେ ଦିଲ୍ଲୀ ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ଚାମ୍ପିଅନ ହୋଇଛି। ଉଭୟ ଚାମ୍ପିଅନ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା।


## ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


# କଳାଙ୍ଗ ପ୍ରିମିୟର ଲିଗ୍ : ଏକତାଳ ଚାମ୍ପିଅନ

ବୋଲଗଡ, ୧୩(ସବ୍ୟୁ) : କଳାଙ୍ଗ ସନସାଇନ୍ କ୍ରିକେଟ କ୍ଲବ ଅନୁକୁଲ୍ୟରେ ଚାଲିଥିବା ୨୧ତମ କଳାଙ୍ଗ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚଟି ପଣ୍ଡୁସର କ୍ରିକେଟ ଟିମ୍ ଓ ଏକ ତାଳ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ଏକ ତାଳଦଳ ୧୮ ଓଭରରେ ସମସ୍ତୱିକେଟ ହରାଇ ୧୩୦ରନ୍ କରିଥିଲା। ଜବାବରେ ପଣ୍ଡୁସର ଦଳ ୧୭ଓ ଭର ଖେଳି ସମସ୍ତ ୱିକେଟ ହରାଇ ୧୦୫ରନ୍ କରିବାରେ ସକ୍ଷମ ହୋଇଥିଲା । ଫଳରେ ଏକ ତାଳଦଳ ୨୫ ରନ୍ରେ ବିଜୟ ଲାଭ କରି ଚାମ୍ପିଅନ ହୋଇଥିଲା। ଫାଇନାଲ ଖେଳକୁ ଅମ୍ପାୟାର ଭାବେ ପରିଚାଳନା କରିଥିଲେ ସର୍ବେଶ୍ୱର ସାହୁ , ଆଲୋକ ପ୍ରଧାନ। ମ୍ୟାଚ୍‌ରେ ଫେରୀ ଭାବେ ପ୍ରଭାତସ୍ୱାଇଁ ଓ ସୋମନାଥ ମହାରଣା କାର୍ଯ୍ୟନିର୍ବାହ କରିଥିଲେ। ଏହିଉଦଯାପନ ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରଦୀପକୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ



ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଶୁଭେନ୍ଦ୍ରସାହୁ , ସମାଜସେବୀ ପ୍ରଶାନ୍ତ ହୋତା , ଅଶୋକ କୁମାର ସୁବୁଦ୍ଧି, ସର୍ବେଶ୍ୱର ମହାପାତ୍ର, ପ୍ରମୁଖ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଆୟୋଜକ କ୍ରିକେଟ କ୍ଲବର ଉପଦେଷ୍ଟା ସଂଗ୍ରାମ ସାହୁ, ସଭାପତି ଅତୁଲ୍ୟ ନିଶଙ୍କ . ସଂପାଦକ ଚିନ୍ମୟ ହୋତା, ମଞ୍ଚ ପରିଚାଳନା କରିଥିଲେ, ଟୁର୍ଣ୍ଣାମେଣ୍ଟର ବେଷ୍ଟ ପ୍ଲେୟାର ଭାବେ ଏକ ତାଳଦଳରପିଙ୍କୁ ଓ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପଣ୍ଡୁସର ଦଳର ଗୁଡୁଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି